

ବିଦିଙ୍କ ଉପରେ ଗର୍ଜିଲେ ଶାହ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ହଲିଉଡ୍‌ରେ ଡେବ୍ୟୁ କରିବେ ଦିଶା | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୬୨ | Vol. 22 No-62 | 2 JUNE 2025 MONDAY, BHUBANESWAR | ସୋମବାର, ୨ ଜୁନ୍ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଯୁବକଙ୍କ ମୃତ୍ୟୁ

କୋଇଡା,୧।୬(ଭାସ୍କର ନ୍ୟୁଜ): ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଯୁବକର ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି। ଝାଡ଼ଖଣ୍ଡ ଛୋଟନାଗରା ଥାନା ବଲିବା ଜଙ୍ଗଲରେ ଯୁବକ ଜଣକ ଯାଉଥିବାବେଳେ ହଠାତ୍ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ତେବେ ଏହି ଲ୍ୟାଣ୍ଡମାଇନ କିଏ ଖଞ୍ଜିଥିଲା ସେ ନେଇ ସୂଚନା ମିଳିନାହିଁ। ପୋଲିସ ତଦନ୍ତ ଆରମ୍ଭ କରିଛି।

### ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

ବ୍ରହ୍ମପୁର,୧।୬(ଭାସ୍କର ନ୍ୟୁଜ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଏନ.ଦିଲ୍ଲୀପ କୁମାର ଚୌଧୁରୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ଚଢାଉ ସମୟରେ ତାଙ୍କ ଘରୁ ବିପୁଳ ସମ୍ପତ୍ତି ଜବତ କରାଯାଇଛି। ୧ କୋଟି ଟଙ୍କା ମୂଲ୍ୟର ଅଟ୍ଟାଳିକା ସହ ୨ଟି ପ୍ଲଟ୍, ୨ କୋଟିର ୧୧ଟି ପ୍ଲଟ୍, ୩୦ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଠାବ ହୋଇଛି। ତାଙ୍କ ଆୟ ୧୧୯ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ସୂଚନା ଦେଇଛି।


### ଦୁର୍ଘଟଣାରେ ୨ ମୃତ

ଲକ୍ଷ୍ମୀପୁର,୧।୬(ଭାସ୍କର ନ୍ୟୁଜ): ଆନ୍ଧ୍ରର ସନ୍ଧିଓ୍ୱାଲାସାରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ୨ଜଣ କୋରାପୁଟ ଜିଲ୍ଲା ବନ୍ଧୁଗାଁ ଓ ନାରାୟଣପାଟଣାର ବୋଲି ସୂଚନା ମିଳିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସେନ୍‌ସେକ୍ସ: ୮୧,୪୫୧.୦୧
ସର୍ବାଧିକ: ୩୭.୪ ଡିଗ୍ରୀ
ସର୍ବନିମ୍ନ: ୨୮.୮ ଡିଗ୍ରୀ

**୧।୬।୨୦୨୫ ର ମତାମତ**

ବାରମ୍ବାର ଘଟୁଥିବା ହାତୀ ମୃତ୍ୟୁ ଉପରେ ରୋକ୍ ଲଗାଯିବା ସମ୍ଭବ କି?




**ଆଜିର ପ୍ରସଙ୍ଗ**

ବେଆଇନ ବିସ୍ଫୋରକ ନେଇ କଠୋର କାର୍ଯ୍ୟାନୁଷ୍ଠାନ ଜରୁରି ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ପୁନଶ୍ଚ କରୋନା କଥା ଶୁଣୁ ଶୁଣୁ
ମନରେ ଆସୁଛି ଡର,
ଏବେଠୁଁ ଯୋଗାଡ କରିବାକି ଆଉ
ମାସ୍କ, ସାନିଟାଇଜର ।
ଚିନ୍ତାଗ୍ରସ୍ତ ସରକାର,
ଅଭିଯୋଗ ଯଦି ସତ ହେଇଯିବ
ଏବେଠୁଁ ବ୍ୟବସ୍ଥା କର !!

## ମୌସୁମୀର ଲୁଚକାଳି ଖେଳ

# ବର୍ଷା ଉଭାନ, ବଢୁଛି ତାତି




- ୨ରୁ ୪ ଡିଗ୍ରୀ ବଢ଼ିବ ପାରଦ
- ମଧ୍ୟାହ୍ନ, ସନ୍ଧ୍ୟାରେ କାଳବୈଶାଖୀ
- ୨୧ ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା
- ମୌସୁମୀ ଫେରିଲେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧।୬(ଭାସ୍କର ନ୍ୟୁଜ): ଚଳିତବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ନିର୍ଦ୍ଧାରିତ ତାରିଖର ୮ ଦିନ ପୂର୍ବରୁ ଓଡ଼ିଶାର କିଛି ଅଞ୍ଚଳକୁ ପ୍ରବେଶ କରିଥିଲେ ମଧ୍ୟ ଏବେ କୁଆଡ଼େ ଫେରାର ହୋଇଯାଇଛି। ଫଳରେ ବର୍ଷା ବଦଳରେ ତାତିର ପ୍ରଭାବ ପୁଣିଥରେ ବୃଦ୍ଧି ପାଇବା ଆରମ୍ଭ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ଯେ ମୌସୁମୀ ପ୍ରଭାବରେ ଗତ କିଛିଦିନ ହେବ ରାଜ୍ୟବ୍ୟାପୀ ବର୍ଷା ଜାରି ରହିବା ପରେ ଏବେ ପୁଣିଥରେ ଗ୍ରୀଷ୍ମର ପ୍ରଭାବ ଅନୁଭୂତ ହୋଇଛି। ଗ୍ରୀଷ୍ମଋତୁ ଜାରି ରହିଥିବାରୁ ଆଗକୁ ପାରଦ ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଯଦିଓ ରାଜ୍ୟରେ ମୌସୁମୀ ଜନିତ ବର୍ଷାର ପ୍ରଭାବ ହ୍ରାସ ପାଇଛି, ତେବେ ଆଗାମୀ ୭ଦିନ ପର୍ଯ୍ୟନ୍ତ ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ କାଳବୈଶାଖୀର ସମ୍ଭାବନା ଥିବା ବିଭାଗ ସୂଚନା ଦେଇଛି। ତେବେ କାଳବୈଶାଖୀ ନେଇ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି ଓ ଗଞ୍ଜାମ ଜିଲ୍ଲାପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। କାଳବୈଶାଖୀ ସମୟରେ ପବନ ବେଗ ୩୦ରୁ ୪୦ କିମି ରହିବ ବୋଲି ସୂଚନା ଦିଆଯାଇଛି। ସେହିପରି ବୁଧବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାପାଇଁ କାଳବୈଶାଖୀର ସମ୍ଭାବନା ଥିବାରୁ ଜିଲ୍ଲାବାସୀଙ୍କୁ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ଏହିସବୁ ଜିଲ୍ଲାଗୁଡ଼ିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ ପ୍ରାକ୍ ମୌସୁମୀ ଋତୁରେ ୨୧ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଗତ ମାର୍ଚ୍ଚ ୧ରୁ ମେ ୩୧ ତାରିଖ ମଧ୍ୟରେ ରାଜ୍ୟରେ ୨୩୮.୬ ମିମି ବର୍ଷା ହୋଇଥିବା ବିଭାଗ କହିଛି। ଯାହାକି ସ୍ୱାଭାବିକ ୧୨୮.୬ ପ୍ରତିଶତ ତୁଳନାରେ ୮୬ ପ୍ରତିଶତ ଅଧିକ। ସୂଚନାଯୋଗ୍ୟ ଯେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରଥମେ ଓଡ଼ିଶାର କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ଛୁଇଁବା ପରେ ରାଜ୍ୟରେ ବର୍ଷାର ପ୍ରଭାବ ଅନୁଭୂତ ହୋଇଥିଲା। ଏହାପରେ ଅନ୍ୟ ଅଞ୍ଚଳକୁ ମୌସୁମୀ ଛୁଇଁବ ବୋଲି ବିଭାଗ ସୂଚନା ଦେଇଥିଲା। ପାଣିପାଗ ବିଭାଗ କହିଛି, ବର୍ତ୍ତମାନ ରାଜ୍ୟରେ ବିଶେଷ ବର୍ଷାର ସମ୍ଭାବନା ନାହିଁ। • ପୃଷ୍ଠା ୫ ଦେଖନ୍ତୁ

## ବୋଲ ମାନୁନି କରୋନା ସଂକ୍ରମଣ

# ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା

- କେରଳ ହଟ୍‌ସ୍ପଟ୍ ଚିହ୍ନଟ
- ଅଧିକାଂଶ ନୂଆ ମାମଲା ଗୁରୁତର ନୁହେଁ
- ତଦାରଖ, ନିୟନ୍ତ୍ରଣ ଉପରେ ଗୁରୁତ୍ୱ
- ସତର୍କ ରୁହ, ଭୟଭୀତ ହୁଅନାହିଁ



ନୂଆଦିଲ୍ଲୀ,୧।୬: ବୋଲ ମାନୁନି କରୋନା ସଂକ୍ରମଣ। ସାରା ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରବିବାରସୁଦ୍ଧା ଭାରତରେ ମୋଟ ୩୩୯୫ ସକ୍ରିୟ ମାମଲା ଚିହ୍ନଟ ହୋଇଥିବାବେଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ଜାନୁଆରୀ ୧ ତାରିଖଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୧ଜଣଙ୍କର ମୃତ୍ୟୁ ହୋଇଛି। ତେବେ କେରଳରେ ସର୍ବାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଏହାକୁ ହଟ୍‌ସ୍ପଟ୍ ବୋଲି ବିବେଚନା କରାଯାଉଛି। ସେହିଭଳି ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ଦିଲ୍ଲୀ, ଗୁଜରାଟ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ସାରା ଦେଶରେ ୬୮୫ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୪୩୫ ସଂକ୍ରମିତ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୪ଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଛତିଶଗଡ଼, କର୍ଣ୍ଣାଟକ, କେରଳ ଓ ଉତ୍ତରପ୍ରଦେଶର ଜଣେ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। କେରଳରେ ସର୍ବାଧିକ ୧୩୩୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୬ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ତାମିଲନାଡୁରେ ୧୮୫ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜଣକର ମୃତ୍ୟୁ ହୋଇଛି। • ପୃଷ୍ଠା ୫ ଦେଖନ୍ତୁ

### ଓଡ଼ିଶାରେ ଆଉ ୩ ନୂଆ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧।୬(ଭାସ୍କର ନ୍ୟୁଜ): ରାଜ୍ୟରେ ପୁଣିଥରେ କରୋନା ମୁଣ୍ଡ ଟେକିଛି। ରବିବାର ଆଉ ୩ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି। ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, କୋଭିଡ ପରୀକ୍ଷା ବୃଦ୍ଧି ଓ ହସ୍ପିଟାଲ ବେଡ୍ ପ୍ରସ୍ତୁତି ଭଳି ପ୍ରତିରୋଧକ ପଦକ୍ଷେପମାନ ଗ୍ରହଣ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଆକ୍ରାନ୍ତମାନେ ଜ୍ୱର ଓ ଡାଇରିଆରେ ପଡୁଛନ୍ତି। ଏଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ କରୋନା ପରୀକ୍ଷା କରାଇବା ପାଇଁ ସେ କହିଛନ୍ତି।

## ଗୁପ୍ତଚର ନେଟ୍‌ୱାର୍କ ଠାବ ପାଇଁ ତନାଘନା

# ୧୫ ସ୍ଥାନରେ ଏନ୍‌ଆଇଏର ଚଢାଉ



ନୂଆଦିଲ୍ଲୀ,୧।୬: ଜାମ୍ମୁକାଶ୍ମୀରର ପହଲଗାମ ଆତଙ୍କୀ ଆକ୍ରମଣ ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ବେଶ୍ ସତର୍କ ହୋଇଯାଇଛନ୍ତି। ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି କରୁଥିବା ତତ୍ତ୍ୱମାନଙ୍କୁ ଠାବ କରିବା ପାଇଁ ବଡ଼ଧରଣର ସର୍ଚ୍ଚ ଅପରେସନ ଗତ କିଛିଦିନ ହେବ ଚାଲୁ ରହିଛି। ଏହି କ୍ରମରେ ରବିବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ପକ୍ଷରୁ ୮ଟି ରାଜ୍ୟର ୧୫ଟି ସ୍ଥାନରେ ଚଢାଉ କରାଯାଇଛି। ଦିଲ୍ଲୀ, ମହାରାଷ୍ଟ୍ର, ହରିଆଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ଆସାମ ଓ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଏହି ଚଢାଉ ଚାଲୁ ରହିଛି। ଗୁପ୍ତଚର ବୃତ୍ତିନେଇ ଜଣେ ସିଆରପିଏଫ ଯବାନ ଗିରଫ ହେବାପରେ ଧିରେ ଧିରେ ଗୁପ୍ତଚର ବୃତ୍ତିର ଗୁମର ଖୋଲିବାରେ ଲାଗିଛି। ସଂପୃକ୍ତ ସିଆରପିଏଫ ଯବାନ ପାକିସ୍ତାନ ପାଇଁ ଆର୍ଥିକ କାରବାରରେ ଜଡ଼ିତ ରହିଥିବା ସୂଚନା ଦିଆଯାଇଛି। ଗତମାସ ୨୦ ତାରିଖରେ ଏନଆଇଏ ଦ୍ୱାରା ଏ ନେଇ • ପୃଷ୍ଠା ୫ ଦେଖନ୍ତୁ

## ଦୁଗ୍ଧ ଉତ୍ପାଦନ ନେଇ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ଓଡ଼ିଶା ହେବ ମଡେଲ ରାଜ୍ୟ

- ଦୁଗ୍ଧ ଉତ୍ପାଦକଙ୍କୁ ମିଳିବ ଲିଟରପିଛା ଅଧିକ ୩ ଟଙ୍କା
- ଓମ୍‌ଫେଡ୍ ଲିଟର ପିଛା ୨ଟଙ୍କା ବୃଦ୍ଧି
- ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୧ ଲକ୍ଷର ସହାୟତା ରାଶି
- ସଫଳ ଗୋପାଳକଙ୍କୁ ସହାୟତା ରାଶି ପ୍ରଦାନ
- ରାଜ୍ୟ ଚାଷୀଙ୍କୁ ସମୃଦ୍ଧ କରୁଛି କାମଧେନୁ ଯୋଜନା



ଭୁବନେଶ୍ୱର,୧।୬(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକସେବା ଭବନ ସମ୍ମେଳନ କକ୍ଷଠାରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଓମଫେଡ୍ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ ବୋଲି ଘୋଷଣା କରିବା ସହିତ ଓମଫେଡ ଚାଷୀ ମାନଙ୍କୁ ୧ ଲକ୍ଷ ଟଙ୍କା ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ଓମଫେଡ୍ ବାଲ୍ଟି ଦହି, ଏ-୨ ମିଲ୍କ, ଏ-୨ ଘିଅର ଶୁଭ ଉନ୍ମୋଚନ ମୁଖ୍ୟମନ୍ତ୍ରୀଙ୍କ କର କମଳରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଅବସରରେ, କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ, ମଇଁଷି ଉଦ୍ୟୋଗ ବିକାଶ, ମାଈ ବାଛୁରୀ ପାଳନ, ଗୋମହିଷାଦିଙ୍କ ବୀମାକରଣ, ଗୋପାଳକଙ୍କ ଆୟବୃଦ୍ଧି ନିମନ୍ତେ ନଗଦ ପ୍ରୋତ୍ସାହନ ଏବଂ ଘାସଚାଷ ପାଇଁ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏଥିସହିତ, ସେ ୨୦୨୪-୨୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ପ୍ରାୟ ୩ ଲକ୍ଷ ଗୋପାଳକଙ୍କୁ ୭୧ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ ଓ • ପୃଷ୍ଠା ୫ ଦେଖନ୍ତୁ

## ବିସ୍ଫୋରକ ଭର୍ତ୍ତି ୨ ମିନିଟ୍ରକ ଜବତ

# ପୋଲିସ, ଖଣି ବିଭାଗର ଖୋଳତାଡ଼



ରାଉରକେଲା,୧।୬(ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ କେ.ବଲାଙ୍ଗ ଥାନା ବାଙ୍କୋ ପଥରଖଣି ନିକଟରୁ ଗତ କିଛିଦିନ ତଳେ ଲୁଟ୍ ହୋଇଥିବା ୪ଟନ୍ ବିସ୍ଫୋରକ ଘଟଣା ନେଇ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଜୋରଦାର ତଦନ୍ତ ଚଳାଇଥିବାବେଳେ ରବିବାର ପୁଣି ଦୁଇଟି ମିନିଟ୍ରକ ଭର୍ତ୍ତି ବିସ୍ଫୋରକ ଜବତ କରାଯାଇଛି। ରାଉରକେଲା ରଘୁନାଥପାଲି ଥାନା ବାଲୁଘାଟ ପେଟ୍ରୋଲ ପମ୍ପ ନିକଟରୁ ରାଉରକେଲା ପୋଲିସର ସ୍ୱତନ୍ତ୍ର ଟିମ୍ ଏହି ଦୁଇଟି ଟ୍ରକ୍‌କୁ ଜବତ କରିଛି। ଏଥିରେ ପ୍ରାୟ ପାଖାପାଖି ୮ଟନ୍ • ପୃଷ୍ଠା ୫ ଦେଖନ୍ତୁ

## ଶ୍ରୀମନ୍ଦିରର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ୍

# ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି



ପୁରୀ,୧।୬ (ଭାସ୍କର ନ୍ୟୁଜ) : ପୁଣି ଶ୍ରୀମନ୍ଦିରର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ୍ । ଶ୍ରୀମନ୍ଦିରର ଧ୍ୱଜା ପରିବର୍ତ୍ତନର ସମ୍ପୂର୍ଣ୍ଣ ଦୃଶ୍ୟ ଡ୍ରୋନ୍ କ୍ୟାମେରାରେ ଉତ୍ତୋଳନ କରାଯାଇ ସୋସିଆଲ ମିଡିଆରେ ଅପଲୋଡ୍ କରାଯାଇଛି । ସୁରଜିତ ବିଶ୍ୱାସ ନାମକ ଜଣେ ବ୍ୟକ୍ତିଙ୍କ ଫେସବୁକ୍ ଆକାଉଣ୍ଟରେ ଶ୍ରୀମନ୍ଦିର ଧ୍ୱଜା ପରିବର୍ତ୍ତନର ଦୃଶ୍ୟର ଭିଡିଓ ଅପଲୋଡ୍ ହୋଇଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଏବେ ସେବାୟତ ଓ ଭକ୍ତ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ ସମ୍ପୂର୍ଣ୍ଣ ନିଷିଦ୍ଧ ଥିବାବେଳେ ଡ୍ରୋନ୍ ମାଧ୍ୟମରେ ଶ୍ରୀମନ୍ଦିର ଧ୍ୱଜା ପରିବର୍ତ୍ତନର ଦୃଶ୍ୟ ସୁଟ୍ କରାଯାଇଥିବା ବେଳେ ପୋଲିସ ଏହାର ଟେର୍ ନପାଇବା ସମସ୍ତଙ୍କୁ ଚକିତ କରିଛି । ଡ୍ରୋନ୍ ମାଧ୍ୟମରେ ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେଉଥିବା ବେଳେ ଶ୍ରୀମନ୍ଦିର ପ୍ରତି ଡ୍ରୋନ୍ ମଧ୍ୟ ବିପଦ ରହିଛି । ଏଣୁ ଶ୍ରୀମନ୍ଦିର ନିକଟରେ କିଭଳି ଡ୍ରୋନ୍ ନଉଡି ପାରିବ ,ସେ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି । ସେହିପରି ଶ୍ରୀମନ୍ଦିର ଉପରେ କେଉଁ ବ୍ୟକ୍ତି ଡ୍ରୋନ୍ ଉଡାଇ ଶ୍ରୀମନ୍ଦିର ଧ୍ୱଜା ପରିବର୍ତ୍ତନର ସମ୍ପୂର୍ଣ୍ଣ ଭିଡିଓ ସୁଟ୍ କରିଛି । ଏହା ପଛରେ କେଉଁ ସେବାୟତଙ୍କ ହାତ ରହିଛି, ତା’ର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଉଚିତ୍ ଆକ୍ସନ ନେବା ପାଇଁ ସେବାୟତ ଦାବି କରିଛନ୍ତି । ଶ୍ରୀମନ୍ଦିର ଉପରକୁ ଚଢୁଥିବା ଚୂନରା ସେବକ ଜଣକ ଡ୍ରୋନ୍ କ୍ୟାମେରାକୁ ଦେଖି ହାତ ଯୋଡି ପ୍ରଣାମ କରିବା ସହ ନୀଳଚକ୍ର ଉପରେ ଚଢି ଧ୍ୱଜା ପରିବର୍ତ୍ତନ କରିବା ବେଳେ ଡ୍ରୋନ୍ କ୍ୟାମେରାକୁ ଦେଖି ଧ୍ୱଜା ପରିବର୍ତ୍ତନ କରୁଛନ୍ତି । ଯାହାଫଳରେ ସମସ୍ତଙ୍କର ସନ୍ଦେହ ହୋଇଛି ଧ୍ୱଜା ପରିବର୍ତ୍ତନ କରୁଥିବା ଚୂନରା ସେବାୟତ ହିଁ ଏହି ଡ୍ରୋନ୍ ଭିଡିଓ ଉତ୍ତୋଳନ ପଛରେ ତାଙ୍କର କିଛି ସହଯୋଗ • ପୃଷ୍ଠା ୫ ଦେଖନ୍ତୁ

### ବର୍ଷା ବିପ୍ଳାତ ୩୨ ମୃତ

ନୂଆଦିଲ୍ଲୀ,୧।୬: ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ବର୍ଷା ବିପ୍ଳାତ ଓ ବନ୍ୟା ବିଭୀଷିକା ଦେଖାଦେଇଛି। ଆସାମ, ମଣିପୁର, ତ୍ରିପୁରା, ମେଘାଳୟ, ମିଜୋରାମରେ ଗତ ଦୁଇଦିନ ଭିତରେ ୩୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ରାସ୍ତାଘାଟଠାରୁ ଆରମ୍ଭ କରି ଘରଦ୍ୱାର ସବୁଠି ପାଣି ହିଁ ପାଣି। ଜଳବନ୍ଦୀ ଥିବା ଲୋକଙ୍କୁ ଏନଡିଆରଏଫ ଓ ଏସଡିଆରଏଫ ଯବାନମାନେ ଉଦ୍ଧାର କରୁଛନ୍ତି। ସେହିପରି ପରିବହନ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। କେତେକ ସ୍ଥାନରେ ବନ୍ୟାସ୍ଥିତି ସୃଷ୍ଟି ହୋଇ ଭୂ-ସ୍ଖଳନ ଘଟିଛି। ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଆଗକୁ ଆସାମରେ ବର୍ଷା ପାଇଁ ଆଇଏମ୍‌ଡି ସତର୍କ ସୂଚନା ଜାରି କରିଛି।



କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ପୂର୍ଣ୍ଣେନ୍ଦ୍ର ବାରିକଙ୍କ ସରକାରୀ ଚାକିରୀରୁ ଅବସର ଗ୍ରହଣ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ କଲେକ୍ଟରେଟ୍ ଦରବାର ହଲ୍‌ଠାରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦାନ କରିଥିଲେ । ଓଡିଶା ରାଜସ୍ୱ ଅମଲା ସଂଘର ଜିଲ୍ଲା ସଭାପତି ଜିତେନ୍ଦ୍ର କୁମାର ମହାପାତ୍ର ବିଦାୟୀ କର୍ମଚାରୀଙ୍କ ସମୟାନୁବର୍ତ୍ତିତା, ସମସ୍ତ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତର୍ଜମା ସହିତ ତାର ସମାଧାନ କରି କର୍ମଚାରୀମାନଙ୍କର ଆଦର୍ଶ ହୋଇପାରିଥିବାରୁ ଧନ୍ୟବାଦ୍ ଜଣାଇଥିଲେ । ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡା, ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ୍ ନିଜ ନିଜ ବକ୍ତବ୍ୟରେ ବିଦାୟୀ କର୍ମଚାରୀଙ୍କୁ ପ୍ରଶଂସା କରିବା ସହିତ ତାଙ୍କର କାର୍ଯ୍ୟଦକ୍ଷତା ଆମମାନଙ୍କ ପାଇଁ ପ୍ରେରଣାଦାୟକ ହୋଇ ରହିବ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ ନିଜ ଅଭିଭାଷଣରେ ଶ୍ରୀ ବାରିକ ଦୀର୍ଘ ୩୪ ବର୍ଷ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇଥିବାରୁ ଧନ୍ୟବାଦ ଜଣାଇବା ସହିତ ଅବସର ପରେ ମା'ତାରିଣୀ ସମସ୍ତଙ୍କୁ ସୁଖଶାନ୍ତିରେ ରଖନ୍ତୁ ବୋଲି ପ୍ରାର୍ଥନା କରିଥିଲେ। ରାଧାରମଣ ଚକ୍ର, ମାଧବ ଚନ୍ଦ୍ର ସେଠୀ, ଭୁବନେଶ୍ୱର ମହାପାତ୍ର, ସନ୍ତୋଷ କୁମାର ରଣା, ସଚିନ କୁମାର ପଣ୍ଡା, ପୀତବାସ ମହାନ୍ତ, ଅନିମା ଭୋଳ, ବବିତା ସାହୁ, ସମ୍ପାଦକ ପ୍ରଭାତେନ୍ଦୁ ନାଏକଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ତଥା ଜିଲ୍ଲାର ସମସ୍ତ ରାଜସ୍ୱ କର୍ମଚାରୀବୃନ୍ଦ ଯୋଗଦାନ କରି ଅବସରକାଳୀନ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

## ମଣ୍ଡି ଖୋଲିବାରେ ବିଳମ୍ବ

କଣାସ (ଭାସ୍କର ନ୍ୟୁଜ୍): କୃଷକମାନଙ୍କ ପ୍ରଗତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କୁ ଉଚିତ ମୂଲ୍ୟରେ ଧାନ କିଣିବା ସକାଶେ ପ୍ରତି ବ୍ଲକରେ ଥିବା ବିଭିନ୍ନ ସମବାୟ ସମିତି ଜରିଆରେ ସରକାରୀ ଧାନମଣ୍ଡି ପ୍ରତିବର୍ଷ ଖୋଲୁଥିବାବେଳେ ଚଳିତ ବର୍ଷ କଣାସ ବ୍ଲକର କୌଣସି ସମବାୟ ସମିତିରେ ମଣ୍ଡି ଖୋଲିନଥିବା ଜଣାପଡିଛି । ଆନ୍ଧ୍ରର ଧାନ ବେପାରୀମାନେ କଣାସ ଅଞ୍ଚଳ ଦଲାଲମାନଙ୍କୁ ଧରି ଶାଗ ମାଛଦରରେ ଧାନ ସଂଗ୍ରହ କରି ନେଉଛନ୍ତି । ଚାଷୀମାନେ ବିଭିନ୍ନ ବ୍ୟାଙ୍କ ସମବାୟ ସମିତି ଗ୍ରାମ୍ୟ ମହାଜନମାନଙ୍କ ଠାରୁ ଚଢା ଦରରେ ସୁଧ ଆଣି

**ଆନ୍ଧ୍ର ବେପାରୀ ଓ ଦଲାଲ ମାଲାମାଲ**

ରବିଧାନ ଚାଷ କରିଥିଲେ । ଧାନ ଅମଳ ହେବା ପରେ ଧାନ ବିକ୍ରୟ କରି ମହାଜନ ସୁଝିବେ ଏଥିପାଇଁ ଚାଷୀମାନେ ନଅ ଛଅ ଦରରେ ଧାନ ବିକ୍ରୟ କରୁଥିବା ଚାଷୀମାନେ କୁହନ୍ତି। ଲଘୁଚାପ ଜନିତ ବର୍ଷା ଆସୁଥିବାରୁ ରାସ୍ତାକଡରେ ଚାଷୀମାନେ ଧାନ ବସ୍ତା ରଖି ଆନ୍ଧ୍ର ଟ୍ରକକୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି । ଗତକାଲି ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କୁ କଣାସଠାରେ କଣାସ ପଞ୍ଚାୟତର ବଡଚାଷୀ ଶ୍ରୀକାନ୍ତ ପଟ୍ଟଯୋଶୀ ଏବଂ ୧୦/୧୫ ଜଣ ଚାଷୀ ଏକତ୍ରିତ ହୋଇ ତୁରନ୍ତ ସରକାରୀ ଧାନମଣ୍ଡି ଖୋଲିବା ପାଇଁ ଦାବି କରିଥିଲେ ।

## ରାସ୍ତା ପାଲଟିଛି ମରଣଯନ୍ତା,ତଦନ୍ତ ଦାବି

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା -ଜୟପୁର ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତାରେ ପରିଣତ ହୋଇଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ କଟକ-ଚାନ୍ଦବାଲି ରାସ୍ତାର କଟିକଟା ଠାରୁ ଏହି ବାହାରିଛି। ଏହି କଟକ, ଯାଜପୁର, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ଦୈନନ୍ଦିନ ଓଡିଶାର ବିଭିନ୍ନ ପ୍ରାନ୍ତରକୁ ଶହ ଶହ ସଂଖ୍ୟାରେ ଯାତ୍ରୀମାନେ ଯାଆସ କରିଥାନ୍ତି। ଏପରିକି ଜଗତସିଂହପୁର ଜିଲ୍ଲା ଝଙ୍କଡସ୍ଥିତ ମା' ସାରଳାଙ୍କ ପୀଠ, ପ୍ରଭୁ ଗୋରଖନାଥଙ୍କ ପୀଠ, ଅସୁରେଶ୍ୱରର ଶ୍ରୀ ଶ୍ରୀ ରଘୁନାଥଜୀୟୁ, କୋଇଲୋର ଦଧିବାମନ ଜୀୟୁ, ନେମାଳର ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠକୁ ଦୈନନ୍ଦିନ ଓଡିଶାର ବିଭିନ୍ନ ପ୍ରାନ୍ତରରୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ଓ ପର୍ଯ୍ୟଟକମାନେ ଆସିଥାନ୍ତି। ତେବେ ଏହି ରାସ୍ତାଟି ମନ୍ତ୍ରୀ ଯନ୍ତ୍ରୀ ଓ ଠିକାଦାରଙ୍କ ନିମନ୍ତେ ଲେଉଟିଆ କିଆରୀରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ଷର ୧୨ମାସରେ ୧୩ ପର୍ବପରି ପ୍ରତିମାସରେ ପୂର୍ତ୍ତ ବିଭାଗ ତରଫରୁ ଏହି ରାସ୍ତା ସରକାରୀ କାଗଜକଲମରେ ପ୍ରଶସ୍ତି କରଣ ,ମରାମତି ନାମରେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ ହେଉଛି। ନିମ୍ନମାନର କାର୍ଯ୍ୟହେତୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତାରେ ତିଆରି କରାଯାଇଥିବା ଏକାଧିକ ନବ ନିର୍ମିତ ସେତୁ ଫାଟି ଯାଇ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହି ସେତୁ କେତେବେଳେ ନିରୀହ ଲୋକଙ୍କ ଜୀନବ ଦୀପକୁ ଲିଭାଇଦେବ ତାହା ନେଇ ସନ୍ଦେହ ପ୍ରକାଶ ପାଇଛି। ସେହିପରି ଭାବେ ଏହି ରାସ୍ତାର ବହୁ ସ୍ଥାନରେ ବିରାଟ ବିରାଟ ଗାତ ସୃଷ୍ଟି ହୋଇଛି। ରାସ୍ତାର ବହୁ ଅଂଶ ଫାଟିଯିବା ସହ ଦବି ଯାଇଥିବାର ଦେଖିବାକୁ ମିଳିଛି। ଟିକିଏ ବର୍ଷାହେଲେ ରାସ୍ତାରେ ପାଣି ଜମି ରହୁଛି। ରାସ୍ତା ସାରା ବାଲିର ଆସ୍ତରଣ ଦେଖିବାକୁ ମିଳିଥିଲା ବେଳେ ରାସ୍ତାଟି ପାଣି କାଦୁଅରେ ସର ସର ହେଉଛି। ଫଳରେ ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି। ତେବେ ମନ୍ତ୍ରୀ ଯନ୍ତ୍ରୀ ଠିକାଦାରଙ୍କ ଭାଗ୍ୟର ପରିବର୍ତ୍ତନ ହେଉଥିଲା ବେଳେ ଏହି ରାସ୍ତାର ଭାଗ୍ୟ ପରିବର୍ତ୍ତନ ହେଉନଥିବାର ଅଭିଯୋଗ ହୋଇଛି। ତେବେ ଏହି ରାସ୍ତା ନିର୍ମାଣରେ ବିଭାଗୀୟ ଅଧିକାରୀମାନେ ଚଂଚକତା ଓ ଅନିୟମିତତା କରି ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟିନେଉଥିବା ଘଟଣା କାହାରିକୁ ଅଛପା ନାହିଁ। ଏପରିସ୍ଥଳେ ପୂର୍ତ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ରହସ୍ୟ ଜନକଭାବେ ନିରବଦ୍ରଷ୍ଟା ସାଜିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ରାସ୍ତାର ଦୁରବସ୍ଥା ହେତୁ ଜରୁରୀ କାଳୀନ ପରିସ୍ଥିତିରେ ସ୍ଥାନୀୟ ଗ୍ରାମଗୁଡିକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇ ଆସିପାରୁନଥିବା କାରଣରୁ ବହୁ ସମୟରେ ଲୋକେ ଡାକ୍ତରଖାନାକୁ ଯାଇନପାରି ଅକାଳରେ ମୃତ୍ୟୁ ମୁଖରେ ପଡୁଥିବାର ଅଭିଯୋଗ ହୋଇଛି।

## ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ କେନ୍ଦୁଝର ଗସ୍ତ

- ପୌରାଞ୍ଚଳ ଓ ପରିବହନ ବିଭାଗ କାର୍ଯ୍ୟର ସମୀକ୍ଷା
- ସ୍ୱଞ୍ଜି କଲୋନୀର ଡ୍ରେନେଜ୍ ସମସ୍ୟାର କଲେ ଅନୁଧ୍ୟାନ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ନଗର ଉନ୍ନୟନ ଓ ଗୃହ ନିର୍ମାଣ, ବାଣିଜ୍ୟ ଏବଂ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱରେ ଏକ ବରିଷ୍ଠ ଅଧିକାରୀଙ୍କ ଦଳ କେନ୍ଦୁଝର ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ଶ୍ରୀମତୀ ପାଢ଼ୀ କେନ୍ଦୁଝର ପୌରପାଳିକା ୯ ନମ୍ବର ୱାର୍ଡ ଅନ୍ତର୍ଗତ ସ୍ୱଞ୍ଜି କଲୋନୀ ପରିଦର୍ଶନରେ ଯାଇ ଦୀର୍ଘ ଦିନ ଧରି ଲାଗି ରହିଥିବା ଜଳବନ୍ଦୀ ଏବଂ ଡ୍ରେନେଜ୍ ସମସ୍ୟାର କାରଣ ଅନୁସନ୍ଧାନ କରିଥିଲେ। ୱାଟକୋର ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ ସମ୍ଭାବ୍ୟ ସମାଧାନ ବିଷୟରେ ଆଲୋଚନା କରିବା ସହ କଲୋନୀର ବାସିନ୍ଦାଙ୍କ ସହିତ ମଧ ଭାବ ବିନିମୟ କରିଥିଲେ ଏବଂ ସେମାନଙ୍କୁ ସେମାନଙ୍କର ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ସେମାନଙ୍କର ସହଯୋଗ ପାଇଁ ଅନୁରୋଧ କରିଥିଲେ। ଏହାପରେ ଶ୍ରୀମତୀ ପାଢ଼ୀ ଓଡ଼ିଶା ରାଜ୍ୟ ପରିବହନ ନିଗମ ଦ୍ୱାରା ପରିଚାଳିତ ସରକାରୀ ବସଷ୍ଟାଣ୍ଡ ଏବଂ ପୌରପାଳିକା ବସଷ୍ଟାଣ୍ଡ ପରିଦର୍ଶନ କରି ପରିଚାଳକ ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହିତ ସମସ୍ୟାଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ଆହୁରିମଧ୍ୟ ସେ ଆମ ବସ କାର୍ଯ୍ୟର ଅଗ୍ରଗତି ମଧ୍ୟ ସମୀକ୍ଷା କରିଥିଲେ। ଏହାପରେ ସଚିବ ଶ୍ରୀମତୀ ପାଢ଼ୀ ଜିଲ୍ଲାପାଳ, କେନ୍ଦୁଝର, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ କେନ୍ଦୁଝର ଜିଲ୍ଲାର ସମସ୍ତ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ସମୀକ୍ଷା ବୈଠକ କରିଥିଲେ। ବର୍ଷା ଋତୁରେ ଲୋକମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସେ ସମସ୍ତ ଅଧିକାରୀଙ୍କୁ ଡ୍ରେନେଜ୍ ଏବଂ ଜଳବନ୍ଦୀ ସମସ୍ୟା ଦୂର କରିବାକୁ ସମସ୍ତ ବ୍ୟବସ୍ଥା ଆପଣାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ତାଳଦାରେ ହେବ ନୂତନ ଫାଣ୍ଡି

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ତାଳଦା ପଂଚାୟତ ଅଂଚଳ ସମେତ ଜିଲ୍ଲାକୁ ଜିଲ୍ଲା ସଂଯୋଗ କରୁଥିବାରୁ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ପୁରୀ ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରୁଥିବା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ତାଳଦା ପଂଚାୟତ ଦେଇ ଅପରାଧିକ କାର୍ଯ୍ୟକଳାପ ଘଟାଇ ଜିଲ୍ଲାରୁ ଜିଲ୍ଲା ପାର ହେବାକୁ ସହଜ ଓ ସୁବିଧା ହେଉଛି। ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ଅସ୍ତରଙ୍ଗ ଅଞ୍ଚଳର ସମାଜସେବୀ ଡ଼ଃ ଲକ୍ଷ୍ମୀଧର ବିଶ୍ୱାଳ ଏ ନେଇ ଜାତୀୟ ମାନବାଧିକାର କମିଶନ ଙ୍କ ନିକଟରେ ଅଭିଯୋଗ କରିବା ପରେ ଜନଶୁଣାଣିରେ ନିଜ ଦାବି ଉପସ୍ଥାପନ କରିଥିଲେ। ଏହି ଦାବି ପାଇଁ ପୁରୀ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ପତ୍ର ସଂଖ୍ୟା



୭୮୪/ଇ ତାରିଖ ୧୩/ମାର୍ଚ୍ଚ/୨୫ରେ ଏକ ଆଉଟ ପୋଷ୍ଟ ଖୋଲିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପତି ତାଳଦା ପଂଚାୟତ ସ୍ଥିତି ଅନୁଧ୍ୟାନ କରିବା ସହ ତାଳଦା ପଂଚାୟତ ହେଉଛି ୫ଟି ରାଜସ୍ୱ ଗ୍ରାମ ତାଳଦା, ଏଡ଼ବାଂଶ, ଡିହକରଡା, ପାଇଖଳା ଓ ରିଶୋଲ ଭଳି ଅଞ୍ଚଳ ଉପରେ ଫାଣ୍ଡି ଟି ପ୍ରଶାସନିକ ନିୟନ୍ତ୍ରଣରେ ରହିବ। ଏହା ନିମାପଡା ସବଡିଭିଜନ ର ଅସ୍ତରଙ୍ଗ ପୋଲିସ ଷ୍ଟେସନ ଅଧିନ କାର୍ଯ୍ୟକ୍ରମ କରିବ ବୋଲି ସୂଚନା। ଫାଣ୍ଡି ଟି ଖୋଲିବା ସମ୍ପର୍କରେ ଜିଲ୍ଲାପାଳ ଙ୍କୁ ପ୍ରସ୍ତାବ ପଠାଯାଇଛି। ଯାହାକି ନୂତନ ଫାଣ୍ଡି ଖୋଲିବା ଦ୍ୱାରା ପୁରୀ ଜିଲ୍ଲାରୁ ଜଗତସିଂହପୁର ଜିଲ୍ଲାକୁ ବିଭିନ୍ନ ନିଶା ଦ୍ରବ୍ୟ ରୋକିବା ସହ, ସଂଗଠିତ ଅପରାଧ, ଅର୍ଥନୈତିକ ଅପରାଧ, ନିଶା ଦ୍ରବ୍ୟ ସମ୍ପର୍କିତ ବିଭିନ୍ନ ଅପରାଧ ସମ୍ପର୍କରେ ଏହି ଫାଣ୍ଡି ଅନୁସନ୍ଧାନ କରି ପଦକ୍ଷେପ ନେବ।

## ରାଜ୍ୟସ୍ତରୀୟ ତର୍କ ପ୍ରତିଯୋଗିତାରେ ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟର ସଫଳତା



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳାର ଛାତ୍ରୀ କୁମାରୀ ରାସମଣୀ ମହାଳିକ ମହାବିଦ୍ୟାଳୟ ସ୍ତରୀୟ ତର୍କ ପ୍ରତିଯୋଗିତା 'ସୁଶାସନ ପ୍ରତି ଅହଲ୍ୟାବାଇ ହୋଲକରଙ୍କ ଅବଦାନ' ବିଷୟରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରଦାନ ଉତ୍ସବରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡାଙ୍କ ଠାରୁ ପୁରସ୍କାର ଗ୍ରହଣ କରି ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବ ଆଣିବା ସହିତ ତାଙ୍କୁ ମହାବିଦ୍ୟାଳୟ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ଓ ଏଥିପାଇଁ ଜଳେଶ୍ୱର ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି।

## ଆମ ସ୍ୱାଭିମାନ ଟ୍ରଷ୍ଟ ତରଫରୁ ସହାୟତା



ଆଳି (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଗୋପାଳଜୀଉ ପାଟଣା ଗ୍ରାମର ଏକ ଅସହାୟ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ସୂଚନା ସୂତ୍ରରୁ ପ୍ରକାଶ ଯେ ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତ ଗୋପାଳଜୀଉ ପାଟଣା ଗ୍ରାମର ଅମୂଲ୍ୟ ସାହୁ (୫୦) ଗୁଜୁରାଟ ସୂତା କଳରେ କାର୍ଯ୍ୟରତ ଅବସ୍ଥାରେ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଗୁଜୁରାଟରେ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେବା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଅମୂଲ୍ୟଙ୍କ ପରିବାର କହିଲେ ତାଙ୍କ ସ୍ତ୍ରୀ ଓ ଛୋଟପୁଅ। ଅମୂଲ୍ୟଙ୍କ ମୃତ୍ୟୁ ପରେ ତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ପରିବାର ଏବେ ଅସହାୟ । ଅମୂଲ୍ୟଙ୍କ ଶୁଦ୍ଧିକ୍ରିୟା କରିବା ମଧ ପରିବାର ସକ୍ଷମ ନୁହେଁ । ଏ ଖବର ଜାଣିବା ପରେ ମାଣିକପାଟଣାର 'ଆମ ସ୍ୱାଭିମାନ ଟ୍ରଷ୍ଟ' ସହଯୋଗର ହାତ ବଢ଼ାଇଛି । ଆଜି ଅମୂଲ୍ୟଙ୍କ ଏକାଦଶରେ 'ଆମ ସ୍ୱାଭିମାନ ଟ୍ରଷ୍ଟ' ର ସଦସ୍ୟ ମାନେ ଅମୂଲ୍ୟଙ୍କ ଧର୍ମପତ୍ନୀ ଅନୁରାଧା ସାହୁ ଙ୍କୁ ଭେଟି କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ତତ୍‌ସହିତ ଟ୍ରଷ୍ଟ ର ସଦସ୍ୟ ମାନେ ଅମୂଲ୍ୟ ଙ୍କ ପରିବାର କୁ ସରକାରୀ ଓ ବେସରକାରୀ ସ୍ତରରେ ଅଧିକ ସାହାଯ୍ୟ ଯୋଗାଇ ଦେବା ନେଇ ନିବେଦନ କରିଛନ୍ତି । ଏଥି ସହିତ ଗ୍ରାମର ପୁରସ୍ତମ ବେହେରା, ବୀରକିଶୋର ତରାଇ, ନିରଞ୍ଜନ ତରାଇ, ଭଗବାନ ସାହୁ, ପର୍ଶୁରାମ ଆରୁଖ ପ୍ରମୁଖ ଏଭଳି ଅସହାୟ ସମୟରେ ଟ୍ରଷ୍ଟ ର ସଦସ୍ୟ ମାନେ ଆଗକୁ ଆସି ସହଯୋଗର ହାତ ବଢ଼ାଇ ଥିବାରୁ ଟ୍ରଷ୍ଟକୁ ଧନ୍ୟବାଦ ଦେଇଥିଲେ।

## କୁଶଭଦ୍ରା ନଦୀର ୩ ବ୍ରିଜ୍ ଅନୁଧ୍ୟାନ କଲେ ୮ଜଣିଆ ଟିମ୍




ଗୋପ (ଭାସ୍କର ନ୍ୟୁଜ୍): ପୂର୍ତ୍ତ ବିଭାଗ ପକ୍ଷରୁ କେନ୍ଦ୍ରୀୟ ରାସ୍ତା ଓ ସେତୁ ଗବେଷଣା କେନ୍ଦ୍ରର ଏକ ୮ ଜଣିଆ ଟିମ୍ ଗୋପ କୁଶଭଦ୍ରା ନଦୀ ଉପରେ ଥିବା ୩ ଗୋଟି ସେତୁର ଅନୁଧ୍ୟାନ କରି ଫେରିଛନ୍ତି। ପୂର୍ତ୍ତ ବିଭାଗ ସହାକାରୀ ନିର୍ବାହୀଯନ୍ତ୍ରୀ କୁଶଳ କୁମାର ହେମ୍ବ୍ରମ୍ ଏବଂ ସହାକରୀ ଯନ୍ତ୍ରୀ ରବିନ୍ଦ୍ର କୁମାର ଦଣ୍ଡପାଟ ଙ୍କ ଉପସ୍ଥିତିରେ ଏହି ଟିମ୍ ମୋବାଇଲ ବ୍ରିଜ ଇନ୍‌ସ୍ପେକସନ ୟୁନିଟ୍ (ଏମ.ବି.ଆଇ.ୟୁ) ମେସିନ ଦ୍ୱାରା ବ୍ରିଜ ଗୁଡିକର ଅନୁଧ୍ୟାନ କରିବା ସହ ପରୀକ୍ଷା ମୂଳକ ଭାବେ ବ୍ରିଜ ତଳୁ ନମୁନା ନେଇ ଫେରିଛନ୍ତି । ଏହାର ଗବେଷଣା ପରେ ବ୍ରିଜ ଗୁଡିକର ସ୍ଥିତି ସରକାରଙ୍କୁ ଜଣାଇବେ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ ଗମନାଗମନର ସୁବିଧାକୁ ଆଖିଆଗରେ ରଖି କଂଗ୍ରେସ ସରକାର ସମୟରେ ୧୯୮୨ ମସିହାରେ ଗୋପ ବଜାର ନିକଟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ କୁଶଭଦ୍ରା ନଦୀ ଉପରେ ଏହି ସେତୁ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ। ସେତୁ ନିର୍ମାଣ ଶେଷ ହେବାର ପ୍ରାୟ ୪୦ ବର୍ଷ ଅତିକ୍ରାନ୍ତ କରିଥିବା ବେଳେ ଏହି ସେତୁ ଏବେ ଜରାଜୀର୍ଣ୍ଣ ଭାବେ ବିପଦ ସଂଙ୍କୁଳ ଅବସ୍ଥାରେ ପହଁଚିଛି। ବିଭିନ୍ନ ସ୍ଥାନ ଖାଲଖମାରେ ପରିପୂର୍ଣ୍ଣ ହେଉଥିବା ବେଳେ ରଡ୍ ବାହାରକୁ ଦେଖାଯାଉଛି । ଏପରିକି ଉଭୟ ପାର୍ଶ୍ୱରେ ଥିବା ସୁରକ୍ଷା ବାଡ ମଧ୍ୟ ଭାଙ୍ଗିରୁଜି ବିପଦ ସୃଷ୍ଟି କରିଛି । ପୂର୍ତ୍ତ ବିଭାଗ ପକ୍ଷରୁ ବାରମ୍ବାର ମରାମତି କରାଯାଉଥିବା ବେଳେ ଏହା ଏବେ ବିପଦ ସଂଙ୍କୁଳ ଅବସ୍ଥାରେ ପହଁଚିଛି । ଭୁଶୁଡିବା ଆଶଙ୍କା ଥିବା ଏହି ସେତୁ କେତେବେଳେ ଯେ ଧନଜୀବନ ହାନି କରିବ ତାହା କହିହେବ ନାହିଁ। ସେହିପରି ଗୋପ କୁଶଭଦ୍ରା ନଦୀ ଉପରେ ଥିବା ଷୋଳପୁର ସେତୁ ଏବଂ ନେତପୁର ସେତୁକୁ ପ୍ରାୟ ୩୦ ବର୍ଷ ଅତିକ୍ରାନ୍ତ କରିଥିବା ବେଳେ ତାହା ମଧ୍ୟ ଏବେ ବିପଦ ସୃଷ୍ଟି କରିଛି । ଏସଂପର୍କରେ ଗଣମାଧ୍ୟରେ ପ୍ରକାଶ ପାଇବା ପରେ ଆଜି ଦିଲ୍ଲୀ ରୁ ଆସିଥିବା ମୋବାଇଲ ବ୍ରିଜ ଇନ୍‌ସ୍ପେକସନ ୟୁନିଟ୍ (ଏମ.ବି.ଆଇ.ୟୁ) ମେସିନ ଦ୍ୱାରା ଏହି ଟିମ୍ ବ୍ରିଜର ପ୍ରାୟ ୫୦ ଫୁଟ୍ ତଳକୁ ଯାଇ ଏହାର ନମୁନା ସଂଗ୍ରହ କରିବା ସହ ସେତୁର ଗ୍ରେଡ୍ ବିମ୍, ସ୍ଲାବ, ଟପ୍ ଲେବୁଲ୍, ବଟମ୍ ଲେବୁଲ୍, ଗ୍ରେଡେନ୍ ର ଅବସ୍ଥା ଅନୁଧ୍ୟାନ କରି ଫେରିଛନ୍ତି । ଏହାକୁ ନେଇ ଉକ୍ତ ଟିମ୍ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ସଂପୂର୍ଣ୍ଣ ଗବେଷଣ କରାଯାଇ ଏହି ବ୍ରିଜ ଭଙ୍ଗା ଯାଇ ନୂତନ ବ୍ରିଜ ନିର୍ମାଣ କରାଯିବ କି ଏହାକୁ ମରାମତି କରାଗଲେ କେତେ ଦିନ ପାଇଁ କାର୍ଯ୍ୟକାରୀ ହୋଇପାରିବ ତାହାର ରିପୋର୍ଟ ସରାକାରଙ୍କୁ ଦେବେ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି । ହେଲେ ଏହି ସେତୁ କଟକରୁ ସିଧାସଳଖ ପୁରୀ କୁ ସଂଯୋଗ କରିବା ସହ ଗୋପ ବ୍ଲକ ୩୧ ଗୋଟି ପଂଚାୟତ ସମେତ ନିମାପଡା ଏବଂ ସତ୍ୟବାଦୀ ବ୍ଲକର ୨୦ ରୁ ଉର୍ଦ୍ଧ ପଂଚାୟତବାସୀଙ୍କ ଜୀବନରେଖା ପାଲଟିଥିବାରୁ ଏହି ବିପଦ ସଂଙ୍କୁଳ ବ୍ରିଜକୁ ଭାଙ୍ଗି ନୂତନ ବ୍ରିଜ ନିର୍ମାଣ ପାଇଁ ଅଂଚଳବାସୀ ଦାବି କରିଛନ୍ତି ।

## ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



ଫୁଲନଖରା ( ଭାସ୍କର ନ୍ୟୁଜ୍): ସୁଦର୍ଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଇଂରାଜୀ ବିଭାଗର ମୁଖ୍ୟ ଶିବ ଶଙ୍କର ସେଠୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ବିଧିବଦ୍ଧ ଭାବେ ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ଦୁଷ୍ମନ୍ତ ମହାପାତ୍ରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବା ପରେ ସମସ୍ତ ବିଭାଗର ଅଧ୍ୟାପକ ଏବଂ ସମସ୍ତ କର୍ମଚାରୀ ମାନେ ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ପାଇଁ ସମସ୍ତ ପ୍ରଚେଷ୍ଟା କରିବା ସହିତ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ନେଇ ଏକ ଭାତୃତ୍ୱପୂର୍ଣ୍ଣ ପରିବେଶରେ କାର୍ଯ୍ୟ କରିବା ସହିତ ସୁଦର୍ଶନ ମାଧ୍ୟମିକ ବିଦ୍ୟାଳୟର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାପାଇଁ କାମ କରିବି ବୋଲି ଅଧ୍ୟାପକ ସେଠୀ ମତବ୍ୟକ୍ତ କରିଛନ୍ତି ।

## ସିଭିପିର ନୂତନ କର୍ମକର୍ତ୍ତା ଚୟନ



ନିଆଳି (ଭାସ୍କର ନ୍ୟୁଜ୍): ନିଆଳିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଛାତ୍ର ଯୁବବିକାଶ ପରିଷଦ (ସିଭିପି)ର କାର୍ଯ୍ୟକର୍ତ୍ତା ସମ୍ମିଳନୀ ବଢ଼ିଆସାହି ସ୍ଥିତି ନାରାୟଣ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଆଗାମୀ ଦୁଇ ବର୍ଷ ପାଇଁ ନୂତନ କର୍ମ କର୍ତ୍ତା ଚୟନ କରାଯାଇଥିଲା। ପ୍ରାକ୍ତନ ସଭାପତି ଡ଼ଃ ପିତାମ୍ବର ସାହୁ ଓ ସମ୍ପାଦକ ଉମେଶଚନ୍ଦ୍ର ପାଢ଼ୀ, ସେମାନଙ୍କ କାର୍ଯ୍ୟକାଳ ସମୟରେ ପରିଷଦ ସହ ବିତାଇ ଥିବା ସ୍ମରଣୀୟ ମୁହୂର୍ତ୍ତ ଗୁଡିକର ସ୍ମୃତିଚରଣ କରି ନିର୍ବାଚନ ଅଧିକାରୀ ପ୍ରେମାନନ୍ଦ ମହାପାତ୍ରଙ୍କୁ ସଭାପତି ଓ ସମ୍ପାଦକ ବ୍ୟାଜ ହସ୍ତାନ୍ତର କରି ସଭାମଞ୍ଚରୁ ଅପସରି ଯାଇଥିଲେ। ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ମହାପାତ୍ର ପରିଷଦ ସାଂଗଠନିକ ନିର୍ବାଚନ ପରିଚାଳନା କରିବା ସହ ନୂତନ ସଭାପତି ଭାବେ ଓଡିଶାର ବିଶିଷ୍ଟ ପାଲାକାର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ଼ଃ ମଦନମୋହନ ଜେନାଙ୍କ ନାମ ଘୋଷଣା କରିଥିଲେ। ସମ୍ପାଦକ ଭାବେ ୨୦୧୧ରୁ ପରିଷଦ ସହ ଯୋଡିହୋଇଥିବା ଏରଞ୍ଚ କଲେଜର ଛାତ୍ର ନେତା ସାଗର କୁମାର ଓ ସିଭିପି ସଂଯୋଜକ ଭାବେ ଯୁବପ୍ରତିଭା ସଂଗ୍ରାମ କୁମାର ବାରିକ ଓ ସହ ସମ୍ପାଦକ ଭାବେ ବୈଷୟିକ ଛାତ୍ର ସ୍ୱାମୀ ଓମକାର ଜେନାଙ୍କ ଚୟନ କରାଯିବା ସହ ୩୨ଜଣିଆ କାର୍ଯ୍ୟକାରିଣୀ ଗଠିତ ହୋଇଛି। ଏଥି ସହିତ ବିଗତ ଦିନରେ ପରିଷଦରେ ସମୟ ଦେଇ ବିଭିନ୍ନ ଦାୟିତ୍ୱ ନେଇ କାର୍ଯ୍ୟପରିଚାଳନା କରିଥିବା ସଂଗଠକ ଶିବରାମ ଖୁଣ୍ଟିଆ, ସୁଭାଶିଷ ଶୁଭଙ୍କର ସ୍ୱାଇଁ, ପ୍ରଣୟ ପଟନାୟକ, ସ୍ଥିତି ରଞ୍ଜନ ସ୍ୱାଇଁ, ସୂର୍ଯ୍ୟକାନ୍ତ ଦାସ ଓ ନିଶିକାନ୍ତ ମହାପାତ୍ରଙ୍କୁ ଉତ୍ତରୀୟ ଦିଆଯାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିଥି ଭାବେ ସମାଜସେବୀ ଭରତ ଚନ୍ଦ୍ର ପାଇଟାଳ, ରଜନୀକାନ୍ତ ମହାପାତ୍ର, ଭାଜପା ମଣ୍ଡଳ ମହିଳା ନେତ୍ରୀ ମାନୁ ଅପା, ସାଗର ମଲ୍ଲିକ, ଓ ଶିକ୍ଷାବିତ ଜ୍ଞାନରଞ୍ଜନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ କାର୍ଯ୍ୟକର୍ତ୍ତା ବିଶ୍ୱନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ନୂତନ ବୋରିଂ ପାଇଁ ଭୂମି ପୂଜା



### କଥାଦେଇ କଥା ରଖିଲେ ସରପଞ୍ଚ ଓ ସମିତି ସଭ୍ୟା

ଜଳେଶ୍ୱର(ଭାସ୍କର ନ୍ୟୁଜ୍): କଥା ଦେଇ କଥା ରଖିଲେ ପଞ୍ଚାୟତର ସରପଞ୍ଚ ଓ ସମିତି ସଦସ୍ୟା।ପ୍ରତିଶ୍ରୁତି ଦେଇଥିଲେ ବିଜୟୀ ହେଲେ ପଞ୍ଚାୟତରେ ଦୀର୍ଘ ଦିନରୁ ଲାଗି ରହିଥିବା ପାନୀୟଜଳ ସମସ୍ୟାକୁ ଦୂର କରିବେ ଏବଂ ଲୋକ ମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବେ।ବେଶ୍ କିଛି ମାସ ପରେ ଲୋକଙ୍କୁ ୨୪ ଘଣ୍ଟା ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ସେ ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି।ଯାହାକୁ ନେଇ ପଞ୍ଚାୟତବାସୀ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।ସୂଚନା ଅନୁଯାୟୀ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତର ଶାଳିକୋଠା ଏବଂ ଆରୁହା ଗ୍ରାମରେ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ୨୦୧୭/୧୮ ମସିହା ଆର୍ଥିକ ବର୍ଷରେ ସରକାରଙ୍କ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ବସୁଧା ଯୋଜନା ମାଧ୍ୟମରେ ଏକ କୋଟି ଷାଠିଏ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦୁଇଟି ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା।ତେବେ ପାଣି ଟାଙ୍କି ନିର୍ମାଣ ପାଇଁ ଟେଣ୍ଡର ନେଇଥିବା ଠିକାଦାର ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିଥିବାରୁ ନିର୍ମାଣର କିଛି ଦିନ ପରେ ବିଭିନ୍ନ ସ୍ଥାନରେ ପାଇପ ଫାଟିଯିବା ସହ ୪୦ ପ୍ରତିଶତ ଲୋକମାନେ ପିଇବା ପାଣି ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିଲେ।ବିଶେଷ ଭାବରେ ଗ୍ରୀଷ୍ମ ଦିନରେ ୫ ମାସ ଲୋକମାନେ ପାଣି ପାଇଁ ଡହଳ ବିକଳ ହୋଇଥିଲେ। ଏନେଇ ପଞ୍ଚାୟତବାସୀ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନଥିଲା।ତେବେ ଏନେଇ ଆରୁହା ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ ସମିତି ସଭ୍ୟା ମଧୁମିତା ମହାନ୍ତି ଗ୍ରାମ୍ୟ ତଥା ଅନ୍ୟାନ୍ୟ କର୍ମୀମାନେ ଓଡିଶା ସରକାରଙ୍କ ବିଭାଗୀୟ ମନ୍ତ୍ରୀ, ସାଂସଦ ତଥା ପାନୀୟ ଜଳ ଯୋଗାଣ ବିଭାଗ ଜଳେଶ୍ୱର ଶାଖାର ଅଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶେଷନାଗ ପ୍ରଧାନ, ସହକାରୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ ଦାସ କିଛି ମାସ ପୂର୍ବରୁ ପହଞ୍ଚି ବିଭିନ୍ନ ୱାର୍ଡରେ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ୱତନ୍ତ୍ର ମରାମତି ଟିମ୍ ମାଧ୍ୟମରେ ଦୁଇଟି ଓଭର ହେଡ ଟାଙ୍କିର ସମସ୍ତ ନିମ୍ନମାନର କାର୍ଯ୍ୟର ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ।ଏହା ସହ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁଣି ଅନ୍ୟ ଗୋଟିଏ ନୂତନ ସୋର୍ସ ବୋରିଂ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ତାହା ଏବେ ସମ୍ଭବ ହୋଇ ପାରିଛି।ଯାହାକୁ ନେଇ ପଞ୍ଚାୟତବାସୀ ଖୁସି ହେବା ସହ ସମସ୍ୟାର ସମାଧାନ ହୋଇ ପାରି ଥିବାରୁ ଆରୁହା ଗ୍ରାମବାସୀ ଓଡ଼ିଶା ସରକାରଙ୍କୁ ତଥା ବିଭାଗୀୟ ଅଧିକାରୀ ମାନଙ୍କୁ ଧନ୍ୟବାଦ ଦେଇଛନ୍ତି।ଏହି ଅବସରରେ ଶୁକ୍ରବାର ଭୂମି ପୂଜା ଅନୁଷ୍ଠିତ ହୋଇଥିଲା।ଏହି ଭୂମି ପୂଜା ଉତ୍ସବରେ ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ,ସମିତି ସଭ୍ୟା ମଧୁମିତା ମହାନ୍ତି,ଗ୍ରାମ ମୁଖ୍ୟ ରାମକୃଷ୍ଣ ଭୂୟାଁ,ସମାଜସେବୀ ଶ୍ରୀକଣ୍ଠ ମହାନ୍ତି, ସାମ୍ବାଦିକ ମନୋଜ କୁମାର ଭୂୟାଁ,ୱାର୍ଡ ସଭ୍ୟ ସୂର୍ଯ୍ୟକାନ୍ତ ମହାପାତ୍ର, ହରନାରାୟଣ ଦାସ ମହାପାତ୍ର, ସମାଜସେବୀ ବ୍ରଜେଶ୍ୱର ରାଉଳ, ତ୍ରିଲୋଚନ ସାମଲ, ବିମଳେନ୍ଦୁ ପତି,ସୁଶାନ୍ତ ପ୍ରଧାନ,ଅଞ୍ଜଳୀ ସିଂ ରେବତୀ ରାଉଳ,ଜ୍ୟୋସ୍ନାରାଣୀ ମହାପାତ୍ର,ସୂର୍ଯ୍ୟକାନ୍ତ ପତି, ଜୟଦେବ ମହାପାତ୍ର ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଆଦର୍ଶ ଗୁରୁଜୀ, ଗୁରୁମାଙ୍କୁ ସମ୍ବର୍ଦ୍ଧନା

## ଭାବବିହ୍ୱଳ ପରିବେଶରେ ସରିଲା ବିଦାୟକାଳୀନ ସଭା



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଅନ୍ଧାରରେ ସେ ଦେଖାନ୍ତି ଆଲୋକର କିରଣ, ସଫଳତାର ଶିଖର ଚଢାଇବାରେ ଥାଏ ତାଙ୍କ ହାତ, ବିପଥଗାମୀ ପାଇଁ ସାଜନ୍ତି ପଥ ପ୍ରଦର୍ଶକ, ସେ ହେଉଛନ୍ତି ଗୁରୁ। ଶିଷ୍ୟଙ୍କୁ ଭଲ ମଣିଷ ଭାବେ ଗଢିବାରେ ଥାଏ ଅବଦାନ ଅତୁଳନୀୟ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ରେ କାର୍ଯ୍ୟରତ ଥିବା ପୂର୍ବତନ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଶତ୍ରୁଘ୍ନ ବେହେରା ଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସହ ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରିଣୀ ସୁଧାଂଶୁ ବାଳା ଶତପଥୀ ଙ୍କ ନିଜ ଚାକିରୀରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବର୍ତ୍ତମାନର ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ବରିଷ୍ଠ ଶିକ୍ଷକ ପ୍ରତାପ ରାଉତ, ସମ୍ମାନିତ ଅତିଥି ଅସ୍ତରଙ୍ଗ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିପିନି କୁମାର ମହାନ୍ତି, ଅସ୍ତରଙ୍ଗ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶ୍ରୀଯୁକ୍ତ ମଙ୍ଗୁଳି ଚରଣ ଦାସ, ସାଧନ ସଂଯୋଜକ ସନ୍ତୋଷ ସ୍ୱାଇଁ, ରବୀନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ରହି ଶ୍ରୀ ବେହେରା ଓ ଶ୍ରୀମତୀ ଶତପଥୀଙ୍କ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ରହିବା ଦିନଠାରୁ ନିସ୍ୱାର୍ଥପର ଭାବେ କିଭଳି ବିଦ୍ୟାଳୟ ପରିଦର୍ଶନ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମସ୍ୟା ସହ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଭାବେ ରହି ଲକ୍ଷ୍ୟଆଡକୁ ଅଗ୍ରସର ହେବାକୁ ମାର୍ଗଦର୍ଶନ ଦେଉଥିଲେ ବୋଲି ଗୁଣଗାନ କରିଥିଲେ। ମୁଖ୍ୟ ଅତିଥି ବର୍ତ୍ତମାନର ମଣ୍ଡଳଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ନିଜ ଅଭିଭାଷଣରେ କହିଥିଲେ ସୁଧାଂଶୁବାଳା ଶତପଥୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଯେତିକି ପ୍ରେରଣା ଓ ଉତ୍ସାହ ଦେଉଥିଲେ ସମପରିମାଣରେ କନିଷ୍ଠ ଗୁରୁଜୀ ଓ ଗୁରୁମାଙ୍କୁ ଉତ୍ତମ ମାର୍ଗଦର୍ଶନ ଦେଇ ଆସୁଥିଲେ ବୋଲି କହିଥିଲେ। ଏହା ସହ ଯଦିଓ ପୂର୍ବତନ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରାଙ୍କସହ ସେତେ ମାତ୍ରାରେ ପରିଚୟ ହୋଇନି କିନ୍ତୁ ଯାହା ଶୁଣିଛନ୍ତି ଶତ୍ରୁଘ୍ନ ବେହେରା ଜଣେ ସମୟାନୁବର୍ତ୍ତିତା ଓ ଦୃଢ଼ କର୍ତ୍ତବ୍ୟ ନିଷ୍ଠ ବ୍ୟକ୍ତିତ୍ୱ। ବରିଷ୍ଠ ଶିକ୍ଷୟିତ୍ରୀ ତଥା ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରିଣୀ ସୁଧାଂଶ ବାଳା ଶତପଥୀ ନିଜ ଚାକିରୀ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ରେ ୦୪ ମାର୍ଚ୍ଚ ସେପ୍ଟେମ୍ବର ୨୦୨୩ ମସିହା ରୁ ଆରମ୍ଭ କରିଥିବା ବେଳେ ଦୀର୍ଘ ୨ବର୍ଷରୁ ଉର୍ଦ୍ଧ୍ୱ ହେବ ବିଭିନ୍ନ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଦାୟିତ୍ୱ ତଦାରଖ କରୁଥିବା ସହ ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଶତ୍ରୁଘ୍ନ ବେହେରା ୪ଫେବୃଆରୀ ୨୦୨୪ରେ ମଣ୍ଡଳ ଶିକ୍ଷା ଅଧିକାରୀ ଭାବେ ଯୋଗ ଦେଇ ୨୧ଫେବୃଆରୀ ୨୦୨୫ରେ ଅନ୍ୟ ବ୍ଲକ ବଦଳି ହୋଇଛନ୍ତି। ଦୀର୍ଘ ଦିନ ଭିତରେ ସେ ଦେଖିଛନ୍ତି ଉଥାନ ପତନ ଆଉ ଏହି ସମୟ ଭିତରେ ବିଭିନ୍ନ ସ୍କୁଲ କୁ ଗଢି ତୋଳିଥିଲେ ନିଜ ଘରଭଳି। ଶତ୍ରୁଘ୍ନ ବେହେରା ଓ ସୁଧାଂଶୁବାଳା ଶତପଥୀ ଏକାଧାରରେ ଥିଲେ ଛାତ୍ର ବତ୍ସଳ, ସରଳ ନିଷ୍କପଟ ମଣିଷ ତାଙ୍କର ସ୍ୱାଭିମାନ ପଣିଆ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠ ପଣିଆକୁ ଉପସ୍ଥିତ ଅତିଥି ଅଭିଭାଷଣରେ ଉପସ୍ଥାପନା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସାଧନ ସଂଯୋଜକ ଗଣେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

କୋରାପୁଟ(ଭାସ୍କର ନ୍ୟୁଜ୍) କୋରାପୁଟ ଜିଲ୍ଲା ନନ୍ଦପୁର ପୋଲିସକୁ ଗଞ୍ଜେଇ ଚୋରାଚାଲାଣକୁ ରୋକିବାରେ ବଡ ଧରଣର ସଫଳତା ମିଳିଛି। ୩କ୍ୱିଣ୍ଟାଲ ଗଞ୍ଜେଇ ଭର୍ତ୍ତି ଥିବା ଅଟୋ ଜବତ କରିଛି ପୋଲିସ । ଏଥିସହ ଜଣେ ଗଞ୍ଜେଇ ମାଫିଆକୁ ଗିରଫ କରିବା ସହ ତାଙ୍କ ନିକଟରୁ ଇଟାଲି ନିର୍ମିତ ବନ୍ଧୁକ ଏବଂ ଦୁଇଟି ଜୀବନ୍ତ ଗୁଳି ଜବତ କରିଛି । ଗିରଫ ଅଭିଯୁକ୍ତ ପଟାଙ୍ଗି ଥାନା ଅନ୍ତର୍ଗତ ଦେଓ ପଟାଙ୍ଗିର ମନୋଜ ଖିଲ (୨୮) ବୋଲି ଜଣାପଡିଛି । ନନ୍ଦପୁର ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ପାଡୁଆ ଥାନା ଏସଆଇ ଟୁନା ଶବର ପୋଲିସ ଟିମ୍ ସହ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବିଶେଷ ସୂତ୍ରରୁ ଖବର ପାଇଥିଲେ ଯେ କଣ୍ଡରା ଅଟଂଳରୁ ପଟାଙ୍ଗୀକୁ ଏକ ଅଟୋରେ ଗଞ୍ଜେଇ ଚାଲାଣ କରାଯାଉଛି। ଏହାପରେ ପୋଲିସ ଟିମ୍ ରୁଡିଚୁଅ ନିକଟରେ ଜଗି ରହିଥିଲେ । ଏହି ସମୟରେ ଏକ ଅଟୋ (ଏପି-୩୯ଟିଇ-୫୭୩୦) ଦ୍ରୁତଗତିରେ ଆସୁଥିବା ଦେଖି ପୋଲିସ ଟିମ୍ ଅଟକାଇଥିଲେ। ହେଲେ ଅଟୋ ଚାଳକ ଗାଡି ନରଖି ଦ୍ରୁତଗତିରେ ପଟାଙ୍ଗି ଆଡକୁ ଚାଲି ଯାଉଥିଲେ। ପୋଲିସ ପିଛା କରିବା ଦେଖି ଗାଡି ଚାଳକ ଅଟୋ ଛାଡି ଜଙ୍ଗଲ ଆଡକୁ ଫେରାର ହେବା ପାଇଁ ଉଦ୍ୟମ କରିବା ସହ ପୋଲିସକୁ ବନ୍ଧୁକ ଦେଖାଇ ଭୟଭୀତ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ପୋଲିସ ତାକୁ ମାଡି ବସିଥିଲା। ଏହାପରେ ପୋଲିସ ଗଞ୍ଜେଇ ଭର୍ତ୍ତି ଅଟୋ ସହ ତା ନିକଟରୁ ବନ୍ଧୁକ ଏବଂ ଦୁଇଟି ଜୀବନ୍ତ ଗୁଳି ଜବତ କରିଛି। ଏହାବାଦେ ଏକ ମୋବାଇଲ ଫୋନ ଏବଂ ୧୩୩୦ ଟଙ୍କା ଜବତ କରିଥିଲେ । ଓଜନ କରିବାରୁ ୩୦୦କିଲୋ ଗଞ୍ଜେଇ ଥିବା ଜଣାପଡିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ପୋଲିସ ।




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅଳିଆଗଦା ହଟାଅ ଓ ସୈନିକସ୍କୁଲ ବଞ୍ଚାଅ ଅଭିଯାନର ଡାକରାରେ ଆଜି ସଖାଳୁ ଶହ ଶହ ସଂଖ୍ୟାରେ ସାଧାରଣ ଜନତା ଯୋଗଦେଇ ଡମ୍ପିଂୟାର୍ଡ଼ର ମୁଖ୍ୟ ଗେଟ ବନ୍ଦ କରି ଜନପ୍ରତିବାଦ କରିଥିଲେ । ଏହି ସମୟରେ ଡମପିଙ୍ଗ ପାଇଁ ଆସୁଥିବା ଅଳିଆ ଗାଡ଼ି ଗୁଡ଼ିକୁ ଅତ୍ୟନ୍ତ ବ୍ୟତିବ୍ୟସ୍ତ ହୋଇ ସାଧାରଣ ଜନତାମାନେ ଅଳିଆ ଗଦା ଭିତରକୁ ଛାଡି ନଥିଲେ । ଜନ ପ୍ରତିବାଦ ସହ ଅଳିଆ ଗାଡ଼ି ପ୍ରବେଶ ବନ୍ଦରୁ ସତେ ଯେମିତି ଅଂଚଳର ସାଧାରଣ ଲୋକଙ୍କ ଆକ୍ରୋଶ ଓ ବିକାର ବାରି ହୋଇ ପଡୁଥିଲା । ଗାଡ଼କଣ ଡମ୍ପିଂୟାର୍ଡ଼ ଗେଟ ସମ୍ମୁଖରେ ଧାରଣା ବେଳେ ଅଳିଆଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ପ୍ରମୁଖ କର୍ମକର୍ତ୍ତା ଶଙ୍କର୍ଷଣ ବାରିକ ଅଚେତ ହୋଇ ପଡ଼ିଥିଲେ । ପ୍ଲାଣ୍ଟ ଭିତରକୁ କିଛି ସମୟ ପାଇଁ ଅଳିଆ ଗାଡ଼ି ପ୍ରବେଶ ବନ୍ଦ ଯୋଗୁ ଅନେକ ଅଳିଆ ଗାଡ଼ି କିଛି ସମୟ ପାଇଁ ପଛକୁ ପଛ ଲାଇନ ହୋଇ ଛିଡା ହୋଇଯାଇଥିଲା ।

## କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

# ଅତ୍ୟାଧୁନିକ ଷ୍ଟୁଡ଼ିଓରେ ପରିଣତ ନିର୍ଦ୍ଦେଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କରି ଏହାକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଷ୍ଟୁଡ଼ିଓ ଭାବେ ବିକଶିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଏକ ଡିପିଆର ପ୍ରସ୍ତୁତ କରିବା ପାଇଁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ୧୯୮୦ ମସିହାରେ ସ୍ଥାପିତ ହୋଇଥିବା ଏହି ଷ୍ଟୁଡ଼ିଓ ଏକଦା ଚଳଚ୍ଚିତ୍ର ନିର୍ମାଣ ପାଇଁ ଉନ୍ନତ ଯନ୍ତ୍ରପାତି ସହିତ ପୂର୍ବ ଭାରତର ଏକମାତ୍ର ଷ୍ଟୁଡ଼ିଓ ଭାବେ ଖ୍ୟାତି ଅର୍ଜନ କରିଥିଲା । ସମୟକ୍ରମେ ଆଧୁନିକ ଯନ୍ତ୍ରପାତି ଓ ବୈଷୟିକ ଉପକରଣ ଅଭାବରୁ ଷ୍ଟୁଡ଼ିଓଟିର ଚାହିଦା ହ୍ରାସ ପାଇଥିଲା । ଏହାର ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି । ନୂଆ ସରକାର ଦାୟିତ୍ୱ ନେବା ପରେ ଏହି ଷ୍ଟୁଡ଼ିଓର ଅତ୍ୟାଧୁନିକୀକରଣକୁ ଗୁରୁତ୍ୱ ଦେବାପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଷ୍ଟୁଡ଼ିଓର ଟେକ୍ ବିଲଡ଼ିଙ୍ଗ, ଏଂଟ୍ରାନ୍ସ ପ୍ଲାଜା, ଇନଡୋର ସୁଟିଙ୍ଗ ବ୍ୟବସ୍ଥା, କଳିଙ୍ଗ ମୁଭି ମ୍ୟାଜିକ୍, ଆଭେନ୍ୟୁ ଲ୍ୟାଣ୍ଡ, ଭିଲେଜ୍ ଏରିଆ, ଆଇକନିକ୍ ଲ୍ୟାଣ୍ଡ ମାର୍କ, ସ୍ନୋ ୱାର୍ଲ୍ଡ, କମ୍ୟୁନିଟି ହଲ୍, ବାମ୍ବୋ ଷ୍ଟ୍ରକ୍ଚର, ୱାଟର ବଡ଼ି, ଗ୍ରୀନ ଏରିଆ ଇତ୍ୟାଦି ବିକଶିତ କରାଯାଇଛି । ବାକି ରହିଥିବା କାମ ଗୁଡ଼ିକ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଇଡ୍କୋ ପକ୍ଷରୁ ଏହି ବିକାଶ କାର୍ଯ୍ୟ କରାଯାଉଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଆ ଚଳଚ୍ଚିତ୍ରର ବିକାଶ ପାଇଁ ଏହି ଷ୍ଟୁଡ଼ିଓର ବିକାଶ ଅତ୍ୟନ୍ତ ଆବଶ୍ୟକ । ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଥାଇ ଏହାକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଷ୍ଟୁଡ଼ିଓରେ ପରିଣତ କରାଯିବ । ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ସମସ୍ତଙ୍କ ସହ ଆଲୋଚନା କରାଯାଇ ଏହି ଷ୍ଟୁଡ଼ିଓର ବିକାଶ କରାଯିବ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଷ୍ଟୁଡ଼ିଓ ବୁଲି ଦେଖିଥିଲେ । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସମର୍ଥ ବର୍ମା ଏବଂ ଇଡ୍କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଉପସ୍ଥିତ ଥିଲେ ।



ରବିନ୍ଦ୍ରମଣ୍ଡପଠାରେ ୩୩ତମ ନୃତ୍ୟାଞ୍ଜଳି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ସଂଗୀତ ପରିବେଷଣ

# ବିଏମ୍‌ସିରୁ ଅବସର ନେଲେ ୧୦ କର୍ମଚାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରୁ ୧୦ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ୭ ନିୟମିତ କର୍ମଚାରୀ ହୋଇଥିବା ବେଳେ ୨ ଡିଏଲ୍‌ଆର୍ ଏବଂ ଜଣେ ସିଏଲ୍‌ଆର୍ । ଏହି ଉପଲକ୍ଷେ ଭୁବନେଶ୍ୱର ମହାନଗର ନିଗମ ରିକ୍ରେସନ କ୍ଲବ ପକ୍ଷରୁ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ଶ୍ରୀମତୀ ସୁଲୋଚନା ଦାସ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ କର୍ପୋରେଟର ଭାରତୀ ସିଂ, ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ ବହୁ ଅଧିକାରୀ ଓ ସମସ୍ତ କର୍ମଚାରୀ ଯୋଗଦେଇଥିଲେ । ସରକାରୀ ଚାକିରୀ କଲେ, ଦିନେ ନା ଦିନେ ଅବସର ଗ୍ରହଣ କରିବାକୁ ପଡିବ । କର୍ମମୟ ଜୀବନରୁ ଅବସର ନେଇ ପରିବାର ସହ ସୁଖ ଓ ଶାନ୍ତିରେ ସମୟ କଟାଇବାକୁ ପରାମର୍ଶ ଦେଇଥିଲେ ମେୟର ଶ୍ରୀମତୀ ଦାସ । ଏଥିରେ ମନ ଦୁଃଖ କରିବାର ନାହିଁ । ମାତ୍ର ଯେଉଁ ସଂସ୍ଥାରେ ଆପଣମାନେ ଦୀର୍ଘ ଦିନ କାମ କରି ଛୋଟରୁ ବଡ କରିଥିଲେ, ସେ ସଂସ୍ଥା ଆପଣଙ୍କୁ ଖୋଜିବ । କାରଣ ଅପଣମାନଙ୍କ ପରି ଜଣେ ଜଣେ ଅଭିଜ୍ଞ କର୍ମଚାରୀ ସୃଷ୍ଟି ହେବା ପାଇଁ ସଂପୃକ୍ତ ସଂସ୍ଥାକୁ ୩୦ ବର୍ଷରୁ ଅଧିକ ସମୟ ଲାଗିବ । ୩୦ ବର୍ଷରୁ ଊର୍ଦ୍ଧ୍ୱକାଳ ଭୁବନେଶ୍ୱର ମହାନଗର ନିଗମ ପାଇଁ କାର୍ଯ୍ୟକରି ଲୋକଙ୍କୁ ସେବା ଯୋଗାଇ ଥିବାରୁ ସେମାନଙ୍କର ଦୀର୍ଘ, ନିରମୟ ଓ ନିରୋଗ ଜୀବନଯାପନ କାମନା କରିଥିଲେ ମେୟର । ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ ବିଏମ୍‌ସି ରିକ୍ରେସନ କ୍ଲବର ସାଧାରଣ ସଂପାଦକ ଶୁଭକାନ୍ତ ପାଢୀ ଏବଂ ସହଯୋଗ କରିଥିଲେ ସନ୍ତୋଷ କୁମାର ମହାନ୍ତି, ଅକ୍ଷୟ କୁମାର ସ୍ୱାଇଁ ଓ ସସ୍ମିତା ନାୟକ ପ୍ରମୁଖ ।

## ପ୍ଲାଷ୍ଟିକ୍ ମୁକ୍ତ ଷ୍ଟେସନ ପରିସର ଅଭିଯାନ ଆରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶ୍ୱ ପରିବେଶ ଦିବସ ୨୦୨୫କୁ ଦୃଷ୍ଟିରେ ରଖି, ପୂର୍ବ ତଟ ରେଳପଥ ୨୨ ମେ ରୁ ୫ ଜୁନ ପର୍ଯ୍ୟନ୍ତ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିଛି, ଯାହା ଚଳିତ ବର୍ଷର ବିଷୟବସ୍ତୁ ନ୍ତପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ କରିବା' ସମ୍ବନ୍ଧରେ ଆଧାରିତ । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ରେଳ ଷ୍ଟେସନ, ଷ୍ଟେସନ ପରିସର ଏବଂ ଟ୍ରେନଗୁଡ଼ିକରେ ଏକ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ପ୍ରୋତ୍ସାହିତ କରିବା, ଯାହା ପରିବେଶଗତ ସ୍ଥିରତା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ରେଖାଙ୍କିତ କରିବ । ଏହି ଅଭିଯାନ ଭାରତ ସରକାରଙ୍କ ମିଶନ ଲାଇଫ (ପରିବେଶ ପାଇଁ ଜୀବନଶୈଳୀ), ସ୍ଥାୟୀ ଜୀବନଶୈଳୀ ପ୍ରୋତ୍ସାହନ ଏବଂ ଏକକ-ବ୍ୟବହାର ପ୍ଲାଷ୍ଟିକ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ଦୃଢ଼ ଭାବରେ ପ୍ରତିଧ୍ୱନିତ କରାଇବ । ପୂର୍ବତଟ ରେଳପଥର ପ୍ରୟାସ ଏହାର ସମସ୍ତ ରେଳ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ୱାଲଟିୟର ଏବଂ ସମ୍ବଲପୁର ରେଳ ମଣ୍ଡଳରେ ବିସ୍ତାରିତ, ସ୍ୱଚ୍ଛ ରେଳ ଇକୋସିଷ୍ଟମ ପାଇଁ ଏକ ଲୋକାଭିମୁଖୀ ଆନ୍ଦୋଳନରେ ଏହାର କର୍ମଚାରୀ, ଅଧିକାରୀ, ସେମାନଙ୍କ ପରିବାର ଏବଂ ଯାତ୍ରୀମାନଙ୍କୁ ସାମିଲ କରିଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମସ୍ତ ରେଳ କର୍ମଚାରୀଙ୍କୁ ଏକ ହୃଦୟସ୍ପର୍ଶୀ ନିବେଦନ କରି ପରିବେଶ ସଚେତନ ଜୀବନଯାପନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ଏବଂ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ପରିବେଶ ସୁରକ୍ଷାରେ ପ୍ରତ୍ୟେକ ବ୍ୟକ୍ତିଙ୍କର ଭୂମିକା ରହିଛି । ଆସନ୍ତୁ ଆମେ ମିଳିତ ଭାବରେ ଏକ ସବୁଜ ରେଳପଥ ପାଇଁ କାର୍ଯ୍ୟ କରିବା ବୋଲି ସେ କହିଛନ୍ତି । ପୂର୍ବତଟ ରେଳପଥ ପରିବେଶ ସୁରକ୍ଷା ପ୍ରତି ଏହାର ସମର୍ପଣକୁ ପୁନଃସଜାଗ କରି ଏହାର କାର୍ଯ୍ୟଗୁଡ଼ିକୁ ବିଶ୍ୱ ଏବଂ ଜାତୀୟ ପ୍ରୟାସ ସହିତ ସମନ୍ୱିତ କରୁଛି ।

# ସାମ୍ବାଦିକଙ୍କ ପାଇଁ ପେନ୍‌ସନ୍ ଲାଗୁ ଦାବି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନେ ଏକଜୁଟ ହେଲେ ରାଜ୍ୟ ସରକାର ଏବଂ ସମ୍ବାଦପତ୍ର ଶିଳ୍ପର ସହଯୋଗରେ ସାମ୍ବାଦିକମାନଙ୍କୁ ଅବଦାନମୂଳକ ପେନସନ ମିଳିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ପ୍ରକାଶ କରିଛନ୍ତି । ଓଡ଼ିଶା ପ୍ରେସ୍ ଏକାଡ଼େମୀର ୩୧ତମ ବାର୍ଷିକ ଉତ୍ସବ ଅବସରରେ ଶ୍ରୀ ଘଡ଼ାଇ କହିଛନ୍ତି ଯେ, ସମସ୍ତଙ୍କ ମିଳିତ ଉଦ୍ୟମରେ ଆଶା କରାଯାଉଥିବା କାର୍ଯ୍ୟ ନିଶ୍ଚୟ ପୂରଣ ହୋଇପାରିବ । ଅନ୍ୟତମ ଅତିଥି ପୂର୍ବତନ ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ବିଜେପିର ବରିଷ୍ଠ ନେତା ଗୌତମ ରାୟ ତାଙ୍କର ଅଭିଭାଷଣରେ ସାମ୍ବାଦିକମାନଙ୍କ ନ୍ୟାର୍ଯ୍ୟଦାବିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଉପସ୍ଥାପନ କରିବା ସହ ପ୍ରେସ୍ ଏକାଡ଼େମୀ ପକ୍ଷରୁ ଉଦ୍ୟମ ହେଉଥିବା ପେନସନ ଯୋଜନାକୁ ଲାଗୁ କରିବା ପାଇଁ ପ୍ରସ୍ତାବ ଦିଆଯିବ । ଅନ୍ୟତମ ଅତିଥି ପଦ୍ମନାଭ ବିଶ୍ୱାଳ, ବିଶିଷ୍ଟ ଶିକ୍ଷାବିତ୍ ଡଃ ବିଷ୍ଣୁଚରଣ ସାହୁ, ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ସୁଜ୍ଞାନ ଚୌଧୁରୀ ଓ ବରିଷ୍ଠ ସାମ୍ବାଦିକ ରବି ରାୟ ପ୍ରମୁଖ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ଉତ୍ସବରେ ଓଡ଼ିଶା ପ୍ରେସ୍ ଏକାଡ଼େମୀର ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱ କରିଥିଲେ । ଶେଷରେ ବରିଷ୍ଠ ସାମ୍ବାଦିକ ଶ୍ରୀ ବଳରାମ କାନନୁଗୋ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୁବନେଶ୍ୱରରେ ତ୍ରିରଙ୍ଗା ସାଇକେଲ ରାଲି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ସଶସ୍ତ୍ର ବାହିନୀକୁ ଶ୍ରଦ୍ଧାଞ୍ଜଳି ଜଣାଇବା ଏବଂ ବିଶ୍ୱ ସାଇକେଲ ଦିବସ ପାଳନ କରିବା ପାଇଁ ଭୁବନେଶ୍ୱରରେ ନ୍ତସାଇକେଲରେ ରବିବାର'ର ୨୫ତମ ସପ୍ତାହ (ରୌପ୍ୟ ଜୟନ୍ତୀ ସପ୍ତାହ) ଅବସରରେ ନ୍ତତିରଙ୍ଗା ସାଇକେଲିଂ ରାଲିନ୍ତ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଭାରତୀୟ କ୍ରୀଡା ପ୍ରାଧିକରଣ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡା ଏବଂ ଯୁବ ସେବା ବିଭାଗ ଦ୍ୱାରା ମିଳିତ ଭାବରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ୨୫ ସପ୍ତାହ ତଳେ ଯୁବ ବ୍ୟାପାର ଏବଂ କ୍ରୀଡା ଏବଂ ଶ୍ରମ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ଏବଂ ସେବେଠାରୁ ଗତ ସପ୍ତାହ ପର୍ଯ୍ୟନ୍ତ ଭାରତରେ ୫୫୦୦ ରୁ ଅଧିକ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଥିରେ ୩ ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନ୍ତମନ କି ବାତ'ର ୧୧୭ତମ ଏପିସୋଡ୍ ସମୟରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କଠାରୁ ସ୍ୱୀକୃତି ମଧ୍ୟ ମିଳିଛି, ଯାହା ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱ ପ୍ରଦାନ କରେ ଏବଂ ସ୍ଥୂଳତା ଏବଂ ଜୀବନଶୈଳୀ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ସହିତ ଲଢ଼ିବା ପାଇଁ ତାଙ୍କ ସ୍ପଷ୍ଟ ଆହ୍ୱାନକୁ ଗୁରୁତ୍ୱ ଦେଇ, ଦେଶବ୍ୟାପୀ ବିଭିନ୍ନ ଗୋଷ୍ଠୀ ଏବଂ ଅନୁଷ୍ଠାନ ମାଧ୍ୟମରେ ସାଇକେଲିଂକୁ ପ୍ରୋତ୍ସାହିତ କରାଯାଉଛି । ତିରଙ୍ଗା ସାଇକେଲ ରାଲିକୁ ଓଡ଼ିଶା ସରକାରଙ୍କ ଡିଏସୱାଇଏସ୍ ର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ଡିଏସୱାଇଏସ୍ ର ଅତିରିକ୍ତ ସଚିବ ଅଶୋକ କୁମାର ପଣ୍ଡା, ମାଇ ଭାରତ ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ଖରାଟ, ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଓଡ଼ିଶା ପ୍ରଭାରୀ ତ୍ରୈଲୋକ୍ୟନାଥ ସାହୁ, ସିଆରପିଏଫ୍ କମାଣ୍ଡାଂଟ ଆନନ୍ଦ ଝା, ଏବଂ ଡେପୁଟି କମାଣ୍ଡାଣ୍ଟ ନାଗେଶ କୁମାର, ଏନଏସଏସର ସହକାରୀ ନିର୍ଦ୍ଦେଶକ ଅଜିତ ଖୁସୱାହା, ଓଡ଼ିଶା ସାଇକେଲିଂ ଆସୋସିଏସନର ସମ୍ପାଦକ ଶ୍ରୀ ପ୍ରସନ୍ନ କୁମାର ରାଉତ ଏବଂ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ରାଲିରେ ସିଆରପିଏଫ, ଏନଏସଏସ, ମାଇ ଭାରତ, ଓଡ଼ିଶା ସାଇକେଲିଂ ଆସୋସିଏସନ, କିଟ୍ ଏବଂ କିସ୍ ବିଶ୍ୱବିଦ୍ୟାଳୟ ଏବଂ ସାଇର ୨୫୦ ରୁ ଅଧିକ ସାଇକେଲ ଚାଳକ ଅଂଶଗ୍ରହଣ କରିଥିଲେ ।

## ରାଜଧାନୀରେ ଗଛକଟା ବନ୍ଦ କରିବାକୁ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଗଛକଟା ବନ୍ଦ କରିବାକୁ ଦାବି । ପରିବେଶ ସୁରକ୍ଷା ଗଛ କଟା ବନ୍ଦ ପାଇଁ ନାରା ଦେଇ ଆଜି ଶିଶୁଭବନ ଛକରେ ବୁଦ୍ଧିଯିବି ମାନେ ଏକାଠି ହୋଇଛନ୍ତି । ହାତରେ ପ୍ଲାକ କାର୍ଡ ଧରି ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନା କରିଛନ୍ତି । ଭୁବନେଶ୍ୱରରେ ଚାରିଆଡେ ଗଛ କଟା ଚାଲିଛି । ବିଗତ ସରକାର ସମୟରେ ଏକାମ୍ର କ୍ଷେତ୍ରରେ ସୌନ୍ଦର୍ଯ୍ୟକରଣ କରିବା ପାଇଁ ୧୪୦ଟା ଗଛ କାଟି ଦେଇଥିଲେ । ଯେଉଁଥିପାଇଁ ମନ୍ଦିର ଉପରେ ବିଜୁଳି ପଡୁଛି । ରାଜଧାନୀରେ ଯାହା ସବୁ କାମ ହେଉଛି ସେଥିପାଇଁ ଗଛ କାଟି ପକାଉଛନ୍ତି । ଗଛରେ ମଧ୍ୟ ପକ୍ଷୀ ଏବଂ ଜୀବ ଜନ୍ତୁ ବସବାସ କରୁଛନ୍ତି । ସେମାନଙ୍କୁ ସୁରକ୍ଷା ଦେବା ଆମ ଦାୟିତ୍ୱ । ରାଜଧାନୀରେ ସରକାରୀ ହେଉ କି ବେସରକାରି କେହି ବି ଗଛ କାଟି ପାରିବେନି ସରକାର ଏଭଳି ନିୟମ ଆଣିବାକୁ ଦାବି ହୋଇଛି ।

# ୩ ଜଣ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ଅମଲା ସଂଘ କଟକ ଜିଲ୍ଲା ଶାଖା ତରଫରୁ ରବିବାର ୩ ଜଣ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା କରାଯାଇ ଅଛି । ଉକ୍ତ କର୍ମଚାରୀଙ୍କ ମଧ୍ୟରୁ, ତିଗିରିଆ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଉପ ବିଭାଗୀୟ ଅଧିକାରୀ ଶ୍ରୀଯୁକ୍ତ ଅନିରୁଦ୍ଧ ନାୟକ, ମାହାଙ୍ଗା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ସହାୟକ ରାଧାକାନ୍ତ ମହାନ୍ତି ଓ ଆଠଗଡ଼ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ସହାୟକ ମୋନଜ କୁମାର ସେଠୀ ପ୍ରମୁଖ ଆଜି ତାଙ୍କର ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବା ପରିପ୍ରେକ୍ଷୀରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ବାଦାମବାଡ଼ି ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଅମଲା ସଂଘ କଟକ ଜିଲ୍ଲାର ମୁଖ୍ୟ ଉପଦେଷ୍ଟା ହୃଦୟ ବିହାରୀ ମହାପାତ୍ର, କଟକ ଜିଲ୍ଲା ସମ୍ପାଦକ ବିଜୟ କୁମାର ସ୍ୱାଇଁ ଓ ଯୁଗ୍ମ ସମ୍ପାଦକ ବିପଦ ବାନ୍ଧବ ମହାନ୍ତି ୩ ଜଣ କର୍ମଚାରୀଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉଭୟଙ୍କର ସରକାରୀ ଚାକିରୀ ଜୀବନର କର୍ତ୍ତବ୍ୟ ନିଷ୍ଠା, ସଚ୍ଚୋଟତା ଓ ସମୟାନୁବର୍ତ୍ତିତା ଆଦି ଗୁଣର ସେ ପ୍ରଂଶସା କରିଥିଲେ । ଉକ୍ତ ସଭା ରେ କଟକ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ବହୁ ଅମଲା ଉପସ୍ଥିତ ରହି ଅବସରପ୍ରାପ୍ତ କର୍ମଚାରୀଙ୍କର ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ

## ଆଇନମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ଆଣିଲେ ମାମାନି ଷଢଙ୍ଗୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଇନ ମନ୍ତ୍ରୀଙ୍କୁ ଭେଟିଲେ ଯାତ୍ରା ଅଭିନେତ୍ରୀ ମାମାନି ଷଢଙ୍ଗୀ । ନିଜ ସ୍ୱାମୀ ସହ ଯାତ୍ରା ମାଲିକ ନାଣ୍ଟୁଙ୍କ ବିରୋଧରେ ଅଭିଯୋଗ ପାଇଁ ଆସିଥିବା ସୂଚନା ମିଳିଛି । କିଛି ଦିନ ତଳେ ବକେୟା ଅର୍ଥ ପାଉଣାକୁ ନେଇ ଅଶୋକ ସମ୍ରାଟ ଯାତ୍ରା ମାଲିକ ଅନନ୍ତ ଧଳ ଓରଫ ନାଣ୍ଟୁଙ୍କ ସହ ବିବାଦ ହୋଇଥିଲା । ଲୋକ ଲଗାଇ ତାଙ୍କୁ ମାଡ଼ ମରିବା ସହ ଅସଭ୍ୟ ଭାଷାରେ ନାଣ୍ଟୁ ଗାଳି କରିଥିବା ଅଭିଯୋଗ କରିଥିଲେ ମାମୁନି । ଏ ନେଇ ଥାନାରେ ମାମଲା କରିଥିଲେ ମାମୁନି ଷଢଙ୍ଗୀ । ଆଇନ ମନ୍ତ୍ରୀଙ୍କୁ ଭେଟିବା ପରେ ଅଭିନେତ୍ରୀ ମାମୁନି ଷଢଙ୍ଗୀ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ନ୍ୟାୟ ପାଇଁ ଆଇନ ମନ୍ତ୍ରୀଙ୍କୁ ଭେଟିଲି । ମନ୍ତ୍ରୀ ନ୍ୟାୟ ଦେବା ନେଇ ଆଶ୍ୱାସନା ଦେଇଛନ୍ତି । ଆଗକୁ ମୋ ଭଳି ଆଉ ପୂଜା ଭଳି ଅନେକ କଳାକାର ସାମ୍ନାକୁ ଆସିବେ ବୋଲି ସେ କହିଛନ୍ତି ।

## 'ପହଲଗାମ ଓ ଅପରେସନ ସିନ୍ଦୂର' ଶୀର୍ଷକ ଆଲୋଚନାଚକ୍ର

କଟକ(ଭାସ୍କର ନ୍ୟୁଜ୍): ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ନ୍ତପହଲଗାମ ଓ ଅପରେସନ ସିନ୍ଦୂର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି । ଏନ୍‌ସିସି ନିର୍ଦ୍ଦେଶକ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ ଯେ ଭାରତ ଏକ ଶାନ୍ତିମୟ ଦେଶ କିନ୍ତୁ ଦୁର୍ବଳ ନୁହେଁ । କାରଗିଲ ପରେ ଆତଙ୍କବାଦୀମାନଙ୍କ ଦ୍ୱାରା ବହୁ ସମୟରେ ହିଂସାତ୍ମକ କାର୍ଯ୍ୟ ହୋଇଆସୁଥିଲେ ମଧ୍ୟ ଭାରତ ସହନଶୀଳତା ଭାବେ ସାରା ବିଶ୍ୱରେ ନଜିର ସୃଷ୍ଟି କରିଆସୁଅଛି । ଆତଙ୍କବାଦୀଙ୍କୁ ମୂଳପୋଛ କରିବା କିନ୍ତୁ ପାକିସ୍ଥାନ ନାଗରିକ ବା ସାମରିକ ସ୍ଥଳିକୁ କ୍ଷତି ନ ପହଁଚାଇବା ଥିଲା ଅପରେସନ ସିନ୍ଦୂରର ଲକ୍ଷ୍ୟ । ତାହା ଅନେକାଂଶରେ ପୂରଣ ହୋଇଥିଲେ ମଧ୍ୟ ଆମକୁ ସର୍ବଦା ଚକ୍ରାନ୍ତକାରୀ ରାଷ୍ଟ୍ର ପ୍ରତି ସତର୍କ ରହିବା ଓ ପ୍ରତିରକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ପ୍ରତି ଧ୍ୟାନ ଦେବା ଉଚିତ୍ ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନୀତ ବକ୍ତା ଭାବେ ଅବସରପ୍ରାପ୍ତ ଏୟାର ଫୋର୍ସ କ୍ୟାପଟେନ ସିବ ମହାପାତ୍ର ଓ ଅବସରପ୍ରାପ୍ତ ଆର୍ମି କର୍ଣ୍ଣେଲ ଶରତ ମହାପାତ୍ର ଯୋଗ ଦେଇଥିଲେ ।

# ୧୯୯୯ ହାଇସ୍କୁଲ ବ୍ୟାଚ୍‌ର ବନ୍ଧୁମିଳନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ୧୯୯୯ ମସିହାର କୁଳସରିଚୁଆ ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମସ୍ତ ସାଙ୍ଗସାଥିମାନେ ଏକାଠି ହୋଇ ଭୋଜିଭାତର ଆସର ଜମାଇବା ସହ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିଥିଲେ । ଏଥିସହ ସର୍ବସମ୍ମତିକ୍ରମେ ଆସନ୍ତା ଦିନରେ ଏକ ରକ୍ତଦାନ ଶିବିର ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ସଞ୍ଜୟ ଦାସ, ବିଭୁରଂଜନ ସୁନ୍ଦରାୟ, ସୁମିତ୍ ଚୌଧୁରୀ, ସରସ୍ୱତୀ ଲେଙ୍କା, ଅମର ନାୟକ, ରଶ୍ମୀତା ଚୌଧୁରୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ ।

## ମଦ୍ୟପାନ କରି ସିରିଜ୍ ଦୁର୍ଘଟଣା ଘଟାଇଲେ କାର୍ ଚାଳକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଦ୍ୟପ କାର ଚାଳକଙ୍କ ଜଘନ୍ୟ କାଣ୍ଡ । ମଦ୍ୟପାନ କରି ଘଟାଇଲେ ସିରିଜ୍ ଦୁର୍ଘଟଣା । ପରେ ବନ୍ଦ ଥିବା କ୍ୱାଟର ଭିତରକୁ ଗାଡି ଭର୍ତି କରି ଫେରାଇ ହୋଇଗଲା କାର ଡ୍ରାଇଭର । ରାଜମହଲ ରାସ୍ତାରେ ଘଟିଛି ଏଭଳି ସିରିଜ୍ ଦୁର୍ଘଟଣା । ରାସ୍ତାରେ ପାର୍କିଂ ହୋଇଥିବା ଦୁଇଟି ଅଟୋ ଏବଂ ଦୁଇଟି କାରକୁ ଧକ୍କା ଦେଇଛି । ଯାହା ଫଳରେ ୪ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରିଛି ପୋଲିସ । ଦୁର୍ଘଟଣା ଘଟାଇଥିବା କାରକୁ ମଧ୍ୟ ଜବତ କରି ତଦନ୍ତ କରୁଛି ପୋଲିସ ।

## ବିଜେଡ଼ିରେ ମିଶିଲେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଦଳର ନେତୃବୃନ୍ଦ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୦୨୪ ସାଧାରଣ ନିର୍ବାଚନ କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ପିଆରଆଇ ସଦସ୍ୟ ଓ କର୍ମୀ ଶଙ୍ଖଭବନରେ ବିଜୁ ଜନତା ଦଳ ବିଧାୟକ ତଥା ଜିଲ୍ଲା ସଭାପତି ମନୋହର ରନ୍ଧାରୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ବିଭିନ୍ନ ଦଳରୁ ଆସି ବିଜୁ ଜନତା ଦଳରେ ସାମିଲ୍ ହୋଇଥିବା ସମସ୍ତଙ୍କୁ ଶ୍ରୀ ରନ୍ଧାରୀ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ମିଶ୍ରଣ ପର୍ବରେ ସରପଞ୍ଚ ପ୍ରମିଳା ମୁଦୁଲି, ଶଙ୍କର ନାୟକ, ରୁକ୍ମଣୀ ମାଝୀ, ସମିତିସଭ୍ୟ ଦୁର୍ଯୋଧନ ମାଝୀ, ଜିତେନ୍ଦ୍ର ହରିଜନ, ସୋମନାଥ ସୌରା, ବରିଷ୍ଠ କଂଗ୍ରେସ ନେତା ମନ୍ଦର ଜାନୀ ଓ ବିପିନି ବିଶୋୟୀ, ପୂର୍ବତନ ସରପଞ୍ଚ କୁମର ପୂଜାରୀ ପ୍ରମୁଖ ବିଜେଡ଼ିରେ ସାମିଲ୍ ହୋଇ କହିଥିଲେ ଯେ, ଆମେ ବିଜୁ ଜନତା ଦଳରେ ସାମିଲ ହୋଇଥିବାରୁ ବହୁତ ଖୁସି । ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ (ମୁନ୍ନା ଖାନ), ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# 'ବିମଳ ହାସ୍ୟରସର ଅନନ୍ୟ ସ୍ରଷ୍ଟା ଫତୁରାନନ୍ଦ'



କଟକ(ଭାସ୍କର ନ୍ୟୁଜ୍): ହାସ୍ୟରସର ଅନନ୍ୟ ଓ ଅନତିକ୍ରମ୍ୟ ସ୍ରଷ୍ଟା ଥିଲେ ଫତୁରାନନ୍ଦ । ସାରା ଜୀବନ ଦୁଃଖ ଓ ସଂଘାତକୁ ଭ୍ରୂକ୍ଷେପ ନକରି ସେ ହାସ୍ୟରସ ପରିବେଷଣ କରିଚାଲିଥିଲେ । ତାଙ୍କର କବିତା, କଥାସାହିତ୍ୟ, ପ୍ରବନ୍ଧ, ଶିଶୁସାହିତ୍ୟ ଓ ଆତ୍ମଜୀବନୀ ରଚନାରେ ଏ ସମାଜ ଓ ଜୀବନର ଚିତ୍ରକୁ ଚମତ୍କାର ଭାବେ ଉପସ୍ଥାପନ କରିଥିଲେ ବୋଲି ରବିବାର ପୂର୍ବାହ୍ଣରେ ତେଲେଙ୍ଗାବଜାର ସ୍ଥିତ ଆଡଭୋକେଟ୍ ଗିରିଜାନନ୍ଦ ନାୟକଙ୍କ ବାସଭବନରେ ହାସ୍ୟବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହାର ପ୍ରତିଷ୍ଠାତା ସାରସ୍ୱତ ସ୍ରଷ୍ଟା ଫତୁରାନନ୍ଦଙ୍କ ୧୧୦ତମ ଜୟନ୍ତୀ ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ହାସ୍ୟ ବିକାଶ କେନ୍ଦ୍ରର ବରିଷ୍ଠ ସଦସ୍ୟ ରଘୁନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଏହି ଅନୁଷ୍ଠାନର ସଂପାଦକ ଡକ୍ଟର ବିଜୟାନନ୍ଦ ସିଂହ ଓଡ଼ିଆ ସାହିତ୍ୟକୁ ଫତୁରାନନ୍ଦଙ୍କ ଅବଦାନ ଓ ତାଙ୍କ ଜୀବନଦର୍ଶନ ସଂପର୍କରେ ଉଲ୍ଲେଖ କରିବା ସହ ଉତ୍ସବ ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ମୁଖ୍ୟବକ୍ତା ଡକ୍ଟର ସୁନାମଣି ରାଉତ ଅନନ୍ୟ ସ୍ରଷ୍ଟା ଫତୁରାନନ୍ଦଙ୍କ ସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ । ଶଶିକାନ୍ତ ରାଉତ ସ୍ତମ୍ଭକାର ସ୍ୱରାଜ ମିଶ୍ରଙ୍କ ଦ୍ୱାରା ରଚିତ ଓ ଓଁ ଅଭିଜ୍ଞାନ ସାହୁ ସ୍ୱରଚିତ ଫତୁରାନନ୍ଦଙ୍କ ସଂପର୍କୀୟ ପ୍ରବନ୍ଧ ପାଠ କରିଥିଲେ । ଫତୁରାନନ୍ଦଙ୍କ ଜୀବନ ଓ ସାଧନା ସଂପର୍କରେ ଆଲୋକପାତ କରିଥିଲେ ଅନୁଷ୍ଠାନର କୋଷାଧ୍ୟକ୍ଷ ଗିରିଜାନନ୍ଦ ନାୟକ, ଡକ୍ଟର ବୈଜୟନ୍ତୀ ମିଶ୍ର, ସୁଧୀର କୁମାର ବାରିକ୍, ତପନ କୁମାର ସ୍ୱାଇଁ ଓ ବିଭୁଦତ୍ତ ଖଣ୍ଡାୟତରାୟ । ଧନ୍ୟବାଦ ଅର୍ପଣ କରିଥିଲେ ସୁଜାତା ପ୍ରିୟଦର୍ଶିନୀ । ପ୍ରାରମ୍ଭରେ ଫତୁରାନନ୍ଦଙ୍କ ତୈଳଚିତ୍ରରେ ପୁଷ୍ପାର୍ଘ ପ୍ରଦାନ କରାଯାଇଥିଲା ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ




## 'ଅପରେସନ୍ ସିନ୍ଦୂର'ର ସଫଳତା

# ପାକିସ୍ତାନ ପାଇଁ ସତର୍କ ଘଣ୍ଟି

ଜାମ୍ମୁ-କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ନରସଂହାରର ପ୍ରତିଶୋଧ ନେବା ଲାଗି ଭାରତ ପକ୍ଷରୁ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠାନର ସାଟେଲାଇଟ୍ ଚିତ୍ର ଏବେ ଭାଇରାଲ୍ ହୋଇଛି। 'ଅପରେସନ୍ ସିନ୍ଦୂର' ନାମରେ ନାମିତ ଭାରତର ଏହି ସାମରିକ ଅଭିଯାନ ଆତଙ୍କବାଦୀଙ୍କ ସମସ୍ତ ଗୁପ୍ତ ଆଡ୍ଡାକୁ ଧ୍ୱଂସ କରିବା ସକାଶେ ଉଦ୍ଦିଷ୍ଟ ଥିଲା ଏବଂ ଏହି ଲକ୍ଷ୍ୟରେ ପାକ୍ ଅଧିକୃତ କାଶ୍ମୀର (ପି.ଓ.କେ) ଏବଂ ପାକିସ୍ତାନରେ ଥିବା ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳ ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଆମ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍) ପକ୍ଷରୁ ଜାରି ହୋଇଥିବା ସାଟେଲାଇଟ୍ ଫୁଟେଜ୍ ଅନୁଯାୟୀ 'ଅପରେସନ୍ ସିନ୍ଦୂର' ଦ୍ୱାରା ପିଓକେ ଏବଂ ପାକିସ୍ତାନର ୭୨ଟି ଆତଙ୍କୀ ଶିବିର ଧ୍ୱଂସ କରିବାକୁ ଭାରତ ସକ୍ଷମ ହୋଇଛି। କେବଳ ସେତିକି ନୁହେଁ ଏହି ଅଭିଯାନ ପାକିସ୍ତାନ ବାୟୁସେନାର ଅଣ୍ଟାକୁ ଏଭଳି ଭାଙ୍ଗି ଦେଇଛି ଯେ, ଏହାର ଶକ୍ତି ଓ ସାମର୍ଥ୍ୟ ପାଞ୍ଚବର୍ଷ ପଛକୁ ଚାଲିଗଲା ଭଳି ମନେ ହେଉଛି। ଅନ୍ୟ ଅର୍ଥରେ ଭାରତର ଅଭିଯାନ ଫଳରେ ହୋଇଥିବା କ୍ଷୟକ୍ଷତି ଭରଣା କରିବାକୁ ପାକିସ୍ତାନକୁ ଅତିକମ୍‌ରେ ୫ବର୍ଷ ସମୟ ଲାଗିବ। ଜଣେ ସାମରିକ ଅଧିକାରୀଙ୍କ ସୂଚନା ଅନୁଯାୟୀ ଭାରତୀୟ ବାୟୁସେନା ଏକାଧିକ ପ୍ରକାରର କ୍ଷେପଣାସ୍ତ୍ର ଓ ଅସ୍ତ୍ରଶସ୍ତ୍ର ଭିନ୍ନ ଭିନ୍ନ ସ୍ଥାନକୁ ଟାର୍ଗେଟ୍ କରି ଛାଡ଼ିଥିଲା। ଏଭଳି ଅଚାନକ ଆକ୍ରମଣରେ ପାକିସ୍ତାନ ହତବାକ୍ ହୋଇଯାଇଥିଲା। ଲଗାତାର ଚାରିଦିନ ଧରି ସୁପରିକଳ୍ପିତ ଢ଼ଙ୍ଗରେ ଭାରତର ଆକ୍ରମଣ ଜାରି ରହିଥିଲେ ହେଁ ସବୁଠାରୁ ବଡ଼ ଲଢ଼େଇ ମଇ ୯ ଓ ୧୦ ତାରିଖ ରାତିରେ ଲଢ଼ାଯାଇଥିଲା ବୋଲି ଜଣାପଡିଛି। ଏହି ସମୟରେ ପାକିସ୍ତାନର ଏୟାରବେସ୍‌ଗୁଡ଼ିକୁ ଭାରତ ଟାର୍ଗେଟ୍ କରି ପ୍ରବଳ କ୍ଷେପଣାସ୍ତ୍ର ମାଡ଼ କରିଥିଲା। 'ଅପରେସନ୍ ସିନ୍ଦୂର' ଜରିଆରେ ଭାରତର କାର୍ଯ୍ୟାନୁଷ୍ଠାନ ପାକିସ୍ତାନ ଶାସକଙ୍କୁ ଏଭଳି ବିଚଳିତ କରିପକାଇଥିଲା ଯେ, ଅବିଳମ୍ବେ ଯୁଦ୍ଧ ବିରତି ଲାଗୁ କରିବା ପାଇଁ ସେମାନେ ଦୁଇଦୁଇ ଥର ଭାରତୀୟ ସେନା ଅଧିକାରୀଙ୍କୁ ଫୋନ୍ ଯୋଗେ ଅନୁରୋଧ ଜଣାଇଥିଲେ। ଭାରତର କଡ଼ା ଆଭିମୁଖ୍ୟ ପାକ୍ ନେତାମାନଙ୍କୁ ଅତିମାତ୍ରାରେ ଭୟଭୀତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଦାମ୍ଭିକତା ଭାଙ୍ଗି ଦେଇଛି। 'ଅପରେସନ୍ ସିନ୍ଦୂର' ପୂର୍ବରୁ ଆମ ଦେଶକୁ ନାଲିଆଖି ଦେଖାଇଥିବା ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ ଏବେ ଇରାନ୍ ଗସ୍ତରେ ଥିବା ବେଳେ ତାଙ୍କର ସ୍ୱର ସମ୍ପୂର୍ଣ୍ଣ ବଦଳି ଯାଇଥିବାର ଲକ୍ଷ୍ୟ କରାଯାଉଛି। ସିନ୍ଧୁ ନଦୀ ଜଳ ଠାରୁ ଆରମ୍ଭ କରି କାଶ୍ମୀର ପ୍ରସଙ୍ଗ, ଆତଙ୍କବାଦ ଓ ବାଣିଜ୍ୟକୁ ନେଇ ଭାରତ ସହ ଆଲୋଚନା କରିବାକୁ ପାକିସ୍ତାନ ପ୍ରସ୍ତୁତ ଅଛି ବୋଲି ଶେହବାଜ୍ ସୂଚନା ଦେଇଛନ୍ତି। ତେବେ ପାକିସ୍ତାନର ସାଂପ୍ରତିକ ସ୍ଥିତି ଯେପରି, ସେଥିରେ ପ୍ରଧାନମନ୍ତ୍ରୀ ଶେହବାଜଙ୍କ ମତାମତ କେତେଦୂର କାର୍ଯ୍ୟକାରୀ ହେବ ତାହା କହି ହେଉନାହିଁ। କାରଣ ପାକ୍ ସେନା ମୁଖ୍ୟ ଅସିମ୍ ମୁନିର୍ ଜଣେ କଟ୍ଟର ଭାରତ ବିରୋଧୀ ହୋଇଥିବା ବେଳେ ସେ ହିଁ ପହଲଗାମ୍ ଆତଙ୍କୀ ଆକ୍ରମଣର ମାଷ୍ଟର ମାଇଣ୍ଡ ଥିଲେ ବୋଲି ଏବେ ଜଣାପଡିଛି। ନିଜର ଚୌକୀ ବଞ୍ଚାଇବା ଉଦ୍ଦେଶ୍ୟରେ ଆଇଏସ୍‌ଆଇକୁ ଭାରତ ବିରୋଧରେ ଷଡ଼ଯନ୍ତ୍ର ରଚାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏସବୁ ସତ୍ତ୍ୱେ 'ଅପରେସନ୍ ସିନ୍ଦୂର' ପାକିସ୍ତାନକୁ ଯେଉଁ ଶିକ୍ଷା ଦେଇଛି ଏବଂ ବୁଦ୍ଧି ହଜାଇଛି, ସେଥିରେ ଆଗକୁ ଆଉ କୌଣସି ଅବିବେକୀ ଦୁଃସାହସିକ ପଦକ୍ଷେପ ନେବା ତା'ପକ୍ଷରେ ସମ୍ଭବ ହୋଇନପାରେ। ଏହି ପୃଷ୍ଠଭୂମିରେ ଭାରତୀୟ ସେନାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ୍ ଅନୀଲ ଚୌହାନ ଶନିବାର ଦିନ ସିଙ୍ଗାପୁର ଠାରେ ଦେଇଥିବା ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରୁଛି। 'ଅପରେସନ୍ ସିନ୍ଦୂର' ଅଭିଯାନରେ ଭାରତ ସମ୍ପୂର୍ଣ୍ଣ ସଫଳ ହୋଇଛି ଏବଂ ପାକିସ୍ତାନ ସୀମା ଭିତରେ ୩ଶହ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟସ୍ଥଳକୁ ଭାରତୀୟ କ୍ଷେପଣାସ୍ତ୍ର ଧ୍ୱଂସ କରିବାରେ ସକ୍ଷମ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ଭବିଷ୍ୟତରେ ନିଜର ତ୍ରୁଟି ସୁଧାରି ପାକିସ୍ତାନ ଠିକ୍ ବାଟକୁ ନଆସିଲେ ତାକୁ ଉପଯୁକ୍ତ ଜବାବ୍ ଦିଆଯିବ ବୋଲି ସେ ଚେତାଇ ଦେଇଛନ୍ତି। ସବୁଦୃଷ୍ଟିରୁ ବିଚାର କଲେ 'ଅପରେସନ୍ ସିନ୍ଦୂର' ନିଜ ଲକ୍ଷ୍ୟପୂରଣରେ ଯେ ଶତ ପ୍ରତିଶତ ସଫଳ ହୋଇଛି ଏଥିରେ ଦ୍ୱିମତର ଅବକାଶ ନାହିଁ।

# ଜାବତ୍ ଜୀବେତ୍ ଋଣଂ ଜୀବେତ୍



**ଡ. ସତ୍ୟ ନାରାୟଣ ମିଶ୍ର**
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪ ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦

ଅର୍ଥନୀତି, ଜନତା, ରାଜନୀତି, ନିର୍ବାଚନ ଓ ଗଣତନ୍ତ୍ର ହେଉଛି ସ୍ୱାଧୀନତା ପରବର୍ତ୍ତୀ ସମୟର ଏକ ଏକ ବୃହତ ସ୍ତମ୍ଭ। କିଛି ପାଇବାର ଆଶା ହେଉଛି ପ୍ରତ୍ୟେକ ମଣିଷର ଏକ ପ୍ରବୃତ୍ତି। ଭାରତର ସ୍ୱାଧୀନତା ପରେ ସ୍ୱାଧୀନତା ସଂଗ୍ରାମରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଯୋଗଦାନ କରିଥିବା ବ୍ୟକ୍ତି ବିଶେଷ ସମଷ୍ଟିଗତ ଭାବରେ କିଛି ଆଶା ଓ ଆକାଂକ୍ଷାକୁ ପାଥେୟ କରି ଗଣତନ୍ତ୍ରର ସୁରକ୍ଷା ନିମିତ୍ତ ନିର୍ବାଚନ ଭଳି ପଦ୍ଧତିକୁ ଆଦରି ନେଲେ। ତଦନୁଯାୟୀ ବିଧି ବ୍ୟବସ୍ଥା ଅନୁଯାୟୀ ଗଣତନ୍ତ୍ରର ରକ୍ଷା କବଚ ବା ଜନତା ସେମାନଙ୍କର ଉପଯୁକ୍ତ ପ୍ରତିନିଧିଙ୍କୁ ନିର୍ବାଚନ ମାଧ୍ୟମରେ ଗଣତନ୍ତ୍ରର ବିଶାଳ କ୍ଷେତ୍ରକୁ ପ୍ରେରଣ କଲେ। ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସ୍ଥିତି ଓ ପରିସ୍ଥିତିକୁ ଅନୁଧ୍ୟାନ କରି ସେତେବେଳେ ନିର୍ବାଚିତ ପ୍ରତିନିଧିମାନେ ଜନତାଙ୍କ ନିକଟରେ ଉତ୍ତରଦାୟୀ ହୋଇ ରହୁଥିଲେ। ତେଣୁ ଅର୍ଥନୀତି, ଜନତା, ରାଜନୀତି, ନିର୍ବାଚନ ଓ ଗଣତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ବିକାଶକୁ ଆଖି ଆଗରେ ରଖି ଚତୁର୍ଦ୍ଦିଗକୁ ସଜାଗ ହୋଇ ରହୁଥିଲା। ଜଣେ ଅନ୍ୟର ପରିପୂରକ ଭାବେ ଗଣତନ୍ତ୍ରର ରଥ ଜନତାଙ୍କର ରାସ୍ତାରେ ନିର୍ବାଚନ ଅନୁଶାସନରେ ରାଜନୀତି ସାରଥି ଦ୍ୱାରା ଗଡି ଚାଲିଲା ଆଗକୁ ଆଗକୁ ବିକାଶ, ସୁରକ୍ଷା ଓ ଆବଶ୍ୟକତାକୁ ଗୁରୁତ୍ୱ ଦେଇ। ନିର୍ବାଚନ ପ୍ରତିଶ୍ରୁତିରେ ରାଜନେତାମାନେ ନିର୍ବାଚନ ପ୍ରତିଶୃତି କେବଳ ଦେଶର ବିକାଶ ଉପରେ ଗୁରୁତ୍ୱ ଦେଉଥିଲେ ଯାହା ଭାରତବର୍ଷର ଅର୍ଥ, ଆୟ ଓ ବ୍ୟୟ ଉପରେ ଆଧାରିତ ଥିଲା।

ସ୍ଥିତି ପରିସ୍ଥିତିର ସମୟ ସ୍ରୋତ ମଧ୍ୟରେ ପରିବର୍ତ୍ତନର ସ୍ଲୋଗାନ ଦେଇ ଚାଲିଲେ ରାଜନୀତିର ପୁରୋଧାମାନେ ଓ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ଜନତା ତାହାକୁ ପାଳନ କରି ଚାଲିଲେ। ଏଇଠୁ ଆରମ୍ଭ ହେଲା ସଂଖ୍ୟା ଗରିଷ୍ଠ ଓ ସଂଖ୍ୟା କନିଷ୍ଠର ବିଭେଦ। ଗଣତନ୍ତ୍ରର ପବିତ୍ର ସ୍ଥଳରେ ସଂଖ୍ୟା ଗରିଷ୍ଠ ଯେଉଁ ରାଜନୈତିକ ଦଳ ହେଲା ଉକ୍ତ ଦଳ ଜନତାଙ୍କୁ ଶାସନ କଲେ ଓ ସଂଖ୍ୟା କନିଷ୍ଠମାନେ ଧୀରେ ଧୀରେ ଉପେକ୍ଷିତ ହେଲେ। ତେବେ ଉକ୍ତ ସଂଖ୍ୟା ଗରିଷ୍ଠକୁ ପ୍ରମାଣ କରିବାକୁ ହେଲେ ନିର୍ବାଚନରେ ବିପୁଳ ବିଜୟର ଆବଶ୍ୟକତା ଥାଏ। ସମୟ କ୍ରମେ ଆରମ୍ଭ ହେଲା ନିଷ୍ଠା, ପବିତ୍ରତା ଓ ସାଧୁତା ପରିବର୍ତ୍ତେ ଯେନତେନ ପ୍ରକାରେଣ ଜନତାଙ୍କୁ ଆକୃଷ୍ଟ କରି ନିର୍ବାଚନରେ ବିଜୟ ଲାଭ କରିବା। ଜନତା ନିରୂପାୟ। ଭାରତରେ ଗଣତନ୍ତ୍ରରେ ଯେତେବେଳେ ରାଜନୈତିକ ମୂଲ୍ୟବୋଧ ହ୍ରାସ ପାଇଲା, ସେତେବେଳେ ଅଧିକାଂଶ ସଚେତନ ନାଗରିକ ଆଉ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି, ଏପରିକି ଭୋଟ ମଧ୍ୟ ଦେଉନାହାନ୍ତି। 'ଡାହୁକ ରାବ ଶୁଣି ନୀରବ ପିକ, ମୂଢ଼ ସଭାରେ ଯଥା ମୁକ ଧାର୍ମିକ'। ଅଜ୍ଞମାନଙ୍କ ସଭାରେ ପଣ୍ଡିତ ବା ଜ୍ଞାନୀମାନଙ୍କର ଯେପରି ଗୁରୁତ୍ୱ ନଥାଏ, ଠିକ୍ ସେହିପରି ନିର୍ବାଚନରେ ସଚେତନ ଜ୍ଞାନୀ ନାଗରିକମାନେ ଆଉ ଅଂଶଗ୍ରହଣ କରୁନାହାନ୍ତି। ସୁତରାଂ ଉକ୍ତ ସ୍ଥିତି ରାଜନୈତିକ ନେତା ଓ ଦଳକୁ ବେଶ ସୁହାଉଛି ଓ ସେମାନେ ଅଳ୍ପରେ ତୁଷ୍ଟିକରଣ ଯୋଜନା କରି ଭୋଟ ଦେଉଥିବା ଜନତାଙ୍କୁ ଆକୃଷ୍ଟ କରି ଚାଲିଛନ୍ତି। ଦେଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଭିନ୍ନ ଭିନ୍ନ ତୁଷ୍ଟିକରଣ ଯୋଜନାମାନ ଘୋଷଣା କରି ଭୋଟ ଦେଉଥିବା ଜନତାଙ୍କର ପ୍ରିୟଭାଜନ ହୋଇ ଓ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେଇ ଗଣତନ୍ତ୍ରର ପବିତ୍ର କ୍ଷେତ୍ରରେ ବର୍ଷ ବର୍ଷ ଧରି ଶାସନ କଲେ ଓ ସୁଖ ସ୍ୱାଚ୍ଛନ୍ଦ୍ୟରେ ବ୍ୟସ୍ତ ରହିଲେ।

ଭାରତରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବର୍ତ୍ତମାନ ଅନେକ ତୁଷ୍ଟିକରଣ ଯୋଜନା କାର୍ଯ୍ୟକାରୀ ହେଉଅଛି। ନିକଟରେ କେନ୍ଦ୍ର ବଜେଟ ୨୦୨୫-୨୬ରେ ଭାରତ ସରକାରଙ୍କର ଆୟ ବଜେଟ ଥିଲା ୩୪.୯୬ ଲକ୍ଷ କୋଟି ଟଙ୍କା ଓ ବ୍ୟୟ ହେଉଛି ୫୦.୬୫ ଲକ୍ଷ କୋଟି ଟଙ୍କା। ସେହିପରି ଭାରତ ସରକାରଙ୍କର ଆୟର ପ୍ରଥମ ମାଧ୍ୟମ ହେଉଛି ଋଣ ଯାହା ଏକ ଟଙ୍କାରୁ ୨୪ପଇସା ଋଣ ଆସୁଥିବା ବେଳେ ଋଣକୁ ପରିଶୋଧ କରିବା ପାଇଁ କେବଳ ସୁଧ ପାଇଁ ଭାରତ ସରକାରଙ୍କୁ ଦେବାକୁ ପଡୁଛି ଏକ ଟଙ୍କାରୁ ୨୦ ପଇସା। ଆୟର ବୃହତ ମାଧ୍ୟମ ହେଉଛି ଋଣ ପୁଣି ପରିଶୋଧ ପାଇଁ କେବଳ ସୁଧ (ମୂଳ ବ୍ୟତୀତ) ହେଉଛି ବୃହତ ଅଂଶ, ୨୦ ପଇସା। ଋଣ ପରିଶୋଧ ପରେ ଥାଏ ଦେଶର ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦିର ବିକାଶ ତଥା ଖର୍ଚ୍ଚ। ତେଣୁ ଏଭଳି ସ୍ଥିତିରେ ତୁଷ୍ଟିକରଣ ଯୋଜନା ବଳବତ୍ତର ରହିଆସୁଥିବା ବେଳେ ଅର୍ଥନୀତିର ସ୍ଥିତି ଧୀରେ ଧୀରେ କେବଳ ଗୋଟିଏ ନିର୍ଦ୍ଧାରିତ ଦିଗରେ ଧାବମାନ କରୁଛି। ସେହିଭଳି ଓଡିଶା ରାଜ୍ୟ ସରକାରଙ୍କର ମଧ୍ୟ ବର୍ତ୍ତମାନ ସୁଦ୍ଧା ଜଣେ ମଣିଷର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ତୁଷ୍ଟିକରଣ ଯୋଜନା ମଧ୍ୟରେ ଜୀବନ ଅତିବାହିତ ହେଉଛି ଯେଉଁଥିରେ ଜଣେ ବ୍ୟକ୍ତି ଜନ୍ମ ହେବା ପରେ ଯଦି ସେ କିଛି କାର୍ଯ୍ୟ ନକରେ ସେ ମଧ୍ୟ ଜୀବଦ୍ଦଶା ମଧ୍ୟରେ କୌଣସି ଅସୁବିଧାର ସମ୍ମୁଖୀନ ହେବନାହିଁ ବା ଆର୍ଥିକ ଦୂରାବସ୍ଥାରେ ଜୀବନ ଅତିବାହିତ କରିବାର ଆବଶ୍ୟକତା ନାହିଁ କାରଣ ସରକାରଙ୍କ ତରଫରୁ ସେଥିପାଇଁ ସମସ୍ତ ତୁଷ୍ଟିକରଣ ଯୋଜନା ବଳବତ୍ତର ରହିଛି କେବଳ କରଦାତାମାନଙ୍କର ଧନରେ। ଅତଏବ ଓଡ଼ିଶାରେ ପ୍ରତ୍ୟେକ ଜନ୍ମିତ ବ୍ୟକ୍ତିର ଋଣ ଭାର ହେଉଛି ୧୮ ହଜାର ୯୮୪ ଟଙ୍କା ଅଟେ। ଅର୍ଥନୀତିର ଭାରସାମ୍ୟକୁ ଦୃଷ୍ଟି ନଦେଇ କେବଳ ତୁଷ୍ଟିକରଣ ଯୋଜନା କଲେ ଉକ୍ତ ଋଣ ଭାରର ସୀମା କେଉଁଠି ପହଞ୍ଚିବା ତାହା କେବଳ ଭବିଷ୍ୟତ ହିଁ କହିବ।

ଅତ୍ୟନ୍ତ ପରିତାପର ବିଷୟ ଏହା ଯେ ଉକ୍ତ ଶସ୍ତା ତୁଷ୍ଟିକରଣ ଯୋଜନା ହେତୁ ଶ୍ରମ ଓ ଶକ୍ତିର ବିନିଯୋଗ ହୋଇପାରୁ ନାହିଁ। ସମାଜରେ ବର୍ତ୍ତମାନ କର୍ମ କରିବାର ପ୍ରାବଲ୍ୟ ଲୋପ ହେବାକୁ ବସିଲାଣି। ସରକାରଙ୍କ ଅନୁକମ୍ପା ଓ ଦୟା ଅଭ୍ୟାସଗତ ହୋଇଗଲାଣି। ଗାଁରେ କିମ୍ବା ସହରରେ ଶ୍ରମ କରି ଅର୍ଥ ଉପାର୍ଜନ କରିବାର ପ୍ରୟାସ ଧୀରେ ଧୀରେ ଲୋପ ହୋଇ ଗଲାଣି। ଏହା ଦ୍ୱାରା ଏକ ଦିଗରେ ଶ୍ରମ ଶକ୍ତିର ବିଲୋପ, ନିମ୍ନ ମାନସିକତାର ପ୍ରତିଷ୍ଠା ତଥା ସାମାଜିକ ବିଶୃଙ୍ଖଳାର ଲହରୀ ଚତୁର୍ଦ୍ଦିଗରେ ବିରାଜମାନ କଲାଣି। ତୁଷ୍ଟିକରଣ ଯୋଜନାକୁ ଆଧାର କରି ଯୋଜନାର ଅପବ୍ୟବହାରକାରୀ ମାନେ ବେଶ ଲାଭବାନ ହେଉଛନ୍ତି। ତେବେ ସରକାରଙ୍କର ଜନ କଲ୍ୟାଣ ଯୋଜନାକୁ କେବଳ ଉପଯୁକ୍ତ ହିତାଧିକାରୀଙ୍କୁ ଅର୍ପଣ କରିବା ଉଚିତ୍। କାରଣ ଯେତେବେଳେ ମଣିଷ ଅଳସୁଆ ହୁଏ, ସେତେବେଳେ ନକାରାତ୍ମକ ପ୍ରବୃତ୍ତିର ପ୍ରତିଷ୍ଠା ହୁଏ ଓ ସେଥିରୁ ବିଭିନ୍ନ ବ୍ୟଭିଚାରର ସୃଷ୍ଟି ହୁଏ। ଅନ୍ୟପକ୍ଷରେ ଯେଉଁମାନଙ୍କ ପାଇଁ ଉକ୍ତ ଯୋଜନା ଗୁଡିକ କରାଯାଏ ସେ ଯୋଜନା ପାଇଁ ଅର୍ଥ ଆସେ କୁଆଡୁ? ଏ ସମସ୍ତ ତୁଷ୍ଟିକରଣ ଯୋଜନା ଦ୍ୱାରା ସମାଜରେ ମାନବ ସମ୍ବଳର ଅଗ୍ରଗତି ହୋଇପାରୁ ନାହିଁ କାରଣ ସମାଜରେ ତୁଷ୍ଟିକରଣ ଯୋଜନାରେ ଉପଭୋକ୍ତାମାନେ କର୍ମ କରିବା ପରିବର୍ତ୍ତେ କର୍ମ କାତର ହୋଇ ସରକାରଙ୍କର ଯୋଜନାକୁ ଅପେକ୍ଷା କରୁଛନ୍ତି। ତେବେ ଉକ୍ତ ଯୋଜନା ଗୁଡିକର ଖର୍ଚ୍ଚ ହେଉଥିବା ଅର୍ଥ ଆସେ କୁଆଡୁ ଏକ ବିଶେଷ ଚିନ୍ତାର ବିଷୟ। ଏହାର ସରଳ ଉତ୍ତର ହେଉଛି, ଏ ସମସ୍ତ ଯୋଜନାର ଅର୍ଥ କେବଳ ଜନତା ପଇଠ କରୁଥିବା କର ବା ଖଜଣାରୁ ହିଁ ଆସିଥାଏ। ବର୍ତ୍ତମାନ ସମାଜରେ ଦୁଇ ପ୍ରକାର ଶ୍ରେଣୀ ସମାଜ ହେବାକୁ ବସିଲାଣି। ଗୋଟିଏ ଶ୍ରେଣୀ ଶ୍ରମ ଶକ୍ତିର ଉପଯୋଗ କରି ଅର୍ଥ ଉପାର୍ଜନ କରି ସରକାରଙ୍କୁ କର ଦେଉଛନ୍ତି ଓ ଅନ୍ୟ ଗୋଟିଏ ଶ୍ରେଣୀ ଉକ୍ତ କରକୁ ସରକାରଙ୍କ ତୁଷ୍ଟିକରଣ ଯୋଜନା ଦ୍ୱାରା ଉପଭୋଗ କରୁଛନ୍ତି। କେନ୍ଦ୍ର ସରକାରଙ୍କର ଅର୍ଥନୈତିକ ସ୍ଥିତିକୁ ବିଶ୍ଳେଷଣ କଲେ ମଧ୍ୟ ଅନୁରୂପ ପରିସ୍ଥିତିର ସ୍ଥିତାବସ୍ଥା ରହିଅଛି ଯେ ବର୍ତ୍ତମାନ ସରକାରଙ୍କୁ ସମୁଦାୟ ବଜେଟର ୨୦ ଭାଗ କେବଳ ସୁଧ ପଇଠ କରିବାକୁ ପଡୁଅଛି। ଋଣ ଉପରେ ଭରସା କରୁଥିବା ଅର୍ଥନୀତି ବର୍ତ୍ତମାନ ଋଣର ସୁଧ ପରିଶୋଧ କରିବା ହେଉଛି ମୁଖ୍ୟ ଚିନ୍ତାର କାରଣ। ଚାର୍ବାକଙ୍କ ଦର୍ଶନକୁ ତର୍ଜମା କଲେ ମନେହୁଏ ଯେ 'ଯାବତ୍ ଜୀବେତ୍ ସୁଖ ଜୀବେତ୍ ଋଣ କୃତ୍ୱା ଘୃତ ପିବେତ'। ଠିକ୍ ସେହିପରି ଋଣ କରି ତୁଷ୍ଟିକରଣ ଯୋଜନା ନକରି ବରଂ ଋଣ କରି ବଡ ବଡ ରୋଜଗାର ସୃଷ୍ଟି କରି କଳ କାରଖାନା, ଶିଳ୍ପ, ଇତ୍ୟାଦି କରି ଶ୍ରମ ଓ ଶକ୍ତିର ବିନିଯୋଗ କରି ସମୟୋପଯୋଗୀ ରୋଜଗାର କ୍ଷମତାକୁ ବୃଦ୍ଧି କରିଥିଲେ ମାନବ ସମ୍ବଳର ବିକାଶ ଏକ ଦୀର୍ଘ ମିଆଦି ଯୋଜନରେ ହୋଇପାରନ୍ତା। ସ୍ୱାଭିମାନ ଓ ସମ୍ମାନର ସହ ରୋଜଗାରର ପନ୍ଥା ହୋଇପାରନ୍ତା ଓ ଶିକ୍ଷାର ପ୍ରସାର ହୋଇପାରନ୍ତା। ମାତ୍ର ତାହା ନକରି ରୋଜଗାରକ୍ଷମ ଜନତାଙ୍କୁ ବେରୋଜଗାର କରି କରଦାତାଙ୍କ ଅର୍ଥକୁ ବିନିଯୋଗ କରି ଋଣ କରି ଧୀରେ ଧୀରେ ସମାଜରେ ଏକ ବିଭେଦ ସୃଷ୍ଟି କରାଯାଉଛି। ଜନହିତକର ଯୋଜନା ସର୍ବାଦୌ ସ୍ୱାଗତଯୋଗ୍ୟ, ମାତ୍ର ଯୋଜନାରେ ଯଦି ମଣିଷ କର୍ମଠ ନହୋଇ କର୍ମ କାତର ହେଲା, ତା'ହେଲେ ସମୟ ଆସିବ ସମାଜରେ ଏକ ବିଦ୍ରୋହ ଦେଖାଦେବ ଆଉ ସେହି ବିଦ୍ରୋହର ଶିକାର ହେବେ କେବଳ ଜନତା। ଅର୍ଥ ହେଉଛି ସମସ୍ତ ଅନର୍ଥର ମୂଳ କାରଣ ଓ ସହନଶୀଳତାର ମଧ୍ୟ ଗୋଟିଏ ସୀମା ରହିଥାଏ। ଯେତେବେଳେ ସରକାରଙ୍କ ନିକଟରେ ସମ୍ବଳର ଘୋର ସଙ୍କଟ ଦେଖାଦେବ ଓ ଋଣବୋଝରେ ସାଧାରଣ ଜନତା ଅଣ ନିଃଶ୍ୱାସୀ ହେବେ ସେତେବେଳେ ସରକାର ବାଧ୍ୟ ହୋଇ ତୁଷ୍ଟିକରଣ ଯୋଜନାଗୁଡିକୁ ପ୍ରତ୍ୟାହାର କରିବା ପାଇଁ ବାଧ୍ୟ ହେବେ। ସେତେବେଳେ ଦୟା କରୁଣା ଓ କର୍ମ କାତରରେ ଅଭ୍ୟାସ ହୋଇଯାଇଥିବା ତୁଷ୍ଟିକରଣ ଜନତାମାନେ ସରକାରଙ୍କ ବିରୁଦ୍ଧରେ ଋଣ ହୁଙ୍କାର ଦେବେ। ସେପଟେ ଅତ୍ୟାଧିକ କର ଦେଇ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ନାଗରିକମାନେ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିବେ। ତୁଷ୍ଟିକରଣ ଯୋଜନାରୁ ବଞ୍ଚିତ ଜନତା ଉଭୟେ ପ୍ରତ୍ୟକ୍ଷ ଓ ପରୋକ୍ଷ କର ଦେଇଥାନ୍ତି, ମାତ୍ର ପ୍ରକୃତ ତୁଷ୍ଟିକରଣ ଯୋଜନାର ଉପଭୋକ୍ତା ମାନେ କେବଳ ପରୋକ୍ଷ କର ଦେଇଥାନ୍ତି। ଯେତେବେଳେ ଋଣ ବୋଝରେ ସମସ୍ତ ଜନତା ଆତଯାତ ହେବେ ଶେଷରେ ଋଣରୁ ଋଣ କ୍ଷେତ୍ର ହୋଇଯିବ ସମାଜ। ତେଣୁ ତୁଷ୍ଟିକରଣରୁ କ୍ଷାନ୍ତ ହୋଇ ସୃଷ୍ଟିକରଣ ଚିରନ୍ତନ ରୋଜଗାରର ପନ୍ଥା ଓ କର୍ମ ନିୟୋଜନ କରିପାରିଲେ ଦେଶର ଉନ୍ନତି ହେବ ନଚେତ ଋଣ ଓ ସୁଧର ଅଙ୍କ କଷା ମଧ୍ୟରେ ଆମେ ସମସ୍ତେ ହଜିଯିବା ଓ ଜୀବନର ପ୍ରାରମ୍ଭରୁ ଋଣ ବୋଝ ଧରି ଜନ୍ମ ହୋଇ କେବଳ ଋଣ ବୋଝ ଧରି ମଧ୍ୟ ବିଦାୟ ନେବା। ଅତଏବ ଯେତେଦିନ ପର୍ଯ୍ୟନ୍ତ ବଞ୍ଚିଥିବୁ କେବଳ କ'ଣ ଋଣରେ ହିଁ ବଞ୍ଚିଥିବୁ ଯାହା ଜାବତ୍ ଜୀବେତ୍ ଋଣଂ ଜୀବେତ୍...।

# ପରିଜା ସାହେବ




**ଅକ୍ଷୟ କୁମାର ରାଉତ**
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ:୯୯୩୭୬୯୧୪୭୫

ଯେଉଁ ବିଶ୍ୱବିଖ୍ୟାତ ବୈଜ୍ଞାନିକଗଣ ନିଜର ମହାନ୍ ଅବଦାନ ଦ୍ୱାରା ବିଜ୍ଞାନ ଜଗତକୁ ଋଦ୍ଧିମନ୍ତ କରି ମାନବସମାଜକୁ ବିପୁଳ ଜ୍ଞାନାଲୋକରେ ଉଦ୍ଭାସିତ କରିଯାଇଛନ୍ତି। ସେମାନଙ୍କ ମଧ୍ୟରେ ବାପ ମା' ଛେଉଣ୍ଡ ନିପଟ ମଫସଲ ଗାଁର ଦରିଦ୍ର ଓଡ଼ିଆ ପିଲା ପ୍ରାଣକୃଷ୍ଣ ପରିଜା ନିଜ ଗୋଡ଼ରେ ଠିଆହୋଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଗବେଷଣାକରି ବିଶ୍ୱବିଖ୍ୟାତ ବୈଜ୍ଞାନିକ ହେବାର ଗୌରବ ଅର୍ଜନ କରିଥିଲେ। ପ୍ରାଣକୃଷ୍ଣ ପରିଜା ଆଦିକବି ଶାରଳା ଦାସଙ୍କ ବଂଶଜ ପରିଡା ବଂଶ ସାରୋଳ ଗ୍ରାମରୁ ଯାଇ ଜଗତ୍‌ସିଂହପୁରର ଖେରସ ଓ ବାଲିକୁଦାର ଇଚ୍ଛାପୁର ଗ୍ରାମରେ ବସତି ସ୍ଥାପନ କରିଥିଲେ। କ୍ରମେ ପରିଡା ବଂଶର ଲୋକେ ପରିଜା ସାଙ୍ଗିଆରେ ପରିଚିତ ହେଲେ।

୧୮୯୧ ମସିହା ଏପ୍ରିଲ ପହିଲା ତାରିଖଦିନ ପ୍ରାଣକୃଷ୍ଣ ଇଚ୍ଛାପୁର ଗ୍ରାମର ବିଶ୍ୱନାଥ ପରିଜା ଓ ଜୟନ୍ତି ପରିଜାଙ୍କ ପୁତ୍ର ରୂପେ ଜନ୍ମଗ୍ରହଣ କରିଥିଲେ। ବିଶ୍ୱନାଥ ପରିଜା ପାଠ ପଢ଼ି ନଥିବାରୁ ମୟୁରଭଞ୍ଜରେ ଫରେଷ୍ଟଗାର୍ଡ ରୂପେ କାର୍ଯ୍ୟ କରୁଥିଲେ। ତେଣୁ ପ୍ରାଣକୃଷ୍ଣ ଗାଁ ଚାହାଳିରେ ନିଜର ପଢ଼ା ଆରମ୍ଭ କରିଥିଲେ। ଦିନଯାକ ଚାହାଳିରେ ପ୍ରାଣକୃଷ୍ଣ ପାଠ ପଢ଼ନ୍ତି ଓ ରାତିରେ ଭାଗବତ ଟୁଙ୍ଗୀରୁ ମହାଭାରତ, ରାମାୟଣ ଓ ଭାଗବତ ଶୁଣନ୍ତି। ଏହି ପୁରାଣର କାହାଣୀଗୁଡିକ ପ୍ରାଣକୃଷ୍ଣଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା। ଚାହାଳି ପାଠପଢ଼ା ଶେଷ ହେବା ପରେ ତାଙ୍କ ମା' ପ୍ରାଣକୃଷ୍ଣଙ୍କୁ ତାଙ୍କର ଧର୍ମ ମଉସା ଉଦୟନାଥ ପାଖକୁ ଚାକିରି ପାଇଁ ପଠାଇ ଦେଲେ। ମଉସା ଉଦୟନାଥ ଜଗତ୍‌ସିଂହପୁରର ଲାଲବଂଶୀୟମାନଙ୍କ ଜମିଦାରୀ ଅଧୀନରେ ତହସିଲଦାର ରୂପେ କାର୍ଯ୍ୟ କରୁଥିଲେ। ପ୍ରାଣକୃଷ୍ଣ ଜମିଦାରୀ କାଗଜପତ୍ର କାମ ସାଙ୍ଗକୁ କଚେରୀରେ କାମ ଶିଖନ୍ତି ଓ ନିଜେ ରୋଷେଇ କରି ଖାଆନ୍ତି। ବାପା ମୟୂରଭଞ୍ଜରୁ ଘରକୁ ଆସି ପ୍ରାଣକୃଷ୍ଣଙ୍କୁ ୧୯୦୧ ମସିହାରେ ବାଲିକୁଦା ମାଇନର ସ୍କୁଲରେ ନାମ ଲେଖାଇଦେଲେ। ସେଠାରେ ପ୍ରାଣକୃଷ୍ଣ ମନ ଲଗାଇ ପାଠପଢ଼ିଲେ। ଏହି ସମୟରେ ତାଙ୍କର ପିତା ଆରପାରିକୁ ଚାଲିଗଲେ। ମା' ଜୟନ୍ତି ଦେବୀ ସ୍ୱାମୀଙ୍କୁ ଝୁରି ଝୁରି ଆଖି ବୁଜିଦେଲେ। ପ୍ରାଣକୃଷ୍ଣ ହୋଇଗଲେ ଅନାଥ ବାପା ମା' ଛେଉଣ୍ଡ ପିଲା। ତାଙ୍କ ବାପାଙ୍କ ଦାଦା ରଘୁନାଥ ପ୍ରାଣକୃଷ୍ଣଙ୍କ ଲାଳନପାଳନ ଓ ପାଠପଢ଼ାର ଦାୟିତ୍ୱ ନେଲେ। ପାଠ ପଢ଼ିବା ପାଇଁ ପ୍ରତିଦିନ ପ୍ରାଣକୃଷ୍ଣଙ୍କୁ ୪ ମାଇଲ ଚାଲିବାକୁ ପଡୁଥିଲା। ୧୯୦୪ ମସିହାରେ ପ୍ରାଣକୃଷ୍ଣ ମଧ୍ୟ ଇଂରାଜୀ ପାଠ ଶେଷ କରିଥିଲେ। ପରୀକ୍ଷାରେ ସାରା ଓଡ଼ିଶାରେ ପ୍ରଥମ ହୋଇ ଚାରିଟଙ୍କା ବୃତ୍ତି ପାଇଲେ। ଆଖପାଖରେ କେଉଁଠି ହାଇସ୍କୁଲ ନଥିବାରୁ ଜେଜେ ପ୍ରାଣକୃଷ୍ଣ ନାମ କଟକ ରେଭେନ୍ସା କଲେଜିଏଟ୍ ସ୍କୁଲର ଲେଖାଇଦେଲେ।

ଗାଁରୁ କଟକ ଯିବା ଆସିବା କରିବା ପାଇଁ ସେତେବେଳ ବିଷେଶ କିଛି ସୁବିଧା ନଥିଲା। ବିଦ୍ୟାଳୟ ଛୁଟି ହେଲେ ପ୍ରାଣକୃଷ୍ଣ ପ୍ରାୟ ୩୪ ମାଇଲ ବାଟ ଚାଲି ଚାଲି ଆସନ୍ତି ଓ ଯାଆନ୍ତି। ପ୍ରାଣକୃଷ୍ଣ ବାଟୋଇମାନଙ୍କ ସହିତ ରାତ୍ରିଯାପନ କରନ୍ତି ଚଟିଘରେ। ସେ ବାବଦକୁ ମାଲିକକୁ ଛ' ପଇସା ଦିଅନ୍ତି। ଚଟିଘରେ ଯାତ୍ରୀମାନେ ରୋଷେଇ କରନ୍ତି ଓ ଖିଆପିଆ ସାରି ଶୋଇପଡନ୍ତି। ପ୍ରାଣକୃଷ୍ଣଙ୍କ ଘରଠାରୁ ରେଭେନ୍ସା କଲେଜିଏଟ୍ ସ୍କୁଲ ପର୍ଯ୍ୟନ୍ତ ୬ଟି ଚଟିଘର ଥାଏ ଯାତ୍ରୀଙ୍କ ବିଶ୍ରାମ ନିମନ୍ତେ। ସ୍କୁଲରେ ପଢ଼ିବା ସମୟରେ ପ୍ରାଣକୃଷ୍ଣ ପ୍ୟାଣ୍ଟ୍ ବଦଳରେ ତ ବୁଣା ଖଦୀ ପିନ୍ଧିଥାନ୍ତି ଓ ଚଦରଟିଏ ବେକରେ ପକାଇ ଥାଆନ୍ତି। ବିଦ୍ୟାଳୟରେ ପ୍ରାଣକୃଷ୍ଣଙ୍କ ଏହିପରି ପରିଧାନ ନେଇ ପଣ୍ଡିତ ମହାଶୟ କହିଲେ ତୁ ଦିନେ ବଡ ମଣିଷ ହେବୁ। ଭବିଷ୍ୟତରେ ତାଙ୍କ ପଣ୍ଡିତଙ୍କ କଥା ସତରେ ପରିଣତ ହେଲା। ପତ୍ରପତ୍ରିକାରେ ପ୍ରବନ୍ଧ ଲେଖି ସେ ଚାରିଶହ ଟଙ୍କ ପୁରସ୍କାର ପାଇଥିଲେ। ଏହି ଟଙ୍କାର ମୂଲ୍ୟ ସେତେବେଳେ ଖୁବ୍ ବେଶୀ। ଶେଷରେ ସେ ହାଇସ୍କୁଲ ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ହୋଇ ପାସ୍ କଲେ। ତେଣୁ ତାଙ୍କୁ ମାସିକ ୨୦ ଟଙ୍କା ସରକାରୀ ବୃତ୍ତି ମିଳିଲା। ରେଭେନ୍ସା କଲେଜରେ ସେ ଆଇ.ଏସ୍‌ସି ପାସ୍ କଲେ। ରେଭେନ୍ସା କଲେଜରେ ବି.ଏସ୍‌ସି. ନଥିବାରୁ କଲିକତାର ପ୍ରେସିଡେନ୍ସି କଲେଜରେ ବି.ଏସ୍‌ସି ପାଠ ପଢ଼ିଲେ। ଚଳିବା ପାଇଁ ଅର୍ଥର ଅବଶ୍ୟକତାରୁ ସେ କଲିକତାରେ ଟିଉସନ୍ କଲେ। ବି.ଏସ୍‌ସି ପାସ୍ ପରେ ଏମ.ଏସ୍‌ସି. ପଢ଼ିଲେ। ପ୍ରାଣକୃଷ୍ଣ ଏମ୍.ଏସ୍‌ସି.ରେ ପାସ୍ କରିପାରିଲେ ନାହିଁ। ଏହାଥିଲା ତାଙ୍କ ଜୀବନର ପ୍ରଥମ ବିଫଳତା। ପ୍ରାଣକୃଷ୍ଣ ବିହାର - ଓଡ଼ିଶା ଛାତ୍ରବୃତ୍ତି ପାଇ ବିଲାତ ପଢ଼ିବାକୁ ଗଲେ। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କ୍ରାଏଷ୍ଟ କଲେଜରେ ଉଦ୍ଭିଦ ବିଜ୍ଞାନ ପଢ଼ିଲେ। ଉଦ୍ଭିଦ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିବାରୁ ତାଙ୍କୁ ଗବେଷଣା ପାଇଁ ଛାତ୍ରବୃତ୍ତି ମିଳିଥିଲା।

ପ୍ରାଣକୃଷ୍ଣ ଅଧ୍ୟାପକ ବ୍ଲାକ୍‌ମ୍ୟାନ୍‌ଙ୍କ ଅଧୀନରେ ଚେରିଲ ପତ୍ର ଉପରେ ଗବେଷଣା କଲେ। ଗଛର ଶ୍ୱାସକ୍ରିୟା ଉପରେ ସେ ଯେଉଁ ନୂଆ ତତ୍ତ୍ୱ ବାହାରକଲେ ତାହା 'ପରିଜା-ବ୍ଲାକ୍‌ମ୍ୟାନ' ଥିଓରି ଭାବେ ପରିଚିତ। ଏହାପରେ ସେ ପୃଥିବୀର ଖ୍ୟାତନାମା ବୈଜ୍ଞାନିକ ହୋଇଗଲେ। ବିଲାତରେ ସାତ ବର୍ଷକାଳ ସାହେବମାନଙ୍କ ମେଳରେ ରହି ସେମାନଙ୍କ ଠାରୁ ଭଲଗୁଣ ଗ୍ରହଣ କରିଥିଲେ। ଗାଁରୁ ଶିଖିଥିବା ଦୟା, କ୍ଷମା, ସରଳତା ଓ ସାଧୁତା ସାଙ୍ଗରେ ବିଲାତର ଭଲଗୁଣ ଗୁଡିକ ମିଶିଯିବାରୁ ସେ ଏକ ନୂଆ ମଣିଷ ପାଲଟିଗଲେ। ନାମହେଲା 'ପରିଜା ସାହେବ'।



ପରିଜା ସାହେବ ରେଭେନ୍‌ସା କଲେଜରେ ଉଦ୍ଭିଦ ବିଜ୍ଞାନରେ ମୁଖ୍ୟ ଅଧ୍ୟାପକ ରୂପେ ଯୋଗଦେଲେ। ତାଙ୍କ ଚେଷ୍ଟାରୁ ରେଭେନ୍ସା କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ସମଗ୍ର ଭାରତବର୍ଷରେ ଗବେଷଣାର କେନ୍ଦ୍ରସ୍ଥଳୀ ପାଲଟିଗଲା। ବିଭିନ୍ନ ପ୍ରକାର ଦଳ ଉପରେ ଗବେଷଣା କରି ସେ ଅନେକ ନୂଆ କଥା ବାହାର କରିଥିଲେ। ମରୁଡି, ବନ୍ୟା ଓ ଲୁଣିପାଣି ଯୋଗୁଁ ବହୁ ସମୟରେ ଧାନ ଫସଲ ନଷ୍ଟ ହୋଇଯାଇଥାଏ। ଧାନ ଉପରେ ଗବେଷଣାକରି ସେ ବହୁ ନୂଆ ତତ୍ତ୍ୱ ବାହାର କଲେ। ଅଳ୍ପଦିନ ମଧ୍ୟରେ ସେ ପ୍ରଖ୍ୟାତ ବୈଜ୍ଞାନିକ ହୋଇଗଲେ।

ମହାନ୍ ବୈଜ୍ଞାନିକ ପରିଜା ସାହେବ ବାଲିପାଟଣା ଗାଁର ଗୌରାଙ୍ଗ ଚରଣ କାନୁନ୍‌ଗୋଙ୍କ ବଡ଼ଝିଅ ସୁନ୍ଦରମଣିଙ୍କୁ ବିବାହ କଲେ। ସୁନ୍ଦରମଣି ଅଳ୍ପ ପାଠ ପଢ଼ିଥିବାରୁ ତାଙ୍କୁ ପାଠପଢ଼ାଇ ଠିକ୍ ଓଡ଼ିଆ ଘରର ବୋହୂ ପରି ଗଢ଼ିଦେଲେ। ବାହାରକୁ ଗଲେ ପରିଜା ସାହେବ ଯାଆନ୍ତି ଠିକ୍ ସାହେବ ପରିଧାନରେ କିନ୍ତୁ ସୁନ୍ଦରମଣି ଯାଉଥିଲେ ଖାଂଟି ଓଡ଼ିଆଣୀ ପୋଷାକ ପିନ୍ଧି। ଘରର ଚଳଣି ଓ ଖାଦ୍ୟପେୟ ଠିକ୍ ଓଡ଼ିଆର ଦହିପଖାଳ, ଶାଗ, ବଡ଼ି, କାଞ୍ଜିପାଣି, ଚକୁଳି, ପିଠା। ସେ କେବେ ନିଜ ଗାଁର ପାଣିପବନ ଓ ଓଡ଼ିଆର ସଂସ୍କୃତି ଓ ପରମ୍ପରାକୁ ଭୁଲନ୍ତି ନାହିଁ।

ରେଭେନ୍ସା କଲେଜରେ ଅଧ୍ୟାପକରୁ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ। ଅଧ୍ୟକ୍ଷ ପଦରୁ ଯାଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦରେ ବସିଲେ। ବିଭିନ୍ନ ସମୟରେ ସେ କୁଳପତି ରୂପେ ଦୀର୍ଘ ୧୮ ବର୍ଷ କାର୍ଯ୍ୟ କରିଥିଲେ। ବନାରସ 'ହିନ୍ଦୁ' ବିଶ୍ୱବିଦ୍ୟାଳୟର ଉପକୁଳପତି ପଦରେ କିଛି କାଳ କାର୍ଯ୍ୟ କରିଥିଲେ। ସେ କୁଳପତି ପାଇଁ ମନୋନୀତ ହୋଇ ମଧ୍ୟ ହୋଇପାରିଲେ ନାହିଁ। କାରଣ ସେ ହିନ୍ଦି ଭାଷାଭାଷୀ ଅଞ୍ଚଳର ଲୋକ ନଥିଲେ। ବନାରସରୁ ଫେରି ପରିଜା ସାହେବ ନିଜ ଗାଁ ଇଚ୍ଛାପୁରରେ ରହି ଲୋକମାନଙ୍କର ସୁବିଧା ଓ ଅସୁବିଧା ବୁଝିଲେ। ବାଲିକୁଦାରୁ ସ୍ୱାଧୀନ ପ୍ରାର୍ଥୀ ରୂପେ ଠିଆହୋଇ ବିଜୟ ଲାଭକରି ବିଧାୟକ ହେଲେ। ସଭାସମିତି ହେଉ ବା ଘରକାର୍ଯ୍ୟ ହେଉ ସବୁ କାମରେ ସେ ଥିଲେ ସମୟାନୁବର୍ତ୍ତିତା। ଠିକ୍ ସମୟରେ ଠିକ୍ କାମ ସର୍ବଦା କରୁଥିଲେ।

ସଦାସର୍ବଦା ପରିଜା ସାହେବ ନିଜ କାମ ନିଜେ କରୁଥିଲେ। ସେ କୌଣସି କାର୍ଯ୍ୟ ପାଇଁ କାହା ଉପରେ ନିର୍ଭର କରୁନଥିଲେ। ଜଣେ ବୈଜ୍ଞାନିକ ହେଲେ ବି ରାମାୟଣ, ମହାଭାରତ, ଭାଗବତ ଆଦି ବିଭିନ୍ନ ପୁରାଣ ଓ ଇତିହାସ ପାଠ କରୁଥିଲେ। ସେ ଥିଲେ ଜ୍ଞାନର ପ୍ରତୀକ। ସେ ମେଧାବୀ ଛାତ୍ରମାନଙ୍କୁ ନିଜ ଦରମାରୁ ସାହାଯ୍ୟ କରୁଥିଲେ। କୌଣସି ଛାତ୍ର ଅସୁବିଧାରେ ପଡ଼ିଲେ ପରିଜା ସାହେବ ସାହାଯ୍ୟ କରୁଥିଲେ।

ନିଜ ଦେହ କଥା ପଛକୁ ରଖି କର୍ତ୍ତବ୍ୟକୁ ସେ ପ୍ରଥମ ସ୍ଥାନ ଦେଉଥିଲେ। ତାଙ୍କର ସହକର୍ମୀ ତଥା ବନ୍ଧୁମାନେ ସେଥିପାଇଁ ଭାବନ୍ତି ପରିଜା ସାହେବ ମଣିଷ ନା ଦେବତା। ସେ କୁଳପତି ପଦବୀ ଠାରୁ ପଦ୍ମଭୂଷଣ ଉପାଧି ଯାଏଁ ଅନେକ ସମ୍ମାନ ପାଇଛନ୍ତି। ସେଥିରେ ପ୍ରଥମ ଓଡ଼ିଆ ଯେ ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ପଦ ମଣ୍ଡନ କରିଥିଲେ।

ଆଗେ ତ ସୁନ୍ଦରମଣି ଯାଇଥିଲେ ତା'ପରେ ସେହି ମହାନ୍ ବୈଜ୍ଞାନିକ ୧୯୭୯ ମସିହା ଜୁନ୍ ମାସ ୨ ତାରିଖରେ ଶୁକ୍ରବାର ସକାଳ ୧୧.୫୫ ମିନିଟ୍‌ରେ ଚିରନିଦ୍ରାରେ ଶୋଇଗଲେ।

# ସତର୍କ ରହିଲେ ପାଖ ମାଡ଼ିବନି କର୍କଟ



**ଡା. ଚିନ୍ମୟ କୁମାର ପାଣି**
ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ
ଭୁବନେଶ୍ୱର

ବିଭିନ୍ନ କାରଣରୁ ଏବେ ଅନେକ ପ୍ରକାର କର୍କଟ ରୋଗ ସୃଷ୍ଟି ହେଲାଣି ସତ କିନ୍ତୁ ଉପଯୁକ୍ତ ସମୟରେ ରୋଗ ଚିହ୍ନଟ ସହ ଚିକିତ୍ସା ଆରମ୍ଭ ହେଲେ ଏବଂ ରୋଗୀର ମନୋବଳ ଦୃଢ଼ ହେଲେ କର୍କଟ ଭଳି ରୋଗକୁ ପରାଜିତ କରାଯାଇପାରିବ। ଏପରିକି କର୍କଟ ରୋଗ ସହ ଲଢୁଥିବା ରୋଗୀ ମନୋବଳକୁ ଦୃଢ଼ ରଖି ଚିକିତ୍ସା ଉପରେ ଧ୍ୟାନ ଦେବା ଦରକାର। ସର୍ଭାଇଭର ଡେ'ରେ ଏହି ମତ ରଖିଛନ୍ତି ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଚିନ୍ମୟ କୁମାର ପାଣି। କେବଳ ଏତିକି ନୁହେଁ ଡାକ୍ତର ଶ୍ରୀ ପାଣି ବର୍ତ୍ତମାନର କର୍କଟ ସ୍ଥିତି ସଂପର୍କରେ ସୂଚନା ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ଏବେ ସର୍ବାଧିକ ଭାବେ ସ୍ତନ ଓ ମୁଖଗହ୍ୱର କର୍କଟ ରେକର୍ଡ ସୃଷ୍ଟି କଲାଣି। ଅତ୍ୟଧିକ ନିଶା କାରବାର ସାଙ୍ଗକୁ ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଆଧୁନିକତାର ଛାପ ଏହାର ମୁଖ୍ୟ କାରଣ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସେହିଭଳି ଭାରତରେ ପ୍ରତି ୫ଜଣରେ ୩ଜଣ, ଆମେରିକାରେ ପ୍ରତି ୪ଜଣରେ ଜଣେ କର୍କଟ ରୋଗୀ ମୃତ୍ୟୁବରଣ କରୁଥିବା ବେଳେ ଚୀନ୍‌ରେ ପ୍ରତି ୨ଜଣରେ ଜଣେ କର୍କଟ ରୋଗୀ ଆଖି ବୁଜି ଦେଉଛନ୍ତି। ଲାନ୍‌ସେଟ ରିଜିଓନାଲ ହେଲ୍‌ଥ ସାଉଥଇଷ୍ଟ ଏସିଆ ପତ୍ରିକାରେ ଏଭଳି ଅନେକ ତଥ୍ୟ ପ୍ରକାଶ ପାଇଛି। ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ ବା ଆଇସିଏମ୍‌ଆର୍ ଅଧ୍ୟୟନରୁ ଜଣାପଡେ ଯେ, ସମଗ୍ର ବିଶ୍ୱରେ ଏବେ ସର୍ବାଧିକ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଏମିତିକି ଦେଶଓ୍ୱାରୀ କର୍କଟ ରୋଗୀଙ୍କ ସଂଖ୍ୟା ନେଇ ଯେଉଁ ତାଲିକା କରାଯାଇଛି ସେଥିରେ ତୃତୀୟ ସ୍ଥାନରେ ରହିଛି ଭାରତ। ବିଶ୍ୱର କର୍କଟ ଜନିତ ମୃତ୍ୟୁର ୧୦ପ୍ରତିଶତ କେବଳ ଭାରତରେ ହେଉଛି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ କର୍କଟଜନିତ ମୃତ୍ୟୁ ପରିଚାଳନା କରିବାରେ ଏକ ମସ୍ତବଡ ଚ୍ୟାଲେଞ୍ଜକୁ ସାମ୍ନା କରିବ। କାରଣ ଗ୍ଲୋବାଲ କ୍ୟାନ୍‌ସର ଅବଜରଭେଟୋରି-୨୦୨୨ ଏବଂ ଗ୍ଲୋବାଲ ହେଲ୍‌ଥ ଅବଜରଭେଟୋରି ତଥ୍ୟ ଆଧାରରେ ୨୦ବର୍ଷ ମଧ୍ୟରେ ୩୬ପ୍ରକାର କର୍କଟ ରୋଗ ଉପରେ ପରୀକ୍ଷଣ ହୋଇଥିଲା ଏବଂ କର୍କଟ ରୋଗ ଜନିତ ମୃତ୍ୟୁ ପ୍ରତିବର୍ଷ ବୃଦ୍ଧି ପାଉଥିବା ଏହି ପରିକ୍ଷଣ ବେଳେ ବିଶେଷଜ୍ଞ ଟିମ୍ ଜାଣି ପାରିଥିଲେ। କେବଳ ଏତିକି ନୁହେଁ ପରୀକ୍ଷଣରୁ ଆଉ କିଛି ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ଉଭୟ ପୁରୁଷ ଓ ମହିଳାଙ୍କୁ ପ୍ରଭାବିତ କରୁଥିବା ୫ଟି ସାଧାରଣ କର୍କଟ ରୋଗ ସମୂହ ଭାରତରେ କର୍କଟ ବୋଝର ୪୪ ପ୍ରତିଶତ। ପୁରୁଷଙ୍କ ଅପେକ୍ଷା ମହିଳାମାନେ ଏ କ୍ଷେତ୍ରରେ ଅଧିକ ଜଟିଳ ସ୍ଥିତିକୁ ସାମ୍ନା କରୁଛନ୍ତି। ମହିଳାଙ୍କ ପାଇଁ ଏବେ ସବୁଠୁ ବଡ଼ କାଳ ସାଜିଛି ସ୍ତନ କର୍କଟ ରୋଗ। ଯଦିଓ ଏହି ସ୍ତନ କର୍କଟ ଉଭୟ ପୁରୁଷ ଓ ମହିଳାଙ୍କୁ ହୋଇଥାଏ ମାତ୍ର ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି ମହିଳା। ସ୍ତନ କର୍କଟ ସାଙ୍ଗକୁ ତାଳ ଦେଇ ବଢ଼ି ଚାଲିଛି ଗର୍ଭାଶୟ କର୍କଟ। ବାର୍ଷିକ ନୂଆ ମାମଲାରେ ଗର୍ଭାଶୟ କ୍ୟାନ୍‌ସର ୯.୨ ପ୍ରତିଶତ ଥିବାବେଳେ ସ୍ତନ କର୍କଟ ୧୩.୮ ପ୍ରତିଶତ ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ଏହି ରୋଗ ବଢ଼ିବାରେ ନିର୍ଦ୍ଦିଷ୍ଟ କାରଣ ସଂପର୍କରେ ରିପୋର୍ଟରେ କିଛ ଉଲ୍ଲେଖ ନଥିବା ବେଳେ ଅତ୍ୟାଧୁନିକ ଜୀବନଶୈଳୀ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ବାର୍ଷିକ ହାରରେ ଯେଉଁଭଳି କର୍କଟ ଜନିତ ମୃତ୍ୟୁ ହେଉଛି ସେଥିରେ ୨୪ପ୍ରତିଶତ ସ୍ତନ କର୍କଟ ପାଇଁ ହେଉଛି। ସେହିଭଳି ପୁରୁଷମାନଙ୍କ ସ୍ଥିତିକୁ ବିଚାର କଲେ ସେମାନଙ୍କ ଶରୀରରେ ଯେତେ ପ୍ରକାର କର୍କଟ ଚିହ୍ନଟ କରାଯାଉଛି ସେଥିରେ ସର୍ବାଗ୍ରେ ରହିଛି ମୁଖ ଗହ୍ୱର କର୍କଟ। ନୂଆ ମାମଲାରେ ଏହି କର୍କଟ ରୋଗୀଙ୍କ ସଂଖ୍ୟା ହେଉଛି ୧୬ପ୍ରତିଶତ। ଏହା ପଛକୁ ଅଛି ଶ୍ୱାସନଳୀ ଜନିତ କର୍କଟ। ପ୍ରତିବର୍ଷ ଯେତେ ପ୍ରକାର କର୍କଟ ରୋଗୀ (ପୁରୁଷ) ଚିହ୍ନଟ ହେଉଛନ୍ତି ସେଥିରେ ୯ପ୍ରତିଶତ ଶ୍ୱାସନଳୀ ଜନିତ ଏବଂ ୭ ପ୍ରତିଶତ ଖାଦ୍ୟନଳୀ ବା ପାକସ୍ଥଳୀଜନିତ ରହିଛି। ପ୍ରାୟତଃ ବୟସ୍କ ଲୋକମାନେ ସର୍ବାଧିକ ଏହି ତିନି ପ୍ରକାର କର୍କଟ ରୋଗରେ ପୀଡିତ ହେଉଛନ୍ତି। ଏହି ତିନୋଟି ମୁଖଗହ୍ୱର, ଶ୍ୱାସନଳୀ ଏବଂ ଖାଦ୍ୟନଳୀ ଜନିତ କର୍କଟର କାରଣ ସଂପର୍କରେ ବିଶେଷଜ୍ଞମାନେ ସର୍ଭେ ରିପୋର୍ଟରେ ସେଭଳି କିଛି ଦର୍ଶାଇନଥିଲେ ହେଁ ଏହା ମୁଖ୍ୟତଃ ଧୂମ୍ରପାନ, ନିଶାସେବନ, ପାନ ଓ ଗୁଟ୍‌ଖାର ଅତ୍ୟଧିକ ବ୍ୟବହାର ସହିତ ବାୟୁମଣ୍ଡଳ ପ୍ରଦୂଷଣ ପାଇଁ ହୋଇଥାଏ ବୋଲି କୁହାଯାଉଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଏବେ ଆମମାନଙ୍କୁ ଅଧିକ ସଚେତନ ରହିବାର ଆବଶ୍ୟକତା ରହିଛି। ଖାଦ୍ୟପେୟ ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଜୀବନଶୈଳୀ ସବୁ କ୍ଷେତ୍ରରେ ସଜାଗ ରହିବାର ସମୟ ଆସିଯାଇଛି। ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ, ରୋଗ ଆରମ୍ଭରୁ ଉପଚାର ଏବଂ କର୍କଟରୋଗୀଙ୍କୁ ହତାଦାର କରାନଯିବା ଆମ ସମାଜର ମୁଖ୍ୟ କର୍ତ୍ତବ୍ୟ ପାଲଟିଯାଇଛି।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର
ପୃଷ୍ଠା-କ
Page-A
ଭୁବନେଶ୍ୱର
Bhubaneswar
୦୨.୦୬.୨୦୨୫
02.06.2025



ଆସିକା(ଭାସ୍କର ନ୍ୟୁଜ): ଆସିକା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଗଞ୍ଜାମ ପଶ୍ଚିମ କଂଗ୍ରେସର ବହୁ ଯୁବ ନେତୃବୃନ୍ଦଙ୍କ ଉପସ୍ଥିତିରେ ଆଗାମୀ ୬ ତାରିଖରେ ହିଞ୍ଜିଳିରେ ସମ୍ବିଧାନ ବଞ୍ଚାଅ ସମ୍ମିଳନୀ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ। ଓଡିଶା ପ୍ରଦେଶ କଂଗ୍ରେସ ଉପସଭାପତି ରମେଶ ଜେନା ଯୋଗଦେଇ କର୍ମୀମାନଙ୍କୁ ଉଦ୍ଭାବିତ କରିବା ସହିତ ସମ୍ବିଧାନ ବଞ୍ଚାଅ ଅଭିଯାନକୁ ସାଧାରଣ ଜନତାଙ୍କ ପାଖରେ ପହଂଚାଇବା ପାଇଁ ଉପଦେଶ ଦେଇଥିଲେ। ଗଞ୍ଜାମ ଜିଲ୍ଲା ପଶ୍ଚିମ କଂଗ୍ରେସ ସଭାପତି ରବୀନ୍ଦ୍ର ନାଥ ଶର୍ମାଙ୍କ ଆବାହକତ୍ୱରେ ବୈଠକରେ ଆସିକା କଂଗ୍ରେସ ସାଂସଦ ପାର୍ଥ୍ୟ ଦେବକାନ୍ତ ଶର୍ମା ଯୁବ ବର୍ଗଙ୍କୁ ପ୍ରେରଣାଦାୟୀ ବକ୍ତାବ୍ୟ ଦେଇ ଉତ୍ସାହିତ କରିଥିଲେ। ୮ ନିର୍ବାଚନ ମଣ୍ଡଳୀର ବହୁ ଯୁବ କଂଗ୍ରେସ କର୍ମୀ ରମେଶ ଜେନାଙ୍କୁ ସ୍ୱାଗତ କରିଥିଲେ। ସମ୍ବିଧାନ ତାର ମୌଳିକତା ହରାଉଛି, ସେଥିପାଇଁ ବିଜେପି ସରକାର ସମ୍ପୂର୍ଣ୍ଣ ଭାବରେ ଦାୟୀ ବୋଲି କହିଛନ୍ତି ପ୍ରଦେଶ କଂଗ୍ରେସ ଉପସଭାପତି ରମେଶ ଜେନା। ଜାତିଭିତ୍ତିକ ଜନଗଣନା କ୍ଷେତ୍ରରେ ସରକାର ବିମାତୃକ ନୀତି ଆପଣାଉଥିବା ବେଳେ ଏହି କଥାକୁ ସାଧାରଣ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଜନ ଆନ୍ଦୋଳନର ରୂପ ଦେବାକୁ କହିଛନ୍ତି ବରିଷ୍ଠ ନେତା ଓ କଂଗ୍ରେସ କର୍ମୀ। ସମ୍ବିଧାନର ସୁରକ୍ଷା ଓ ଜନସାଧାରଣଙ୍କ ଅଧିକାରକୁ ନେଇ କଂଗ୍ରେସ ଚିନ୍ତିତ ବୋଲି କହିଛନ୍ତି ପ୍ରଦେଶ କଂଗ୍ରେସ ଉପସଭାପତି ରମେଶ ଜେନା। ବର୍ତ୍ତମାନର ସରକାର ସମ୍ବିଧାନର ମର୍ଯ୍ୟାଦା କ୍ଷୁର୍ଣ୍ଣ କରୁଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ ଗଞ୍ଜାମ ପଶ୍ଚିମ କଂଗ୍ରେସ ସଭାପତି ରବୀନ୍ଦ୍ର ନାଥ ଶର୍ମା।

# ରାସ୍ତାରେ ନର୍ଦ୍ଦମା ପାଣି, ତାତିଲେ ଗ୍ରାମବାସୀ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ବିରାଟ ବଜାରରୁ ଆଗ୍ରାହାଟକୁ ଯାଉଥିବା ରାସ୍ତାର ମହିମା ଫାର୍ମେସୀଠାରୁ ରାସ୍ତା ଉପରେ ଦୀର୍ଘମାସ ଧରି ନର୍ଦ୍ଦମା ପାଣି ଭାସିଚାଲିଛି। ଡ୍ରେନେଜ ବ୍ୟବସ୍ଥା ନହେବାରୁ ପୌରାଂଚଳରେ ବସବାସ କରୁଥିବା ଅଧିବାସୀମାନଙ୍କ ଘରୁ ନିର୍ଗତ ମଇଳା ପାଣି ଓ ବର୍ଜ୍ୟବସ୍ତୁ ରାସ୍ତା ଉପର ଦେଇ ଆଗ୍ରାହାଟ ଫଟାୟତ ଆଡ଼କୁ ମାଡ଼ିଚାଲିଛି। ରାସ୍ତା ପାର୍ଶ୍ୱରେ ଥିବା ପରିବାରମାନେ ଏଥିପାଇଁ ନିଜ ଘରୁ ବାହାରକୁ ବାହାରି ପାରୁନଥିବା ବେଳେ ମଶାମାଛି ସହ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ବର୍ଷାହେଲେ ଏହି ନର୍ଦ୍ଦମା ପାଣି ଘରମାନଙ୍କରେ ପଶିବା ସହିତ ଆଗ୍ରାହାଟରେ ଥିବା ପ୍ରସିଦ୍ଧ ଶୈବପୀଠ ବିଦେଶ୍ୱର ପୁଷ୍କରିଣୀକୁ ମଧ୍ୟ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏ ସମ୍ପର୍କରେ ଗ୍ରାମବାସୀମାନେ ବହୁବାର ପୌର କାର୍ଯ୍ୟାଳୟକୁ ଜଣାଇଥିଲେ ମଧ୍ୟ ସୁଖ ଏହାର କୌଣସି ନିର୍ଦ୍ଦ୍ୟାସ ବାହାରି ପାରିନାହିଁ। ଏହି ଘଟଣାରେ ଉତ୍ତେଜିତ ହୋଇ ଆଜି ଶତାଧିକ ମହିଳା ଓ ଗ୍ରାମବାସୀ ରାସ୍ତା ଉପରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ପୁଲିସ୍ ଘଟଣା ସ୍ଥଳରେ ପହଂଚି ସେମାନଙ୍କୁ ବୁଝାସୁଝା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ପ୍ରକାଶଥାଉ କି, ତିନିଦିନ ତଳେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଏହି ରାସ୍ତା ଦେଇ ଯାଉଥିବା ବେଳେ ଏଠାରେ ଓଭ୍ରଲ ନର୍ଦ୍ଦମା ପାଣି ରାସ୍ତା ଉପରେ ଭାସୁଥିବାର ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଚୌଦ୍ୱାର ପୌରପାଳିକାରେ ପହଂଚି ପୌରାଧକ୍ଷ, ଉପାଧକ୍ଷ, ପୌରଯନ୍ତ୍ରୀ, ଚୌଦ୍ୱାର ଆରଆଣ୍ଡବି ସୁପରିଟେଣ୍ଟ ଇଂଜିନିୟର ଓ ଏସ୍‌ଡିଓଙ୍କୁ ଡାକି ଏହା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା କରିଥିଲେ। ସୁପରିଟେଣ୍ଟ ଇଂଜିନିୟର ଆରଆଣ୍ଡବି ପ୍ରକାଶ କରିଥିଲେ ଯେ ଅତୀତରେ ଏହାର ସମାଧାନ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ପୌରପାଳିକା ଓ ପଞ୍ଚାୟତର ସୀମାରେ ଏହା ଅବସ୍ଥିତ ଥିବାରୁ ସୀମା ସମସ୍ୟାକୁ ନେଇ ଏହି ସମସ୍ୟାର ସମାଧାନ ହୋଇପାରୁନାହିଁ। ଅପରପକ୍ଷରେ ରାସ୍ତା ପାର୍ଶ୍ୱରେ ଏଆରସି ପାଚେରୀ ନିର୍ମାଣ କରି ଦେଇଥିବା ହେତୁ ବର୍ଷାଜଳ ପୂର୍ବରୁ ଯେଉଁ ସ୍ଥାନରେ ଯାଇ ପଡୁଥିଲା ସେଠାକୁ ଯିବା ପାଇଁ ବାଟ ବନ୍ଦ ହୋଇଯିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି ବୋଲି ଉପଧକ୍ଷ ପ୍ରକାଶ କରିଥିଲେ। ସମସ୍ତ ଘଟଣାକୁ ଅନୁଧ୍ୟାନ କରିବା ପରେ ମନ୍ତ୍ରୀ ଯେହେତୁ ରୋଡଟି ଆରଆଣ୍ଡବି ଅଧିନରେ ଯାଉଛି ତେଣୁ ଯଥାଶୀଘ୍ର ଏହାର ସମାଧାନ କରିବା ପାଇଁ ସୁପରିଟେଣ୍ଟ ଇଂଜିନିୟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ବନ୍ଧରେ ପୌରାଧକ୍ଷାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଏହା ଏକ ସମୟଦରଶୀଳ ଘଟଣା, ଏହାର ସମାଧାନ କରିବାକୁ ହେଲେ ପୌର କର୍ତ୍ତୃପକ୍ଷ, ପଞ୍ଚାୟତ କର୍ତ୍ତୃପକ୍ଷ, ଆରଆଣ୍ଡବି ଓ ଏଏଚଆରସି ଅଧିକାରୀ ମିଳିତ ଭାବରେ ଏକାଠି ହେଲେ ଏହାର ସମାଧାନ ବାହାରିପାରିବ। କିନ୍ତୁ ସାଧାରଣ ଜନତାଙ୍କ କହିବା ଅନୁସାରେ ଯେତେଶୀଘ୍ର ଏହି ସମସ୍ୟାର ସମାଧାନ ନ ହେଲେ ସେମାନଙ୍କ ଦୈନନ୍ଦିନ ଜୀବନଧାରା ପ୍ରଭାବିତ ହେବା ସହିତ ରୋଗାକ୍ରାନ୍ତ ହେଉଛନ୍ତି। ପୁନଶ୍ଚ ଏହି ରୋଡ୍‌ରେ ଷ୍ଟ୍ରିଟଲାଇଟ୍ ନଥିବାରୁ ସନ୍ଧ୍ୟା ହେଲେ ଏହି ରାସ୍ତାଟି ସମ୍ପୂର୍ଣ୍ଣ ଅନ୍ଧକାର ହୋଇପଡୁଛି। ଛାତ୍ରଛାତ୍ରୀ ଏବଂ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଯିବାଆସିବାରେ ଅସୁବିଧା ସମ୍ମୁଖୀନ ହେଉଥିବାବେଳେ ମହିଳାମାନେ ମଧ୍ୟ ସଂଧ୍ୟା ପରେ ଏହି ବାଟ ଦେଇ ଯିବା ପାଇଁ ଅସୁରକ୍ଷିତ ମଣୁଛନ୍ତି। ଏ ସମ୍ପର୍କରେ କିଛିଦିନ ତଳେ ସମ୍ବାଦରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀମାନେ ଆସି କେବଳ କ୍ଷେତ୍ର ପରିଦର୍ଶନ କରିଯାଇଥିଲେ କିନ୍ତୁ ଏପର୍ଯ୍ୟନ୍ତ ସେ ରାସ୍ତାରେ ଲାଇଟ୍ ଲାଗି ପାରିନଥିବାରୁ ପଂଚାୟତବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

# ତଳଅଣ୍ଡିଆ-ଦୋଳବେଦୀ ଛକ ରାସ୍ତାରେ ଆଣ୍ଠୁଏ ପାଣି



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ରାଜ୍ୟ ସରକାର ଲୋକମାନଙ୍କ ସମସ୍ୟା ଉପରେ ବିଶେଷ ଦୃଷ୍ଟି ଦେଇ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରିବା ଦିଗରେ ନିର୍ଦ୍ଦେଶ ଦେଇଥିବା ବେଳେ ତଳଅଣ୍ଡିଆ ଠାରୁ ନିମାପଡ଼ା ଦୋଳବେଦୀ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଉଛି। ମାତ୍ର ଏହି ରାସ୍ତା ସମତଳ ନଥିବା ବେଳେ ଖାଲ ଢ଼ିପ ଓ ଗୋଡ଼ି ଉଠି ଯାଇଥିବା ବେଳେ ଅନେକ ସ୍ଥାନରେ ଖାଲୁଆ ଜାଗାକୁ ପୋତା ନଯାଇ ରାସ୍ତା କରାଯାଇ ଥିବାରୁ ଦୁଇ ଫୁଟର ପାଣି ରାସ୍ତା ଉପରେ ଜମି ରହୁଛି। ଲୋକମାନଙ୍କ ଯାତାୟତରେ ଅସୁବିଧା ସୃଷ୍ଟି ହେଉଛି। ଏହି ରାସ୍ତା କୋଟି କୋଟି ଟଙ୍କା ବିନିମୟରେ ନିର୍ମାଣ କରାଯାଉଥିବା ବେଳେ ରାସ୍ତାର ଅବସ୍ଥା ଏପରି କେମିତି ହେଲା ବିଭାଗୀୟ ଅଧିକାରୀ କ'ଣ କରୁଥିଲେ ବୋଲି ଜନସାଧାରଣ ପ୍ରଶାସନଙ୍କୁ ପ୍ରଶ୍ନ କରିଛନ୍ତି। ଗତ କିଛିଦିନ ତଳେ ରାସ୍ତାରେ ପାଣି ଜମି ରହୁଥିବାରୁ ଯାତାୟତରେ ବାଧା ଉପୁଜିଥିଲା। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ପାଣି ପମ୍ପ ଦ୍ୱାରା ରାସ୍ତାରୁ ପାଣି ଶୁଖାଇଥିଲା। ଗତ ଶନିବାର ରାତ୍ରରେ ପ୍ରବଳ ବର୍ଷା ହେବା ଦ୍ୱାରା ରାସ୍ତା ଉପରେ ଦୁଇ ଫୁଟ ପାଣି ଜମି ରହିଛି। ଏବେ ନିମାପଡ଼ାର ଜନସାଧାରଣ କଥା ହେଉଛନ୍ତି ଏପରି ରାସ୍ତା ନିର୍ମାଣ ସମୟରେ ଅଧିକାରୀ କ'ଣ କରୁଥିଲେ, କିଛି ଜାଣବାର ହୋଇଛି କି? ଏହି ଚର୍ଚ୍ଚା ଏବେ ଜୋର ଧରିଛି। ସୂଚନା ଅନୁଯାୟୀ, ଦୋଳବେଦୀ ଛକଠାରୁ ତଳଅଣ୍ଡିଆ ପର୍ଯ୍ୟନ୍ତ ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତା ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ପାଣି ଜମା ହୋଇରହୁଛି। ଲୋକମାନଙ୍କର ଯାତାୟତରେ ବାଧା ସୃଷ୍ଟି ହେଉଛି। ଖାଲୁଆ ସ୍ଥାନ ପୋତା ନଯାଇ ଏପରି ରାସ୍ତା ନିର୍ମାଣ କରାଯାଉଛି ବୋଲି ଏପରି ଲୋକମାନେ ଅଭିଯୋଗ କରିଛନ୍ତି। କ'ଣ ପାଇଁ ଏପରି କାର୍ଯ୍ୟ କରାଯାଉଛି ତାହାକୁ ନେଇ ଲୋକଙ୍କ ବେଳ ଅସନ୍ତୋଷ ବଢ଼ିଛି। ଦିନରେ ଲଣ୍ଡନ ଦେଖାଇବା ସଦୃଶ ଜନସାଧାରଣଙ୍କ ଆଖିରେ ଆଙ୍ଗୁଠି ଗୁଞ୍ଜି ପ୍ରଶାସନ ଏପରି କାର୍ଯ୍ୟକୁ ତଦାରଖ ନ କରିବା ଏକ ପରିତାପର ବିଷୟ ବୋଲି ଜନସାଧାରଣ ମତବ୍ୟକ୍ତ କରିଛନ୍ତି। ଜୟନ୍ତୀ ଛକ ନିକଟରେ ମଧ୍ୟ ରାସ୍ତାରେ ପାଣି ଜମା ହୋଇ ରହୁଛି। ଅନେକ ସ୍ଥାନରେ ପାଣି ଜମା ହୋଇ ରହିବା ଦ୍ୱାରା ଗାଡ଼ି ଯାତାୟତରେ ବାଧା ଉପୁଜୁଛି। ରାସ୍ତା ଦେଇ କୋଣାର୍କ, ପୁରୀ, ଅସ୍ତରଙ୍ଗ, କାକଟପୁରପର୍ଯ୍ୟଟନ ସ୍ଥଳକୁ ଶହ ଶହ ଗାଡ଼ି ପ୍ରତ୍ୟେକ ଦିନ ଯାତାୟତ କରେ।

## ଯୁବକଙ୍କ ତଣ୍ଟି କାଟି ହତ୍ୟା, ଅଭିଯୁକ୍ତ ଗିରଫ

କଣିହାଁ(ଭାସ୍କର ନ୍ୟୁଜ): ଅନୁଗୁଳ ଜିଲ୍ଲା କଣିହାଁ ଥାନା ମସୁଣିହତା ଗ୍ରାମରେ ଯୁବକଙ୍କୁ ଗଳା କାଟି ହତ୍ୟା କରାଯାଇଛି। ମୃତକ ହେଲେ ମସୁଣିହତା ଗ୍ରାମର ବାବାଜୀ ନାଏକ(୨୫) ଏବଂ ହତ୍ୟାକାରୀ କଣିହାଁ କାକୁଡ଼ିଆ ଗ୍ରାମର ବିଭୂତି ନାଏକ(୩୫)। ପୁଲିସ ସୂତ୍ରରୁ ପ୍ରକାଶ ଯେ, କଣିହାଁ ଥାନା କାକୁଡ଼ିଆ ଗ୍ରାମର ବିଭୂତି ନାଏକର ସ୍ତ୍ରୀଙ୍କୁ ୭ମାସ ତଳେ ବାବାଜୀ ନାଏକ ପ୍ରେମ ବିବାହ କରିଥିଲେ। ସେହି ଦିନଠାରୁ ବାବାଜୀଙ୍କୁ ହତ୍ୟା କରିବା ନେଇ ଧମକ ଦେଇ ଆସୁଥିଲା ବିଭୂତି। ତେବେ ଶନିବାର ବିଳମ୍ବିତ ରାତି ପ୍ରାୟ ୨ଟା ବେଳେ ଘର ବାରଣ୍ଡାରେ ବାବାଜୀ ଶୋଇଥିଲେ। ତାଙ୍କୁ ଶୋଇଥିବାର ଦେଖି ବିଭୂତି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ଫେରାର ହୋଇ ଯାଇଥିଲା। ପରେ ପରିବାର ଲୋକେ ଅତି ଗୁରୁତର ଅବସ୍ଥାରେ ବାବାଜୀଙ୍କୁ କଣିହାଁ ମେଡ଼ିକାଲ ଆଣିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କଣିହାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସାହାଯ୍ୟରେ ଅନୁସନ୍ଧାନ ଚଳାଉଥିବା ବେଳେ ରବିବାର ସକାଳୁ ଅଭିଯୁକ୍ତଙ୍କୁ କାକୁଡ଼ିଆ ଗାଁରୁ ଗିରଫ କରିଛି। ମୃତ ବାବାଜୀ ନାଏକର ବାପା ଦାମୋଦରଙ୍କ ଲିଖିତ ଅଭିଯୋଗ କ୍ରମେ ପୁଲିସ ଏକ ହତ୍ୟା ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ମେଡ଼ିକାଲ ପଠାଇ ତଦନ୍ତ ଚଳାଇଛି। ଆସନ୍ତା କାଲି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାଯାଇଛି।

## ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ଓ ଷ୍ଟିଭେଡୋର୍ସ ଆସୋସିଏସନ୍ ମଧ୍ୟରେ ଆଲୋଚନା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦ୍ୱୀପ ପୋର୍ଟ ୱାର୍କର୍ସ ୟୁନିଅନ ଏବଂ ପାରାଦ୍ୱୀପ ଷ୍ଟିଭେଡର୍ସ ଆସୋସିଏସନ ମଧ୍ୟରେ ଜିପିଏମ ଶ୍ରମିକଙ୍କ ସମସ୍ୟାର ସମାଧାନ ପାଇଁ ଶନିବାର ଏକ ୯ଦଫା ଦାବି ସମ୍ବନ୍ଧରେ ଏମ୍ପାୟାର୍ସ ହୋଟେଲର ସମ୍ମିଳନୀ କକ୍ଷରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ସାଂସଦ ତଥା ୟୁନିଅନର ସଭାପତି ଡ଼ଃ.ବିଭୁ ପ୍ରସାଦ ତରାଇ ସଭାପତିତ୍ୱ କରିଥିଲେ। ବୈଠକରେ ୭ଗୋଟି ଦାବି ଯଥା, ଜପଏମ ଶ୍ରମିକଙ୍କୁ ୟୁନିଫୋର୍ମ, ଅବସରକାଳୀନ ଗ୍ରାଚୁଇଟି, କର୍ମକ୍ଷେତ୍ରରେ ଦୁର୍ଘଟଣା ଜନିତ ମୃତ୍ୟୁ ବରଣ କଲେ ଆସୋସିଏସନ ତରଫରୁ ୫ଲକ୍ଷ୍ୟ ଟଙ୍କାର ବୀମା ରାଶି ଏବଂ ଉତ୍ତରାଧିକାରୀଙ୍କୁ ଅନୁକମ୍ପାମୂଳକ ଚାକିରୀ, କର୍ମକ୍ଷେତ୍ରରେ ଆଘାତ ହୋଇ ଚିକିତ୍ସା ସମୟରେ ପୂର୍ଣ୍ଣ ଦରମା, ଶାରୀରିକ ଅକ୍ଷମଙ୍କୁ ଅନୁକମ୍ପା ରାଶି ଓ କ୍ୱାର୍ଟର ଦେବା ପାଇଁ ବନ୍ଦର ଅଧକ୍ଷଙ୍କୁ ଅନୁରୋଧ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ବାକି ରହିଥିବା ଦାବିଗୁଡିକ ୨୦୨୬ ମସିହାର ପରବର୍ତ୍ତୀ ଚୁକ୍ତିନାମାରେ ଆଲୋଚନା କରିବା ପାଇଁ ଷ୍ଟିଭଡୋର୍ସ ଆସୋସିଏସନର ସଭାପତି ମହିମାନନ୍ଦ ମିଶ୍ରଙ୍କ ସହିତ ସମ୍ପାଦକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ପ୍ରଭାତ ନନ୍ଦୀ, ଅକ୍ଷୟ କୁମାର ସୁତାର, ଶରତ ଚନ୍ଦ୍ର ହାତୀ, ଧର୍ମେନ୍ଦ୍ର ପତି ଏବଂ ଅନ୍ୟ ମାଲିକ ମାନେ ପ୍ରତିଶୃତି ଦେଇଥିଲେ। ଉକ୍ତ ଆଲୋଚନାରେ ପାରାଦ୍ୱୀପ ପୋର୍ଟ ୱାର୍କର୍ସ ୟୁନିଅନର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, ଉପସଭାପତି ଗୁଣନିଧି ଚୌଧୁରୀ, କୋଷାଧକ୍ଷ ବ୍ରିଜେଶ ଲେଙ୍କା, ସମ୍ପାଦକ ବିପ୍ଳବ ଜେନାଙ୍କ ସହିତ ଜପିଏମ ନେତା କାଳୁ ଚରଣ ବରାଳ, ବିରଞ୍ଚି ସୁନ୍ଦରାଏ ଓ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିରିଖୁଣ୍ଟି ହତ୍ୟା ଘଟଣା, ଆସାମୀ ନିର୍ଦ୍ଦୋଷରେ ଖଲାସ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ୨୦୦୯ ମସିହା ବହୁ ଚର୍ଚ୍ଚିତ ଜୋରନ୍ଦା ଫାଣ୍ଡି ଆନ୍ତର୍ଗତ ବିରିଖୁଣ୍ଟି ଗ୍ରାମର ଟ୍ରାକ୍ଟର ମଡ଼ା ମର୍ଡ଼ର କେଶର ରାୟ ଗତ ୩୧ ତାରିଖରେ ପ୍ରକାଶ ପାଇଛି। ସାକ୍ଷୀ ପ୍ରମାଣ ଅଭାବରୁ ଢେଙ୍କାନାଳ ମାନ୍ୟବର ଅତିରିକ୍ତ ଦୌରାଜଜ ଅଳି କୁମାରୀ ପାଢ଼ୀ ସମସ୍ତ ଚାରିଜଣ ଆସାମୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାନୁଯାୟୀ ବିରିଖୁଣ୍ଟି ଗ୍ରାମର କୋଠ ବନ୍ଧ ପୁନଃଉଦ୍ଧାର କାର୍ଯ୍ୟରେ ମୃତକା ଦୁତିକା ପରିଡାଙ୍କ ଜମିର ହୁଡ଼ା ନଷ୍ଟ ହେବା ଯୋଗୁ ସେ ଏ କାର୍ଯ୍ୟକୁ ବିରୋଧ କରୁଥିଲେ କ୍ଷ ଗତ ୨୪.୬.୨୦୦୯ ଦିନ ସକାଳେ ପୁନର୍ବାର କୋଠବନ୍ଧରୁ ମାଟିଖୋଳାଯାଇ ଟ୍ରାକ୍ଟର ଯୋଗେ ତାଙ୍କ ବିଲରେ ପକାଯିବାର ସେ ଦେଖି ଏହାକୁ ବିରୋଧ କରି କାମକରୁଥିବା ସେହି ଗ୍ରାମର ଗିରିଶ ସ୍ୱାଇଁ, ଯଶୋବନ୍ତ ସେନାପତି,ବସନ୍ତ ପରିଡା ଓ଼ ଲିଟୁ ଓରଫ ଶକ୍ତି ରନ ଙ୍କ ସହିତ କଳି କରିବାରୁ ଚାରିଜଣ ଯାକ ଦୁତିକା ପରିଡ଼ାଙ୍କୁ ଟେକି ନେଇ ଟ୍ରାକ୍ଟର ଆଗରେ ମାଡ଼ିବସି ଡ୍ରାଇଭରକୁ ନିର୍ଦ୍ଦେଶ ଦେଇଥିଲେ ତାଙ୍କ ଉପରେ ମଡ଼େଇଦେବା ପାଇଁ ଓ଼ ଡ୍ରାଇଭର କୃଷ୍ଣଚନ୍ଦ୍ର ମୁଦୁଲି ଟ୍ରାକ୍ଟର ଚଢେଇ ଦେବାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ବାବଦରେ ମୃତକଙ୍କ ପୁଅ ସୁଶାନ୍ତ ପରିଡା ଗନ୍ଦିଆ ଥାନାରେ ଉପରୋକ୍ତ ଆସାମୀଙ୍କ ନାମରେ କେଶ ରୁଜୁ କରିଥିଲେ। ମାନ୍ୟବର ଅଦାଲତ C. T. (ss) No. ୨୦/୨୦୧୦ ନମ୍ବରରେ ପିକରଣ କରି ଦଫା ୩୦୨ ରେ ଚାର୍ଜ ଫ୍ରେମ କରି ଶୁଣାଣି କରିଥିଲେ। ଶୁଣାଣି ମଧ୍ୟରେ ଆସାମୀ ଗିରୀଶ ସ୍ୱାଇଁଙ୍କର ମୃତ୍ୟୁ ହୋଇଥିଲା।

## ଆନନ୍ଦ ବଜାର ଦୋକାନ ଗୃହ ଉଦ୍‌ଘାଟିତ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ପୌରପାଳିକା ଦ୍ୱାରା ଆନନ୍ଦ ବଜାର ଠାରେ ନିର୍ମାଣ ହୋଇଥିବା ଦୋକାନ ଗୃହକୁ ଢେଙ୍କାନାଳ ପୌରାଧକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର ଉପସ୍ଥିତ ରହି ଉଦ୍‌ଘାଟନ ହେବା ସହିତ ଆବଂଟନ କରାଯାଇଥିଲା। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସମସ୍ତ ପାରିଷଦ ଓ ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଉପସ୍ଥିତ ରହି ଦୋକାନୀମାନଙ୍କୁ ଗୃହ ବଂଟନ କରିଥିଲେ। ଲଟେରୀ ଦ୍ୱାରା ପାଇଥିବା ସମସ୍ତ ବ୍ୟବସାୟୀମାନେ ଦୋକାନ ଗୃହ ନେଇଥିବାରୁ ପୌରାଧକ୍ଷା ବହୁତ ଖୁସି ପ୍ରକଟ କରିବା ସହିତ ସେମାନଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧନା କରି କହିଛନ୍ତି ପ୍ରତ୍ୟେକ ଦିନ ଦୋକାନ ଖୋଲି ବ୍ୟବସାୟ ଆରମ୍ଭ କରନ୍ତୁ ଓ କୌଣସି ସୁବିଧା ଅସୁବିଧା ହେଲେ ମୋତେ ଜଣାଇବେ।

## ଆଳିରେ ପୁଣି ଗୋରୁ ବୋଝେଇ ଗାଡ଼ି ଜବତ



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତା ର ଏଚପି ପେଟ୍ରୋଲ ଟାଙ୍କି ନିକଟରେ ଏକ ପିକଅପ (ଓଆର୨୨ଇ୨୧୪୬) ରେ ଗୋରୁ ଚୋରା ଚାଲାଣ ହେଉଥିବା ବେଳେ ଗୋରୁ ବୋଝେଇ ଗାଡିକୁ ଆଳି ଧର୍ମରକ୍ଷା ସେନାର କର୍ମକର୍ତ୍ତା ଙ୍କ ସହଯୋଗ ରେ ଆଳି ପୋଲିସ ଜବତ କରିଛି। ଗାଡ଼ିରେ ୬ଟି ଗାଈ ଥିବା ବେଳେ ଗାଡି ଟି ଗୋରୁ ମାନଙ୍କୁ ଆଳିରୁ ନେଇ ଭଦ୍ରକ ଅଭିମୁଖେ ଯାଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଧର୍ମରକ୍ଷା ସେନାର ସଦସ୍ୟ ମାନେ ଏହି ଗାଡି ରାସ୍ତା ରେ ଯାଉଥିବା ସମୟରେ ଗାଡିକୁ ପେଟ୍ରୋଲ ଟାଙ୍କି ନିକଟରେ କାବୁ କରିନେବା ପରେ ପରେ ପୋଲିସ ପହଁଚି ଗୋରୁ ବୋଝେଇ ଗାଡିକୁ ଜବତ କରି ରାଜନଗର ରାମଚନ୍ଦ୍ରପୁର ଘଡିଆମାଳସ୍ଥିତ କାମଧେନୁ ଗୋଶାଳା ନେଇଥିବା ଜଣା ପଡିଛି। ଏହି ସମୟରେ ଦୁର୍ବୁତ୍ତମାନେ ଗୋରୁ ଗାଡି ଅଟକାଉଥିବା ଯୁବକ ମାନଙ୍କ ଆଡକୁ ଗାଡି ମଡ଼ାଇ ଆଣିବା ସହ ତାଙ୍କ ବାଇକ ଉପରେ ପିକଅପ ଟିକୁ ଚଢାଇ ଦେଇଥିଲେ। ପରେ ଗୋରୁ ବୋଝେଇ ଗାଡିକୁ ନେଇ ଯାଉଥିବା ତଥା ସୁରକ୍ଷା ଦେଇଥିବା ଯୁବକ ଏବଂ ଡ୍ରାଇଭର ଧର୍ମରକ୍ଷା ସେନା ସଦସ୍ୟଙ୍କୁ ଦେଖି ଚମ୍ପଟ ମାରିଥିଲେ। ଖବର ସୂତ୍ରରୁ ପ୍ରକାଶ ଯେ ଗତ ମଇ ମାସରେ ରାଜସ୍ଥାନର ଦୁଇଥରରେ ଦୁଇଟି ବଡ଼ କଣ୍ଟେନରରେ ମୋଟ ୩୩ ଗୋରୁ ଚୋରା ଚାଲାଣ ବେଳେ ଜବତ ହୋଇଥିବା ବେଳେ ତୃତୀୟ ଥରରେ ୬ ଗାଈ ଚୋରା ଚାଲାଣ ବେଳେ ଜବତ ହୋଇଛନ୍ତି। ଶେଷ ଖବର ସୁଦ୍ଧା ଆଳି ପୋଲିସ ର ଏକ ଟିମ ଗାଈଗୋରୁ ଗୁଡିକୁ ରାଜନଗର କାମଧେନୁ ଗୋଶାଳାରେ ଛାଡ଼ି କଣ୍ଟେନରକୁ ଜବତ କରି ଆଳି ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଆଳି ଥାନା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

## ବଜ୍ରାଘାତରୁ ଅଳ୍ପକେ ବର୍ତ୍ତିଲେ ଦୁଇ ଶ୍ରମିକ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପ୍ରଚଣ୍ଡ ବଜ୍ରାଘାତରେ ଘର ଭାଙ୍ଗିଥିବା ବେଳେ ଦୁଇଜଣ ଶ୍ରମିକ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ଶନିବାର ମଧ୍ୟ ରାତ୍ରରେ ପ୍ରଚଣ୍ଡ ଶବ୍ଦରେ ବଜ୍ରାଘାତ ହେବା ସହ ମୁଷଳ ଧାରାରେ ବର୍ଷା ହେବା ସହ ତୁହାକୁ ତୁହା ପବନ ବୋହିଥିଲା। ତୁଳସୀପୁର ପଂଚାୟତ ଏକ ଗ୍ରାମରେ ବଜ୍ରାଘାତ ହେବାରୁ ଘରଦ୍ୱାରା ଭାଙ୍ଗି ଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ତୁଳସୀପୁର ପଂଚାୟତ ଛବାଟିକିଆ ଗ୍ରାମରେ ଗତ ଶନିବାର ମଧ୍ୟ ରାତ୍ରରେ ତୁହାକୁ ତୁହା ପବନ ବୋହିବା ସହ ମୁଷଳ ଧାରାରେ ବର୍ଷା ହେଉଥିଲା। ବଜ୍ରାଘାତ ଘଟି ଏକାଧିକ ବ୍ୟକ୍ତିଙ୍କ ଘର ଛାତ ଫାଟିଥିବା ବେଳେ ଦୁଇଜଣ ଶ୍ରମିକ କାଳନ୍ଦୀ ଚରଣ ସାହୁଙ୍କ ଘର ଉପରେ ବଜ୍ରାଘାତ ଘଟିଥିଲା। ଘରଟି ନଷ୍ଟ ହୋଇଥିବା ବେଳେ ଦୁଇଜଣ ଶ୍ରମିକ ଟୁକୁନା ଖଣ୍ଡୁଆଳ, ଆର୍ତ୍ତ ମହାପାତ୍ର ଅଳ୍ପକେ ରକ୍ଷା ପାଇଥିଲେ। ବଜ୍ରାଘାତରେ କାଳନ୍ଦୀଙ୍କ ଦୁଇ ବଖରା ଛାତ ଘରକଣା ହେବା ସହ ସମସ୍ତ ବିଦ୍ୟୁତ୍ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଏହି ବଜ୍ରାଘାତ ଫଳରେ ଅନେକ ଲୋକଙ୍କର ଘର ଦୋହଲି ଉଠିଥିଲା। କାଳନ୍ଦୀ ଜଣେ ଦିନ ମଜୁରୀଆ ହୋଇଥିବା ବେଳେ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ତୁଳସୀପୁର ପଂଚାୟତର ଜନସାଧାରଣ ଦାବୀ କରିଛନ୍ତି।

## ପୁଣି ସଫଳତାର ଶିଖର ଛୁଇଁଲେ ସାଇ ଡିଗ୍ରୀ କଲେଜ ଛାତ୍ରଛାତ୍ରୀ



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ବାଘଡାରୋଡ ସ୍ଥିତ ସାଇ ଡିଗ୍ରୀ କଲେଜକୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ୨୦୨୫ ମସିହା +୩ (ସ୍ନାତକ) ଶେଷ ବର୍ଷ ପରୀକ୍ଷାରେ ଅଭୂତପୂର୍ବ ସଫଳତା ମିଳିଛି। ୨୦୨୫ ପରୀକ୍ଷାରେ ପଦାର୍ଥ ବିଜ୍ଞାନରେ ଦେବସ୍ମିତା ବାରିକ (୮.୮୬ ସି.ଜି.ପି.ଏ), ପ୍ରାଣୀ ବିଜ୍ଞାନରେ କୁମାରୀ ଦୀପିକା ସାହୁ (୮.୫୦ ସି.ଜି.ପି.ଏ) ଓ ଉଦ୍ଭିଦ ବିଜ୍ଞାନରେ ଐଶ୍ୱର୍ଯ୍ୟା ଗିରି (୮.୧୪ ସି.ଜି.ପି.ଏ) ସହ ଡିଷ୍ଟିଙ୍କସନ ମୟୂରଭଞ୍ଜ ଜିଲ୍ଲାରେ ରେକର୍ଡ ସୃଷ୍ଟି କରିଛନ୍ତି। ଏତଦ୍ ? ଭିନ୍ନ ରସାୟନ ବିଜ୍ଞାନ ଓ ଗଣିତ ବିଭାଗରେ ସମସ୍ତ ଛାତ୍ର-ଛାତ୍ରୀ ମାନଙ୍କ ପ୍ରଦର୍ଶନ ବେଶ ଉତ୍କଣ୍ଠା ପୂର୍ଣ ହୋଇଛି। ସେମାନଙ୍କ ପରିଶ୍ରମ ଏବଂ ଅଧ୍ୟାପକ-ଅଧ୍ୟାପିକାଙ୍କ ଉଚ୍ଚ କୋଟୀର ଶିକ୍ଷାଦାନ ଦ୍ୱାରା +୩ ପରୀକ୍ଷାରେ ଅଧିକ ନମ୍ବର ରଖିବାରେ ସଫଳ ହୋଇଛନ୍ତି। ଏହି ଅଭୂତପୂର୍ବ ସଫଳତା ପାଇଁ ମହାବିଦ୍ୟାଳୟର ନିର୍ଦ୍ଦେଶକ ଅମୀୟ ଶଙ୍କର ସାହୁ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ତଥା କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇବା ସହ ଛାତ୍ର-ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ତତ୍ ?ସହିତ ମହାବିଦ୍ୟାଳୟ ସହିତ ଅନୁବନ୍ଧିତ ହୋଇଥିବା ବିଭିନ୍ନ ରାଷ୍ଟ୍ରିୟ ଓ ବହୁରାଷ୍ଟ୍ରିୟ କମ୍ପାନୀ ମାନଙ୍କରେ ନିଯୁକ୍ତିର ସୁଯୋଗକୁ ଉନ୍ମୁକ୍ତ କରିଛି।

## ମତଦାନ କେନ୍ଦ୍ରରେ ସଫେଇ ଓ ବୁଥ୍‌ସ୍ତରୀୟ ବୈଠକ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ମତଦାନ କେନ୍ଦ୍ର ମାନଙ୍କରେ ସଫେଇ ଓ ବୁଥ୍ କେନ୍ଦ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ନିର୍ବାଚନ ମଣ୍ଡଳୀର କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ନିମାପଡ଼ା ବିଜେପି ଦଳ ନେତ୍ରୀ ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା। ସୂଚନା ଅନୁଯାୟୀ, ରବିବାର ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ୨୩୦ ମତଦାନ କେନ୍ଦ୍ରରେ ଦଳୀୟ କର୍ମକର୍ତ୍ତାଙ୍କ ଦ୍ୱାରା ସ୍ୱଚ୍ଛତା ଅଭିଯାନ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀରେ ୨୮୦ ବୁଥ୍‌ରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ବୁଥ୍ କେନ୍ଦ୍ର ବୈଠକ ମାଧ୍ୟମରେ ବୁଥ୍ ଅଂଚଳ ସ୍ଥିତି ଓ ସମସ୍ୟା ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକୁ ଜନତାଙ୍କ ପାଖେ ପହଂଚାଇବା ପାଇଁ କର୍ମକର୍ତ୍ତାଙ୍କ ମଧ୍ୟରେ ନିଷ୍ପତି ହୋଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତା ହିଁ ସେବା ନୀତିରେ ଅନୁପ୍ରାଣୀତ ହୋଇ କାର୍ଯ୍ୟକର୍ତାମାନେ ମତଦାନ କେନ୍ଦ୍ର ଭିତରେ ସଫେଇ କାର୍ଯ୍ୟ କରିବା ସହ ବୁଥ୍ ଅଂଚଳର ସମସ୍ୟା ସମାଧାନ ପାଇଁ ଆଲୋଚନା କରିଥିଲେ। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କର୍ମକର୍ତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟ ଆଗକୁ ଜାରି ରହିବ ବୋଲି କାର୍ଯ୍ୟକର୍ତାଙ୍କ ମହଲରୁ ସୂଚନା ମିଳିଛି।

## ‘ଓଡ଼ିଶାର ଭବିଷ୍ୟତ ଦାୟାଦଙ୍କ ପାଇଁ ପଦେ’ ପୁସ୍ତକ ଲୋକାର୍ପିତ

ବଡ଼ଚଣା(ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲର ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ସାହିତ୍ୟିକ ଶ୍ୟାମସୁନ୍ଦର ପାତ୍ରଙ୍କ ପ୍ରଥମ ଉପାଦେୟ ପୁସ୍ତକ ‘ଓଡ଼ିଶାର ଭବିଷ୍ୟତ ଦାୟାଦଙ୍କ ପାଇଁ ପଦେ’ ଉନ୍ମୋଚିତ ହୋଇଯାଇଛି। ସର୍ବପ୍ରଥମେ ଆଶିଷ ଭିକ୍ଷା ନିମିନ୍ତ ପୁସ୍ତକକୁ ମା’ଙ୍କ ପାଦ ପଦ୍ମରେ ଅର୍ପଣ କରାଯାଇ ଆଶିଷ ଭିକ୍ଷା କରାଯାଇଥିଲା। ପରେ ପୁସ୍ତକିକୁ ଯାଜପୁରର ସାହିତ୍ୟିକଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ପୁସ୍ତକର ସ୍ରଷ୍ଟା ଶ୍ରୀ ପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ ସହ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ କବି ତଥା ଅଇନିଜୀବି ଜିତେନ୍ଦ୍ର କୁମାର ବେହେରା, ମାତା ପତ୍ରିକାର ପ୍ରତିଷ୍ଠାତା ଓ ସମ୍ପାଦକ ଡ଼.ଆଶୁତୋଷ ଦେବୀପ୍ରସାଦ ରାଉତ, ଯୁବକବି ଗଣେଶ୍ୱର ବେହେରା, କବୟିତ୍ରୀ କାମିନୀ ନାୟକ, ସୁସାହିତ୍ୟିକ ଅନନ୍ତ ପ୍ରସାଦ ମାହାଲା, ଶିକ୍ଷକ ପ୍ରଶାନ୍ତ କୁମାର ବେହରା ତଥା ବହୁ ସାହିତ୍ୟିକ କବି, ଲେଖକ ଓ ସାମ୍ବାଦିକ ଅଂଶଗ୍ରହଣ କରିଥିଲେ।

## ଏବିଭିପି ପକ୍ଷରୁ +୨ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଢ଼େଙ୍କାନାଳ ଜିଲ୍ଲା , ଢ଼େଙ୍କାନାଳ ନଗର ତରଫରୁ ସ୍ଥାନୀୟ ଗୋପୋବନ୍ଧୁ ଟାଉନହଲ ଠାରେ ମେଧାବୀ ବିଦ୍ୟାର୍ଥି ଅଭିନନ୍ଦନ-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ +୨ରେ ଉତୀର୍ଣ୍ଣ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଢେଙ୍କାନାଳ ସଦରର ସମସ୍ତ ମହାବିଦ୍ୟାଳୟରୁ ୧୫୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହିତ ପୁରସ୍କୃତ କରଯାଇଛି। କାର୍ଯ୍ୟକ୍ରମ ଦ୍ୱାରା ମେଧାବୀ ଛତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରାଯାଇଛି। ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଢ଼େଙ୍କାନାଳ ପୌରପାଳିକା ଅଧକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର ମହୋଦୟା ଓ ମୁଖ୍ୟ ପ୍ରବକ୍ତା ରୂପେ ଶ୍ରୀରାମଚନ୍ଦ୍ର ଭ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଅତିରିକ୍ତ ଅଧକ୍ଷ ଏବଂ ଏବିଭିପି ରାଜ୍ୟ ଉପସଭାପତି ଡ଼ାକ୍ତର ଜ୍ୟୋତିର୍ମୟ ନାୟକ ଉପସ୍ଥିତ ଥିଲେ। ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦର ସତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଦିଲ୍ଲିପ କୁମାର ଦାସ , ଜିଲ୍ଲାପ୍ରମୁଖ ଚିତ ରନ ରାଉତରାୟ, ବିଭାଗ ସଂଯୋଜକ ଅରୂପ ପଟ୍ଟନାୟକ, ଆକାଶ ନାଏକ, ବିବେକ ନାୟକ, ଶିବନାରାୟଣ ମିଶ୍ର, ଅସିତ କୁମାର ସାହୁ, ବୈଭବ କୌଶିକ, ଆଶିଷ ନନ୍ଦ ଏବଂ ସମସ୍ତ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ବେଆଇନ ଗଛ କଟା ନେଇ ତଦନ୍ତ ଦାବି



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ପରିବେଶର ସୁରକ୍ଷା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକାରୁ ଅଧିକ ବନୀକରଣ ଓ ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏଥିନିମନ୍ତେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ଏପରିସ୍ଥଳେ କେନ୍ଦ୍ରାପଡା ଜିଲ୍ଲା ଛତା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଂଚାୟତ ପୁବଂଶ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଜିବନ୍ତ ଗଛ କଟାଯାଇ ବିନା ସୂଚନା ଫଳକରେ ପାଚେରୀ ନିର୍ମାଣ କରାଯାଉଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ପୁବଂଶ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ପରିସରରେ ୧୨ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏକ ପାଚେରୀ ନିର୍ମାଣ କରାଯାଉଥିବାର ଅଭିଯୋଗ ହୋଇଛି। ଏହି ପାଚେରୀ ନିର୍ମାଣ ବିନା ସୂଚନା ଫଳକରେ କରାଯାଉଥିବାର ଅଭିଯୋଗ ହୋଇଛି। ତେବେ ଠିକାଦାର କାର୍ଯ୍ୟାଳୟ ପରିସରରେ ଥିବା ବହୁ ମୂଲ୍ୟବାନ ଜିବନ୍ତ ଗଛକୁ କାଟି ଦେଇ ବେପରୁଆ ଭାବେ ପାଚେରୀ ନିର୍ମାଣ କରୁଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହି ପାଚେରୀ ନିର୍ମାଣ ଠିକାଦାରଙ୍କ ମର୍ଜିରେ କରାଯାଉଥିଲା ବେଳେ କୌଣସି ବିଭାଗୀୟ ଅଧିକାରୀ ଏହାର ତଦାରଖ କରୁନଥିବାର ଅଭିଯୋଗ ହୋଇଛି। ଏପରିକି ପାଚେରୀ ନିର୍ମାଣ ଅଟକଳ ଅନୁଯାଇ କରାଯାଉନଥିଲା ବେଳେ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା କାରଣରୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ପାଚେରୀର କିଛି ଅଂଶ ଭୁଷୁଡ଼ି ପଡିଥିବା ଘଟଣା କାହାରିକୁ ଅଛପା ନାହିଁ। ତେବେ ଏହି ପାଚେରୀ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଚଂଚକତା କରାଯାଉଥିବା କାରଣରୁ ପାଚେରୀର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ପାଚେରୀ ନିର୍ମାଣ ନିମନ୍ତେ ଜିବନ୍ତ ଗଛକୁ ବଳି ଦିଆଯିବା କେତେଦୂର ସମୀଚୀନ ଏହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଜରାଜୀର୍ଣ୍ଣ ସ୍କୁଲ ଘର, ବିନା ଫଳକରେ ନିମ୍ନମାନର ପାଚେରୀ ନିର୍ମାଣ



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକରେ ଅସଲି ବିଜେପି କର୍ମୀ କୋଣଠେସା ହେଉଥିବା ବେଳେ ବିଜେଡି ସରକାରରେ ମହୁ ଶୋଷିଲେ। ସରକାର ବଦଳିଲା ଠିକା କରିବାକୁ ବିଜେପିରେ ମିଶି ବ୍ଲକ ତହସିଲ ଥାନାରେ ଦଲାଲ କରି ଭଲ ରୋଜଗାର ବାଟ ଖୋଲି ରାଜ ଚଳାଇଛନ୍ତି, ଶେଷରେ ବିଜେପି ନେତାଙ୍କୁ ବଦନାମ କରିବା ଏହା ସେମାନଙ୍କର ଭିତିରି ପ୍ରୟାସ। ଯାହାକୁ ଦେଖି ବିଜେପିର ଅସଲି ପୁରୁଣା କର୍ମୀ ଅସନ୍ତୋଷ ପ୍ରକାଶ କରି କହିଛନ୍ତି, ରାଜନଗରେ ବିଜେପି ଦଳରେ ଏହା ଶୋଭା ପାଉନାହିଁ। ବିଜେଡି ବିଧାୟକ ଧ୍ରୁବ ସାହୁଙ୍କ ଖାସ୍ ଲୋକ ବହୁ ରୋଜଗାର ପରେ ଶ୍ରୀ ସାହୁଙ୍କୁ ଚିତାକାଟି ବିଜେଡି ଛାଡି ବିଜେପିରେ ମିଶି ଆଗ ଧାଡିର ନେତା ପାଲଟି ଅଛନ୍ତି। ତାଙ୍କ କଥାରେ ଆମର ନେତା ଓ ବିଭାଗୀୟ ଅଫିସର ଉଠବସ ହେଉଛନ୍ତି। ସେମାନଙ୍କର ଶୁଭେଚ୍ଛୁ ଲୋକଙ୍କ ଠାରୁ ୨୦ହଜାର ଟଙ୍କା ନେଇ କାମ ଯୋଗାଉଥିବା ଅଭିଯୋଗ ହେଉଛି। ବ୍ଲକରୁ ସ୍କୁଲର ଘରକାମ ନାଁ ରେ ପାଚେରୀ ନିର୍ମାଣ ଅଭିଯୋଗ ହେଉଛି। ଏପରି ଅଭିଯୋଗ ଉଠାଇଛନ୍ତି ସାନ ବଡ଼ ଗୋପାଳପୁର ପଞ୍ଚାୟତବାସୀ। ବ୍ରିରଣୀ ହେଉଛି ଏହି ବ୍ଲକର ସାନ ବଡ଼ ଗୋପାଳପୁର ପଞ୍ଚାୟତର ଭାଟପଡା କୋଶାଇଲ ନୋଡାଲ ବିଦ୍ୟାଳୟ। ବାତ୍ୟା ଦାନାରେ ଏହି ବିଦ୍ୟାଳୟର ତିନିଟି ଆଜବେଷ୍ଟସ ଘର ଭାଙ୍ଗି ଜରାଜୀର୍ଣ୍ଣ ଅବସ୍ଥା ହୋଇଯାଇଛି। ଏହି ବାତ୍ୟାରେ କ୍ଷତିଗ୍ରସ୍ତ ବିଦ୍ୟାଳୟର ମରାମତି କରିବାକୁ ପଞ୍ଚାୟତ ସମିତିକୁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ମୋହନ ସରକାର ଯୋଗାଇ ଦେଇଛନ୍ତି। କିନ୍ତୁ ଏହି ଅର୍ଥ ସ୍କୁଲ ଘର ମରାମତି କରା ନଯାଇ ଜେଇ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକା ରେ ବିନା ଫଳକରେ ନିମ୍ନ ମାନର ପାଚେରୀ ନିର୍ମାଣ ଚାଲିଛି। ଏହାକୁ ଦେଖି ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରି କହିଛନ୍ତି, କାହା ନିର୍ଦ୍ଦେଶରେ ଭଙ୍ଗା ସ୍କୁଲ ଘର ଅର୍ଥକୁ ନୂତନ ପାଚେରୀ ନିର୍ମାଣ ହେଉଥିବା ବ୍ଲେ ସ୍କୁଲର ଭଙ୍ଗା ଛାତ ତଳେ ଛାତ୍ରଛାତ୍ରୀ ଅଧ୍ୟୟନ କେତେ ଦୂର ସୁରକ୍ଷିତ ତାହା ଚିନ୍ତାର ବିଷୟ ପାଲଟିଛି। ଏନେଇ ସମ୍ପୃକ୍ତ ଜେଇଙ୍କୁ ପଚାରିବାରୁ ସେ କହିଥିଲେ, ସ୍କୁଲ କମିଟିର ସଭାପତି ଓ ସ୍କୁଲ କମିଟିଙ୍କ କହିବାନୁଯାୟୀ ଆମେ ପାଚେରୀ କରିବାକୁ ବାଧ୍ୟ ହେଲୁ। ତେଣୁ ଏଠାରେ ପ୍ରଶ୍ନ ଉଠୁଛି ଯଦି ରାସ୍ତା ପାଇଁ ମଞ୍ଜୁର ହୋଇଥିବା ଅର୍ଥ ପୋଖରୀ ଖୋଳାରେ ଲାଗିପାରିବ କି? ଯଦି ନା ହୋଇଥାଏ, ତେବେ ଏଠାରେ ସ୍କୁଲ ଘରର ରିପ୍ୟାର ଅର୍ଥ ପାଚେରୀ ନିର୍ମାଣରେ ଖର୍ଚ୍ଚ ହେବ କିପରି ତାହା ସମସ୍ତଙ୍କୁ ଚକିତ କରିଛି। ହେଲେ ଜେଇ ଓ ଏଇ ଯଦି କ୍ଷେତ୍ର ଉପରକୁ ଯାଇ ପରିସ୍ଥିତି ଅନୁଧାନ କରି ଥାନ୍ତେ, ତେବେ ପିଲାମାନଙ୍କ ପଢ଼ାପଢ଼ି କୁ ପ୍ରାଧାନ୍ୟ ଦେଇ ସ୍କୁଲ ଘରର ମରାମତି କରି ପାରିଥାନ୍ତେ। କିନ୍ତୁ ତାହା ନକରି କାହା ସ୍ୱାର୍ଥରେ ବିନା ଫଳକରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇ ପାଚେରୀ ନିର୍ମାଣ ଚାଲୁଅଛି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପାଚିରୀର ମାନ ତଦନ୍ତ କରିବା ସହ ସ୍କୁଲ ଘର ମରାମତିର ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସିନ୍ଦା ଦ୍ୱାବୀ କରିଛନ୍ତି।

ଓଡିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ବ୍ଲକ ଅନ୍ତର୍ଗତ ଜନ୍ମପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଆଦିତ୍ୟ କୁମାର ପ୍ରଧାନ ତାଙ୍କ ଶିକ୍ଷକତା ଜୀବନରୁ ଅବସର ନେଇଛନ୍ତି । ଏ ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଖମାରୀ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ସହଦେବ ବାରିକ, ଏସ୍‌ଏମ୍‌ସି ସଭାପତି ସ୍ୱାଧୀନ କୁମାର ପ୍ରଧାନ, ପଞ୍ଚାୟତ ସେବୁର କୋଷାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ ଯୋଗଦେଇ ଶ୍ରୀ ପ୍ରଧାନଙ୍କ ଶିକ୍ଷକତା ଜୀବନର ଗୁଣାବଳୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ତାଙ୍କର ସମୟାନୁବର୍ତ୍ତିତା ଓ ଶୃଙ୍ଖଳିତ ଆଚରଣ ଅନ୍ୟ ଶିକ୍ଷକଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ଅତିଥିମାନେ କହିଥିଲେ । ପ୍ରଥମେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ଠାରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଓ ସହକାରୀ ଶିକ୍ଷକ ମାନେ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ବାକି ଜୀବନ ନିରାମୟ ଓ ସୁସ୍ଥ ରହିବା ପାଇଁ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରିଥିଲେ । ଶ୍ରୀ ପ୍ରଧାନ ୧୯୯୦ ମସିହାରେ ଜନ୍ମପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରି ମେ ୩୧ ତାରିଖରେ ଅବସର ଗ୍ରହଣ କରିଥିଲେ । ଶିକ୍ଷକ କିତେନ୍ଦ୍ର ନାଗ ମଞ୍ଚ ପରିଚାଳନା କରିଥିଲେ । ଏହା ପରେ ସହକାରୀ ଶିକ୍ଷକଶିକ୍ଷୟିତ୍ରୀମାନେ ସ୍କୁଲ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଶ୍ରୀ ପ୍ରଧାନଙ୍କ ବୁଦୁପାଲି ସ୍ଥିତ ବାସଭବନରେ ଛାଡି ଆସିଥିଲେ ।



# ନିଶା ଓ ମାଦକଦ୍ରବ୍ୟ ବିରୋଧରେ ଜନସଚେତନତା ଅଭିଯାନ



କେନ୍ଦୁଝର, (ଭାସ୍କର ନ୍ୟୁଜ) : ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଲୋକସେବା ଭବନ ଠାରେ ଅବକାରୀ ବିଭାଗ ପକ୍ଷରୁ ନିଶାଦ୍ରବ୍ୟ ତଥା ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ରାଜ୍ୟବ୍ୟାପୀ ଜନସଚେତନତା ଅଭିଯାନର କାର୍ଯ୍ୟକ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଉଦ୍‌ଘାଟିତ ହୋଇଛି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶରେ ଓ୍ୱାଇନ ହରଣ୍ଟ ଆଭାସୀ ମାଧ୍ୟମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦଧର ମହାଳିକ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରପ୍ରିୟା ନାୟକ, ଅଧିକ୍ଷକ ଅବକାରୀ ବିଭାଗ ଦିବ୍ୟରଞ୍ଜନ ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସାର୍ଥକ ରାୟ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀ ଭୁବନେଶ୍ୱରରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହିତ ସିଧାସଳଖ ଯୋଡ଼ି ହୋଇଥିଲେ । ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ସମସ୍ତ ଜନସାଧାରଣଙ୍କୁ ଅବଗତ କରିବା ସହିତ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସମ୍ପୂର୍ଣ୍ଣ ରୋକିବା ଲାଗି ଜିଲ୍ଲାବ୍ୟାପୀ ବ୍ୟାପକ ଜନସଚେତନତା ଅଭିଯାନ କାର୍ଯ୍ୟକ୍ରମ ବିଶ୍ୱ ତମାଖୁ ବର୍ଜନ ଦିବସ (ମଇ ୩୧) ଠାରୁ ଆରମ୍ଭ ହୋଇ ଆନ୍ତର୍ଜାତୀୟ ନିଶା ସେବନ ଓ ବେଆଇନ କାରବାର ନିରୋଧ ଦିବସ (ଜୁନ୍ ୨୬) ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାର ଛାତ୍ରଛାତ୍ରୀ ଏବଂ ଯୁବପିଢ଼ିଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ସ୍କୁଲ, କଲେଜ ସ୍ତରରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯିବ । ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଏହାର ସଂପୃକ୍ତ ବିଷୟରେ ସଚେତନ କରାଯିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ । ମାଦକଦ୍ରବ୍ୟ ବହୁଳ ବ୍ୟବହାର ଓ ଗଞ୍ଜେଇ, ଅଫିମ, ଚରସ, ବ୍ରାଉନସୁଗାର ଭଳି ଘାତକ ଦ୍ରବ୍ୟ ଆଦିର ଅପବ୍ୟବହାର କବଳରୁ କେନ୍ଦୁଝରକୁ ଓ ରାଜ୍ୟକୁ ମୁକ୍ତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ସେହିପରି ଅପମିଶ୍ରିତ, ବିଷାକ୍ତ ଏବଂ ବେଆଇନ ମଦ କାରବାରକୁ ରୋକିବାକୁ ମଧ୍ୟ ବ୍ୟାପକ ଧରପଗଡ଼ କରାଯିବ ।

# ସିନ୍ଦୂରର ଜୟଯାତ୍ରା କାର୍ଯ୍ୟକ୍ରମ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମଥିଲି ବ୍ଲକ୍‌ରେ ଅପ୍ରେଲ ୨୨ ତାରିଖ ଦିନ ଜମ୍ମୁର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ବିଭତ୍ସ କାଣ୍ଡର ଜବାବ୍‌ରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶରେ ଭାରତ ଆତଙ୍କବାଦୀଙ୍କ ବିରୁଦ୍ଧରେ ମଇ ୭ ତାରିଖ ଦିନ 'ଅପରେସନ୍ ସିନ୍ଦୂର' ଆରମ୍ଭ ହୋଇଥିଲା । ଭାରତୀୟ ସେନା ବାହିନୀର ଅଭୂତପୂର୍ବ ସାହସ ଅପରାକାଷ୍ଠା ଯୋଗୁଁ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡା ଧ୍ୱଂସ ପାଇବା ସହ ବହୁ ଆତଙ୍କବାଦୀ ମୃତାହତ ହୋଇଥିଲେ । ଏହି ଆକ୍ରମଣରେ ବ୍ୟତି ବ୍ୟସ୍ତ ହୋଇ ମାତ୍ର ତିନି ଦିନ ପରେ ମଇ ୧୦ ତାରିଖ ଦିନ ପାକିସ୍ତାନ ତରଫରୁ ଅସ୍ତ୍ରବିରତିର ପ୍ରସ୍ତାବ ଦେଇଥିଲା । ଭାରତୀୟ ସେନାର ଶୌର୍ଯ୍ୟ ଓ ପରାକ୍ରମ ଯୋଗୁଁ ଆଜି ଦେଶବାସୀ ଗର୍ବିତ । ଭାରତର ସାର୍ବଭୌମତ୍ୱ ଓ ଭାରତୀୟଙ୍କ ସୁରକ୍ଷା ପାଇଁ ସେନା ବାହିନୀର ଏହି ଦେଶଭକ୍ତି ଓ ବୀରତ୍ୱକୁ ସମ୍ମାନ ଜଣାଇ ଆଜି ଅବିଭକ୍ତ କୋରାପୁଟ ଜିଲ୍ଲାର ସହିଦ ଲକ୍ଷ୍ମଣ ନାୟକ ଜନ୍ମ ମାଟିରୁ ସାଇକେଲ ପରିକ୍ରମା ଶୋଭାଯାତ୍ରା ବାହାରି କିଆଙ୍ଗ ପର୍ଯ୍ୟନ୍ତ ଶୋଭାଯାତ୍ରା ହୋଇଯାଇଛି । ଏହି ଶୋଭାଯାତ୍ରାକୁ ମିନାକ୍ଷୀ ପାଓ୍ୱାର ପ୍ରୋଜେକ୍ଟ ତରଫରୁ ସାଇକେଲ ଶୋଭାଯାତ୍ରା ଆୟୋଜନ କରିଥିବା ବେଳେ ଦ୍ୱିତୀୟ ବିଏସଏଫ ବାଟାଲିଅନ କମ୍ପାନୀ କମାଣ୍ଡେଣ୍ଟ ଇନ୍‌ସପେକ୍ଟର ସଞ୍ଜୟ ଯାଦବ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଭାରତ ମାତା କି ଜୟ, ବନ୍ଦେ ମାତରମ୍ ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଥିଲା । ସ୍ଥାନୀୟ ବିଏସଏଫ ଯବାନ ମାନଙ୍କ ସହିତ ମିନାକ୍ଷୀ ପାଓ୍ୱାର ପ୍ରୋଜେକ୍ଟର କର୍ମଚାରୀ ଓ ବହୁ ସଂଖ୍ୟାରେ ସ୍ଥାନୀୟ ଜନତା ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ସକାଳ ୭ଟାରେ ସହିଦ ଲକ୍ଷ୍ମଣ ନାୟକ ଜନ୍ମ ମାଟି ତେନ୍ତୁଲିଗୁମ୍ମାରୁ ସାଇକେଲ ପରିକ୍ରମା ଶୋଭାଯାତ୍ରା କିଆଙ୍ଗ ଶିବ ମନ୍ଦିର ଦୀର୍ଘ ୧୫ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିଥିଲେ । ଜନ ସାଧାରଣଙ୍କ ମନରେ ଅପୂର୍ବ ଉତ୍ସାହ, ଉଦ୍ଦୀପନା ଓ ବିଜୟର ଆନନ୍ଦ ସହ ଦେଶ ପ୍ରେମର ମନୋଭାବ ଦେଖିବାକୁ ମିଳିଥିଲା ।

# ବିକଶିତ କୃଷି ସଂକଳ୍ପ ଅଭିଯାନ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍) : କୃଷି ଓ କୃଷକର ବିକାଶ ଲାଗି ଭାରତ ସରକାରଙ୍କ ପକ୍ଷରୁ କୃଷି ବିଜ୍ଞାନ କେନ୍ଦ୍ର ଓ ବୈଜ୍ଞାନୀକ ମାନଙ୍କ ସଚେତନତା ଓ ସହଯୋଗରେ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି । ଆଜି ଜଳେଶ୍ୱରର ପୌରାଞ୍ଚଳ ନହଞ୍ଜୀରା ଓ ବ୍ଲକ ଅଂଚଳ ସର୍ଦ୍ଦାରବନ୍ଧଠାରେ ଏପରି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି । ବାଲିଆପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନୀକ ସନାତନ ପ୍ରଧାନ, କମଳାକାନ୍ତ ବେହେରା, ନିକୁଞ୍ଜୀ ଜେନା, ତ୍ରିଲୋଚନ ମହାପାତ୍ର, ସହକାରୀ କୃଷି ଅଧିକାରୀ ପଦ୍ମଲୋଚନ ବାରିକ ଓ ବିମଳଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି କୃଷକଙ୍କୁ ନୂତନ ଜ୍ଞାନ କୌଶଳ ମାଧ୍ୟମରେ ବିଭିନ୍ନ ଚାଷ କରିବାକୁ ପରାମର୍ଶ ଦେଇଥିଲେ । ନୂତନ ଜ୍ଞାନ କୌଶଳ କୃଷିକ୍ଷେତ୍ରରେ ଉପଯୋଗ କରି ଅଧିକ ଉତ୍ପନ୍ନ କୃଷି ସାମଗ୍ରୀ ଦ୍ୱାରା କୃଷକମାନେ ଲାଭବାନ୍ ହୋଇ ପାରିବେ ବୋଲ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଉନ୍‌ସିଲର ଚନ୍ଦନ ଦାସ, ଶିବନାରାୟଣ ମହାପାତ୍ର, ଉମା ହେମ୍ବ୍ରମ, ଆଦିତ୍ୟନାରାୟଣ ପାତ୍ର, ଫାଲଗୁନୀ ପାଣିଗ୍ରାହୀ, ଦୁର୍ଗାଶଂକର ଭୂୟାଁ, ଦିଲ୍ଲିପ ପରିଡା, ସନ୍ୟାସୀ ପରିଡା, ରବିନ୍ ଭୂୟାଁ, ଶଙ୍କର୍ଷଣ ସି ପ୍ରମୁଖ ଉପସ୍ଥିତ ଥିଲେ ।


# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲା ମୁଖ୍ୟ ଚିକିସାଳୟରେ ଗତକାଲି ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । ଏହି ଜାଗରଣ ପଦଯାତ୍ରା ଆୟୋଜିତ ହୋଇଥିବା ବେଳେ ଏଥିରେ ମାଲକାନଗିରି ମୁଖ୍ୟ ରାସ୍ତାଦେଇ ସହର ପରିକ୍ରମା କରି ମୁଖ୍ୟ ଚିକିତ୍ସାଳୟ ଠାରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ କରାଯାଇ ଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଦାୟିତ୍ୱରେ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ରଜବନ୍ଧୁ ଦାଶ ଯୋଗ ଦେଇଥିଲେ । ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ଆବିଦ୍ ହୁସେନ, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ, ଡା. ଲେଲୁପ ଶତପଥୀ, ଡା. ମୌସୁମୀ ମିଶ୍ର ଓ ଡା. ଦୁର୍ଗାପ୍ରସାଦ ରାଜଙ୍କ ସହ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ପରେ ଚିକିତ୍ସାଳୟ ସଭାଗୃହରେ ଏକ ବିଭାଗୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଗାମୀ ଦିନରେ ତମାଖୁ ଠାରୁ କିଶୋରୀ କିଶୋରଙ୍କୁ କିପରି ଦୂରେଇ ରଖିଜାଇ ପାରିବେ, ବିଦ୍ୟାଳୟ ମହାବିଦ୍ୟାଳୟକୁ ଜାଉଥିବା ରାସ୍ତାଗୁଡ଼ିକରେ କିପରି ତମାଖୁ ବିକ୍ରୀ ନିଷିଦ୍ଧ ଭାବେ ଘୋଷଣା କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଶେଷରେ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା ।



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ବିଶ୍ୱ ତମାଖୁ ବଜର୍ନ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ.ନୀଳମାଧବ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ତମାଖୁ ସେବନ ଜନିତ ରୋଗ, ତାହାର ନିରାକରଣ ଏବଂ ବଜର୍ନ କରିବାକୁ ପରାମର୍ଶ ଦେଇଥିଲେ । ତମାଖୁ ସେବନ ଦ୍ୱାରା ନାରୀର ପ୍ରଜନନ କ୍ଷମତା ସଙ୍କୁଚିତ ହୋଇଯିବ ବୋଲି କହିବା ସହ ତମାଖୁ କ୍ୟାନ୍ସରର ଅନ୍ୟ କାରଣ ବୋଲି କହିଥିଲେ । ବିଡମ୍ବନ ହେଲା ଯୁବଗୋଷ୍ଠୀ ଏହି ନିଶା ସେବନ କରୁଛନ୍ତି ବୋଲି କୁହାଯାଇଥିଲା । କାର୍ଯ୍ୟକ୍ରମରେ ମହାମାରୀ ବିଶେଷଜ୍ଞ ବସନ୍ତ କୁମାର ସ୍ୱାଇଁ, ଚନ୍ଦ୍ର ପ୍ରତାପ ଲୋଧି, ହରିଷଚନ୍ଦ୍ର ପ୍ରଧାନ, ଡ. ମୁକ୍ତିକାନ୍ତ ଖୁଣ୍ଟିଆ ପ୍ରମୁଖଙ୍କ ସେମତ ଆଶାକର୍ମୀ, ଅଙ୍ଗନବାଡୀ କର୍ମୀ, ନର୍ସିଂ ଛାତ୍ରୀ ସାମିଲ ହୋଇଥିଲେ । ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ୨୦୨୪-୨୫ ବର୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୧୦ ଶିକ୍ଷାନୁଷ୍ଠାନରେ ତମାଖୁ ବର୍ଜନ ନେଇ ସଚେତନତା ସୃଷ୍ଟି କରାଯାଇଥିଲା । ୯୨ସରକାରୀ ଉଚ୍ଚ ବିଦ୍ୟାଳୟ ଓ ୧୭ କେଲଜକୁ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଭାବେ ଘୋଷଣା କରାଯାଇଛି । ତମାଖୁ ବିକ୍ରି ବନ୍ଦ ନିମନ୍ତେ ଚଢଉ କରାଯାଇ ୨୬୨୧୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।




ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ନିଶା ସେବନ ଦ୍ୱାରା ସମାଜରେ ଅପରାଧିକ କାର୍ଯ୍ୟକ୍ରମ ବୃଦ୍ଧି, ସାମାଜିକ ଅସ୍ଥିରତା ସୃଷ୍ଟି ସହିତ ଦୁର୍ଘଟଣା ବୃଦ୍ଧିପାଇବାରେ ଲାଗିଥିବାରୁ ବିଶ୍ୱବାସୀଙ୍କ ଲାଗି ଚିନ୍ତାର ବିଷୟ ସୃଷ୍ଟି ହୋଇଛି । ତମାଖୁ ସେବନକୁ ବିରୋଧ କରାଯାଇ ମିଳିତ ନିଶାନିବାରଣ ଅଭିଯାନ (ମୋନା), ଜଳେଶ୍ୱର ଶାଖା ପକ୍ଷରୁ ଆଜି ପୂର୍ବାହ୍ନରେ ଶାନ୍ତିଆସ୍ଥିତ ଗାନ୍ଧିସେବାଶ୍ରମରେ ଅନୁଷ୍ଠିତ ସଭାରେ ବ୍ଲକ ସଭାପତି ଦିଲ୍ଲିପ ଗିରି ସଭାପତିତ୍ୱ କରି ଦିବସର ଆଭିମୁଖ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୋନାର ଟାଉନ୍ ସଭାପତି କମଳ ଚକ୍ରବର୍ତ୍ତି, ସଂପାଦକ ଡ. ଅଜିତ୍ ମହାନ୍ତି, ରାଜାରାମ କରସର୍ମା, କପିଳେଶ୍ୱର ମହାନ୍ତି, ଡ. ଲଳିତ ରଂଜନ ସେନାପତି, ଅନନ୍ତ ଦତ୍ତ, ଭାଗବତ ଚନ୍ଦ୍ର ପରିଡା, ସୁନିଲ ନାୟକ, ଇଂ ସୁମନ୍ତ ଘୋଷ, ସମରେଶ ଦିନ୍ଦା, ରବିନ୍ଦ୍ର ବାରିକ, ଭାସ୍କର ମିଶ୍ର, ଡ. ଶ୍ୟାମାଚରଣ ଦାସ, ପ୍ରଶାନ୍ତ ପାତ୍ର, ସରୋଜ ସେନାପତି, ବସନ୍ତ ଦାସ, ସରୋଜ ମହାନ୍ତି, ଜ୍ୟୋତିଷ କର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନୁରୂପଭାବେ ମୋନା ଓ ଜଳେଶ୍ୱର ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳିତ ହୋଇ ଯାଇଛି । ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୋନାର ଜଳେଶ୍ୱର ଶାଖା ସଭାପତି ଅଶୋକ ଜେନା, ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ ଘୋଷ, ଡ. ଲିପ୍ସା ଦାସ, ନିରୋଜ ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ନିଶାଠାରୁ ଦୂରେଇ ରହିବାକୁ ସଚେତନ କରିଥିଲେ ।

# ୬ ଚାଷୀଙ୍କୁ କୃଷି କାର୍ଡ ବଣ୍ଟନ

ମୁରିବାହାଲ, (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କୃଷି ବିଭାଗ ତରଫରୁ ଶନିବାର ଦିନ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁରିବାହାଲ ବ୍ଲକର ୬ ଜଣ ଅଗ୍ରଣୀ ଚାଷୀକୁ କୃଷି କାର୍ଡ ବଣ୍ଟନ କରାଯାଇଛି । ଓଡିଶା ସରକାରଙ୍କର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଗତ ୨୯ ତାରିଖ ଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଅଭିଯାନରେ ମୁରିବାହାଲ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗୀର ଜିଲ୍ଲା ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ସୁଦେଶ କୁମାର ଚୌଧୁରୀ କର ଅଧକ୍ଷତାରେ ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ଶ୍ରୀବସ୍ତ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷି ବିଭାଗର ଯୋଜନା, ଗ୍ରାମାଞ୍ଚଳ କୃଷକ ମାନେ କିପରି ଲାଭବାନ ହୋଇ ପାରିବେ ସେହି ଉପରେ ଆଲୋକପାତ କରିଥିଲେ । ସମ୍ମାନନିୟ ଅତିଥି ଭାବରେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ସ୍କିମ ଅଧିକାରୀ ସୁନନ୍ଦା ସାହୁ ସହକାରୀ କୃଷି ଉଦ୍ୟାନ ଅଧିକାରୀ ମନବୋଧ ମାଝୀ, ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ର ଫାର୍ମ ମ୍ୟାନେଜର ସାଗରୀକା ମୁନା, କୃଷି ବୈଜ୍ଞାନିକ ଦେବଶ୍ରୀ ସରକାର, ବ୍ଲକ କୃଷି ଅଧିକାରୀ ଆନନ୍ଦ ମଲ୍ଲିକ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଅଞ୍ଜନ କୁମର ମଲ୍ଲିକ, ବ୍ଲକ ମତ୍ସ୍ୟ ଅଧିକାରୀ ସୀମା ପଧାନ, ଏଏଓ ହଳଦୀ ଗୁଲସନ କୁମାର ମହନ୍ତ, ଏଏଓ ମୁରିବାହାଲ ଅବିନାଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କୃଷକର ଚାଷ ଦ୍ୱାରା ବିକାଶ, ମୃତ୍ତିକା ପ୍ରବତ୍ତିତ ଯୋଜନା, ପିଏମ୍ କିସାନ ଯୋଜନା, ସମୃଦ୍ଧ କୃଷକ ଯୋଜନା, ସିଏମ୍ କିସାନ, ଶ୍ରୀ ଅନ୍ନ ଯୋଜନା, କୃଷି ଯାନ୍ତ୍ରିକ କରଣ, ଶୀତଳ ଭଣ୍ଡାର ପ୍ରତିଷ୍ଠା, ଆଳୁ ଚାଷକୁ ପ୍ରୋତ୍ସାହନ ଓ ବିଭିନ୍ନ ଯୋଜନା ବିଷୟରେ ବିଷଦ ଭାବରେ ତାଲିମ ପ୍ରଦାନ କରାଯାଇଥିଲା । ଏହି ଅବସରରେ ମୁରିବାହାଲ ବ୍ଲକରେ ୬ ଜଣ ଅଗ୍ରଣୀ ଚାଷୀକୁ କୃଷି କାର୍ଡ ପ୍ରଦାନ କରାଯାଇଛି ।

# ନୂତନ ଆଡ଼ିବନ୍ଧ ଉଦ୍‌ଘାଟିତ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଆଗ୍ରାହାଟ ପଞ୍ଚାୟତ ଅଧିନ ତାଳପଦା କେନାଲ ଉପରେ ଏକ ନୂତନ ଆଡ଼ିବନ୍ଧ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଗନ୍ଧ ନଦୀର ନାଳ ଉପରେ ୭୨ଲକ୍ଷ ୯୪ ହଜାର ଟଙ୍କା ବିନିମୟରେ ନିର୍ମିତ ଏହି ଆଡ଼ିବନ୍ଧ (ଚେକ୍ ଡ୍ୟାମ୍)କୁ ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କର ଦୀର୍ଘ ଦିନର ଦାବି ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନିଷ୍ଠାପର ପ୍ରଚେଷ୍ଟା ଫଳରେ ଏହି ଡ୍ୟାମ୍ ନିର୍ମାଣ ସଫଳ ହୋଇ ପାରିଥିବା ଏବଂ ଏହି ଡ୍ୟାମ୍ ଦ୍ୱାରା ଅଞ୍ଚଳର କୃଷକ ମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଥିଲେ । ଏହି ଡାମ୍‌ରେ ପ୍ରାଥମିକ ଭାବେ ଅନ୍ୟୁନ ୧କି.ମି. ପରିମିତ ସ୍ଥାନରେ ଜଳ ସଂରକ୍ଷିତ ହୋଇ ପାରିବା ସହିତ ପ୍ରାୟ ୩୪ ହେକ୍ଟର ଜମିରେ ଉଭୟ ଖରିପ୍ ଓ ରବି ଋତୁରେ ଜଳସେଚନ ସମ୍ଭବ ହୋଇପାରିବ ବୋଲି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିବା କଟକ କ୍ଷୁଦ୍ର ଜଳସେଚନ ବିଭାଗ ସୁପରିଟେଣ୍ଡେଣ୍ଟ ଇଂଜିନିୟର ବସନ୍ତ ସୋରେନ୍ ସୂଚନା ଦେଇଛନ୍ତି । ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ଆଗ୍ରାହାଟ ସରପଞ୍ଚ ସଂନ୍ଧ୍ୟାରାଣୀ ରାଉତ, ସମିତି ସଭ୍ୟା ରୀତା ରାଉତ, କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଇଂଜିନିୟର ଦୁର୍ଗାପ୍ରସାଦ ରାଉତ, ତମସା ସ୍ୱାଇଁ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ ।

# ଜନଶୁଣାଣି କାର୍ଯ୍ୟକ୍ରମ ସୂଚୀ ପ୍ରକାଶିତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଆସନ୍ତା ଜୁନ ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୂଚୀ ପ୍ରକାଶ ପାଇଛି । ସ୍ଥିରୀକୃତ ହୋଇଥିବା କାର୍ଯ୍ୟକ୍ରମର ସୂଚୀ ଅନୁଯାୟୀ ୨ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍, ୯ ତାରିଖ ସୋମବାର ଦିନ ତେଲକୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୧୭ ତାରିଖ ମଙ୍ଗଳବାର ଦିନ ହାଟଡ଼ିହି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୨୩ ତାରିଖ ସୋମବାର ଦିନ ପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଏବଂ ୩୦ ତାରିଖ ସୋମବାର ଦିନ ହରିଚନ୍ଦନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ, କେନ୍ଦୁଝରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଶୁଣାଣି ସକାଳ ୭ରୁ ୧୦ଟା ପର୍ଯ୍ୟନ୍ତ ଚାଲିବ । ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ପଞ୍ଜିକରଣ କରିପାରିବେ ।

# ସ୍ୱପ୍ନେଶ୍ୱର ମହାଦେବଙ୍କ ବିବାହ ଉତ୍ସବ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକର ଫତେପୁର ସ୍ୱପ୍ନେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ପବିତ୍ର ଶୀତଳଷଷ୍ଠୀ ଅବସରରେ ଦେବ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପାରମ୍ପରିକ ରୀତିନୀତି ଅନୁଯାୟୀ ଶୁକ୍ରବାର ମଙ୍ଗଳପାକ ଅନୁଷ୍ଠିତ ହୋଇଥିଲା । କନ୍ୟା କର୍ତ୍ତା ବିଷ୍ଣୁଚରଣ ଦାସ ଓ କର୍ତ୍ତୀ ମମତା ଦାସ କନ୍ୟାଦାନ କରିଥିଲେ । ଯୌତୁକ ଭାବେ ଶ୍ମଶାନ, ଷଣ୍ଢ, ନାଗ ଆଦି ଦାନ କରାଯାଇଥିଲା । ବରକର୍ତ୍ତା ଦିଲ୍ଲିପ କୁମାର ନାୟକ ଓ କର୍ତ୍ତୀ ଉ□ମାରାଣୀ ନାୟକ ଦାଇତ୍ୱ ତୁଲାଇଥିଲେ । ମୁଖ୍ୟପୂଜକ ଜଗନ୍ନାଥ ପଣ୍ଡା, ନାରାୟଣ ପଣ୍ଡା, ପ୍ରସନ୍ନ ପଣ୍ଡା, ଜଗନ୍ନାଥ ପଣ୍ଡା(ଜଗୁନନା) ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଶନିବାର ସନ୍ଧ୍ୟାରେ ବିବାହ ଭୋଜି ଆୟୋଜିତ ହୋଇଥିଲା । ଶଶଧର ସାହୁ, ସ୍ୱପ୍ନେଶ୍ୱର ପୂଜା କମିଟି, ଫତେପୁର, ମନୋହରପୁର ଓ ରେବୋ ଆଦି ଗ୍ରାମବାସୀମାନେ ଦେବମାଙ୍ଗଳିକ କାର୍ଯ୍ୟରେ ସହଯୋଗ କରିଥିଲେ ।

# ଇଦ-ଉଲ୍ ଜୁହା ପର୍ବ ପାଳନ ପାଇଁ ଶାନ୍ତି କମିଟି ବୈଠକ




ବଡ଼ଚଣା, (ଭାସ୍କର ନ୍ୟୁଜ୍) : ଆଗାମୀ ୭ ତାରିଖରେ ପାଳିତ ହେବାକୁ ଥିବା ମୁସଲମାନ ସମ୍ପ୍ରଦାୟର ତ୍ୟାଗ ଓ ବଳିଦାନର ଦିବସ ଇଦ୍ ଉଲ ଜୁହା (ବକ୍ରୀଦ୍ )ପର୍ବକୁ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବାକୁ ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତି କମିଟି ବୈଠକ ଥାନା ପରିସରରେ ସାନ୍ଧ୍ୟ ୬ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶାନ୍ତି କମିଟି ବୈଠକରେ ସୁଙ୍ଗୁଡ଼ା, ଦର୍ପଣ, ଚଣ୍ଡିତଳ, କୁନ୍ଦଳ ଗ୍ରାମପଞ୍ଚାୟତର ଓ ମୁସଲମାନ ସମ୍ପ୍ରଦାୟର ସର୍ଦ୍ଦାର ଓ ବସ୍ତିର ବରିଷ୍ଠ ନାଗରିକ ମାନେ ଉପସ୍ତିତ ରହି ଉକ୍ତ ପର୍ବକୁ ଶାନ୍ତି ଶୃଙ୍ଖଳା ଓ ଭାଇଚାରା ଭାବେ ପାଳନ କରିବା ପାଇଁ ଆଲୋଚନା ହୋଇଥିଲା । ଉକ୍ତ ପର୍ବରେ କୌଣସି ଉତ୍ତେଜନା ମୂଳକ ଭାଷଣ, ଅନ୍ୟ ଧର୍ମପ୍ରତି ଆକ୍ଷେପ ନକରିବା ଆଦି ବିଷୟ ଉପରେ ମୁସଲିମ ଭାଇ ମାନେ ଉପସ୍ଥିତ ଥାନା ଅଧିକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଙ୍ଗୁଡ଼ଓ ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ଚଣ୍ଡିତଳ ସରପଞ୍ଚ ସାଗରୀକା ବିହାରୀ, ସୁଙ୍ଗୁଡ଼ଓ ମୁସଲିମ ବସ୍ତିର ସର୍ଦ୍ଦାର ଅମଜାଦ ହୋସେନ୍, ଅରଖ ପୁର ସର୍ଦ୍ଦାର ମୁସ୍ତଫା ବକ୍ସ, ବାଓ୍ୱ ସର୍ଦ୍ଦାର ରଫିକ୍ ବକ୍ସ, ମୁନ୍ତାଜ ଅଲ୍ଲୀ ଖାଁ, ଦର୍ପଣ ସର୍ଦ୍ଦାର ସେକ୍ ନଜୀମୁଦ୍ଦିନ୍, ପୂର୍ବତନ ସର୍ଦ୍ଦାର ସେକ୍ ସବିରୁଦ୍ଦିନ୍, ସେକ୍ ଅବଦୁଲ କରିମ୍, ଅବଦୁଲ ହନାନ, ରିଆଯୁଦ୍ଦିନ ଖାଁ, ମୌଲାନା ସର୍ଫରାଜ୍, ସେକ୍ ସନାଉଲ୍ଲା, ରହିମୁଦ୍ଦିନ ଖାଁ, ମିର୍ଜା ନୁରୁଦ୍ଦିନ୍ ବେଗ୍, ସେକ୍ କମାଲ, ଏସ୍‌ଆଇ ଶାନ୍ତନୁ କୁମାର ମିଶ୍ର, ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପର୍ବ ପାଳନ ଦିନ ସକାଳ ୭ ଠାରୁ ୧୦ ଘଟିକା ମଧ୍ୟରେ ସାମୁହିକ ନମାଜ ପାଠ ବସ୍ତିର ଇଦଗା ପଡିଆ ଓ ମସଜିଦରେ ନମାଜ ପାଠ ପଢିବା ପାଇଁ ନିଷ୍ପତି ହୋଇଥିଲା ।

## ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମେଧାବୀ ସମ୍ବର୍ଦ୍ଧନା ସମାରୋହ

# 'ଦୃଢ ଇଚ୍ଛା ଶକ୍ତି ହିଁ ସଫଳତା ଆଣିଥାଏ'

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଙ୍ଗଳପୁର ସ୍ଥିତ ଇ -ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଡ଼ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ୭୧ ଜଣ ଛାତ୍ର ଛାତ୍ରୀ ସମ୍ବର୍ଦ୍ଧିତ ହୋଇଥିଲେ । ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନରେ ବିଦ୍ୟାଳୟର ରେକର୍ଡ ସଂଖ୍ୟକ ୬୦ ଜଣ ଛାତ୍ରଛାତ୍ରୀ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଥିବାବେଳେ, ସେମାନଙ୍କ ମଧରେ ରାଜ୍ୟର ଶ୍ରେଷ୍ଠ ୨୦ ଜଣଙ୍କ ଭିତରୁ ଇ-ଟେକ୍‌ର ୧୪ ଜଣ ଛାତ୍ରଛାତ୍ରୀ ସ୍ଥାନ ହାସଲ କରିଛନ୍ତି । ଅନୁଷ୍ଠାନର ଛାତ୍ର ଆଶିଷ କୁମାର ସାହୁ ୫୮୪ ନମ୍ବର ରଖି ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ, ରାମେଶ୍ୱରୀ ନନ୍ଦ ୫୮୦ (ରାଜ୍ୟରେ ଚତୁର୍ଥ), ଦର୍ଶନ ରାଉତ ୫୭୫ (ରାଜ୍ୟରେ ନବମ), ଇତିଶ୍ରୀ ମାଝୀ ୫୭୩ ଏବଂ ଅମ୍ବିକା ପ୍ରସାଦ ଦାଶ୫୭୩(ରାଜ୍ୟରେ ୧୧ତମ), ସ୍ୱୟଂ ପ୍ରଭା ପଣ୍ଡା ୫୭୧(୧୩ ତମ), ତେଜସ୍ୱିନୀ ପ୍ରିୟଦର୍ଶିନୀ ୫୭୦(୧୪ ତମ), ଶୁଭସ୍ମିତା ସାହୁ ୫୭୦ (୧୪ ତମ), ସତ୍ୟଜିତ୍ ସାହୁ ୫୬୯ (୧୫ ତମ), ରାହୁଲ ସାହୁ ୫୬୮(୧୬ ତମ), ଉମାକାନ୍ତ ସାହୁ ୫୬୮(୧୬ ତମ ସ୍ଥାନ), ପ୍ରିୟମ କୁମାର ମଲ୍ଲିକ ୫୬୬(୧୮ ତମ), ଶୁଭଶ୍ରୀ ସାହୁ ୫୬୪, ଉମେଶ ସାହୁ ୫୬୪(୨୦ ତମ) ସ୍ଥାନ ହାସଲ କରି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି । ତତ୍ସହିତ ଚଳିତ ବର୍ଷ ଇ-ଟେକର ୧୨୮ ଜଣ ଛାତ୍ର ଛାତ୍ରୀ ଦଶମଠାରୁ +୨ ବିଜ୍ଞାନରେ ଅଧିକ ମାର୍କ ରଖି ଇ-ଟେକର ସମୟୋପଯୋଗୀ ଶିକ୍ଷା ପ୍ରଣାଳୀକୁ ପ୍ରମାଣିତ କରିଛନ୍ତି । ସେମାନଙ୍କ ମଧରୁ ୬୦ ମାର୍କରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ପ୍ରଥମ ୧୦ଜଣଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । "କଠିନ ପରିଶ୍ରମ ସହ ଦୃଢ ଇଛାଶକ୍ତି ହିଁ ସଫଳତା ଆଣିଥାଏ ।




ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ପ୍ରତିଭାର ଜାଗରଣ ନିମନ୍ତେ ନିରବଚ୍ଛିନ୍ନ ଅଧବସାୟ ରହିବା ଉଚିତ,ଏହି ସଫଳତାର ଧାରା ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ବଜାୟ ରଖିବେ ବୋଲି" ଅଧକ୍ଷ ଡଂ ସୁରେଶ ମିଶ୍ର ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁପରାମର୍ଶ ଦେଇଥିଲେ । ଏହି ଅବସରରେ ୬୦ ଜଣ ୯୦% ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଏବଂ ମାଟ୍ରିକ ଠାରୁ +୨ ବିଜ୍ଞାନରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଓ ସେମାନଙ୍କର ମାତାପିତାଙ୍କୁ ତତ୍ସହିତ ଅନୁଷ୍ଠାନର ଟପ୍ପର ଓ ରାଜ୍ୟରେ ୨ୟ ସ୍ଥାନ ହାସଲ କରିଥିବା ଛାତ୍ର ଆଶିଷ କୁମାର ସାହୁଙ୍କୁ "ବେଷ୍ଟ ଷ୍ଟୁଡେଣ୍ଟ ଅଫ ଇ-ଟେକ୍"ସମ୍ମାନରେ ସମ୍ମାନିତ କରି ମାନପତ୍ର, ଉତ୍ତରୀୟ, ଟ୍ରଫି, ପୁଷ୍ପଗୁଚ୍ଛ ସହ ନଗଦ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମାରୋହରେ ଜୋରନ୍ଦା ସ୍ଥିତ ମହିମା ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ଅଧ୍ୟାପକ ଜିତେନ୍ଦ୍ରୀୟ ଶତପଥୀ, ହିନ୍ଦୋଳରୋଡ଼ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ମନୋଜ କୁମାର ରାଉତ, ଇ-ଟେକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସାରଦା ପ୍ରସାଦ ମହାନ୍ତି, ଇ-ଟେକ୍‌ର ଉପାଧକ୍ଷ ଅନିଲ କୁମାର ଗଛାୟତ, ଇ-ଟେକ୍‌ର ସମ୍ପାଦିକା ସାଗରବାଳା ହୋତା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ, "ଛାତ୍ରଛାତ୍ରୀମାନେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଗ୍ରହଣ କରିବା ସହନୈତିକ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇ,ଆଗାମୀ ଦିନରେ ଏକ ସୁସ୍ଥ ସମାଜ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଜଣାଇଥିଲେ ।" ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଚଳିତ ବର୍ଷ ଇ-ଟେକରେ ୪୫ ଜଣ ଛାତ୍ରଛାତ୍ରୀ ଦଶମରେ ୯୦% ମାର୍କ ରଖିନଥିବା ବେଳେ +୨ ବିଜ୍ଞାନରେ ଶତକଡା ୯୦ରୁ ଉର୍ଦ୍ଧ୍ୱ ମାର୍କ ରଖିବାରେ ସଫଳ ହୋଇଥିଲେ । ଏହି ସମାରୋହରେ ଅନୁଷ୍ଠାନର ସମସ୍ତ ଅଧାପକ ଅଧାପିକା ସମସ୍ତ କର୍ମଚାରୀଙ୍କ ସହ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଓଡିଆ ବିଭାଗର ଅଧାପକ ସୁରେଶ ମିଶ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ଟ୍ରେନ୍ ଲାଇନ୍‌ରେ କଟି ଯୁବକ ମୃତ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ମନବର ନିକଟ ରେଳ ଧାରଣାରେ ଟ୍ରେନ ଲାଇନ୍‌ରେ କଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କୋରାପୁଟ ସହରସ୍ଥିତ ଖାଲସାହିର ଚୈତନ୍ୟ ମୁଦୁଲି (୨୮) । ସୂଚନା ଅନୁଯାୟୀ, ଚୈତନ୍ୟ ଗାଧୋଇବାକୁ ମନବର ନିକଟ ଟ୍ରେନ ଲାଇନ କଡରେ ଥିବା ନାଳକୁ ଯାଉଥିଲେ । ଟ୍ରେନ ଲାଇନ ପାର ହେଉଥିବା ବେଳେ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା । ରେଲଓ୍ୱେ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା । ମୃତଦେହ ବ୍ୟବଚ୍ଛେଦ ପାଇଁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଡାକ୍ତରଖାନା ପଠାଯାଇଥିବା ବେଳେ ପୋଲିସ ୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଜିଆରପି ଥାନା ଏଏସଆଇ ଏସ.କେ ପାତ୍ର ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି ।



ନବରଙ୍ଗପୁର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ପଞ୍ଚାୟତ ଉନ୍ନତି ସୂଚକାଙ୍କ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମିନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲାପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଯଦୁମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ସମସ୍ତ ବିଡ଼ିଓ, ଜିପିଡିଓ, ପିଇଓ, ଆର୍‌ଜିଏସ୍ ଡିପିଏମ, ପିଏମ୍(ଆଇଟି), ସି ପି କର୍ମଶାଳାରେ ଭାଗ ନେଇଥିଲେ। ଗ୍ରାମ ପଞ୍ଚାୟତସ୍ତରରେ ସ୍ୱଚ୍ଛତାର ସହ ସୂଚନା ଦ୍ୱାରା ବିକାଶକୁ କିଭଳି ତ୍ୱରାନ୍ୱିତ କରାଯିବ ଓ ପ୍ରଣୟନ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ପରିମାପକର ଉନ୍ନତିକୁ ଦୃଷ୍ଟିରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପରିମାପକ ଦ୍ୱାରା ଗ୍ରାମ ପଞ୍ଚାୟତ ଗୁଡିକ ଜାତୀୟ ପଞ୍ଚାୟତ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି। ଏଥିରେ ପ୍ରଶିକ୍ଷଣ ଅଧିକାରୀ ଭାବେ ତପନ କୁମାର ମିଶ୍ର, ରାକେଶ କୁମାର ପାଲ, ପ୍ରବୀଣ କୁମାର ପଟନାୟକ, ସିଡିଓ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ନିର୍ବାହୀ ଅଧିକାରୀ ଯଦୁମଣି ନାୟକ ପ୍ରମୁଖ ରହିଥିଲେ। ଏହି କର୍ମଶାଳାରେ ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



ବାରିପଦା (ଭାସ୍କର ନ୍ୟୁଜ୍) : ଆଜି ବାରିପଦା ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧ୍ୟକ୍ଷତାରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ବାରିପଦା ସହର ପରିକ୍ରମା କରି ତମାଖୁ, ଅନ୍ୟାନ୍ୟ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ବନ୍ଧରେ ଅବଗତ କରାଇ ଏହାର ବ୍ୟବହାରର କୁପ୍ରଭାବ ସ୍ୱରୂପ ନିଜେ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡିବା ସହିତ ନିଜ ପରିବାରବର୍ଗଙ୍କୁ କିପରି ଏକ ଦୁଃଖଦ ଅନିଶ୍ଚିତ ଭବିଷ୍ୟତ ଆଡକୁ ଟାଣି ନେଇ ଯାଇଥାନ୍ତି ସେ ବିଷୟରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ସଚେତନଧର୍ମୀ ବାର୍ତ୍ତା ଜରିଆରେ ଅବଗତ କରାଇଥିଲେ ଏବଂ ଏହାକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ବିଭିନ୍ନ ଲୋକମାନଙ୍କୁ ଓ ପାନ ଦୋକାନ ଗୁଡ଼ିକରେ ତମାଖୁ ବ୍ୟବହାରର ଭୟାବହତା ଉପରେ ବୁଝା ଯାଇଥିଲା। ଏଥିସହିତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ସଚେତନତା ସଭାର ମଧ୍ୟ ଆୟୋଜନ କରଯାଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ନାଟକ ମାଧ୍ୟମରେ ସଚେତନତା କରିଥିଲେ। ଉକ୍ତ ସଭାରେ କୁଳିଅଣା, କପ୍ତିପଦା ଓ ବଡ଼ସାହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ତମାଖୁ ମୁକ୍ତ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗ ଯଥା ଅବକାରୀ, ଶିକ୍ଷା, ପୋଲିସ୍ ବିଭାଗକୁ ମଧ୍ୟ ତମାଖୁ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଲାଗି ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ଦାସ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଘାସିରାମ ମୁର୍ମୁ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶାନ୍ତନୁ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାର ବିକାଶ ରଞ୍ଜନ ମହାନ୍ତି, ଡାକ୍ତର ଜ୍ଞାନେନ୍ଦ୍ର ମହାନ୍ତି, ଜିଲ୍ଲା ଅବକାରୀ ଅଧିକ୍ଷକ,ପ୍ରଶାନ୍ତ କୁମାର କହଁର, ଜିଲ୍ଲା ଡ୍ରଗ କଣ୍ଟ୍ରୋଲର ରୁଦ୍ର ନାରାୟଣ ସାହୁ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ, ଶିକ୍ଷା ବିଭାଗ ରୁ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଭାରତୀ ଆରୁଖ, ଜିଲ୍ଲା ସମ୍ପ୍ରସାରଣ ଅଧିକାରୀ ଧନୁ ମୁର୍ମୁ, ଗଣେଶ୍ୱର ମହାନ୍ତି , ଡାକ୍ତର ଶୁଭମ୍ ଶ୍ରୀତମ ସାମନ୍ତରାୟ, କହ୍ନେଇ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଖଜା ଓଜନ ମାପର ଠକେଇ ଘଟଣା : ଦୁଇ ଗିରଫ

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ବଡ଼ଦାଣ୍ଡରେ ଭକ୍ତଙ୍କୁ ଖଜା ଦୋକାନୀଙ୍କ ଓଜନ ମାପରେ ଠକେଇ ଘଟଣାକୁ ନେଇ ସିଂହଦ୍ୱାର ଥାନାରେ ମାମଲା ରୁଜୁ ହେବା ପରେ ଦୁଇ ଜଣ ଗିରଫ ହୋଇଛନ୍ତି । ଦୁଇ ଖଜା ବ୍ୟବସାୟୀଙ୍କୁ ଗିରଫ କଲା ସିଂହଦ୍ୱାର ଥାନା ପୋଲିସ । ଆଗାମୀ ଦିନରେ ବଡ଼ଦାଣ୍ଡରେ ଖଜା ଦୋକାନ ନଖୋଲିବା ପାଇଁ ଚଢାଉ ଜୋରଦାର କରାଯିବ ବୋଲି ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁରରୁ ଆସିଥିବା କିଛି ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଘର ଓ ବନ୍ଧୁମାନଙ୍କ ପାଇଁ ପୁରୀର ପ୍ରସିଦ୍ଧ ଖଜା ନେବାକୁ ବୁଲୁଥିବା ବେଳେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଗଳିରେ ଥିବା ଖଜା ଦୋକାନରୁ ୨୦ କିଲୋ ଖଜା କିଣିଥିଲେ । ହେଲେ ତାକୁ ପାଖ ଦୋକାନରେ ଓଜନ କରିବାରୁ ତାହା ୧୨ କିଲୋ ଖଜା ହେଲା । ଅର୍ଥାତ୍ ଖଜା କିଲୋଗ୍ରାମ ପିଛା ୩୦୦ ଗ୍ରାମ୍ କମ୍ । ତେବେ ଏହାକୁ ନେଇ ଖଜା ଦୋକାନୀଙ୍କ ସହ ସେମାନେ ପାଟିତୁଣ୍ଡ କରିବାରୁ ଦୋକାନୀ କହିଥିଲେ ପୁରୀରେ ଏହିଭଳି ଓଜନ ରହିବ । ତେଣୁ ଇଚ୍ଛା ଅଛି ଯଦି ନିଆ ନ ହେଲେ ମାଡ଼ ଖାଇବ ବୋଲି ଧମକ ଦେବାରୁ ସେଠାରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହାସହ ପୋଲିସ ପହଞ୍ଚି ଖଜା ଦୋକାନୀ ଓ ଖଜା ଏବଂ ମେସିନକୁ ଜବତ କରିବା ସହ ସିଂହଦ୍ୱାରା ଥାନାରେ ଅଟକ ରଖିଥିବା ବେଳେ ପର୍ଯ୍ୟଟକମାନେ ଏତଲା ଦେଇଥିଲେ । ଖାଲି ଓଜନ ଠକେଇ ନୁହେଁ ତଳେ ପଡିଥିବା ଖଜାକୁ ବି ପ୍ୟାକିଂ କରି ବିକ୍ରି ହେଉଥିବା ଅଭିଯୋଗ ହେଉଥିବା ବେଳେ ଖଜାର ମାନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା । ତେବେ ପୁରୀରେ ଏଭଳି ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ ଓଜନ ମେସିନ ଚଢାଉ ଦେଖିବାକୁ ମିଳିନାହିଁ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା ।

# ପୃଥକ ସଡ଼କ ଦୁର୍ଘଟଣାରେ ୧ ମୃତ, ୩ ଗୁରୁତର

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ପୃଥକ ପୃଥକ ତିନୋଟି ସ୍ଥାନରେ ଦୁର୍ଘଟଣା ଘଟି ତିନି ଜଣ ଗୁରୁତର ହୋଇଥିବା ବେଳେ ଜଣକର ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନାରୁ ଜଣାଯାଏ ଶନିବାର ରାତି ପ୍ରାୟ ସାଢ଼େ ନଅଟା ବେଳକୁ ପରଜଙ୍ଗ ଭାଲୁମୁଣ୍ଡା ଛକ ଆଡ଼କୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ସରକାରୀ ଆଇଟିଆଇ ତାଲିମ କେନ୍ଦ୍ର ନିକଟରେ ରେଣ୍ଟାପାଟ ପଞ୍ଚାୟତ ପାଣିଭଣ୍ଡାର ଗ୍ରାମର ପ୍ରକାଶ ମହାପାତ୍ର(୩୮ ବର୍ଷ )ନିଜ ଘରକୁ ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ଦମକଳ ବାହିନୀ ଡକାଇ ଗୁରୁତର ଆହତ ହୋଇଥିବା ପ୍ରକାଶଙ୍କୁ ଆଣି ପରଜଙ୍ଗ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡାକ୍ତର ପଠାଇ ଦେଇଥିଲେ । ସେହିପରି ସେହି ଶନିବାର ରାତିରେ ୫୩ ନମ୍ବର ଜାତୀୟ ରାଜପଥ ମୁକ୍ତାପଶି ମେଡିକାଲ ଛକ ଉପରେ ମୁକ୍ତାପଶି ଗ୍ରାମର ୬୫ ବର୍ଷୀୟ ବୃଦ୍ଧ ସମ୍ବରିଶ ସାହୁ କୌଣସି କାର୍ଯ୍ୟରେ ରାସ୍ତା ପାର ହେଉଥିଲେ। ଠିକ୍ ଏତିକି ବେଳେ କାମାକ୍ଷାନଗର ଦିଗରୁ ତାଳଚେର ଦିଗକୁ ଦ୍ରୁତଗତିରେ ଯାଉଥିବା ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା । ପରିବାର ଲୋକଙ୍କ ଦ୍ୱାରା ସଙ୍ଗେ ସଙ୍ଗେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲକୁ ନେଇ ଯାଇଥିଲେ। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଆଜି ରବିବାର ସକାଳୁ ସକାଳୁ ୫୩ ନମ୍ବର ଜାତୀୟ ରାଜପଥ ବାରିହାପୁରରେ ବାପ, ପୁଅ ଏକ ବାଇକ୍‌ରେ ବସି ରାଉରକେଲା ଅଞ୍ଚଳରୁ ଯାଜପୁର ଅଞ୍ଚଳକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଛନ୍ତି। ସୂଚନାରୁ ଜଣାଯାଏ, ରାଉରକେଲା ଅଞ୍ଚଳର ସୁଦର୍ଶନ ସାହୁ ଓ ପୁଅ ପ୍ରଶ୍ନଜିତ ସାହୁ ବୋଲି ଜଣାପଡିଛି। ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଆମ୍ବୁଲାନ୍ସରେ ପ୍ରଥମେ ଉଭୟଙ୍କୁ ପରଜଙ୍ଗ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

# ବଜ୍ରାଘାତରେ ଦୁଇ ଗର୍ଭଣୀ ମଇଁଷି ମୃତ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ ଗ୍ରାମରେ ଆଜି ବଜ୍ରାଘାତ ଘଟି ଦୁଇଟି ମଇଁଷିର ମୃତ୍ୟୁ ହୋଇଯାଇଛି। ସୂଚନାରୁ ପ୍ରକାଶ ଏହି ପଞ୍ଚାୟତ ଅନ୍ତର୍ଗତ ଗରାମ ଗ୍ରାମର ବିଜୟ କୁମାର ଦାସ ସବୁଦିନ ପରି ଆଜି ତାଙ୍କ ମଇଁଷି ପଲଙ୍କୁ ଚରାଇବାକୁ ଘରୁ ବାହାରକୁ ନେଇଥିଲେ। ଅପରାହ୍ନରେ ଘରକୁ ଫେରୁଥିବା ବେଳେ ଲୁଣାନଦୀର କୂଳରେ ଅର୍ତ୍ତାମୂଳ ନିକଟରେ ମଇଁଷି ଗୁଡ଼ିକ ଘାସ ଚରୁଥିଲେ। ନିକଟରେ ବିଜୟ ମଧ୍ୟ ଉପସ୍ଥିତ ରହିଥିଲେ। ଏହି ସମୟରେ ହଠାତ୍ କଳାହାଣ୍ଡିଆ ମେଘ ଉଠାଇ ଆସି ଘନଘନ ବଜ୍ରପାତ ସହିତ ଖୁବ୍ ଜୋରରେ ବର୍ଷା ହୋଇଥିଲା। ଫଳରେ ବିଜୟଙ୍କର ଦୁଇଟି ଗର୍ଭଣୀ ମଇଁଷି ସେହିଠାରେ ହିଁ ଛଟପଟ ହୋଇ ଟଳି ପଡ଼ିଥିଲେ। ସୌଭାଗ୍ୟକୁ ବିଜୟ କିଛି ଦୂରରେ ବସିଥିବା ବେଳେ ବଜ୍ରାଘାତରୁ ଅଳ୍ପକେ ରକ୍ଷା ପାଇ ଯାଇଥିଲେ।

# ପୋଖରୀରେ ବୁଡି ବୃଦ୍ଧ ମୃତ

ଭୁବନ (ଭାସ୍କର ନ୍ୟୁଜ୍) : ଭୁବନ ଏନ୍‌ଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ସ୍ଥିତ ବେଣା ଗାଡିଆ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସ୍ଥାନୀୟ ପାଲା ମଣ୍ଡପ ୱାର୍ଡ ନମ୍ବର ୪ ସହୁଘର ପାଟଣା ନିବାସୀ ଉମ୍ବରୁଧର ସାହୁ (୭୨) ଶନିବାର ରାତି ୧୧ ଘଟିକା ସମୟରେ ଖିଆପିଆ ସାରି ବାହାରକୁ ବୁଲିବାକୁ ଯାଇଥିଲେ। ରବିବାର ସକାଳେ ଅଜଣା ବ୍ୟକ୍ତିଙ୍କ ମର ଶରୀର ବେଣା ଗାଡିଆ ପୋଖରୀରେ ଭାସୁଥିବା ଖବର ପାଇ ପରିବାରବର୍ଗ ଆସି ଶବ ଚିହ୍ନଟ କରିଥିଲେ। ଦମକଳ ବାହିନୀ ଶବ ଉଦ୍ଧାର କରିଥିଲା। ମୃତକଙ୍କ ପୁତ୍ର ମଳୟ ସାହୁ (୪୦)ଙ୍କ ଅଭିଯୋଗ କ୍ରମେ ଭୁବନ ପୋଲିସ ଶବ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଧକ୍କା ଦେଲା କାର୍ ଜ୍ୱାଇଁ ଓ ମାମୁ ମୃତ

ବନ୍ଧୁଗାଁ (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ପେଦାଲୋଡା ପଞ୍ଚାୟତ ଝାଙ୍କରକାର୍ଲି ଗାଁର ଦୁଇଜଣ ବାଇକ୍ ଆରୋହୀଙ୍କୁ ଆନ୍ଧ୍ରପ୍ରଦେଶର ସାନ୍ଧିୱାଲ୍ସା ନିକଟ ମୁଖ୍ୟରାସ୍ତାରେ ଏକ ଅଜଣା କାର୍ ଧକ୍କା ହେବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଝଙ୍କାରକାର୍ଲିର ଯୁବକ ରମେଶ ହୁଇକା (୨୦ବର୍ଷ ) ଆନ୍ଧ୍ର ପ୍ରଦେଶର ସାନ୍ଦିୱାଲ୍ସା ଗାଁର ଝିଅକୁ ବିବାହ ହୋଇଥିଲେ। ସେ ନିଜ ମାମୁଙ୍କୁ ଦେଖିବା ପାଇଁ ସାନ୍ଦିୱାଲ୍ସା ଗାଁକୁ ଯାଇ ମାମୁଙ୍କ ସହିତ ଖୁସିରେ କିଛି କିଣିବା ପାଇଁ ବାଇକ୍ ଯୋଗେ ନିକଟସ୍ଥ ଗୋଇସେକା ଗାଁକୁ ଯାଉଥିଲେ। ଘରୁ ବାଇକ୍‌ରେ ଦୁଇଜଣ ବାହାରିବା ପରେ ସାନ୍ଦିୱାଲ୍ସାରୁ ଡକିଲା କତାପାଟଣାମ ମଝିରେ ଥିବା ମୁଖ୍ୟ ରାସ୍ତାରେ ଏକ ଅଜଣା କାର୍ ସହିତ ବାଇକ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଜ୍ୱାଇଁ ରମେଶ ହୁଇକାଙ୍କ ମୃତ୍ୟୁ ହୋଇଥିବା ବେଳେ ମାମୁ ଆପାନା ପିଡ଼ିକା (୬୨ ବର୍ଷ)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ମୃତ୍ୟୁ ଘଟିଛି। ଏହି ଖବର ଶୁଣିବା ପରେ ସରପଞ୍ଚ ଶେଖର କଣ୍ଡାଗରି ଭେଙ୍କଟ କଣ୍ଡାଗରି ଓ କିଛି ଲୋକ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଥିବା ଜାଣିବାକୁ ମିଳିଛି। ଘଟଣାସ୍ଥଳରେ ଆନ୍ଧ୍ର ପ୍ରଦେଶ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ଚାଲିଯାଇଥିବା କାର୍‌କୁ ସିସି ଟିଭି ଯୋଗେ ଯାଞ୍ଚ କରୁଥିବା ଜାଣିବାକୁ ମିଳିଛି।

# ଶୀତଳ ଷଷ୍ଠୀ ଓ ଶିବ ବିବାହ ଉତ୍ସବ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ବାଲିସାହି ସ୍ଥିତ ବାଲୁଙ୍କେଶ୍ୱର ମହାଦେବ ମନ୍ଦିରରେ ଶୀତଳ ଷଷ୍ଠୀ ଓ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନବମ ବାର୍ଷିକ ଶିବ ଓ ପାର୍ବତୀଙ୍କ ବିବାହ ଯଜ୍ଞ ଉତ୍ସବର ଗତକାଲି ଅଙ୍କୁରାରୋପଣ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ପବିତ୍ର ଲୁଣାନଦୀରୁ ପୂଜାର୍ଚ୍ଚନା ପୂର୍ବକ ଜଳପୂର୍ଣ୍ଣ କଳସକୁ ଶୋଭାଯାତ୍ରା ମଧ୍ୟରେ ଯଜ୍ଞସ୍ଥଳକୁ ଆଣିଥିଲେ। ଆଜି ଶିବ ପାର୍ବତୀଙ୍କ ବିବାହ ଉତ୍ସବ ସମସ୍ତ ରୀତିନୀତିରେ କରାଯାଇଥିଲା ବେଳେ ଦେବ ଶିବଙ୍କ ପିତାମାତା ଭାବରେ ବାଲିସାହି ଗ୍ରାମର ବିଜୟ କୁମାର ପଣ୍ଡା ଓ ସ୍ମିତା ପଣ୍ଡା ଏବଂ ଦେବୀ ପାର୍ବତୀଙ୍କ ପିତାମାତା ଭାବରେ ନାନକାର ଗ୍ରାମର ସୁବ୍ରତ କୁମାର ପରିଡ଼ା ଓ ସୁଲୋଚନା ପରିଡା କାର୍ଯ୍ୟ ନିର୍ବାହ କରିଥିଲେ। ଏହି ଅବସରରେ ଉପସ୍ଥିତ ସ୍ଥାନୀୟ ଅଞ୍ଚଳର ମହିଳାମାନେ ବରକନ୍ୟା (ଶିବ ପାର୍ବତୀ)ଙ୍କୁ ବନ୍ଦାପନା କରିଥିଲେ। ଏହି ଦେବ ବିବାହ ଯଜ୍ଞରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଭକ୍ତଗଣ ଉପସ୍ଥିତ ରହିଥିଲେ। ସେହିପରି ପଲେଇ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗା ମଲ୍ଲିକେଶ୍ୱରପୁର ସ୍ଥିତ ମଲ୍ଲିକେଶ୍ୱରଙ୍କ ପୀଠ ଓ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ ବାଲୁଙ୍କେଶ୍ୱରଙ୍କ ପୀଠରେ ଶୀତଳଷଷ୍ଠୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ଓଡ଼ିଶା ବିଧାନସଭା ୫ମ ଷ୍ଟାଣ୍ଡିଂ କମିଟିର ଗଞ୍ଜାମ ଜିଲ୍ଲା ଗସ୍ତ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଓଡ଼ିଶା ବିଧାନ ସଭା ୫ମ ଷ୍ଟାଣ୍ଡିଂ କମିଟି ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତ କରି ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରି ଶୁକ୍ରବାର ଅପରାହ୍ନରେ ବ୍ରହ୍ମପୁର ସ୍ଥିତ ସର୍କିଟ ହାଉସ୍ ଠାରେ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ସମୀକ୍ଷା କରିଥିଲେ ଏବଂ ଶନିବାର ମା' ତାରାତାରିଣୀଙ୍କ ପୀଠରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକ ତଦାରଖ କରି ଫେରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାରେ ଚାଲିଥିବା ଶିଶୁ ଓ ମାତୃ ସୁରକ୍ଷା ଯୋଜନା, ମିଶନ୍ ଶକ୍ତି, ସ୍ୱାସ୍ଥ୍ୟ ବିଭାଗ, ଆଇନ୍ ଓ ଶୃଙ୍ଖଳା ପରିସ୍ଥିତି ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ । ପରଜଙ୍ଗ ବିଧାୟକ ତଥା ଷ୍ଟାଣ୍ଡିଂ ସମିଟି ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ ପୂର୍ବକ ଷ୍ଟାଣ୍ଡିଂ କମିଟିର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇ ଜଣାଇଥିଲେ ଯେ, ଜିଲ୍ଲାର ଭଲ କାର୍ଯ୍ୟକୁ ପ୍ରୋତ୍ସାହନ କରିବା ସହିତ ସରକାରୀ ଯୋଜନା ଗୁଡିକରୁ ଜନସାଧାରଣ ଯେଉଁଭଳି ଉପକୃତ ହୋଇପାରିବେ ସେହି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରବର୍ତ୍ତାଇ ଥିଲେ । ଭିନ୍ନକ୍ଷମ ବ୍ୟକ୍ତିଗଣ ଆୟୁଷ୍ମାନ ଭାରତରେ ନାମ ପଞ୍ଜିକରଣ କଲାବେଳେ ଦେଖାଯାଉଥିବା ସମସ୍ୟା ଗୁଡିକର ସମାଧାନ ସକାଶେ ପଥ ପରିଷ୍କାର କିଭଳି ହେବ ତାହା ଆଲୋଚନା କରିଥିଲେ । ମିଶନ୍ ଶକ୍ତି ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକର ବିକ୍ରିବଟା ନିମନ୍ତେ ଯୋଗାଇ ଦିଆଯାଉଥିବା ଦୋକାନ ଗୁଡିକ ବଜାର ଥିବା ଅଞ୍ଚଳରେ ଯୋଗାଇ ଦିଆଗଲେ ସାମଗ୍ରୀ ବିକ୍ରି ସକାଶେ ସମସ୍ୟା ରହିବ ନାହିଁ ବୋଲି କମିଟି ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ । ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ଦିଗରେ ଦେଖାଯାଉଥିବା ସମସ୍ୟା ସମାଧାନ କରାଗଲେ ଲୋକେ ଉପକୃତ ହେବେ । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମସ୍ୟା ରହିଛି । ଯାହାବି ମାନବ ସମ୍ବଳ ରହିଛି ସେଗୁଡିକର କିଭଳି ପରିଚାଳନା କରାଯାଇ ସମସ୍ୟାର ସମାଧାନ ହେବ ତାହା ପଚାରି ବୁଝିଥିଲେ । ସେହି ଅନୁସାରେ ସରକାରଙ୍କ ଠାରେ ପ୍ରସ୍ତାବ ରଖିବେ ବୋଲି ମତ ଦେଇଥିଲେ। ଗଞ୍ଜାମ ଜିଲ୍ଲାରେ ସମୁଦାୟ ୫୨ ପ୍ରତିଶତ ପଦବୀ ଖାଲି ପଡିଥିବା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ ପ୍ରକଳ୍ପ ମ୍ୟାନେଜର ଅବଗତ କରାଇଥିଲେ। ଜିଲ୍ଲାରେ ଚାଲିଥିବା ନୀରିକ୍ଷଣ କାର୍ଯ୍ୟକ୍ରମକୁ କମିଟି ଉଚ୍ଚ ପ୍ରଶଂସା କରିବା ସହ ଏହି ଯୋଜନା କିଭଳି ରାଜ୍ୟର ଅନ୍ୟ ଜିଲ୍ଲା ମାନଙ୍କରେ କାର୍ଯ୍ୟକାରୀ ହେବ ସେ ଦିଗରେ ସରକାରଙ୍କ ଠାରେ ପ୍ରସ୍ତାବ ରଖିବା ନିମନ୍ତେ କମିଟି ସ୍ଥିର କରିଥିଲେ। ଦକ୍ଷିଣାଞ୍ଚଳ ନିମନ୍ତେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଠାରେ ଏକ ସୁପର ସ୍ପେସାଲିଷ୍ଟ ଚିକିତ୍ସାଳୟ ଆବଶ୍ୟକତା ସମ୍ପର୍କରେ ଚିକିତ୍ସା ବିଭାଗ ଠାରୁ ପ୍ରସ୍ତାବ ରଖାଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ଭବନ ନିର୍ମାଣ, ହିଞ୍ଜିଳି ଠାରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ ରହିଥିବା ୧୬ ଗୋଟି ଶଯ୍ୟାରୁ ୮୦ ଗୋଟି ଶଯ୍ୟାରେ ପରିଣତ କରିବା ନିମିତ୍ତ ପ୍ରସ୍ତାବମାନ ଦିଆଯାଇଥିଲା। ଅଲଟ୍ରାସାଉଣ୍ଡ ପରୀକ୍ଷା ସକାଶେ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ନେଇ ଆଲୋଚନା ହୋଇଥିଲା। ଜିଲ୍ଲାରେ ଶିଶୁ ସୁରକ୍ଷା ଦିଗରେ ବିଭିନ୍ନ ଆବାସ କେନ୍ଦ୍ର, ସେମାନଙ୍କ ଶିକ୍ଷା ପଦ୍ଧତି ଶିଶୁ ଶ୍ରମିକ ଉଦ୍ଧାର କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନେଇ କରାଯାଉ ଥିବା ପଦକ୍ଷେପ ସମ୍ପର୍କରେ କମିଟିକୁ ଅବଗତ କରାଯାଇଥିଲା। ମିଶନ ଶକ୍ତି ସକାଶେ ୪୯୭ ଗ୍ରାମ ପଞ୍ଚାୟତରେ ନିଜସ୍ୱ କୋଠା ନିର୍ମାଣ କରାଯାଇ ହସ୍ତାନ୍ତର ହୋଇଥିବା ଜଣା ଯାଇଥିଲା। ଜିଲ୍ଲାରେ ଅର୍କିଟ ଫୁଲ ଚାଷ କରି ମହିଳା ଗଣ ଅଧିକ ଲାଭବାନ ହୋଇଥିବା ହେତୁ ଏହି ଚାଷକୁ ସମ୍ପ୍ରସାରଣ କରିବାକୁ କମିଟି ପ୍ରସ୍ତାବ ଦେଇଥିଲେ। ଗଞ୍ଜାମ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆରକ୍ଷୀ ଅଧିକ୍ଷକ ବ୍ରହ୍ମପୁର ଏବଂ ଛତ୍ରପୁର କିଭଳି ପରିଚାଳନା କରୁଛନ୍ତି ତାହା ଅବଗତ କରାଇଥିଲେ । ବୈଠକରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଗୁଣପୁର ବିଧାୟକ ସତ୍ୟଜିତ ଗୋମାଙ୍ଗ, ସଦସ୍ୟ ପ୍ରମୁଖ ଉପସ୍ଥିତ ଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ସ୍ୱାଗତ ଏବଂ ଧନ୍ୟବାଦ ଅର୍ପଣ କରି ସମୀକ୍ଷା ବୈଠକ ପରିଚାଳନା କରିଥିଲେ। ଆରକ୍ଷୀ ଅଧୀକ୍ଷକ ବ୍ରହ୍ମପୁର ଏମ୍. ଶ୍ରାବଣା ବିବେକ, ଛତ୍ରପୁର ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଉପଜିଲ୍ଲାପାଳ ବ୍ରହ୍ମପୁର ଦୀନା ଦସ୍ତଗୀର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମଦ ବ୍ୟବସାୟକୁ ନେଇ କଂଗ୍ରେସ-ବିଜେପି ମୁହାଁମୁହିଁ

ଲକ୍ଷ୍ମୀପୁର (ଲକ୍ଷ୍ମୀପୁର) : ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ମଦ ବ୍ୟବସାୟକୁ ନେଇ କଂଗ୍ରେସ ଓ ବିଜେପି ମୁହାଁମୁହିଁ। କିଛିଦିନ ତଳେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଚାଲି ଥିବା ମଦ ଦୋକାନ ଓ ଭାଟିକୁ ବିରୋଧ କରି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ତାଲା ପକାଇ ପ୍ରତିବାଦ କରିଥିଲେ। ହେଲେ ତା'ର ଗୋଟିଏ ଦିନ ପରେ ପ୍ରଶାସନ ସମସ୍ତ ଦୋକାନର ତାଲା ଖୋଲିବା ଏବେ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ମଦ ଦୋକାନ ମାଲିକମାନେ ବିଧାୟକ ପବିତ୍ର ସାଉନ୍ତାଙ୍କ ବିରୋଧରେ ସଂଗୀନ ଅଭିଯୋଗ ଆଣି ନିଜ ନିଜ ଅଞ୍ଚଳର ଥାନାରେ ଅଭିଯୋଗ କରିଥିଲେ। ପରେ ବିଜେପି ଦଳ ସାମ୍ବାଦିକ ସମ୍ମିଳନୀ ଜରିଆରେ ନିଜର ପ୍ରତିକ୍ରିୟା ରଖିଥିବା ବେଳେ ଆଜି ପୁଣି କଂଗ୍ରେସ ଦଳ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ନିଜର ସ୍ପଷ୍ଟୀକରଣ ରଖିଛି। ଲୋକଙ୍କ ସମର୍ଥନରେ ନିର୍ବାଚିତ ହୋଇଥିବାରୁ ଲୋକଙ୍କ ମତକୁ ସମ୍ମାନ ଜଣାଇ ଲୋକଙ୍କ ସହ ରହି ମଦ ଭାଟି ଗୁଡ଼ିକୁ ବନ୍ଦ କରିଥିଲି। ସ୍ୱାର୍ଥ ପ୍ରତି ବାଧା ଆସିବାରୁ ମଦ ବ୍ୟବସାୟୀମାନେ ମୋ ବିରୋଧରେ ମିଥ୍ୟା ଅଭିଯୋଗ ଆଣିଛନ୍ତି । ମଦ ଦୋକାନୀ ଓ ବିଜେପି ଦଳର ଆରୋପକୁ ସିଏ ପ୍ରତ୍ୟାଖାନ କରିବା ସହ ନିଜ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ଅପରପକ୍ଷେ ବିଜେଡ଼ି ଦଳର ୨୪ ବର୍ଷ ଶାସନରେ ଗାଁ ଗାଁ ରେ ବ୍ୟାପକ ଭାବେ ମଦ ଭାଟି ଖୋଲା ହେଲା। ଏବେ ମଦ ଭାଟି ମାଲିକଙ୍କୁ ସମର୍ଥନ କରୁଛି ବିଜେପି ବୋଲି କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା ପ୍ରକାଶ କରିବା ସହ ଏହି ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା ଉପସ୍ଥିତ ରହି ବିଜେପି ଓ ପ୍ରଶାସନର ଭୂମିକାକୁ ନିନ୍ଦା କରିଛନ୍ତି । ଗୁଜରାଟରେ ବିଜେପି ମଦ ବନ୍ଦ କରିଥିବା ବେଳେ ଲକ୍ଷ୍ମୀପୁରର ବିଜେପି ମଦ ବ୍ୟବସାୟୀଙ୍କୁ କିପରି ସମର୍ଥନ ଜଣାଉଛନ୍ତି ବୋଲି ବିଜେପିକୁ ପ୍ରଶ୍ନ କରିଛନ୍ତି । ଆଦିବାସୀ ଓ ସ୍ଥାନୀୟ ଅଞ୍ଚଳର ଲୋକମାନେ ମଦଭାଟିକୁ ବିରୋଧ କରୁଥିବା ବେଳେ ବିଜେପି ମଦଭାଟିକୁ ସମର୍ଥନ ଜଣାଇ ଆଦିବାସୀ ଅଞ୍ଚଳ ଲୋକଙ୍କୁ ବିରୋଧ କରୁଛି ଏହା ସ୍ପଷ୍ଟ ହୋଇଯାଇଛି ବୋଲି ସାଂସଦ ଉଲାକା ମତପ୍ରକାଶ କରିଛନ୍ତି । କଂଗ୍ରେସ ବିଧାୟକ ଓ କୋରାପୁଟ ସାଂସଦ ସାମ୍ବାଦିକ ସମ୍ମିଳନୀରେ କରିଥିବା ଅଭିଯୋଗ ପ୍ରତି ବିଜେପି ନେତା କୈଳାଶ କୁଲେଶିକା ମୁହଁ ଖୋଲିଛନ୍ତି। ଆଇନକୁ ହାତକୁ ନେବାକୁ କଂଗ୍ରେସକୁ କିଏ ଅଧିକାର ଦେଲା, କଂଗ୍ରେସ ଶାସନରେ ହିଁ ମଦ ଦୋକାନ ଖୋଲାଯାଇଛି। କଂଗ୍ରେସ ବିକାଶ ବିରୋଧୀ ଓ ଆଦିବାସୀ ବିରୋଧୀ। ନିମ୍ନମାନର ମଦ ବିକ୍ରୟ ହେଉଛି ଯଦି ପ୍ରମାଣିତ କରନ୍ତୁ । ଚାନ୍ଦା ନମିଳିଲେ ସରକାରୀ ମଦ ଦୋକାନ ବନ୍ଦ କରିବାକୁ ବିଧାୟକ, ସାଂସଦ ଓ କଂଗ୍ରେସ ଦଳକୁ କିଏ ଦେଲା ଅଧିକାର ବୋଲି ବିଜେପି ନେତା କୁଲେଶିକା ପ୍ରଶ୍ନ କରିଛନ୍ତି ।ମଦ ଭାଟିରେ ତାଲା ପକାଇବା ବେଳେ ସାଧାରଣ ଲୋକେ ନଥିଲେ। କିଛି ଚୋରା ମଦ ବ୍ୟବସାୟୀ ଓ କଂଗ୍ରେସ ସମର୍ଥକମାନେ ଥିଲେ। ଆଦିବାସୀ ବା ସାଧାରଣ ଲୋକେ କଂଗ୍ରେସ ସହିତ ନାହାଁନ୍ତି। ଗତ ନିର୍ବାଚନରେ କଂଗ୍ରେସ କୁ ଭୋଟ ଦେଇ ଲୋକେ ଏବେ ପଶ୍ଚାତାପ କରୁଛନ୍ତି। ସିଙ୍ଗାରାମଠାରେ ବକ୍ସାଇଟ୍ ଡ୍ରମିଂକୁ ବିରୋଧ କରିଥିଲେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା। ତା ପରେ ନୀରବ ରହିଗଲେ । ଏବେ ସେଠି ବକ୍ସାଇଟ୍ ଡ୍ରମିଂ ହେଲା କେମିତି ? ବେଦାନ୍ତ କମ୍ପାନୀ ସହ ଡ଼ିଲ କରିନାହାନ୍ତି ତେବେ ଏବେ ବିରୋଧ କରି ସ୍ୱଚ୍ଛତାର ପ୍ରମାଣ ଦିଅନ୍ତୁ। ତାହା ହେଲେ ଲକ୍ଷ୍ମୀପୁର ବିଧାୟକ ଓ କଂଗ୍ରେସ ଆଦିବାସୀଙ୍କ ସମର୍ଥକ ବୋଲି ପ୍ରମାଣିତ ହୋଇପାରିବେ ବୋଲି କୁଲେଶିକା କହିଛନ୍ତି।


**ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ**

# କଳାରେ ଅର୍ଚ୍ଚନା, ବିଜ୍ଞାନରେ ଦିନେଶ ଓ ବାଣିଜ୍ୟରେ ସ୍ମୃତିରେଖା ଶ୍ରେଷ୍ଠ ସ୍ନାତକ

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। କଳାରେ ଅର୍ଚ୍ଚନା ଶର୍ମା, ବିଜ୍ଞାନରେ ଦିନେଶ ନାୟକ ଓ ବାଣିଜ୍ୟରେ ସ୍ମୃତିରେଖା ମିଶ୍ର ଶ୍ରେଷ୍ଠ ସ୍ନାତକ ଭାବେ ଗୌରବ ଅର୍ଜନ କରିଛନ୍ତି। କଳାରେ ମୋଟ ୨୨୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧୬ ଜଣ କୃତକାର୍ଯ୍ୟ ହୋଇଛନ୍ତି ଓ ମୋଟ ପାସ୍ ହାର ୯୬% ରହିଥିବା ଜଣାପଡିଛି। ବିଜ୍ଞାନରେ ୧୯୩ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୮୯ଜଣ କୃତକାର୍ଯ୍ୟ ହୋଇଛନ୍ତି ଓ ମୋଟ ପାସ୍ ହାର ୯୮% ରହିଥିବା ଜଣାପଡିଛି। ବାଣିଜ୍ୟରେ ମୋଟ ୧୬୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୫୦ ଜଣ କୃତକାର୍ଯ୍ୟ ହୋଇଛନ୍ତି ଓ ମୋଟ ପାସ୍ ହାର ୯୩ ପ୍ରତିଶତ ରହିଛି। ଅର୍ଥନୀତିରେ ଅର୍ଚ୍ଚନା ଶର୍ମା, ଇଂରାଜୀରେ ମୁସ୍କାନ୍ ମଟାନିଆ, ଶିକ୍ଷାରେ ସୋନାଲି ରାଉତ, ଇତିହାସରେ ରୂପାଲି ରାଉତ, ସାମାଜିକ ବିଜ୍ଞାନରେ ହିମାନି ବାଗୁଲିଆ, ସଂସ୍କୃତରେ ସ୍ମିତିପ୍ରଜ୍ଞା ଗ୍ରହାଚର୍ଯ୍ୟ, ମନସ୍ତତ୍ତ୍ୱରେ ବିମଳ କୁମାର ସାହୁ, ଦର୍ଶନ ଶାସ୍ତ୍ରରେ ବିପାସା ସ୍ୱାଇଁ, ରାଜନୀତି ବିଜ୍ଞାନରେ ମୋନାଲିସା ସାହୁ ଓ ଓଡ଼ିଆ ଭାଷା ସାହିତ୍ୟରେ ଚନ୍ଦ୍ରମା ପ୍ରଧାନ ପ୍ରମୁଖ ସର୍ବାଧିକ ନମ୍ବର ରଖି ବିଭାଗୀୟ ଶ୍ରେଷ୍ଠ ତାଲିକାରେ ସ୍ଥାନିତ ହୋଇଛନ୍ତି। ବିଜ୍ଞାନରେ ପଦାର୍ଥ ବିଜ୍ଞାନର ଦିନେଶ ନାୟକ, ରସାୟନ ବିଜ୍ଞାନର ଶିଳାଲିପି ବାରିକ, ଗଣିତର ଶୁଭଶ୍ରୀ ଜେନା, ଭୂତତ୍ତ୍ୱରେ ଶୁଭସ୍ମିତା ସାମଲ, ଉଦ୍ଭିଦ ବିଜ୍ଞାନର ଦେବିପ୍ରସାଦ ମହାପାତ୍ର ଓ ପ୍ରାଣୀ ବିଜ୍ଞାନର ରଶ୍ମିତା ମହାରଣା ସର୍ବାଧିକ ନମ୍ବର ରଖି ବିଭାଗୀୟ ଶ୍ରେଷ୍ଠ ତାଲିକାରେ ରହିଛନ୍ତି। ସେହିପରି ବାଣିଜ୍ୟରେ ସ୍ମୃତିରେଖା ମିଶ୍ର ସର୍ବାଧିକ ନମ୍ବର ରଖି ଶ୍ରେଷ୍ଠ ତାଲିକାରେ ସ୍ଥାନ ପାଇଛନ୍ତି। ସେହିଭଳି ସ୍ନାତକୋତ୍ତର(ପିଜି)ରେ ଇତିହାସ ଗୀତାଞ୍ଜଳି ନାୟକ, ରାଜନୀତି ବିଜ୍ଞାନର କଳ୍ପିତ ସାହୁ ଓ ବାଣିଜ୍ୟରେ ଚିନ୍ମୟ ରଞ୍ଜନ ନନ୍ଦ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ଶତକଡା ଶହେ ଉତ୍ତୀର୍ଣ୍ଣ ହେଇଛନ୍ତି। ମୋଟ ୫୭୮ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୫୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ମଲ୍ଲିକ, ପରୀକ୍ଷା ନିୟନ୍ତ୍ରକ ଗଣିତ ବିଭାଗର ପ୍ରାଧ୍ୟାପକ ମହମ୍ମଦ ଟୀକା ଖାଁ, ଉପ-ନିୟନ୍ତ୍ରକ ଓଡ଼ିଆ ବିଭାଗର ଅଧ୍ୟାପକ ରଞ୍ଜିତ କୁମାର ପହି, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଅଜୟ କୁମାର ମହାକୁଡ଼, ପ୍ରାଧ୍ୟାପକ ପ୍ରଭାତ ସ୍ୱାଇଁ, ଅଧ୍ୟାପକ ବିବେକାନନ୍ଦ ଜେନା, ଅଧ୍ୟାପକ ସନାତନ ଦାସ, ପ୍ରମୋଦ କୁମାର ପାତ୍ର, ତାପଜ କୁମାର ପାତ୍ର ପ୍ରମୁଖ ଫଳ ପୁସ୍ତିକା ପ୍ରକାଶନରେ ସହାୟତା କରିଥିଲେ।

# ରାଶିଫଳ


**ସୋମବାର, ୦୨ ଜୁନ୍ ୨୦୨୫**



**ମେଷ:** କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ପରିବାର ସହିତ ଦିନଟି ଖୁସିରେ ବିତାଇବେ। ମୂଲ୍ୟବାନ ସାମଗ୍ରୀ ତୁମ ପାଖରେ ରଖ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କ ଠାରୁ ସତର୍କତା ଆବଶ୍ୟକ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଏହା ବହୁତ ଲାଭଦାୟକ ହୋଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କ ଠାରୁ ସତର୍କତା ଆବଶ୍ୟକ।



**ମିଥୁନ:** ଅଟକି ରହିଥିବା ଟଙ୍କା ମିଳିବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ।




**କର୍କଟ:** ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଦିନଟି ଭଲ ରହିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗରେ ପ୍ରବେଶ କରନ୍ତୁ।



**ସିଂହ:** ଆପଣ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶତ୍ରୁମାନେ ସକ୍ରିୟ ରହିବେ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବୟସ୍କ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।



**ବିଛା:** କିଛି ବଡ ଅସୁବିଧା ଆସିପାରେ। ତାହା ଅଧିକ ଦ୍ରୁତ ଗତିରେ ଆସିବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। କ୍ରନିକ ରୋଗ ଦେଖାଦେଇପାରେ। ଅନାବଶ୍ୟକ ନକାରାତ୍ମକତା ଦେଖାଯିବ। ଅଳସୁଆତା ଜିତିବ।




**ଧନୁ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ପିକନିକ୍ ଉପଭୋଗ କରାଯିବ। ଚାକିରିରେ ଆପଣ କିଛି ନୂଆ କରିବାକୁ ସକ୍ଷମ ହେବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ କରାଯାଇପାରିବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ସହଭାଗୀମାନେ ସମର୍ଥନ ପାଇବେ। ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ। ସୁଖ ମିଳିବ।




**ମକର:** ଆଘାତ ଏବଂ ଦୁର୍ଘଟଣା ହେତୁ କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଆସିପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅପରିଚିତ ବ୍ୟକ୍ତିଙ୍କ ଉପରେ ଅନ୍ଧବିଶ୍ୱାସ ରଖନ୍ତୁ ନାହିଁ। ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ।



**କୁମ୍ଭ:** ପୂଜା ପାଇଁ ଆଗ୍ରହୀ ହେବେ। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କଠାରୁ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଦୀର୍ଘ ଦିନ ଧରି ବିଚାରାଧୀନ ଥିବା କାର୍ଯ୍ୟ ସମାପ୍ତ କରିବାର ଏକ ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଲାଭଦାୟକ ହେବ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ହଲ ଠାରେ ନିଶା ମୁକ୍ତ ସମାଜ ଗଠନ ପାଇଁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ସହ ବୈଠକରେ ଯୋଡି ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଶା ନିବାରଣ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନର ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଥିଲେ । ବିଭିନ୍ନ ମାଦକ ଦ୍ରବ୍ୟର ବେଆଇନ ବିକ୍ରୀ, ଡ୍ରଗ୍ସ କାରବାର ଆଦି ଉପରେ ଚଢାଉ ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ବିଷାକ୍ତ ଚୋରା ମଦ, ଗଂଜେଇ କାରବାରକୁ ରୋକିବା ପାଇଁ ୪ ଗୋଟି ପର୍ଯ୍ୟାୟରେ ସଚେତନତା କରିବା,ମାଦକ ଦ୍ରବ୍ୟ, ଡ୍ରଗ୍ସ ବିରୋଧରେ ସଚେତନତା, ନିଶାମୁକ୍ତ ଓଡିଶା ଗଠନ, ନିଶା ବିରୋଧୀ ସଚେତନ ଆଣିବା, ନିଶା କବଳରୁ ଯୁବପିଢ଼ିଙ୍କୁ ବଞ୍ଚାଇବା, ପାଲା, ଦାସକାଠିଆ ମାଧ୍ୟମରେ ସଚେତନତା, ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନଲାଇନ ଏବଂ ଅଫଲାଇନ ବିଭିନ୍ନ ପ୍ରତିଯୋଗିତା, ବୃକ୍ଷରୋପଣ, ମାରାଥନ,ସଚେତନତା ରଥ, ଲିଫଲେଟ୍ସ, ପାମ୍ପଲେଟ ବଣ୍ଟନ, ମିଶନଶକ୍ତି,ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ ପଂଚାୟତ, ପଂଚାୟତ ସମିତିର ସଦସ୍ୟ, ସଦସ୍ୟାଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ, ରେଡ଼ିଓ, ଟିଭି ମାଧ୍ୟମରେ ସଚେତନତା ପାଇଁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମତବ୍ୟକ୍ତ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୁର ଯାନୀ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ କୁମାର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ,ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



# ବିଡ଼ିଓଙ୍କ ମନମୁଖୀ କାର୍ଯ୍ୟକଳାପ

## ବଦଳି ନହେଲେ ଆନ୍ଦୋଳନ ଚେତାବନୀ

କାଳିମେଳା(ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲା କାଳିମେଳା ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ୍ନ ଅଧିକାରୀ ପ୍ରଦୀପ କୁମାର କରଙ୍କ ମନମୁଖୀ କାର୍ଯ୍ୟ କଳାପ ପ୍ରତିବାଦରେ ପୁଣି ଆଜି କାଳିମେଳା ପଞ୍ଚାୟତରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଡିଓଙ୍କ ବିରୋଧରେ ବର୍ଷିଛନ୍ତି ସାର୍ବଜନୀନ ଦଳ। ଜଣେ ବିଡ଼ିଓ ବ୍ଲକର କର୍ମକର୍ତ୍ତାଙ୍କୁ ନେଇ ଚାଲିବା କଥା, କିନ୍ତୁ ପ୍ରଦୀପ କୁମାର କର ବ୍ଲକ ଅଧକ୍ଷାଙ୍କୁ ବେଖାତିର କରିବା ସହ ସମସ୍ତ ସରକାରୀ କାର୍ଯ୍ୟକୁ ଲୋକ ପ୍ରତିନିଧିମାନଙ୍କ ଅଜାଣତରେ କାର୍ଯ୍ୟ କରିବା,ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ସହ ମହିଳା ଲୋକ ପ୍ରତିନିଧିଙ୍କୁ ଅଶାଳୀନ ଭାଷା କହିବା ସହିତ ଇଙ୍ଗିତ କରିବା, ବିଡିଓ ଙ୍କୁ ବଦଳି କରା ନଗଲେ ଆଗାମୀ ଦିନରେ



ଆନ୍ଦୋଳନକୁ ଜୋରଦାର କରାଯିବ ଓ ବିଡିଓ ଶ୍ରୀ କରଙ୍କୁ କାର୍ଯ୍ୟାଳୟ କୁ ପଶିବା ପାଇଁ ଦିଆଯିବନି, ଯଦି ବିଡିଓ ବର୍ତ୍ତମାନ ଛୁଟିରେ ଅଛନ୍ତି ଶୁଣାଯାଉଛି ଆସି କାର୍ଯ୍ୟରେ ଯୋଗ ଦେଲେ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ପୁରାଇ ଦିଆ ଯିବନାହିଁ, ତାଙ୍କ ଉପରକୁ ଅଣ୍ଡା ମାଡ଼ ହେବ, ମହିଳା ସରପଞ୍ଚଙ୍କୁ ଅସଦାଚରଣ କରିଥିବା ଘଟଣାରେ ମହିଳା ସରପଞ୍ଚ ଥାନାରେ ଲିଖିତ ଅଭିଯୋଗ ପରେ ତାଙ୍କର ଏ ପର୍ଯ୍ୟନ୍ତ କେଶଟିକୁ ଫାଇଲ କରାଯାଇ ନାହିଁ, ସରକାର ଙ୍କ ଏପରି ନୀତି କୁ କେବେ ବି ବରଦାସ୍ତ କରାଯିବ ନାହିଁ ବୋଲି ପ୍ରେସମିଟରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ମାନସ ମାଡକାମୀ, ଜାତୀୟ କଂଗ୍ରେସର ଜିଲ୍ଲା ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ମାଲା ମାଢି ପ୍ରମୁଖ କହିଥିଲେ।ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜାତୀୟ ମୁଖପାତ୍ର ପ୍ରଦୀପ ମାଝୀ, ପୂର୍ବତନ ବିଜେଡି ବିଧାୟକ ମାନସ ମାଡକାମୀ, ପୂର୍ବତନ ବ୍ଲକ ଚ୍ୟାରମ୍ୟାନ ମାଲା ମାଢି, କାଳିମେଳା ବ୍ଲକ ଅଧକ୍ଷା ସୁବାସିନୀ ସୋଢ଼ି, ଉପାଧକ୍ଷ ଲକ୍ଷ୍ମୀଧର ମାଡକାମୀ, ସରପଞ୍ଚ ସଂଘ ସଭାପତି ମୁତା ସୋଡି, କାଳିମେଳା ଜୋନ -୨ର ଜିଲ୍ଲା ପରିଷଦ ମମତା ପଡ଼ିଆମି, ଆଇନଜୀବୀ ରାମ କୃଷ୍ଣ ପଟ୍ଟନାୟକଙ୍କ ସମେତ ୨୩ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ଓ ଅଞ୍ଚଳବାସୀ ଉପସ୍ଥିତ ରହି ପ୍ରଭାବଶାଳୀ ବିଡ଼ିଓଙ୍କ ଭ୍ରଷ୍ଟାଚାର ଓ ଦୁର୍ନୀତି କାର୍ଯ୍ୟ ଉପରେ ବର୍ଷିଥିଲେ ।

# ମରଣଯନ୍ତା ପାଲଟିଛି କଲଭର୍ଟ ପାର୍ଶ୍ୱ ଗର୍ତ୍ତ

କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମାରୁ ପାପଡାହାଣ୍ଡିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର କୋଷାଗୁମୁଡା ମାଉସୀ ମା' ମନ୍ଦିର ନିକଟସ୍ଥ କଲଭର୍ଟ ପାର୍ଶ୍ୱ ଗାତ ଏବେ ଯାନବାହାନ ପାଇଁ ମରଣଯନ୍ତା ପାଲଟିଛି।ଅନେକ ସମୟରେ ମଟର ଚାଳକମାନେ ଏହି ଗାତରେ ପଡି ଲହୁଲୁହାଣ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି ।ପ୍ରକାଶ ଥାଉକି, ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଏହି ରାସ୍ତାଟି କୋଷାଗୁମୁଡାରୁ କୋଡିଙ୍ଗା, ପାପଡାହାଣ୍ଡି, ନବରଙ୍ଗପୁର, ବସ୍ତର, କଳାହାଣ୍ଡି ଆଦି ଅଞ୍ଚଳକୁ ସଂଯୋଗ କରୁଥିବାରୁ ବିଶେଷ କରି ଏହି ଅଂଚଳର ଶତାଧିକ ଯାନବାହାନ



ମରାମତି ଦାବି

ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି । ଏହି ରାସ୍ତା ଉପରେ ଯାନବାହାନ ଚଳାଚଳ ଅଧିକ ହେଉଥିବାରୁ ତାକୁ ଦୃଷ୍ଟିରେ ରଖି ପ୍ରଶାସନ ୨୮କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାର ପ୍ରସ୍ତୁତିକରଣ କରିଥିଲେ।୨୦୨୪-୨୫ଆର୍ଥିକ ବର୍ଷରେ ଏହି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ କରାଯାଇଥିବା ବେଳେ ପୂର୍ତ୍ତ ବିଭାଗ ଏହାର ଦାୟିତ୍ୱ ନେଇଥିଲା । ରାସ୍ତା ପ୍ରଶସ୍ତିକରଣ ହେବା ପରେ ରାସ୍ତା ଉପରେ ଅନେକ ଛୋଟ ବଡ଼ କଲଭର୍ଟ ମଧ୍ୟ ନିର୍ମାଣ କରାଯାଇଛି ।ହେଲେ କୋଷାଗୁମୁଡାର ମାଉସୀ ମନ୍ଦିର ନିକଟରେ ଥିବା କଲଭର୍ଟ ପାର୍ଶ୍ୱରେ ଏକ ବିରାଟ ଗାତ ସୃଷ୍ଟି ହୋଇଥିଲେ ହେଁ ପୂର୍ତ୍ତ ବିଭାଗ ଅଣଦେଖା କରି ଛାଡି ଦେଇଛନ୍ତି । ଏବେ ଏହି ଗାତ ରାସ୍ତାରେ ଚଳାଚଳ କରୁଥିବା ଯାନବାହାନ ପାଇଁ ମରଣଯନ୍ତା ପାଲଟି ଯାଇଛି ।ଅନେକ ସମୟରେ ମଟର ବାଇକ ଚାଳକମାନେ ଏହି ଗାତରେ ପଡି ଲହୁ ଲୁହାଣ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି। ତେଣୁ ଦୁର୍ଘଟଣା ଏଡେଇବାକୁ ହେଲେ ପ୍ରଶାସନ ତତ୍ପରତା ଦେଖେଇ ଏହି ଗର୍ତ୍ତକୁ ସମତୁଲ କରିବା ଅତି ଆବଶ୍ୟକ ରହିଛି ବୋଲି ସାଧାରଣ ଲୋକେ ଦାବି କରିଛନ୍ତି ।

## ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ବେଲେନପାଲି ଲେଙ୍ଗଡପାଲି ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ କୃଷି ବୈଜ୍ଞାନିକ ଡକ୍ଟର ସତ୍ୟମୟ ଶତପଥୀ, ସମ୍ମାନୀତ ଅତିଥି ରୂପେ ପାଟଣାଗଡ ଉଦ୍ୟାନ କୃଷି ସହ ନିର୍ଦ୍ଦେଶକ ପ୍ରମୋଦ କୁମାର ସେଠୀ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, କୃଷି ବୈଜ୍ଞାନିକ ରୁକେୟା ବେଗମ, ବ୍ଲକ୍ ଉପାଧ୍ୟକ୍ଷ ସୁଦାମ ସାହୁ,ସରପଞ୍ଚ ଶକୁନ୍ତଳା ବେହେରା , ଏସ୍ ଇ ଏସ ମାଷ୍ଟର ଟ୍ରେନର ଡ. ଅଭୟ ତ୍ରିପାଠୀ, ଶ୍ରୀଅନ୍ନ ଅଭିଯାନର ବ୍ଲକ୍ ସଂଯୋଜକ ଉମେଶ ଗୁପ୍ତା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ ଓ ମୃତ୍ତିକା ସଂରକ୍ଷଣ ବିଭାଗର ଯୋଜନା ଆଲୋକପାତ କରିଥିଲେ। ସରକାରଙ୍କ କୃଷି ଓ କୃଷକ ଙ୍କ ବିକାଶ ସହିତ ଆୟ ଦ୍ୱିଗୁଣିତ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ସଚେତନତା ବାର୍ତ୍ତା ଦେବା ସହିତ ସାମିଲ ହେବାକୁ କହିଥିଲେ। ସେହିପରି ମାଟି ପରୀକ୍ଷା ଓ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ୧୨ଜଣ ଚାଷୀଙ୍କୁ ମାଟି ପରୀକ୍ଷା ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିତା ବଡ଼ୁଆ, ଏ ଟି ଏମ ପରେଶ ମେହେର, ମାନସ ଖମାରୀ ସମେତ ଏମ ବି କେ, ସିଆର ପି, କୃଷକ ସାଥି, କୃଷି ମିତ୍ର, ଚାଷୀ ଉପସ୍ଥିତ ଥିଲେ। ସହକାରୀ କୃଷି ଅଧିକାରୀ ଦୀନବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଟଙ୍କପାଣି ପଞ୍ଚାୟତ ସଙ୍ଗେଇପାଲି ହାଇସ୍କୁଲ ପରିସରରେ ମଧ୍ୟ ଏକ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର ଅଧ୍ୟକ୍ଷତା କରିଥିବା ବେଳେ କୃଷିବୈଜ୍ଞାନିକ , ସ୍ଥାନୀୟ ସରପଞ୍ଚ ସୁନାଫୁଲ ନାଗ ସମେତ କୃଷି ବିଭାଗ ଅଧିକାରୀ, ଶତାଧିକ ମହିଳା ଓ ପୁରୁଷ ଚାଷୀ ଯୋଗଦେଇଥିବା ବେଳେ ୮ ଜଣ ଙ୍କୁ ମାଟି ପରୀକ୍ଷା ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

## ବାଲ୍ୟବିବାହ ନିଷେଧ ସଚେତନତା କର୍ମଶାଳା

କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ସମିତି କାର୍ଯ୍ୟ ସଦଭାବନା ଗୃହ ଠାରେ ସମ୍ମନିତ ଶିଶୁ ବିକାଶ ଯୋଜନା ପକ୍ଷରୁ ବାଲ୍ୟବିବାହ ନିଷେଧ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ




ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଶିଶୁ ବିକାଶ ଯୋଜନାର ସୁପରଭାଇଜର ବିଜୟ ଲକ୍ଷ୍ମୀ, ରେଣୁ କୁମାରୀ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସମିତି ଅଧ୍ୟକ୍ଷା ଅମ୍ରିତା କାଡ୍ରାକା ଯୋଗଦେଇଥିବା ବେଳେ ଉପଜିଲ୍ଲାପାଳ ରମେଶ କୁମାର ଜେନା,ଥାନା ଅଧିକାରୀ ନୀଳକଣ୍ଠ ବେହେରା,ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ଶୈଳଜା ଦାସ, ଡାକ୍ତର ଅନୁଭବ ସାହୁ, ସିଡିସିପି ଓ ଦିବାକର ପରିଛା,ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ୧୮ବର୍ଷ କମ୍ ବୟସର ବାଳିକା ଓ ୨୧ବର୍ଷ ବୟସରୁ କମ୍ ପୁଅ ଙ୍କୁ ବିବାହ କରିବା ଆଇନ ଅନୁଯାୟୀ ଅପରାଧ । ଝିଅକୁ ୧୮ରୁ ଉର୍ଦ୍ଧ୍ୱ ଓ ପୁଅକୁ ୨୧ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ଶୁଭ କାମନା କରିପାରିବ ବୋଲି ବୁଝାଇଥିଲେ । ଯଦି କୌଣସି ଅଞ୍ଚଳରେ ବାଲ୍ୟ ବିବାହ ହେଉଥିବା ନଜରକୁ ଆସେ ତାହା ହେଲେ ସ୍ୱୟଂ ସହାୟକ ଗୋଷ୍ଠୀ, ଆଇସିଡିଏସ,ଜିଲା ଶିଶୁ ସୁରକ୍ଷା ଅଧିକାରୀ , ନିକଟସ୍ଥ ଅଙ୍ଗନବାଡି କର୍ମୀ, ସୁପରଭାଇଜର ମାନଙ୍କୁ ଜଣାଇବ । ସମସ୍ତ ଶିଶୁ ପାଠ ପଢା କରିବେ ସମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କିଭଳି ଭାବରେ ହେବ ତାହାକୁ ନେଇ ବୁଝେଇ ଥିଲେ।ଶିଶୁ ଶ୍ରମିକ ଭାବେ କାର୍ଯ୍ୟ ନ କରିବାକୁ ବୁଝାଇଥିଲେ। କର୍ମଶାଳାରେ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମଚାରୀ, ଅଙ୍ଗନବାଡି କର୍ମୀ ଶିକ୍ଷକ,ଆଶା କର୍ମୀ,ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଭିନ୍ନ ସମାଜ ମୁଖ୍ୟ ସହିତ ପୁରହିତମାନେ ଉପସ୍ଥିତ ଥିଲେ। ଆଇସିଡ଼ିଏସର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଫସଲ ନଷ୍ଟକୁ ନେଇ ଚିନ୍ତାରେ ରବିଚାଷୀ

### ଚାଷଜମି ଓ ଧାନମଣ୍ଡି ବୁଲିଲେ ବ୍ଲକ ଉପାଧ୍ୟକ୍ଷ

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକରେ ଲଘୁଚାପ ବର୍ଷାରେ ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡ଼ୁଛି। ପ୍ରାୟ ତିନିଦିନ ଧରି ପ୍ରବଳ ବର୍ଷା ପବନରେ ରବି ଚାଷୀଙ୍କ ଧାନ ନଷ୍ଟ ହୋଇଯାଇଛି। ଚାଷ ଜମିରେ ଆଣ୍ଠୁଏ ପାଣି ଜମିଥିବାରୁ କିଛି ଧାନ ମଧ୍ୟ ଗଜା ହେବାର ଦେଖାଯାଇଛି। ଧାନ ମଣ୍ଡିରେ ମଧ୍ୟ ହଜାର ହଜାର କୁଇଂଟାଲ ଧାନ କାଲ ବୈଶାଖୀ ବର୍ଷାରେ ଭିଜି ମଣ୍ଡିରେ ଗଜା ହେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଦୁଃଖରେ ଦୁଖୀ ହୋଇ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଚାଷୀଙ୍କ ଚାଷ ଜମି ଓ ସାନମହେସର ଧାନ ମଣ୍ଡି ପରିଦର୍ଶନ କରିବା ସହ ବ୍ଲକ



ର ରବି ଧାନ ଚାଷୀଙ୍କ କ୍ଷୟ କ୍ଷତି ପାଇଁ ପ୍ରଶାସନ ଙ୍କୁ ଅବଗତି କରିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।ମଣ୍ଡିରୁ ଧାନ କେମିତି ତୁରନ୍ତ ନିଆଯିବ ସେନେଇ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ଫୋନ୍ ମାଧ୍ୟମରେ ଅବଗତ କରିବା ସହ ଚାଷୀଙ୍କୁ କ୍ଷୟକ୍ଷତି ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ଜଣାଇବି ବୋଲି ପ୍ରକାଶ କରିଥିଲେ ।

## ଭିନ୍ନକ୍ଷମଙ୍କ ମତଦାନ ସମ୍ପର୍କିତ ବୈଠକ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ମତଦାନ କେନ୍ଦ୍ରରେ ବ୍ୟାପକ ସୁବିଧା ସୁଯୋଗ ସୃଷ୍ଟି ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କନ୍ଧମାଳ ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫସର୍ ତଥା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫସର୍ ତଥା ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେଙ୍କ ସହ ତହସିଲଦାର ଓ ବିଡ଼ିଓ ମାନେ ଉପସ୍ଥିତ ଥିଲେ। ସମସ୍ତ ଭିନ୍ନକ୍ଷମ ଯେଭଳି ଭୋଟର ତାଲିକାରୁ ବାଦ ପଡ଼ିବେ ନାହିଁ ସେଥିପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଫର୍ମ ୬ ରେ ସକ୍ଷମ ଆପରେ ସମସ୍ତ ଭିନ୍ନକ୍ଷମ ଭୋଟରଙ୍କ ନାମ ପଂଜିକରଣ ପାଇଁ ବିଡ଼ିଓ ଓ ତହସିଲଦାରମାନେ ସଚେତନ କରାଇବା ପାଇଁ ଜିଲ୍ଲାପାଳ କହିଥିଲେ । ସେହିପରି ଭିନ୍ନକ୍ଷମ ବ୍ୟକ୍ତି ଓ ମହିଳା ଭୋଟରଙ୍କ ପାଇଁ ଶୌଚାଳୟ, ର୍ୟାମ୍ପ୍ ଆଦି ପ୍ରତ୍ୟେକ ବୁଥରେ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ ।

## ବିଭିନ୍ନ ସ୍ଥାନରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ




ଖଡ଼ିଆଳ (ଭାସ୍କର ନ୍ୟୁଜ୍): ଖଡିଆଳ ଗାୟତ୍ରୀ ଶକ୍ତିପୀଠ ଆନୁକୂଲ୍ୟରେ ଅନ୍ତରାଷ୍ଟ୍ରୀୟ ତମ୍ବାଖୁ ନିଷେଧ ଦିବସ ପାଳନ କରାଯାଇଥିଲା। ମଦ, ଗୁଟଖା, ତମାଖୁ ବର୍ଜନ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ। ନିଶାଦ୍ରବ୍ୟ ସେବନର ଅପକାରୀତାକୁ ଡାକବାଜି ଯନ୍ତ୍ର ଦ୍ୱାରା ଜଣାଇଥିଲେ।ଏହି ଅବସରରେ ସମଲେଶ୍ୱରୀ ମନ୍ଦିର ଠାରୁ ଏକ ରାଲି ବାହାରି ଗାୟତ୍ରୀ ଶକ୍ତିପୀଠ ଠାରେ ସମାପନ ହୋଇଥିଲା ଏହି ଜନ ସଚେତନ କାର୍ଯ୍ୟକ୍ରମରେ ଆସ ଗଢ଼ିବା ସଂସ୍କାର ପିଢ଼ିର ଜିଲ୍ଲା ସଂଯୋଜିକା ମମତା ମଂଜରୀ ଥପା, ଜିଲ୍ଲା ସୂଚନା ପ୍ରଭାରୀ ଅମ୍ବରିଶ ବନଛୋର, ଜିଲ୍ଲା କୋଷାଧ୍ୟକ୍ଷ ହେମରାଜ ସାହୁ, ଟ୍ରଷ୍ଟି କୋଷାଧ୍ୟକ୍ଷ ବିଶ୍ୱାମିତ୍ର ବନିଛୋର, ଟ୍ରଷ୍ଟି ମେମ୍ବର, ଇଶ୍ୱର ଅଗ୍ରୱାଲ, ଟ୍ରଷ୍ଟି ମେମ୍ବର, ରୋଷନ ଅଗ୍ରୱାଲ, ବ୍ଲକ ନାରୀ ଜାଗରଣ ପ୍ରମୁଖ ଦିପାଞ୍ଜଳି ଶବର, ଦେବକନ୍ୟା କଲ୍ୟାଣୀ ଗଉଡ଼, ଦେବକନ୍ୟା ଦମୟନ୍ତୀ ରହିଥିଲେ ସୁନିଲ ତାୟଲ, ରେଣୁ ଅଗ୍ରୱାଲ, ଦୁର୍ଗେଶ୍ୱରୀ ଅଗ୍ରୱାଲ, ବିଷ୍ଣୁ ହଂସ ଟ୍ରଷ୍ଟି ଉପସଭାପତି ରାଜ କୁମାର ବର୍ମା ବରିଷ୍ଠ କାର୍ଯ୍ୟକର୍ତ୍ତା ତ୍ରିଲୋଚନ ବିଶି , ଡମ୍ବୁଲାଲ ରଣା ,ସୁନ୍ଦର ଲାଲ ସାହୁ ଓ ଗାୟତ୍ରୀ ପରିଜନ ଉପସ୍ଥିତ ରହିଥିଲେ।

କୋଷାଗୁମୁଡା(ଭାସ୍କର ନ୍ୟୁଜ୍): ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ କୋଷାଗୁମୁଡା ବିଦ୍ୟାର୍ଥୀ ଶିକ୍ଷାନୁଷ୍ଠାନରେ ପାଳିତ ହେଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଭାବେ କୋଷାଗୁମୁଡା ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀ ଙ୍କ ସମେତ ବ୍ଲକ୍ ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର ମଧ୍ୟ ଯୋଗଦେଇ ଛାତ୍ର ଓ ଅଭିଭାବକ ମାନଙ୍କୁ ତମାଖୁ ବର୍ଜନ ବିଷୟରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଶ୍ରୀ ଜ୍ୟୋତିପ୍ରକାଶ ଜଗଦେବ, ଶ୍ରୀ ଶ୍ରବଣ ମହାକୁଡ, ଭୁବନେଶ୍ୱର ନାୟକ, ବାଲ୍ଲାଜୀ ପଟ୍ଟନାୟକ ସମେତ କୋଷାଗୁମୁଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରର ଡା.ଦୀପକ ଶ୍ରୀଚନ୍ଦନ ଏବଂ ଦେବକୀ ରାଣୀ ମାଝୀ ଉପସ୍ଥିତ ରହି ନିଶା, ସିଗାରେଟ୍ ଏବଂ ତମାଖୁ ଦ୍ୱାରା ହେଉଥିବା ବିଭିନ୍ନ ପ୍ରକାରର ରୋଗ ବିଷୟରେ ସଚେତନ କରାଇଥିଲେ। ଏଥିରେ ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା ହୋଇଥିବା ଭାଷଣ ପ୍ରତିଯୋଗିତାରେ ଜୁନିଅର୍ ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ନେହା ପନ୍ନା, ଦ୍ୱିତୀୟ ସ୍ଥାନରେ ରାଜେଶ ମାଝୀ ଓ ତୃତୀୟ ସ୍ଥାନରେ ପ୍ରଜ୍ଞା ପରୀକ୍ଷିତା ସୁନା ସହ ସିନିୟର୍ ଗ୍ରୁପ୍‌ରେ ପ୍ରଥମ ପଲ୍ଲବୀ ଭତରା, ଦ୍ୱିତୀୟ ସ୍ଥାନରେ ଶୁଭମ୍ ନାୟକ ଓ ତୃତୀୟ ସ୍ଥାନରେ ନିରଞ୍ଜନ ସ୍ୱାଇଁ ସ୍ଥାନ ଅଧିକାର କରିଥିଲେ। ଏଥି ସହ ଅନୁଷ୍ଠାନର ଅନ୍ୟ କର୍ମଚାରୀ ତଥା ବିକାଶ ବାରିକ, ଭୁବନେଶ୍ୱରୀ ମହାରଣା, ଦୁର୍ଗାପ୍ରସାଦ, ଆନନ୍ଦ ତନ୍ତୀ, ଗାୟତ୍ରୀ ନାୟକ, ଜ୍ୟୋତି ପଣ୍ଡା, ଦିବାକର ସରାବୁ, ଶ୍ରୀରାମ ମହାନ୍ତି, ଅନନ୍ତ ରାମ, ଜ୍ଞାନେଶ୍ୱର ପଣ୍ଡା, ଭୂପତି ନାୟକ, ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଅନୁଷ୍ଠାନର ମୁଖ୍ୟ ନୂତନ ନାୟକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଟାଉନ ହଲ୍ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସକ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଦେବାଶିଷ ପୁରୋହିତ, ଅଧ୍ୟାପକ ପ୍ରବୀର କୁମାର ଦାସ ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ଥିଲେ । ତମାଖୁ ସେବନର ଭୟାବହତା ସମ୍ପର୍କରେ ଡାକ୍ତର ମନୋରଂଜନ ମହାକୁଡ ସଚେତନ




କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜନସାଧାରଣ ଓ ଆଶାକର୍ମୀ ମାନେ ଉପସ୍ଥିତ ଥିଲେ। ସେହିପରି ପ୍ରଥମେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ବୌଦ୍ଧ ଜିଲ୍ଲା ଶାଖା ପକ୍ଷରୁ ଏହାର ମୁଖ୍ୟ ଟ୍ରଷ୍ଟି ଅଧ୍ୟାପକ ଡ଼ଃ ପ୍ରବୀର କୁମାର ଦାସ ଙ୍କ ନେତୃତ୍ୱରେ ଏକ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା ।ଏଥିରେ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ତମାଖୁ ବର୍ଜନ ପାଇଁ ବିଭିନ୍ନ ସ୍ଲୋଗାନ ଦେବା ସହ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଗାୟତ୍ରୀ ପରିବାର ଙ୍କ ସହ ପ୍ରଜପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବହୁ ସଦସ୍ୟ ଏବଂ ରେଡକ୍ରସ୍‌ର ସଦସ୍ୟ ମାନଙ୍କୁ ନେଇ ଅନୁଷ୍ଠିତ ଏହି ରାଲିକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ତାପରେ ବୌଦ୍ଧ ଟାଉନ୍ ହଲ୍ ଠାରେ ଡାକ୍ତର ମଦନ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।

## ମହାସମାରୋହରେ ଶୀତଳଷଷ୍ଠୀ ପାଳିତ

ସଇଁତଲା(ଭାସ୍କର ନ୍ୟୁଜ୍): ସଇଁତଲା ଶଙ୍କର ଚୌକସ୍ଥିତ ଶିବ ମନ୍ଦିର ବାବା ଭୁବନେଶ୍ୱରଙ୍କ ଶିବ ବିବାହ ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହେଇଯାଇଛି । ବୁଧବାର ସକାଳୁ ସମସ୍ତ ନୀତିକାନ୍ତି ସୂଚାରୁ ରୂପରେ ପାଳନ ହେବା ସହ ଶାନ୍ତି ଶୃଙ୍ଖଳାରେ ପୂଜା କାର୍ଯ୍ୟ ହୋଇଯାଇଅଛି ।ଚଳିତ ବର୍ଷ ବର ପିତା ଦାୟିତ୍ୱରେ ଓକିଲ ସଂଘ ସଭାପତି ସୁବୋଧ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ବିଜୟାଲକ୍ଷ୍ମୀ ମିଶ୍ର ପୂଜା ନିର୍ବାହ କରିଥିବା ବେଳେ କନ୍ୟା ପିତା ଭାବରେ ସୀତାରାମ ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ କୁମୁଦିନୀ ପଟ୍ଟନାୟକ ପୂଜା କାର୍ଯ୍ୟ ନିର୍ବାହ କରିଥିଲେ । ସନ୍ଧ୍ୟାରେ ଘଣ୍ଟ ବାଦ୍ୟ, କୀର୍ତ୍ତନ ସହ ଏକ



ବିରାଟ ଶୋଭାଯାତ୍ରାରେ ମହାପ୍ରଭୁ ଶିବ ମନ୍ଦିରରୁ ବାହାରି ନଗର ପରିକ୍ରମା କରିବା ସହ ଲାନ୍ଥ ନଦୀ ସ୍ଥିତ ଭୁତେଶ୍ୱର ବାବାଙ୍କ ମନ୍ଦିରକୁ ବହୁ ଭକ୍ତଙ୍କ ସହ ପ୍ରସ୍ଥାନ କରିଥିଲେ । ଶତାଧିକ ଶ୍ରଦ୍ଧାଳୁ ଆଶୀର୍ବାଦ ଭିକ୍ଷା କରିବା ସହିତ ପ୍ରସାଦ ସେବନ କରିଥିଲେ। ଶୋଭାଯାତ୍ରା ବେଳେ ରାସ୍ତାରେ ସଇଁତଲା ବିଭିନ୍ନ ସଂଗଠନ ପକ୍ଷ ରୁ ଥଣ୍ଡା ସରବତ ତଥା ପାନୀୟ ଜଳ ବଣ୍ଟନ କରାଯାଇଥିଲା । ଆଜି କନ୍ୟା ପକ୍ଷ ତରଫରୁ ଏକ ବିରାଟ ଶୋଭାଯାତ୍ରା ରେ ବାହାରି ନଗର କୀର୍ତ୍ତନ କରି ଯୁଗଳ ମୂର୍ତ୍ତିଙ୍କୁ ନଗର ପରିକ୍ରମା କରାଇବା ସହ ମନ୍ଦିରକୁ ପାଛୋଟି ନେଇଥିଲେ । ରାସ୍ତାରେ ମହାପ୍ରଭୁଙ୍କ ଯୁଗଳ ମୂର୍ତ୍ତିଙ୍କୁ ବହୁ ଭକ୍ତ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ବ୍ଲକ ଅଧ୍ୟକ୍ଷା ମୋନିକା ସିଂଭୋଇ, ସୁବୋଧ ମିଶ୍ର, ଶେଷଦେବ ଯାନୀ, ଦେବେନ୍ଦ୍ର ଯୋଶୀ, କିସାନ ପଟ୍ଟନାୟକ, ବିଶାଲ ଅଗ୍ରୱାଲ , କିରଣ ମିଶ୍ର, ନାରାୟଣ ସାହୁ, ନବଘନ ଷଡ଼ଙ୍ଗୀ, ଗୁଣ ସାଗର ମାଝୀ, କାନନ ପଟ୍ଟନାୟକ, ଅମିତ ରଥ, ସନ୍ତୋଷ ବିଶ୍ୱାଳ, ରାଜେଶ ସାହୁ,ଚନ୍ଦ୍ର ଚନ୍ଦନ, ରୋହିତାଶ୍ୱ ନାଗଙ୍କ ସମେତ ସମସ୍ତ ସଇଁତଲା ଗ୍ରାମବାସୀ ସହଯୋଗ କରିଥିଲେ । ଶ୍ରୀ ପଟ୍ଟନାୟକଙ୍କ ପରିବାର ଏବର୍ଷ ମା ପାର୍ବତୀଙ୍କୁ ଓ ଶ୍ରୀମିଶ୍ରଙ୍କ ପରିବାର ମହାଦେବଙ୍କୁ ରଖିଥିବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରିବା ସହ ପୂଜା କାର୍ଯ୍ୟ ସୂଚାରୁରୂପେ ତୁଲାଇଥିଲେ ।

## ନଦୀରେ ବୁଡ଼ି ଯୁବକ ନିଖୋଜ

କାଳିମେଳା(ଭାସ୍କର ନ୍ୟୁଜ୍): ପୋଟେରୁ ନଦୀରେ ଗାଧୋଇବାକୁ ଯାଇ କାଳିମେଳା ଥାନା କନ୍ୟାଶ୍ରମ ନିକଟ ପୋଟେରୁ ନଦୀରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧୀନ ଚିଙ୍ଗିଡ଼ିଚୁଆଁ ଗାଁର ଅରୁଣ ଗୌଡ଼(୨୫)। ଅଗ୍ନିଶମ ବିଭାଗ ପକ୍ଷରୁ ଦୀର୍ଘ ୪ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଚାଲୁ ରହିଥିଲା। ତଥାପି ନିଖୋଜ ଅରୁଣଙ୍କ କୌଣସି ପତ୍ତା ମିଳିନି। ଶନିବାର ସକାଳେ ପୁଣିଥରେ ଉଦ୍ଧାର କାର୍ଯ୍ୟ କରାଯାଇଥିବା ଅଗ୍ନିଶମ ଅଧିକାରୀ ସନ୍ତୋଷ ପରିଡ଼ା ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅରୁଣ ଅନ୍ୟ ୬ଜଣ ସାଙ୍ଗଙ୍କ ସହ ସ୍ଥାନୀୟ କଲ୍ୟାଶ୍ରମ ନିକଟ ପୋଟେରୁ ନଦୀକୂଳକୁ ବୁଲିବାକୁ ଯାଇଥିଲେ। ଗାଧୋଇବା ପାଇଁ ଅରୁଣ ପ୍ରଥମେ ନଦୀକୁ ଡେଇଁ ପଡ଼ିଥିଲେ । ସେ ପହଁରା ଜାଣି ନଥିବାରୁ ଗଭୀର ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଏହା ଦେଖି ସାଙ୍ଗରେ ଥିବା ସନ୍ତୋଷ ରଣା ତାଙ୍କୁ ଉଦ୍ଧାର କରିବା ପାଇଁ ବହୁ ଚେଷ୍ଟା କରିଥିଲେ। ସେ ନିଖୋଜ ହୋଇଯାଇଥିବାରୁ ତାଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିଲେ । ପରେ ଅନ୍ୟ ସାଙ୍ଗମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ଶ୍ରୀ ପରିଡ଼ାଙ୍କ ନେତୃତ୍ୱରେ କର୍ମଚାରୀ କମଳ ଲୋଚନ ମାଝୀ, ଜଗା ମୁଦୁଲି ଏବଂ ଦିଲ୍ଲୀପ ପ୍ରଧାନ ପ୍ରମୁଖ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦୀର୍ଘ ୪ ଘଣ୍ଟା ଧରି ନଦୀର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ତଥାପି ଅରୁଣଙ୍କର କୌଣସି ପତ୍ତା ପାଇନଥିଲେ । ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଥିଲା।

## ପଦାର୍ଥ ବିଜ୍ଞାନରେ ଭିସୁଟ ବିଶ୍ୱବିଦ୍ୟାଳୟର ଆଦ୍ୟାଶାଙ୍କୁ ସ୍ୱର୍ଣ୍ଣ ପଦକ

ବୌଦ୍ଧ(ଭାସ୍କର ନ୍ୟୁଜ୍) ବୌଦ୍ଧର ଛାତ୍ରୀ ଆଦ୍ୟାଶା ମହାପାତ୍ର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲାରେ ଗତ ୨୦୨୦ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ଇଣ୍ଟିଗ୍ରେଟେଡ ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନରେ ଅଧ୍ୟୟନ କରୁଥିଲେ। ଚଳିତ ମାସ ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବୌଦ୍ଧର ସୁଶ୍ରୀ ମହାପାତ୍ର ଟପ୍ପର ହୋଇ ସ୍ୱର୍ଣ୍ଣ ପଦକ ପାଇବା ପାଇଁ ଯୋଗ୍ୟ



ବିବେଚିତ ହେବା ସହିତ ବୌଦ୍ଧ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସେ ପୂର୍ବରୁ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟରେ କୃତିତ୍ୱର ସହ ଶିକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହି ସଫଳତା ପାଇଁ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ପିତାମାତାଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି । ଆଦ୍ୟାଶା ପିତା ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର ଓ ମାତା ଶିକ୍ଷୟିତ୍ରୀ ରାଜଶ୍ରୀ ମହାପାତ୍ରଙ୍କ ସୁକନ୍ୟା ଅଟନ୍ତି ।

## ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରେ ବିଭିନ୍ନ ମନ୍ଦିରରେ ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ସହ ସମ୍ବଲପୁରକୁ ସୁନ୍ଦର ତଥା ଆଧୁନିକ ଦିଶିବା ପାଇଁ ଅନେକ ସୌନ୍ଦର୍ଯ୍ୟକରଣ ଓ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସମ୍ବଲପୁର ଚାରବାଟି ନିକଟରେ ହେରିଟେଜ୍ ଲାଇଟ୍ ସହ ଗୋଲବଜାର ଛକ ଓ ଶକ୍ତି ଛକର ସୌନ୍ଦର୍ଯ୍ୟକରଣ ପାଇଁ ଆନୁଷଙ୍ଗିକ



ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି । ସେହିପରି ସମ୍ବଲପୁରରେ ଲକ୍ଷ୍ମୀ ଟକିଜ ଛକର ସୌନ୍ଦର୍ଯ୍ୟକରଣ, ଲକ୍ଷ୍ମୀ ଟକିଜ୍ ଛକ ଫ୍ଲାଏଓଭରରେ ଡିଏମଏକ୍ସ ଆଲୋକୀକରଣର ସୁବିଧା, ବଡ଼ବଜାର ଠାରେ ଗୌରୀଶଙ୍କର ସାହାଣୀ ଉଦ୍ୟାନରେ ଜିମ୍ ଏବଂ ପାର୍କର ନବୀକରଣ କାର୍ଯ୍ୟ ଆଦିର ଶୁଭାରମ୍ଭ କରିଥିଲେ। ଜମନକିରା ସ୍ଥିତ ମୁକ୍ତେଶ୍ୱର ମନ୍ଦିରରେ ଏକ ନୂତନ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଶୀତଳଷଷ୍ଠୀ' ହେଉଛି ଲୋକକଳା, ଲୋକବାଦ୍ୟ, ଲୋକନୃତ୍ୟ ଏବଂ ଲୋକଗୀତର ମହାସଙ୍ଗମ। ଏହି ସବୁ ସୁବିଧା କଳା ଓ ସଂସ୍କୃତିର ସହର ସମ୍ବଲପୁରକୁ ଅଧିକ ସୁନ୍ଦର କରିବା ସହ ସାଧାରଣ ଜନତାଙ୍କ ଯାତାୟତ, ଗମନାଗମନ ଓ ଜୀବନଶୈଳୀକୁ ସୁଗମ କରିବ। ସେହିପରି ମୁକ୍ତେଶ୍ୱର ମନ୍ଦିରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୫୩ ଲକ୍ଷ ୫୫ ହଜାର ଟଙ୍କା ବିନିମୟରେ ନିର୍ମିତ ଏହି କଲ୍ୟାଣ ମଣ୍ଡପ ଅଞ୍ଚଳର ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ବେଶ୍ ସହାୟକ ହେବ ବୋଲି କହିଥିଲେ। ଶ୍ରୀ ପ୍ରଧାନ କୁଚିଣ୍ଡା ସବଡିଭିଜନ ଜମନକିରାବ୍ଲକସ୍ଥିତ ଶ୍ରୀ ଶଗଡ଼େଶ୍ୱର ମନ୍ଦିରରେ ଦର୍ଶନ କରିବା ସହ ଶୀତଳ ଷଷ୍ଠୀ ଯାତ୍ରା ଏବଂ ଶଗଡ଼େଶ୍ୱର ମହୋତ୍ସବରେ ସାମିଲ ହୋଇଥିଲେ କେନ୍ଦ୍ରମନ୍ତ୍ରୀ । ଏହାବ୍ୟତୀତ ସିନ୍ଦୁରପଙ୍କ ତାରକେଶ୍ୱରାୟ ମନ୍ଦିର ସମେତ ଶ୍ରୀ ପ୍ରଧାନ ମାନେଶ୍ୱର ମନ୍ଦିର, ସ୍ୱପ୍ନେଶ୍ୱର ବାବା ମନ୍ଦିର, ଗୁଡ଼େଶ୍ୱର ବାବା ଆଦି ଅନେକ ମନ୍ଦିରରେ ମଧ୍ୟ ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହୋଇଥିଲେ ।



ବେଗୁନିଆ (ଭାସ୍କର ନ୍ୟୁଜ): ବେଗୁନିଆ ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥ ବେଗୁନିଆ ସ୍ଥିତ ଦୁଲସାହିଡ଼ା ଠାରେ ଗତ ମାର୍ଚ୍ଚ ୧୪ତାରିଖରେ ଘଟିଥିବା ଦୁର୍ଘଟଣାରେ ୮ ବର୍ଷର କୁନିଝିଅ ବୈଷ୍ଣବୀ ସିଂ ନିଜର ବାମଗୋଡ଼ ହରାଇ ଥିଲେ। ବେଗୁନିଆ ବିଧାୟକ ସନାତନ ବିଜୁଳିଙ୍କ ହସ୍ତକ୍ଷେପ କ୍ରମେ ବୈଷ୍ଣବୀଙ୍କୁ କୃତ୍ରିମ ଗୋଡ଼ ପ୍ରଦାନ କରାଯାଇଛି। ଏସସିବି ମେଡିକାଲ ସଭାଗୃହରେ ଆଜି ଅପରାହ୍ନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡାକ୍ତରଖାନା ସୁପରିଟେଣ୍ଡେଣ୍ଟ ଡ. ଗୋରାଚାନ୍ଦ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଧାୟକ ସନାତନ ବିଜୁଳି ଯୋଗଦେଇଥିବା ବେଳେ ବୈଷ୍ଣବୀଙ୍କ ଜଟିଳ ଅସ୍ତ୍ରୋପଚାର କରିଥିବା ସର୍ଜରୀ ବିଭାଗମୁଖ୍ୟ ତଥା ଶଲ୍ୟ ବିଶେଷଜ୍ଞ ଡ. ବିଭୂତିଭୂଷଣ ନାୟକ ମଧ୍ୟ ମଞ୍ଚାସୀନ ଥିଲେ। ମାର୍ଚ୍ଚ ୧୪ତାରିଖରେ ବୈଷ୍ଣବୀ ନିଜ ମା ଓ ସମ୍ପର୍କୀୟଙ୍କ ସହିତ ଦୋଳମେଳା ଦେଖିବାକୁ ଯାଉଥିବା ସମୟରେ ସଡ଼କ ଦୁର୍ଘଟଣାରେ ନିଜର ବାମଗୋଡ଼ ହରାଇଥିଲେ। ତେବେ ଦୁର୍ଘଟଣାରେ ବୈଷ୍ଣବୀଙ୍କ କ୍ଷତି ଯାଇଥିବା ବାମଗୋଡ଼ ଯୋଡିବାକୁ ବିଧାୟକ ସନାତନ ବିଜୁଳି, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଏସସିବି କର୍ତ୍ତୃପକ୍ଷଙ୍କ ସହିତ ତୁରନ୍ତ ଆଲୋଚନା କରିଥିଲେ। ଏସସିବିରେ ସର୍ଜରୀ ବିଭାଗ ମୁଖ୍ୟଙ୍କ ନେତୃତ୍ୱରେ ପୁରା ଡାକ୍ତରୀଦଳ ଦୀର୍ଘଘଣ୍ଟାର ସଫଳ ଅସ୍ତ୍ରୋପଚାର ପରେ କ୍ଷତି ଯାଇଥିବା ଗୋଡ଼କୁ ଯୋଡିବାରେ ସଫଳ ହୋଇଥିଲେ। ମାତ୍ର ଗୋଟିଏ ଶିରାରେ ରକ୍ତ ସଂଚାଳନ ସ୍ୱାଭାବିକ ଚାଲିଥିବା ବେଳେ ଅନ୍ୟ ଶିରାରେ ରକ୍ତ ସଂଚାଳନ ନହୋଇ ସଂକ୍ରମଣ ଆରମ୍ଭ ହୋଇଥିଲା। ସଂକ୍ରମଣ ପୁରା ଶରୀରକୁ ସଂକ୍ରମିତ କରିବାର ଆଶଙ୍କାରେ ପୁନର୍ବାର ଡାକ୍ତରୀଟିମ ଯୋଡ଼ିଥିବା ଗୋଡ଼କୁ କାଟି ଅଲଗା କରିଦେଇଥିଲେ।



# ତିନି ରଥର ଚେଚିସ୍ ବା ଦଣ୍ଡା ଫ୍ରେମ୍ ନିର୍ମାଣ ପ୍ରସ୍ତୁତି ଶେଷ



ପୁରୀ (ଭାସ୍କର ନ୍ୟୁଜ) : ତିନି ରଥର ପାଞ୍ଚ ଦଣ୍ଡା ରେ ମୁହାଁଟ ସଂଯୋଗ ପରେ ଆଗ ଏବଂ ପଛ ନିରାଡ଼ି ଉଠି ପାର୍ଶ୍ୱ ଦଣ୍ଡାରେ କୁତୁକା ଲାଗି ହୋଇ ପାର୍ଶ୍ୱ ନୀରାଡି ପଡ଼ିଛି। ଏହାର ଆଗ ଆଣି ମୁହାଁଟ ରେ ପାଞ୍ଚୋଟି ସାଲଗୁଜ ଏବଂ ପଛ ଆଣି ମୁହାଁଟ ରେ ତିନୋଟି ଜଳଯନ୍ତ୍ର ଏବଂ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ କୋଣ ଗୁଜ ଉଠି ସେହି ଗୁଜ ଉପରେ ନିରାଡ଼ି ସଂଯୋଗ ହୋଇ ଦଣ୍ଡା ଫ୍ରେମ ପ୍ରସ୍ତୁତି ଶେଷ ହୋଇଛି। ଏହି ଦଣ୍ଡା ଫ୍ରେମ ପ୍ରସ୍ତୁତି କାର୍ଯ୍ୟ ମୁଖ୍ୟ ମହାରଣା ମାନଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ସେବକ ଏବଂ ଭୋଇ ସେବକ ମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏଥିସହ ତିନି ରଥର ଚାରି ଗୋଟି ଲେଖାଏଁ ଧ୍ୱଜ ବତା ର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କରତୀ ସେବକ ମାନେ ନନ୍ଦିଘୋଷ ରଥର ୪୦ ଫୁଟିଆ ପୋଲ ଗୟଳ ର ଉଭୟ ପାର୍ଶ୍ୱଚିତା କାର୍ଯ୍ୟ ଶେଷ ପରେ ବିରଟ କାର୍ଯ୍ୟ ଶେଷ କରିଛନ୍ତି। ରୂପକାର ସେବକ ମାନେ ତିନିରଥ ର ବେଦୀ ସିଂହାସନ ମୁହାଁଟ ରେ କୁମ୍ଭ, ଡାଳି ଲତା ଇତ୍ୟାଦି ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନିରଥ ଦଣ୍ଡା ପାଇଁ ଦଣ୍ଡା ବିଡ଼ିଆ କଣ୍ଟା, ଗୟଳ କଣ୍ଟା ସହ ଗଗରା କଣ୍ଟା ସହ ଧ୍ୱଜ ବତା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି।ପାହି ମହାରଣା ମାନେ ଦୋଳ ବେଦୀ ଠାରେ ରଥରେ ପୂଜାର୍ଚ୍ଚନା ପାଇଁ ବେଶ ଘୋଡ଼ିଆ ଏବଂ ଫୁଲ ଟାଙ୍ଗଡ଼ା ଫ୍ରେମ ପ୍ରସ୍ତୁତି କାର୍ଯ୍ୟ ଜାରୀ ରଖିଛନ୍ତି।

## ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହେଲେ ଧର୍ମେନ୍ଦ୍ର

# ଶିବ-ପାର୍ବତୀଙ୍କ ଯୁଗଳମୂର୍ତ୍ତିଙ୍କ ଦର୍ଶନ କଲେ



ସମ୍ବଲପୁର (ଭାସ୍କର ନ୍ୟୁଜ): ସମ୍ବଲପୁର ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସହରର ବିଭିନ୍ନ କୋଲାନୀକୁ ଯାଇ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିବା ସହ ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ହୋଇଛନ୍ତି । କେନ୍ଦ୍ରମନ୍ତ୍ରୀ ବୁଢାରାଜା ସ୍ଥିତ ଜଗନ୍ନାଥ କୋଲୋନୀ, ମୁଦିପଡ଼ାରେ ଜାଗେଶ୍ୱର ବାବା, ନନ୍ଦପଡ଼ାରେ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ସ୍ଥିତ କଚେରି ଛକ ଠାରେ ଯୁଗଳମୂର୍ତ୍ତି ଦର୍ଶନ କରିଥିଲେ । ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ବିବାହ ଉତ୍ସବରେ ସାମିଲ ହେବା ସହ କନ୍ୟା ପିତାମାତାଙ୍କୁ ଭେଟିଥିଲେ । ସେହିପରି ସଂଧ୍ୟାରେ ସମ୍ବଲପୁର ମ୍ୟୁନିସପାଲିଟି ଛକରେ ଗୁପ୍ତେଶ୍ୱର ମନ୍ଦିର, ହୀରାକୁଦ ନୀଳକଣ୍ଠେଶ୍ୱର ମନ୍ଦିରର ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ହୋଇ ମହାଆଳତି କରିଥିଲେ କେନ୍ଦ୍ରମନ୍ତ୍ରୀ । ଖେତରାଜପୁରରେ ମଧ 'ମାରୱାଡ଼ି ଯୁବ ମଞ୍ଚ' ତରଫରୁ ଅନୁଷ୍ଠିତ ଶୀତଳ ଷଷ୍ଠୀ ଯାତ୍ରାରେ ଯୋଗଦେଇ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଥିଲେ । ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ପ୍ରତ୍ୟକ୍ଷ ଭାବେ ସମ୍ବଲପୁରରେ ଶୀତଳ ଷଷ୍ଠୀରେ ସାମିଲ ହେବା ମୋର ସୌଭାଗ୍ୟ । ଶୀତଳ ଷଷ୍ଠୀ ଯାତ୍ରା ଆମର ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଭବର ଅନନ୍ୟ ନିଦର୍ଶନ । ଶୀତଳ ଷଷ୍ଠୀର ଥାଳି ଉଠା, ପତର ପେଣି,ଗୁଆ ଗୁଣା, ଦେବ ନିମନ୍ତ୍ରଣ ଏବଂ ଦେବ ବିବାହ ଇତ୍ୟାଦି ପରମ୍ପରା ଏହି ପର୍ବକୁ ଗୋଟିଏ ଭିନ୍ନ ପରିଚୟ ଦେଇଛି । ମହାଦେବ ଓ ମାତା ପାର୍ବତୀଙ୍କର ଏହି ଅନନ୍ୟ ପରମ୍ପରା ଲୋକମାନଙ୍କୁ ଭକ୍ତିରେ ସମର୍ପିତ ହେବାର ଅବସର ଦେଇଛି । ଦେବ ଦମ୍ପତିଙ୍କ ବିବାହ ଉତ୍ସବ ନେଇ ସାରା ରାଜ୍ୟ ଉତ୍ସବମୁଖର ହୋଇଛି । ରାଜ୍ୟର ଅନେକ ଅଞ୍ଚଳରୁ ସପରିବାର ସମ୍ବଲପୁରକୁ ଆଗମନ କରୁଛନ୍ତି । ସମ୍ବଲପୁରର ଶୀତଳଷଷ୍ଠୀର ବିଶେଷ ପର୍ବରେ ରହି ନିଜକୁ ସୌଭାଗ୍ୟଶାଳୀ ମନେ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ସାପ କାମୁଡ଼ାରେ ମହିଳା ମୃତ

ଲହୁଣୀପଡ଼ା(ଭାସ୍କର ନ୍ୟୁଜ): ଲହୁଣୀପଡ଼ା ଥାନା ଅନ୍ତର୍ଗତ ହାତୀବାହାଲ ଗ୍ରାମରେ ସପକାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି ମୃତକ ମହିଳା ଜଣକ ହେଲେ ମାନଗୋବିନ୍ଦ ମୁଣ୍ଡା ଙ୍କ ସ୍ତ୍ରୀ ଲକ୍ଷ୍ମୀ ମୁଣ୍ଡା (୪୫) ମିଳିଥିବା ସୂଚନା ମୁତାବକ ଗତକାଲି ଖାଇ ସାରିବା ପରେ ନିକଟରେ ଥିବା ପୋଖରୀ କୁ ଶୌଚ କରିବାକୁ ଯାଇଥିଲେ ଆସି ଚୁପଚାପ ଶୋଇ ପଡ଼ିଥିଲେ ମାତ୍ର ସକାଳୁ ତାଙ୍କ ସ୍ୱାମୀ ଉଠାଇ ଦେଲେକୁ ତାଙ୍କର ଶରୀର ନିଷ୍ପନ୍ଦ ହୋଇଯାଇଥିବା ଜାଣିପାରିଥିଲେ। ତେବେ ପୋଖରୀ ରେ ସାପ କାମୁଡ଼ି ଥିଲା ନା ଘରେ ଶୋଇ ଥିବା ଅବସ୍ଥା ରେ ସାପ କାମୁଡ଼ିଛି, ତାହା ସ୍ପଷ୍ଟ ଜଣା ପଡ଼ିନାହିଁ। ଏନେଇ ସ୍ଥାନୀୟ ସରପଞ୍ଚ ସସ୍ମିତା କିଷାନ ଲହୁଣୀପଡ଼ା ଥାନାରେ ଖବର ଦେବାପରେ ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରିଥିଲା ଏବଂ ବ୍ୟବଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯାଇଥିଲା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ର ତଦନ୍ତ ଚଳାଇଛି ।

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated: 30.05.2025, I, Ajaya Nayak, Address: At- Garhnrusingha Prasad, Po- Surapratappur, Ps- Bhuban, Dist- Dhenkanal, PIN-759024, declare that I have changed the name of my daughter from Jajnaseni Nayak to Jangyaseni Nayak. Henceforth, She shall be known as Jangyaseni Nayak for all purposes.

**Sd/- Ajaya Nayak**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୋଲିସ, ଖଣି...

ବିସ୍ଫୋରକ ଥିବା ସୂଚନା ଦିଆଯାଇଛି। ଗତ ଦୁଇଦିନ ହେବ ପେଟ୍ରୋଲ ପମ୍ପ ନିକଟରେ ବେଆଇନ ଭାବେ ଏହି ବିସ୍ଫୋରକ ଭର୍ତ୍ତି ଦୁଇଟି ମିନି ଟ୍ରକ୍‌କୁ ରଖାଯାଇଥିଲା। ତେବେ କିଏ ଏଠାରେ ବେଆଇନ ଭାବରେ ଏତେ ପରିମାଣର ବିସ୍ଫୋରକ ରଖିଥିଲା ତାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ଏତେ ପରିମାଣର ବିସ୍ଫୋରକ କେଉଁଠୁ ଆସିଲା ଏବଂ କେଉଁଠାକୁ ଯାଉଥିଲା ସେ ନେଇ ମଧ୍ୟ ତଦନ୍ତ ଚାଲିଛି। ତେବେ ପ୍ରଶ୍ନ ଉଠୁଛି ବାଙ୍କୋ ନିକଟ ଜଙ୍ଗଲରୁ ଲୁଟ୍ ହୋଇଥିବା ବିସ୍ଫୋରକ ସହ ଏହାର କିଛି ସମ୍ପର୍କ ରହିଛି କି ? ଏତେ ପରିମାଣର ବିସ୍ଫୋରକ ରାଜ୍ୟ ବାହାରକୁ ଚୋରା ଚାଲାଣ କରାଯାଉଥିଲା କି ? ଏଭଳି ନାନା ପ୍ରଶ୍ନ ଉଙ୍କି ମାରୁଛି। ଅନ୍ୟପକ୍ଷରେ ବଡ଼ଗାଁ ଇତମା ବିସ୍ଫୋରକ ଗୋଦାମ ମାଲିକ ପବନ ଅଗ୍ରୱାଲଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ସୂଚନାଯୋଗ୍ୟ ଯେ ଗତମାସ ୨୭ ତାରିଖରେ ବାଙ୍କୋ ପଥରଖଣି ନିକଟରୁ ୪ ଟନ୍ ବିସ୍ଫୋରକ ଲୁଟ୍ ପଛରେ ମାଓବାଦୀଙ୍କ ହାତ ରହିଥିବା ନେଇ ସୂଚନା ମିଳିଥିଲା। ଏଥିନେଇ ପୋଲିସ, ସିଆରପିଏଫ ଓ ଏନଆଇଏ ଘମାଘୋଟ ତଦନ୍ତ ଚଳାଇଥିଲେ। ଏହି ବିସ୍ଫୋରକ ଲୁଟ୍ ଘଟଣାର ତଦନ୍ତ ପାଇଁ ଏନଆଇଏ ସହ ଏସଆଇଟି ଗଠନ କରାଯାଇଥିଲା। ତେବେ ରବିବାର ପୁଣି ଦୁଇ ମିନିଟ୍ରକ୍ ବିସ୍ଫୋରକ ଜବତ ହେବାପରେ ତାକୁ ନେଇ ବିଭିନ୍ନ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବରୁ ଲୁଟ୍ ହୋଇଥିବା ୪ଟନ ବିସ୍ଫୋରକ ମଧ୍ୟରୁ ୩ ଟନ୍‌ର ସନ୍ଧାନ ମିଳିଥିବାବେଳେ ଗୋଟିଏ ଟନ୍‌ର ସନ୍ଧାନ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ତେବେ ପେଟ୍ରୋଲପମ୍ପ ମାଲିକ କହିଛନ୍ତି ଯେ ବିସ୍ଫୋରକ ସଂପର୍କରେ ତାଙ୍କର କିଛି ଧାରଣା ନାହିଁ ।

### ୧୫ ସ୍ଥାନରେ...

ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ୨୦୨୩ରୁ ପାକିସ୍ତାନୀ ଏଜେଣ୍ଟଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଥିଲେ। ଜାତୀୟ ସୁରକ୍ଷା ସହିତ ଜଡ଼ିତ ଗୋପନୀୟ ସୂଚନା ବାଣ୍ଟୁଥିବାର ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ତେବେ ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ସୂଚନା ଦିଆଯାଇଛି। ଚଢାଉ ସମୟରେ ଏନଆଇଏ ବହୁ ସମ୍ବେଦନଶୀଳ ସାମଗ୍ରୀ ଜବତ କରିଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ପାକିସ୍ତାନ ପାଇଁ ଗୁପ୍ତଚରବୃତ୍ତି କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ତଦନ୍ତକାରୀ ସଂସ୍ଥା ଆକ୍ସନମୋଡ୍‌ରେ ରହିଛି। ଦେଶସାରା ପାକିସ୍ତାନରୁ ଟଙ୍କା ବିନିମୟରେ ଗୁପ୍ତଚର ସୂଚନା ହାସଲ କରୁଥିବା ନେଟୱାର୍କ ଉପରେ ଏନଆଇଏ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ବର୍ତ୍ତମାନ ସମୟରେ ଦେଶର ଅନେକ ରାଜ୍ୟର ଏପରି ଲୋକଙ୍କ ବିରୁଦ୍ଧରେ ଅଭିଯୋଗ ଆସିଛି ଯେ ସେମାନେ ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି କରୁଛନ୍ତି ଓ ଗୁପ୍ତ ସୂଚନା ବାଣ୍ଟୁଛନ୍ତି। ଏହି ଘଟଣାରେ ପୂର୍ବରୁ ହରିଆଣା ହିସାରର ଜ୍ୟୋତି ମାଲହୋତ୍ରାଙ୍କ ସମେତ ୯ଜଣଙ୍କୁ ଗିରଫ କରାଯାଇସାରିଛି।

### ବଢୁଛି ଆକ୍ରାନ୍ତଙ୍କ...

ମହାରାଷ୍ଟ୍ରରେ ୪୪୭ଜଣ ଆକ୍ରାନ୍ତ ରହିଥିବାବେଳେ ୭ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି କର୍ଣ୍ଣାଟକରେ ୨୩୪, ଦିଲ୍ଲୀରେ ୩୭୫, ଗୁଜରାଟରେ ୨୬୫, ଉତ୍ତରପ୍ରଦେଶରେ ୧୧୭, ରାଜସ୍ଥାନରେ ୬୦ ଓ ପଶ୍ଚିମବଙ୍ଗରେ ୨୦୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ କର୍ଣ୍ଣାଟକ ଓ ଦିଲ୍ଲୀରେ ୩ଜଣ ଲେଖାଏଁ ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଥିବାବେଳେ ଗୁଜରାଟ, ୟୁପି ଓ ରାଜସ୍ଥାନରେ ଜଣେ ଲେଖାଏଁ ମୃତ୍ୟୁବରଣ କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ସତର୍କ ରହିବା ସହ ତୁରନ୍ତ ଅଧିକ ଟେଷ୍ଟ କରିବାକୁ ପରାମର୍ଶ ଦେଇଛି। ହାଲୁକା ଲକ୍ଷଣ ଦେଖାଯିବାମାତ୍ରେ ଆବଶ୍ୟକ ସତର୍କତା ପାଳନ କରିବାକୁ କୁହାଯାଇଛି।

### ବର୍ଷା ଉଭାନ...

ମୌସୁମୀର ସାମୟିକ ବିରତି ଯୋଗୁ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି। ନୟାଗଡ଼ରେ ୧୭ମିମି ବର୍ଷା ରେକର୍ଡ ହୋଇଥିବାବେଳେ କେନ୍ଦ୍ରାପଡ଼ା, ନୂଆପଡ଼ା, ବରଗଡ଼, ଚାନ୍ଦବାଲି, କୋରାପୁଟରେ ବି ବର୍ଷାର ପ୍ରଭାବ ଦେଖିବାକୁ ମିଳିଥିଲା। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଉପକୂଳ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନ ସମେତ ମୟୂରଭଞ୍ଜ, କେନ୍ଦୁଝର ଓ ମାଲକାନଗିରିରେ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ରହିଛି। ରାଜ୍ୟରେ ଏବେ ମନସୁନ୍ ବ୍ରେକସ୍ଥିତି ଜାରି ରହିଛି। ବାୟୁମଣ୍ଡଳରେ ଯଥେଷ୍ଟ ଜଳୀୟବାଷ୍ପ ହେତୁ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଥିବା ପାଣିପାଗ ବିଭାଗ ସୂଚନା ଦେଇଛି।

### ଓଡ଼ିଶା ହେବ...

ରାଜ୍ୟର ୭୭ ଗୋଟି ପଞ୍ଜିକୃତ ଗୋଶାଳାରେ ଅସହାୟ ଗାଈଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ପ୍ରାଣିକଲ୍ୟାଣ ସଂଗଠନମାନଙ୍କୁ ୧୦.୫ କୋଟି ଟଙ୍କାର ଆର୍ଥିକ ସହାୟତା ବ□ନ କରିଥିଲେ । ସୂଚନାଯୋଗ୍ୟ, ପୋଷଣୀୟ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରାଣୀପାଳକଙ୍କ ଅବଦାନ, ସୁଷମ ଖାଦ୍ୟ ମଧ୍ୟରେ ଦୁଗ୍ଧର ଉପକାରିତା ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର ଲକ୍ଷ୍ୟରେ ୨୦୦୧ ମସିହା ଠାରୁ ପ୍ରତ୍ୟେକ ବର୍ଷ ଜୁନ ମାସ ୧ ତାରିଖରେ ବିଶ୍ୱ ଦୁଗ୍ଧ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ଥିମ ରହିଛି ଲେଟସ୍ ସେଲିବ୍ରେଟ୍ ଦ ପାୱାର ଅଫ୍ ଡେରୀ ବା ଆସନ୍ତୁ, ଦୁଗ୍ଧ ଶକ୍ତି ପାଳନ କରିବା । ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ବହୁଗୁଣିତ କରିବା ସହ ଦୁଗ୍ଧ ଚାଷୀଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରତିବଦ୍ଧ ଅଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ, ଏବଂ ଦୁଗ୍ଧ ଉତ୍ପାଦନ ଆମ ଗ୍ରାମୀଣ ଅର୍ଥନୀତିର ଏକ ପ୍ରମୁଖ ଅଙ୍ଗ। ଏହା କେବଳ ଏକ ଆୟର ଉତ୍ସ ନୁହେଁ, ବରଂ ଆମ ସମାଜରେ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଆମ ରାଜ୍ୟରେ ୨୦୨୩-୨୪ ବର୍ଷରେ ୨୬.୪ ଲକ୍ଷ ମେଟ୍ରିକ ଟନ୍ ଦୁଗ୍ଧ ଉତ୍ପାଦିତ ହୋଇଥିବା ବେଳେ ଏହାକୁ ଆଗାମୀ ୫ ବର୍ଷରେ ଦ୍ୱିଗୁଣିତ କରିବା ପାଇଁ ଆମ ସରକାର ପ୍ରୟାସଶୀଳ। ସେଥିପାଇଁ ଆମର ଏହି ଲୋକଙ୍କ ସରକାର ରାଜ୍ୟରେ ଗୋପାଳନର ବିକାଶ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଆରମ୍ଭ କରିଛନ୍ତି, 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'। ସେ କହିଥିଲେ ଯେ, 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩ ଲକ୍ଷ ହିତାଧିକାରୀ ୭୧ କୋଟି ଟଙ୍କାର ଅନୁଦାନ ରାଶି ପାଇ ଉପକୃତ ହୋଇସାରିଲେଣି। ଏହି କାମଧେନୁ ଯୋଜନା ଅଧିନରେ ଅନେକ ଯୋଜନା ଆଜି ଆମର ରାଜ୍ୟ ଚାଷୀଙ୍କୁ ସମୃଦ୍ଧ କରୁଛି। ପ୍ରାଣିକଲ୍ୟାଣ ପ୍ରତି ଆମ ସରକାର ସର୍ବଦା ସମ୍ବେଦନଶୀଳ। ସହାନୁଭୂତି, ସଂବେଦନଶୀଳତା ଓ ପର୍ଯ୍ୟାବରଣ ସୁରକ୍ଷା ପ୍ରତି ଥିବା ଉତ୍ତରଦାୟିତ୍ୱକୁ ଭଲଭାବରେ ବୁଝି ନୂତନ ଗୋଶାଳା ପ୍ରତିଷ୍ଠା ଓ ପଞ୍ଜୀକୃତ ଗୋଶାଳାକୁ ସହାୟତା ଲକ୍ଷ୍ୟରେ ଆମ ସରକାର ୧୮୬ କୋଟି ଟଙ୍କା ବ୍ୟୟ-ଅଟକଳରେ 'ମୁଖ୍ୟମନ୍ତ୍ରୀ ପ୍ରାଣିକଲ୍ୟାଣ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ବୁଲା ଓ ଅସହାୟ ଗୋରୁଗାଈଙ୍କ ଖାଦ୍ୟ, ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ପଞ୍ଜୀକୃତ ଗୋଶାଳାଗୁଡିକୁ ଗୋରୁ ପିଛା ଦୁଇଟି କିସ୍ତିରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ଗତ ନଭେମ୍ବର ମାସରେ ୬୮ ଟି ଗୋଶାଳାକୁ ୯ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୭୭ ଟି ଗୋଶାଳାକୁ ୧୦.୫ କୋଟି ଟଙ୍କାର ଅନୁଦାନ ଆଜି ଦିଆଯାଇଛି। ଏହି ଅର୍ଥ ରାଜ୍ୟର ପ୍ରାୟ ୨୨ ହଜାର ନିରାଶ୍ରୟ ଗୋରୁଗାଈଙ୍କ ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଅତ୍ୟନ୍ତ ଆନନ୍ଦର ବିଷୟ, ରାଜ୍ୟର ଖାଉଟିଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଆଜି ଓମଫେଡ଼ ପକ୍ଷରୁ ତିନୋଟି ନୂଆ ଉତ୍ପାଦର ବଜାରପ୍ରବେଶ କରାଯାଉଛି। ସେଗୁଡିକ ହେଲା-ବାଲ୍ଟି ଦହି, ଆମ ଓଡିଶାର ବିଞ୍ଝାରପୁରୀ ଗାଈ କ୍ଷୀରରୁ ପ୍ରସ୍ତୁତ ଦେଶୀ ଗାଈ ଘିଅ ଓ ସେହି ଗାଈ ପ୍ରଜାତିର ଏ-୨ କ୍ଷୀର। ଆଜିଠାରୁ ରାଜ୍ୟର ଓମଫେଡ଼ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ। ଖାଉଟିମାନଙ୍କ ପାଇଁ ବୃଦ୍ଧି ହେବାକୁ ଥିବା ଲିଟର ପ୍ରତି ୪ ଟଙ୍କାରୁ ୨ ଟଙ୍କା ସରକାର ବହନ କରିବେ। ଏହାଦ୍ୱାରା ରାଜ୍ୟର ପ୍ରାୟ ୨.୫ ଲକ୍ଷ ଗୋପାଳକ ସିଧାସଳଖ ଲାଭବାନ ହୋଇପାରିବେ। ଆମେ ଚାହୁଁଛୁ ଯେ ଓଡ଼ିଶା ଏକ ଦୁଗ୍ଧ ଉତ୍ପାଦନ ରାଜ୍ୟ ଭାବରେ ଦେଶରେ ଏକ ମଡେଲ୍ ସ୍ଥାନ ନେଉ। ଆମେ ସମସ୍ତେ ମିଳିତ ଭାବେ ଦୁଗ୍ଧ ସମୃଦ୍ଧ ଓଡ଼ିଶା, ସୁସ୍ଥ ଓଡ଼ିଶା ନାରାକୁ ସାକାର କରିବା ଉଚିତ ବୋଲିମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କହିଥିଲେ ଯେ, ଦୁଗ୍ଧ ଉତ୍ପାଦନ ଏବଂ ଦୁଗ୍ଧ ଜାତୀୟ ପଦାର୍ଥ ଉତ୍ପାଦନ ଯୋଗୁଁ ଆଜି ଓଡିଶାର ମାଆ, ଭଉଣୀ ମାନେ ଆତ୍ମନିର୍ଭରଶୀଳ। ଏହି ବିଭାଗ ସହିତ ଆମର ମିଶନ ଶକ୍ତି ମାଆ ଓ ଭଉଣୀ ମାନେ ସଂଶ୍ଳିଷ୍ଟ ରହି କେବଳ ଏତିକି ନୁହେଁ ଅର୍ଗାନିକ୍ ବାୟୋ କମ୍ପୋଷ୍ଟ ତିଆରି କରି ନିଜକୁ ଲକ୍ଷ ପତି ଦିଦି ଭାବେ ପରିଚିତ କରିଛନ୍ତି। ନିଜ ବକ୍ତବ୍ୟରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଗୋପାଳନ ଓ ଦୁଗ୍ଧ ଉତ୍ପାଦନ, ସମାଜରେ ପ୍ରତ୍ୟେକ ସ୍ତରରେ ରୋଜଗାର ବୃଦ୍ଧି କରିବାରେ ସହାୟକ ହେଉଛି। ଦେଶର ଆର୍ଥିକ ଅବିବୃଦ୍ଧି ଦେଶର ପ୍ରତ୍ୟେକ ଟି ଗାଁ ସ୍ୱାବଲମ୍ବୀ ହେଲେ ହିଁ ହୋଇ ପାରିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ କ୍ରାନ୍ତି ଆଣିଛି । ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବା ସହ ଦୁଗ୍ଧ ଉତ୍ପାଦନରେ ଓଡ଼ିଶାକୁ ସ୍ୱାବଲମ୍ବୀ କରିବା ପାଇଁ ଆମ ସରକାର ପ୍ରତିବଦ୍ଧ ଅଛି ବୋଲି କହିଛନ୍ତି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାଣିକଲ୍ୟାଣ ସଂଗଠନର କର୍ମକର୍ତ୍ତା, ରାଜ୍ୟର ବିଭିନ୍ନ ଅଞ୍ଚଳର ଗୋପାଳକ ଓ ପ୍ରାଣିପାଳକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ତଦନ୍ତ ପରେ...

ରହିଛି । ଏବେ ଏହି ଘଟଣାକୁ ନେଇ ସିଂହଦ୍ୱାର ଥାନାରେ ପୁରୀ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି । ତେବେ କେଉଁ ସୋସିଆଲ ମିଡିଆ ସାଇଟରେ ଏହା ଅପଲୋଡ଼ ହୋଇଛି ଏବଂ କେବେ ଏହି ଭିଡିଓ ଉତ୍ତୋଳନ ହୋଇଛି,ଏଥିରେ କାହାର ସମ୍ପୃକ୍ତି ରହିଛି, ସେ ନେଇ ତଦନ୍ତ ପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀ ଏସ୍‌ପି କହିଛନ୍ତି । ସେପଟେ ଶ୍ରୀମନ୍ଦିର ଉପରେ ଏବଂ ନିକଟରେ ଉଡୁଥିବା ଡ୍ରୋନ୍ ଗୁଡ଼ିକ ଜବତ କରିବା ପାଇଁ ପୋଲିସ ପକ୍ଷରୁ ଆଣ୍ଟି ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର କରାଯିବ ବୋଲି ଆଇନମନ୍ତ୍ରୀ ପ୍ରତିକ୍ରିୟା ଦେଇଥିଲେ । ତେବେ ଯଥାଶୀଘ୍ର ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଆବଶ୍ୟକ ବୋଲି ସେବାୟତ ଓ ଭକ୍ତ ଦାବି କରିଛନ୍ତି । ଶ୍ରୀମନ୍ଦିର ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି,'ଡ୍ରୋନ ଶ୍ରୀମନ୍ଦିର ପାଇଁ ବିପଦ । ଏହାକୁ ଦେଖିଲା ମାନେ ପୋଲିସ ଏହାକୁ ଖସାଇ ଦେବା ଉଚିତ୍ । ଆଇନ ମନ୍ତ୍ରୀଙ୍କୁ ଆମେ ଅନୁରୋଧ କରୁଛୁ ଯେ ଶ୍ରୀ ମନ୍ଦିର ସୁରକ୍ଷା ପାଇଁ ଅତ୍ୟାଧୁନିକ ଆଣ୍ଟି ଡ୍ରୋନ ବ୍ୟବସ୍ଥା କରନ୍ତୁ । ଯଦି ଏହି ଭିଡିଓ ସୁଟରେ କୌଣସି ସହାୟତଙ୍କ ହାତ ରହିଛି ,ତେବେ ସରକାର ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଫଳରେ ଆଗାମୀ ଦିନରେ ଏଭଳି ବେଆଇନ କାର୍ଯ୍ୟ କରିବା ପାଇଁ କେହି ସାହସ କରିବେ ନାହିଁ ।'ସେହିପରି ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି,'ଶ୍ରୀମନ୍ଦିରର ଭିଡ଼ିଓ ଡ୍ରୋନରେ ନିଆଯାଇ ସୋସିଆଲ ମିଡ଼ିଆରେ ଭାଇରଲ ହେଲା ଯାହା ଅତ୍ୟନ୍ତ ଦୁଃଖ ଦାୟକ । ଏଥିରେ ଯଦି ସେବାୟତ ସମ୍ପୃକ୍ତ ଥିବା ଅଭିଯୋଗ ଆସୁଛି,ତେବେ ଏହାର ତଦନ୍ତ କରାଯାଇ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ । ଏହି ଘଟଣା କାହିଁକି ବାରମ୍ବାର ହେଉଛି, ତାହାର ତଦନ୍ତ ହେଉ । ଶ୍ରୀମନ୍ଦିର ପାଖରେ ଯେମିତି କୌଣସି ଡ୍ରୋନ ଆସିପାରିବ ନାହିଁ ତୁରନ୍ତ ନିରାକରଣ ବ୍ୟବସ୍ଥା ହେଉ । ଶ୍ରୀମନ୍ଦିରରେ କେତେବେଳେ ବିଦେଶୀ ପ୍ରବେଶ କରୁଛନ୍ତି ତ କେତେବେଳେ ଶ୍ରୀମନ୍ଦିର ଭିତର ଭିଡ଼ିଓ ମୋବାଇଲରେ ସୁଟ କରାଯାଉଛି । ହେଲେ ପୋଲିସ ଧରିପାରୁନି । ଯଦି କାହାକୁ ଧରୁଛି ସ୍ୱତନ୍ତ୍ର କଡା ନିୟମ ନଥିବାରୁ ଅଭିଯୁକ୍ତ ଥାନାରୁ ବେଲ ପାଇ ଖସିଯାଉଛନ୍ତି । ଏଣୁ ଶ୍ରୀ ମନ୍ଦିର ସୁରକ୍ଷା ପାଇଁ ସରକାର କଡା ଆଇନ ଆଣିବା ଉଚିତ୍ । ଭାଇରାଲ୍ ଭିଡିଓରୁ ଜଣାପଡୁଛି ଚୁନରା ସେବକ ଏହି ଭିଡିଓ ସୁଟ ବେଳେ ଅବଗତ ଅଛନ୍ତି । ଏଣୁ ଉକ୍ତ ସେବାୟତଙ୍କୁ ଡକାଯାଇ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।'ଏନେଇ ପୁରୀ ଏସପି ବିନୀତ ଅଗ୍ରୱାଲ କହିଛନ୍ତି,'ଏହି ଘଟଣାକୁ ନେଇ ସିଂହ ଦ୍ୱାର ଥାନାରେ ଏକ ମାମଲା ରୁଜୁ ହୋଇଛି । କିଏ ଡ୍ରୋନ ଉଡାଇଛି,କାହା ସୋସିଆଲ ମିଡ଼ିଆରେ ଅପଲୋଡ଼ ହୋଇଛି, ଏଥିରେ ଚୂନରା ସେବାୟତଙ୍କ ସହଯୋଗ ରହିଛି କି ନାହିଁ, ତାହାର ତଦନ୍ତ ହେବ । ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଶିବ ବିବାହ ଓ ଶୀତଳଷଷ୍ଠୀ ସମ୍ବନ୍ଧୀୟ ଆଲୋଚନାଚକ୍ର

ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଲୋକମତ ଓ ଲୋକ ପରମ୍ପରା ଅନୁଯାୟୀ ମହାଦେବ ଶିବ ଏବଂ ଦେବୀ ପାର୍ବତୀଙ୍କର ବିବାହ ଶନିବାର ଦିନ ସମ୍ପନ୍ନ ହୋଇଯାଇଛି। ଏହାପରେ ମନ୍ଦିର ସମୀପ ରଜ ପଡ଼ିଆ ନାଟ୍ୟ ମଣ୍ଡପରେ ପରିବେଶବିତ କୃଷ୍ଣଚନ୍ଦ୍ର ଝପଟସିଂହଙ୍କ ପୌରୋହିତ୍ୟ ଓ ସମାଜସେବୀ ନିରଞ୍ଜନ ନାୟକଙ୍କ ସଂଯୋଜନାରେ 'ଶିବ ବିବାହ ଓ ଶୀତଳ ଷଷ୍ଠୀ' ପ୍ରସଙ୍ଗ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଖଙ୍ଗୁରିଆ ଗ୍ରାମ ପଞ୍ଚାୟତର ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର ମୁଖ୍ୟ ଅତିଥି, ବେଗୁନିଆସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ବକ୍ତା, କଳାକାର ଅଚ୍ୟୁତାନନ୍ଦ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପ୍ରଥମେ ସମ୍ବଲପୁରରେ ଲୋକ ମତ ଓ ଲୋକ ପରମ୍ପରା ଅନୁଯାୟୀ ସମ୍ବଲପୁରରେ ଅନୁଷ୍ଠିତ ଶିବ ବିବାହ ଓ ଶୀତଳଷଷ୍ଠୀ ପର୍ବ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ । ତାପରେ ସଂପୁର ପାଇକସାହି ମା ବିମଳାଇ ବାଳିକା ନାଟ୍ୟ ସଂସଦର ପରିଚାଳକଙ୍କ ତତ୍ତ୍ୱାବଧାନରେ ଉକ୍ତ ମଞ୍ଚରେ ପ୍ରଥମ କରି ବାଳିକା ରାମନାଟକ ମଞ୍ଚସ୍ଥ ହୋଇଥିଲା । ନେତ୍ର ରଞ୍ଜନ ମିଶ୍ର, ସନ୍ତୋଷ ପ୍ରଧାନ, ଜନାର୍ଦ୍ଦନ ନାୟକ, ବାବୁଲି ସିଂହ, ଇଲା ସିଂହ, ବୀର ଜେନା, ଦେବଦର୍ଶୀ ଜୟସିଂହ, କରୁଣାକର ନାୟକ, ପ୍ରବୀର କୁମାର ମହାନ୍ତିଙ୍କ ସମେତ ସଂପୁର ଗ୍ରାମବାସୀ ସହଯୋଗ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ନୃସିଂହ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ତୀର ମାଡ଼ରେ ମହିଳା ଗୁରୁତର ଯୁବକ ଥାନାରେ ଅଟକ

ଲହୁଣୀପଡ଼ା (ଭାସ୍କର ନ୍ୟୁଜ): ପ୍ରେମ ବେପାର ରୁ ମହିଳା ଙ୍କୁ ତୀର ମାଡ ମହିଳା ଗୁରୁତର। ଏ ଭଳି ଏକ ଅଭାବନିୟ ଘଟଣା ଘଟିଛି ଲହୁଣୀପଡ଼ା ବ୍ଲକ ଉରୁମକେଲା ଗ୍ରାମରେ। ମିଳିଥିବା ସୂଚନାରୁ ପ୍ରକାଶ ଯେ ଲହୁଣୀପଡ଼ା ଥାନା ଅନ୍ତର୍ଗତ ଉରୁମକେଲା ଗ୍ରାମର ସ୍ୱର୍ଗତ ଇନ୍ଦ୍ର କିଷାନ ଆରପାରି କୁ ଚାଲି ଯିବା ପରେ ତାଙ୍କ ଧର୍ମ ପତ୍ନୀ ଲକ୍ଷ୍ମୀ କିଷାନ (୪୦) ଓ ସେହି ଗ୍ରାମର ଲୁକୁ କିଷାନ (୪୫)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ତେବେ ଗତକାଲି ଗମଲେଇ ସାପ୍ତାହିକ ହାଟକୁ ଲକ୍ଷ୍ମୀ କିଷାନ ଯାଇ ଥିବା ବେଳେ ସେଠାରେ ସ୍ୱଞ୍ଜି କାରଖାନାରେ ସାଙ୍ଗରେ କାମ କରୁଥିବା ଜଣେ ଯୁବକଙ୍କ ସହିତ ସାପ୍ତାହିକ ହାଟରେ ଭେଟ ହୋଇ ଥିଲା। ଉକ୍ତ ଯୁବକ ସହିତ ଲକ୍ଷ୍ମୀ କଥାବାର୍ତ୍ତା ହେଉ ଥିବାର ଲୁକୁ ଦେଖିଥିଲା ଏବଂ ଲକ୍ଷ୍ମୀକୁ ତା ସହିତ କାହିଁକି କଥା ହେଉଛୁ ବୋଲି ପ୍ରତିବାଦ କରିଥିଲା। ସେଠାରେ ଉଭୟଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇ ଥିଲା ଏଥିରେ ଉତ୍ୟକ୍ତ ହୋଇ ଲୁକୁ ଘରକୁ ଯାଇ ଧନୁ ତୀର ଆଣି ଲକ୍ଷ୍ମୀକୁ ତୀର ମାଡ କରିଥିଲା। ଫଳରେ ଲକ୍ଷ୍ମୀର ଡାହାଣ ପାଖ କାଖ ପାଖରେ ବାଜିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ବଣାଇ ଡାକ୍ତର ଖାନାକୁ ନିଆ ଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାକୁ ରାଉରକେଲାକୁ ସ୍ଥାନାନ୍ତର କରା ଯାଇଛି। ବର୍ତ୍ତମାନ ସେ ସୁସ୍ଥ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ପୋଲିସ ଏକ ମାମଲା ରଜୁ କରି ଘଟଣାର ତଦନ୍ତ କରିବା ସହ ଆସାମୀକୁ ଅଟକ ରଖି ପଚରା ଉଚରା ଜାରି ରଖିଛି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଆଳି (ଭାସ୍କର ନ୍ୟୁଜ): ଦେମାଳ ସ୍ଥିତ ଆଳି ବ୍ଲକ ଶିକ୍ଷା ଅଫିସ କାର୍ଯାଳୟ ଠାରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ଆୟୋଜିତ ହୋଇଥିଲା । ଆଳି ବ୍ଲକର ସମସ୍ତ ସିଆରସିସି ଏବଂ ବିଆରସିସିଙ୍କ ଦ୍ୱାରା ଆୟୋଜିତ ଏହି ସଭାରେ ଆଳି ବ୍ଲକ ଏବଂ ରାଜକନିକା ବ୍ଲକ ଶିକ୍ଷା ଯୁଗ୍ମ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ବ୍ଲକ ଶିକ୍ଷା ଅଧିକାରୀ ନଳିନୀ ରଞ୍ଜନ ରାଉତରାୟ ଏବଂ ମୁଖ୍ୟ କିରାଣୀ ବିଧାନ ଚନ୍ଦ୍ର ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ସହିତ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ଫଟୋଚିତ୍ର ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉଭୟ ଅଧିକାରୀ ନିଜ କାର୍ଯ୍ୟକାଳ ସମୟ ମଧ୍ୟ ରେ ନିଜର ସମୟାନୁବର୍ତ୍ତିତା, ସହଯୋଗୀଙ୍କ ସହ ମେଳାପୀ ଓ କାର୍ଯ୍ୟ ଦକ୍ଷତା ରେ ବେଶ ପାରଙ୍ଗମ ବୋଲି ସମ୍ବର୍ଦ୍ଧିତ ସଭାରେ ଆଲୋଚନା ହୋଇଥିଲେ। ଏହି ସଭାରେ ପୂର୍ବତନ ବିଆରସିସି ଉଦକର ସାମଲ , ଏବିଇଓ ଏବଂ ବିଆରସିସି ଜ୍ୟୋତି ପୁଷ୍ପା ମହାନ୍ତିଙ୍କ ସହ ଆଳି ବ୍ଲକ ସିଆରସିସି ହଳଧର ସାହୁ ନିରଞ୍ଜନ ଜେନା , ଅନିଲ କୁମାର ନନ୍ଦ , ପ୍ରିୟରଞ୍ଜନ ରାଉତରାୟ , ପ୍ରିୟବ୍ରତ ସଞ୍ଜୟ କୁମାର ମହାଳିକ, ଭାଗ୍ୟବତୀ ସାହୁ, ଲକ୍ଷ୍ମୀପ୍ରିୟା ମଥାନ, ପ୍ରକାଶ ପାତ୍ର , ବିକ୍ରମ କେଶରୀ ସାମଲ, ସୁନୀଲ କୁମାର ସାହୁଙ୍କ ସମେତ ପ୍ରାଥମିକ ଶିକ୍ଷକ ସଙ୍ଘର କର୍ମକର୍ତ୍ତା, ଶିକ୍ଷା କାର୍ଯ୍ୟାଳୟର ସମସ୍ତ ସହଯୋଗୀ କର୍ମକର୍ତ୍ତା ଙ୍କ ସହ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ମଧ୍ୟ ଉପସ୍ଥିତ ଥିଲେ ।

**ESAF**
ESAF SMALL FINANCE BANK
REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

**GOLD AUCTION NOTICE**

Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers, despite repeated reminders and notices, of our branches, are listed below. This will be auctioned as per the details given below:

DATE OF AUCTION: 10-06-2025 TIME: 2 PM TO 5 PM
AUCTION VENUE: THROUGH E-AUCTION
AUCTION ADDRESS: https://egold.auctiontiger.net
Contact No: 9099013705 / 6351896640

To register as bidder for the e-Auction with terms and conditions, and full details of e-Auction please visit the above site.

**BRANCHES & LOAN ACCOUNT NUMBERS**

CUTTACK: 63240000760896, 75240004486685, NAYAGARH: 75240003735535, 4031423

Customers who are interested to release the ornaments by paying the total due amount may do so, at the respective branches, on or two days before the date of the auction.
Bidders who wish to participate in the auction shall produce their KYC documents. GST No. is mandatory for registered firms/companies. Bidders shall deposit a sum of Rs.50,000 as EMD before participating in the auction.

Thrissur Sd/-
Date: 02-06-2025 Authorized Signatory

MANAPPURAM HOME FINANCE LTD.
**ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍**
ପୂର୍ବରୁ ମନପୁରମ୍ ହୋମ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍
ସିଆଇଏନ୍: ୟୁ୬୫୯୨୩କେ୧୨୦୧୦ପିଆଇସି୦୩୯୧୭୯, ୟୁନିଟ୍ ୩୦୧-୩୧୫, ତୃତୀୟ ମହଲା, ଏ ୱିଙ୍ଗ୍ କନକିଆ ୱାଲ ଷ୍ଟ୍ରିଟ, ଅନ୍ଧେରୀ-କୁର୍ଲା ରୋଡ଼, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୯୩,ଫୋନ୍ ନଂ: ୦୨୨-୬୮୧୯୪୦୦୦/୦୨୨-୬୬୨୧୧୦୦୦

**ପଜେସନ୍ ନୋଟିସ୍** (ସ୍ଥାବର ସମ୍ପତ୍ତି ପାଇଁ)

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍ (ମାହୋଫିନ୍)ର ପ୍ରାଧିକୃତ ଅଧିକାରୀଙ୍କ ତରଫରୁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଆକ୍ଟ) ୨୦୦୨ (୨୦୦୨ର ୫୪) ଧାରା ଅନୁଯାୟୀ ତାଙ୍କର କ୍ଷମତାର ପ୍ରୟୋଗ କରି ୨୦୦୨ର ୯ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ର ଧାରା ୧୩(୧୨)ରେ ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ ଜାରି କରି ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ ପାଇଁ କୁହାଯାଇଥିଲା। ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ଯେହେତୁ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ସର୍ବସାଧାରଣ ତଥା ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି କି ସୁରକ୍ଷିତ ଋଣଦାତା (ମନପୁରମ୍ ହୋମ ଫାଇନାନ୍ସ ଲିମିଟେଡ୍)ଙ୍କ ନିକଟରେ ନିମ୍ନ ଦର୍ଶିତ ସ୍ଥାବର ସମ୍ପତ୍ତିଗୁଡ଼ିକ ବନ୍ଧକ ରହିଛି। ତେଣୁ ୯ ଆଇନର ୧୩/୪ ଧାରା ଅନୁଯାୟୀ ପ୍ରାଧିକୃତ ଅଧିକାରୀ ତାଙ୍କର କ୍ଷମତା ପ୍ରୟୋଗ କରି ଏହାକୁ ନିଜ ଦଖଲକୁ ନେଇଛନ୍ତି। ଋଣଗ୍ରହୀତା ଏବଂ ସର୍ବସାଧାରଣ ଏହି ସମ୍ପତ୍ତି ଉପରେ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ବିନା ଅନୁମତିରେ କୌଣସି କାରବାର କରିପାରିବେ ନାହିଁ। ନିମ୍ନରେ ସମ୍ପତ୍ତି ସଂପର୍କିତ ବିବରଣୀ ପ୍ରଦତ୍ତ।

| କ୍ର ନଂ | ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ/ ଋଣ ଏକାଉଣ୍ଟ ନଂ /ବ୍ରାଞ୍ଚ | ଯେଉଁ ଉଦ୍ଦେଶ୍ୟରେ ଏହି ସମ୍ପତ୍ତି ବନ୍ଧକ ରହିଥିବାର ବିବରଣୀ | ଡିମାଣ୍ଡ ନୋଟିସ ପଠାଯିବାର ତାରିଖ ଓ ବକେୟା ପରିମାଣ | ପଜେସନ ତାରିଖ |
|---|---|---|---|---|
| ୧ | ଶକୁନ୍ତଳା ପୋଥାଳ, ଦୀପ୍ତିରଞ୍ଜନ ପୋଥାଳ/ ଏମ୍ଏଚ୍ଏଲ୦୦୯୬୦୦୦୭୯୭୪ ବାଲେଶ୍ୱର | ଖାତା ନଂ ୨୪୧/୧୩୪ ଏବଂ ପ୍ଲଟ୍ ନଂ ୯୫୭/୧୦୬୦, ଏରିଆ- ଏ-୦.୩୦୦୦, ମୌଜା ଅବସ୍ଥିତ: ଅଡିଆ, ତହସିଲ- ସୋର, ଜିଲ୍ଲା-ବାଲେଶ୍ୱର,ମଦନମୋହନ ହାଇସ୍କୁଲ ପାଖ, ପିଏସ୍-ସୋର,ପିଏସ୍‌ନଂ ୪୩, ପୋଷ୍ଟ- ଓ୍ୱଦା,ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୪୫, ପୂର୍ବ- ସର୍ବସାଧାରଣ ରାସ୍ତା, ପଶ୍ଚିମ- ଭାଗିରଥି ନାୟକଙ୍କ ଜମି, ଦକ୍ଷିଣ- ଜନସାଧାରଣଙ୍କ ରାସ୍ତା, ଉତ୍ତର- ବିଷ୍ଣୁ ନାୟକଙ୍କ ପ୍ଲଟ୍ | ୨୪.୦୨.୨୦୨୫ ଏବଂ ଟ. ୪୬୫୩୮୮/- | ୨୮.୦୫.୨୦୨୫ |
| ୨ | ଶୈଳବାଳା ବେହେରା,ଶରତ କୁମାର ବେହେରା/ ଟଏଲ୦୦୭୮୦୦୦୭୧୨୧/ ଖୋର୍ଦ୍ଧା | ଖାତା ନଂ ୪୫୪/୪୨୫ ଏବଂ ପ୍ଲଟ୍ ନଂ ୩୪୪, ଏ୦.୦୮୨ ଡିସିମିଲ (୦.୦୩୩୨ ହେକ୍ଟର), ମୌଜା- ହରିଚନ୍ଦନପୁର, ପିଏସ/ତହସିଲ ନଂ ୧୨୯, ତହସିଲ-ବାଣପୁର, ଜିଲ୍ଲା- ଖୋର୍ଦ୍ଧା, କୃଷ୍ଣ ମନ୍ଦିର ପାଖ, ପୋଷ୍ଟ- ହରିଚନ୍ଦନପୁର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୫, ପୂର୍ବ: ଘନ ମୁଦୁଲି, ପଶ୍ଚିମ- ଗଡେଶ୍ୱର ମୁଦୁଲି, ଦକ୍ଷିଣ- ସରକାରୀ ଜମି, ଉତ୍ତର- ଦଣ୍ଡା | ୨୪.୦୨.୨୦୨୫ ଏବଂ ଟ. ୫୦୦୬୮୩/- | ୨୮.୦୫.୨୦୨୫ |

ତାରିଖ: ୦୨.୦୬.୨୦୨୫ ସ୍ୱା/-ପ୍ରାଧିକୃତ ଅଧିକାରୀ,
ସ୍ଥାନ: ଓଡ଼ିଶା ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍

Chatrapur, Dist-Ganjam, 761020
E-mail-nacchatrapur@rediffmail.com / chatrapur@gmail.com
Web :- www.chatrapurnac.in

**NOTIFIED AREA COUNCIL CHATRAPUR**

Letter No: /056/ NAC Date: 29.05.2025

QUOTATION CALL NOTICE

The Executive Officer NAC Chatrapur on behalf of Chatrapur NAC ,Ganjam Invited Sealed quotations in prescribed form "Registered Firms /reputed Agencies//Govt. Contractors" for The Supply, Fitting & Fixing of following works" as per specification given in tender document to the Office of NAC C hatrapur, Hence interested party can obtain their Quotation Paper from the Office of N.A.C. Chatrapur, from 11.00 AM of 02.06.2025 to 01.00 PM of 12.06.2025 during office hours of working day by depositing Paper Cost as Cash Receipt. The last date & time of submission of quotation paper is 12.06.2025 up to 03.00 PM.

The documents like PAN Card, GST etc. in photo copy in this regard should be produced along with Quotation Paper i.e. on or before 3.00 PM of 12.06.2025.The same will be opened at 4.00 PM dated 12.06.2025 in the presence of the quotation or their authorized representative in the chamber of The Executive Officer, N.A.C. Chatrapur.

| Sl No | Nature Of Work | Cost Of Tender Paper |
|---|---|---|
| 01 | Supply,Fitting & Fixing of different Open Gym Equipment & different Children Play Equipment at different places of NAC Chatrapur | Rs. 4000.00 |
| 02 | Supplying ,Fitting and Installation of Various Ornamental & design lights at different places of NAC Chatrapur | Rs. 4000.00 |
| 03 | Supplying, Fixing of different ornamental plants,grassing &landscaping work at different places of NAC Chatrapur. | Rs. 4000.00 |
| 04 | Supplying ,Fitting and Installation of FRP make Statue of Late Sri Atal Bihari Bajpayee (Ex PM of India)at NAC Chatrapur | Rs. 4000.00 |
| 05 | Supplying a M.S Guard cabin/container of L-11' x W-10'x H 9' with lavatory facility ,at NAC Chatrapur | Rs 4000.00 |

Sd/- Executive Officer
N.A.C., Chatrapur



ନୂଆଦିଲ୍ଲୀ: ପହଲଗାଁଓ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ମେ' ୭ରେ ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ ସିନ୍ଦୂର'କୁ କାର୍ଯ୍ୟକାରୀ କରାଯାଇଥିଲା। ଏହି ଆକ୍ରମଣରେ ପାକିସ୍ତାରେ ଥିବା ବିଭିନ୍ନ ଆତଙ୍କବାଦୀ ସଂଗଠନର ୯ ଆଡ୍ଡାସ୍ଥଳ ଧ୍ୱଂସ କରାଯାଇଥିବାବେଳେ ୧୧ ବାୟୁସେନା ଘାଟି କ୍ଷତିଗ୍ରସ୍ତ ହୋଇଛି। ତେବେ ଏହି ଅଭିଯାନରେ ଭାରତର ସଫଳତା ସମ୍ପୂର୍ଣ୍ଣ ଏକତରଫା ନଥିଲା ବୋଲି ଭାରତର ସିଡିଏସ (ଚିଫ୍ ହଫ୍ ଡିଫେନ୍ସ ଷ୍ଟାଫ୍) ଜେନେରାଲ ଅନିଲ ଚୌହ୍ୱାନ ସ୍ୱୀକାର କରିଛନ୍ତି। ଚାରିଦିନ ଧରି ଚାଲିଥିବା ଏହି ଅଭିଯାନରେ ପାକିସ୍ତାନ ମଧ୍ୟ ପାଲଟା ଆକ୍ରମଣ କରି ଭାରତକୁ କ୍ଷତି ପହଞ୍ଚାଇଥିବା ସେ କହିଛନ୍ତି। ପାକିସ୍ତାନର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡରେ ଭାରତୀୟ ବାୟୁସେନାର ଏକାଧିକ ଲଢୁଆ ବିମାନ ନଷ୍ଟ ହୋଇଥିବା ସେ ସ୍ୱୀକାର କରିଛନ୍ତି। ତେବେ ଭାରତର ୬ଟି ଯୁଦ୍ଧବିମାନକୁ ଗୁଳିକରି ଖସାଇ ଦିଆଯାଇଛି ବୋଲି ପାକିସ୍ତାନ ଯାହା ଦାବି କରୁଛି, ତାହାକୁ ସେ ଖଣ୍ଡନ କରିଛନ୍ତି। ଶନିବାର ସିଙ୍ଗାପୁରରେ ଏକ ଟିଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଅବସରରେ ଜେନେରାଲ ଚୌହ୍ୱାନ କହିଛନ୍ତି ଯେ ପ୍ରତ୍ୟେକ ଯୁଦ୍ଧରେ ଦୁଇପକ୍ଷଙ୍କୁ କ୍ଷତି ସହିବାକୁ ପଡିଥାଏ।

## କୋଲକତାରେ ଦିଦିଙ୍କ ଉପରେ ଗର୍ଜିଲେ ଶାହା



କୋଲକାତା : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର ଦିନ କୋଲକାତାରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ବୈଠକକୁ କରିଛନ୍ତି ସମ୍ବୋଧିତ। ଏହି ସମୟରେ ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ଖୁବ୍ ବର୍ଷିଛନ୍ତି। ଅମିତ ଶାହ କହିଛନ୍ତି ଯେ, ଯଦି ଦିଦିଙ୍କ (ମମତା ବାନାର୍ଜୀ) ପାଖରେ ସାହସ ଅଛି ତ ବିନା ହିଂସାକାଣ୍ଡରେ ନିର୍ବାଚନ ଲଢି ଦେଖାଅ। ତାଙ୍କର ଜାମିନ ଜବତ ହୋଇଯିବ। ଶାହ କହିଛନ୍ତି , ମମତା ବାନାର୍ଜୀ ଭୋଟବ୍ୟାଙ୍କ୍ ପାଇଁ ତୃଷ୍ଟୀକରଣର ସବୁ ସୀମା ସରହଦ ଅତିକ୍ରମ କରି ସାରିଛନ୍ତି। ଆମ ଲୋକଙ୍କୁ ପହଲଗାମରେ ହତ୍ୟା କରାଗଲା। 'ଅପରେସନ ସିନ୍ଦୂର' ଦ୍ୱାରା ଆମେ ୧୦୦ କି.ମି (ପାକିସ୍ତାନ ଭିତରେ) ଯାଇ ତାଙ୍କର ମୁଖ୍ୟାଳୟକୁ ଧ୍ୱଂସ କରି ଦେଲୁ। ଶହ ଶହ ଆତଙ୍କବାଦୀ ନିପାତ ହେଲେ ଏବଂ ଏଥିରେ ଦିଦିଙ୍କ ଛାତିରେ ଆଘାତ ଲାଗୁଛି। ସେ ଏକ ରାଜନୀତିକ ଭାଷଣ ଦେଇ ଅପରେସନ ସିନ୍ଦୂରର ବିରୋଧ କଲେ। ସେ ଦେଶର କୋଟି କୋଟି ମହିଳାଙ୍କ ଭାବନା ସହ ମଧ୍ୟ ଖେଳିଲେ। ପଶ୍ଚିମବଙ୍ଗର ଭଉଣୀ ଓ ମାତାଙ୍କୁ ଆସନ୍ତା ନିର୍ବାଚନରେ ମମତା ବାନାର୍ଜୀଙ୍କୁ ସିନ୍ଦୂରର ମୂଲ୍ୟ ଶିଖାଇବା ଉଚିତ୍। ଅମିତ ଶାହ କହିଛନ୍ତି ଯେ, ଆମକୁ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ କରିବାର ଅଛି। ଅନୁପ୍ରବେଶ ରୋକିବା , ଦୁର୍ନୀତି ରୋକିବା ଓ ହିନ୍ଦୁଙ୍କ ପଳାୟନକୁ ରୋକିବା। ସେ କହିଛନ୍ତି , ବର୍ଷ ବର୍ଷ ଯାଏ ବଙ୍ଗଳାରେ କମ୍ୟୁନିଷ୍ଟଙ୍କ ଶାସନ ଥିଲା। ଏହାପରେ ମମତା ବାନାର୍ଜୀ 'ମାଆ, ମାଟି, ମାନୁଷ'ର ନାରା ଦେଇ ଆସୁଛନ୍ତି। ଚାକିରିକୁ ନେଇ ମଧ୍ୟ ଶାହ ମମତାଙ୍କୁ ଘେରିଛନ୍ତି। ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି , କୋଲକାତାର ବଜାରରେ ଯୁବବର୍ଗଙ୍କ ଚାକିରି ବିକ୍ରି ହୁଏ। ଏମାନଙ୍କ ଘରୁ (ଟିଏମସି) ଏତେ ଟଙ୍କା ଧରା ଯାଏ ଯେ, ଗଣି ଗଣି ମେସିନ୍ ? ଥକି ଯାଏ। ଏବେ ଏହି କାର୍ଯ୍ୟକୁ ବନ୍ଦ କରିବାକୁ ହେବ। ସେ କହିଛନ୍ତି , ବଙ୍ଗଳାର ନିର୍ବାଚନ କେବଳ ବଙ୍ଗଳାର ଭବିଷ୍ୟତକୁ ସ୍ଥିର କରି ନଥାଏ , ଏହାସହ ଦେଶର ସୁରକ୍ଷା ସହ ବି ଜଡ଼ିତ। କାରଣ ମମତା ବାନାର୍ଜୀ ବଙ୍ଗଳାର ସୀମା ଗୁଡ଼ିକୁ ବାଂଲାଦେଶୀଙ୍କ ପାଇଁ ଖୋଲା ଛାଡ଼ି ଦେଇଛନ୍ତି। ତାଙ୍କର ଆଶୀର୍ବାଦରେ ବଙ୍ଗଳାରେ ଅନୁପ୍ରବେଶ ହେଉଛି। ଏହି ଅନୁପ୍ରବେଶକୁ କେବଳ ବିଜେପିର ସରକାର ହିଁ ରୋକି ପାରିବ।

## ୟୁକ୍ରେନ୍ ଉପରେ ଋଷର ଡ୍ରୋନ୍ ଆକ୍ରମଣ
## ୧୨ ସୈନିକ ମୃତ, ୬୦ ଆହତ

କିଭ୍: ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗତ ତିନି ବର୍ଷ ମଧ୍ୟରେ ୟୁକ୍ରେନ ଉପରେ ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ କରିଛି ରୁଷ୍। ୟୁକ୍ରେନ ବାୟୁସେନାର ସୂଚନା ମୁତାବକ, ୟୁକ୍ରେନ ଉପରେ ୪୭୨ଟି ଡ୍ରୋନ୍‌ରେ ଆକ୍ରମଣ କରିଛି ରୁଷ୍। ୟୁକ୍ରେନ ବାୟୁସେନା ଯୋଗାଯୋଗ ମୁଖ୍ୟ ୟୁରି ଇଗ୍‌ନାତ କହିଛନ୍ତି ଯେ, ଏହି ଡ୍ରୋନ୍ ଆକ୍ରମଣ ସହିତ ରୁଷ୍ ସାତଟି ମିସାଇଲ୍ ମାଡ଼ ମଧ୍ୟ କରିଛି। ୟୁକ୍ରେନର ଏକ ତାଲିମ ୟୁନିଟ୍‌କୁ ଟାର୍ଗେଟ କରି ରୁଷ୍ ଏହି ଆକ୍ରମଣ କରିଛି, ଯେଉଁଥିରେ ୧୨ ଜଣ ୟୁକ୍ରେନ ସୈନିକଙ୍କ ମୃତ୍ୟୁ ଘଟିଛି। ଏଥିସହ ୬୦ରୁ ଅଧିକ ଆହତ ହୋଇଛନ୍ତି। ରବିବାର ଦିନ ୧୨ଟା ୫୦ ସମୟରେ ଏହି ଆକ୍ରମଣ ହୋଇଥିବା ସୂଚନା ମିଳିଛି।

## ଗାଜା ଉପରେ ଇସ୍ରାଏଲର ଆକ୍ରମଣ: ୪୦ ମୃତ

ନୂଆଦିଲ୍ଲୀ: ଗାଜାରେ ଇସ୍ରାଏଲର ବଡ଼ଧରଣର ଆକ୍ରମଣ । ପାଲେଷ୍ଟାଇନ୍‌ର ଔଷଧ ସାମଗ୍ରୀ ବଣ୍ଟନ କେନ୍ଦ୍ର ନିକଟରେ ଇସ୍ରାଏଲର ଆକ୍ରମଣରେ ପ୍ରାୟ ୪୦ ଜଣ ପ୍ରାଣ ହରାଇଥିବା ସୂଚନା ମିଳିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୫୦ରୁ ଅଧିକ ଆହତ ହୋଇଥିବା ଖବର ରହିଛି । ଗୁରୁତର ଆହତ ମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦକ୍ଷିଣ ଗାଜାର ରାଫା ଅଞ୍ଚଳରେ ଶରଣାର୍ଥୀ ସ୍ୱାସ୍ଥ୍ୟ ଶିବିର ଉପରେ ଇସ୍ରାଏଲ ଟ୍ୟାଙ୍କ ମାଧ୍ୟମରେ ଆକ୍ରମଣ କରିଛି। ଗାଜା ହ୍ୟୁମାନିଟାରିଆନ୍ ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ଏକ ରିଲିଫ୍ କେନ୍ଦ୍ର ନିକଟରେ ସ୍ଥାନୀୟ ସମୟ ସକାଳ ୪ଟା ୩୦ରେ ଅଲ-ଆଲମ୍ ସ୍କୋୟାର ନିକଟରେ ଖାଦ୍ୟ ଏବଂ ଔଷଧ ସଂଗ୍ରହ କରିବାକୁ ଭିଡ଼ ଲାଗିଥିଲା । ଯେଉଁ ଭିଡ଼ର ଫାଇଦା ଉଠାଇବାକୁ ଯାଇ ଏହି ସମୟରେ ଇସ୍ରାଏଲର ଟ୍ୟାଙ୍କଗୁଡ଼ିକ ଗୁଳି ଚଳାଇଥିଲେ। ଗୁଳିମାଡ଼ ପରେ ମୃତ ଏବଂ ଆହତମାନେ ଅନେକ ସମୟ ଧରି ତଳେ ପଡ଼ି ରହିଥିଲେ । ଇସ୍ରାଏଲ ନିୟନ୍ତ୍ରଣରେ ଥିବାରୁ ଉଦ୍ଧାରକାରୀ ଦଳ ସେହି ଅଞ୍ଚଳକୁ ପହଞ୍ଚିପାରିଲେ ନାହିଁ । ତେବେ ଗଧଗାଡ଼ିରେ ଆହତଙ୍କୁ ହସ୍ପିଟାଲକୁ ନିଆଯାଇଥିଲା ।

## ଉତ୍ତର-ପୂର୍ବ ରାଜ୍ୟରେ ବର୍ଷା ବିପ୍ରାତ, ୩୨ ମୃତ




ଗୁଆହାଟୀ: ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ କିଛି ଦିନ ଧରି ଲଗାତାର ବର୍ଷା ହେଉଛି। ଯାହା ଫଳରେ ନଦୀଗୁଡ଼ିକରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଆସାମ, ମିଜୋରାମ, ଅରୁଣାଚଳ ପ୍ରଦେଶ ଏବଂ ମଣିପୁରରେ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଏପର୍ଯ୍ୟନ୍ତ ୩୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଥିବା ଜଣାପଡ଼ିଛି। ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ତ୍ରିପୁରା, ମିଜୋରାମ ଓ ମେଘାଳୟ ଭଳି ଏକାଧିକ ଉତ୍ତର-ପୂର୍ବ ରାଜ୍ୟରେ ପ୍ରବଳ ବର୍ଷା ଯୋଗୁଁ ସ୍ଥିତି ଅସମ୍ଭାଳ ହୋଇପଡିଛି। ଏଥିରେ ୧୨ ହଜାରରୁ ଅଧିକ ପ୍ରଭାବିତ ହୋଇଛନ୍ତି। ବିଗତ ତିନି ଦିନ ଧରି ଲାଗି ରହିଥିବା ପ୍ରବଳ ବର୍ଷାରେ ଶତାଧିକ ବାସଗୃହ ନିଶ୍ଚିହ୍ନ ହୋଇଥିବାବେଳେ ରାସ୍ତାଘାଟ ଭୁଶୁଡି ପଡିଛି। ବିରାଟକାୟ ଗଛ ଉପୁଡି କେତେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିବା ସୂଚନା ମିଳିଛି। ଭାରତୀୟ ପାଣିପାଗ କାର୍ଯ୍ୟାଳୟ (ଆଇଏମଡି) ପକ୍ଷରୁ ଏହି ରାଜ୍ୟଗୁଡିକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଶୁକ୍ରବାର ଅରୁଣାଚଳରେ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆସମରେ ୫, ତ୍ରିପୁରାରେ ୪, ମଣିପୁରରେ ୩, ମିଜୋରାମ ଓ ମେଘାଳୟରେ ପ୍ରତ୍ୟେକ ୨ ଜଣ ପ୍ରାଣ ହରାଇଛନ୍ତି। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ପୁଲିସ ସମେତ ସେନା, ଏନଡିଆରଏଫ୍ ଓ ଅର୍ଦ୍ଧସାମରିକ ବାହିନୀ ଯବାନଙ୍କୁ ମୁତୟନ କରାଯାଇଛି। ପ୍ରବଳ ବର୍ଷା ଯୋଗୁଁ ଏହି ରାଜ୍ୟଗୁଡିକର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଏବଂ ଆକସ୍ମିକ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି। ଆସାମର ଗୁଆହାଟୀ ଓ ସିଲଚରରେ ୧୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ଅରୁଣାଚଳ, ମଣିପୁର, ତ୍ରିପୁରା ଓ ମିଜୋରାମରେ ସ୍ଥିତି ଅନୁରୂପ ଭାବେ ଉଦ୍ ?ବେଗଜନକ ରହିଛି। ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ପର୍ଯ୍ୟଟକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ତ୍ରିପୁରାରେ ୨୦୦ ଲୋକ ବାସଚ୍ୟୁତ ହୋଇଥିବାବେଳେ ମଣିପୁରରେ ବିଭିନ୍ନ ନଦୀର ଜଳପତନ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହି ପରିପ୍ରେକ୍ଷୀରେ ନଦୀକୂଳରେ ବାସ କରୁଥିବା ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସେହିପରି ଆଇଏମଡି ଜୁନ୍ ୧ ରୁ ୫ ପର୍ଯ୍ୟନ୍ତ ପ୍ରବଳ ବର୍ଷା, ବଜ୍ରପାତ ନେଇ ପୂର୍ବାନୁମାନ କରିଛି। ଅପରପକ୍ଷରେ ଜୁନ୍ ୫ ଏବଂ ୬ରେ ପ୍ରବଳ ବର୍ଷା ଜାରି ରହିବାର ସମ୍ଭାବନା ଅଛି।

## ଛତିଶଗଡ ବିକାଶରେ ଦେବାଙ୍ଗନ ସମାଜର ଭୂମିକା ମହତ୍ତ୍ୱପୂର୍ଣ୍ଣ : ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ରାୟପୁରର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଅଡିଟୋରିୟମରେ ଆୟୋଜିତ ଦେବାଙ୍ଗନ ସମାଜର ମହାସମ୍ମିଳନୀରେ ସମ୍ବୋଧିତ କରି କହିଥିଲେ ଯେ, ଦେବାଙ୍ଗନ ସମାଜ ଛତିଶଗଡ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ସମାଜର ଲୋକମାନେ ବିଭିନ୍ନ ପ୍ରକାର ବ୍ୟବସାୟ କରିବା ସହ ଛତିଶଗଡ ବିକାଶରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଲିଭାଉଛନ୍ତି। କେବଳ ବ୍ୟବସାୟୀ ନୁହେଁ ସେମାନେ ବହୁ ଶିକ୍ଷିତ ଏବଂ ସଂଗଠିତ। ଶିକ୍ଷା, ସଂସ୍କୃତି, କଳା, କୃଷି ତଥା ସମସ୍ତ କ୍ଷେତ୍ରରେ ଏହି ସମାଜର ଲୋକମାନେ ନିଜର ପରାକାଷ୍ଠା ଦେଖାଇ ପାରିଛନ୍ତି। ବିକଶିତ ଛତିଶଗଡ ପାଇଁ ସେମାନେ ମଧ୍ୟ ମନପ୍ରାଣ ଦେଇ କାମ କରୁଛନ୍ତି ବୋଲି ଶ୍ରୀ ସାଏ କହିଥିଲେ। ଶ୍ରୀ ସାଏ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସାରା ଦେଶରେ ବିକାଶର ଧାରା ଜାରି ରହିଛି। ଆମେ ମୋଦୀଙ୍କ ଗ୍ୟାରେଣ୍ଟିକୁ ପୂରଣ କରୁଛୁ। ସରକାର ଗତବର୍ଷ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ସମର୍ଥ ହୋଇପାରିଛନ୍ତି। ସରକାର ଗଠନର ପ୍ରଥମ ପର୍ଯ୍ୟାୟରେ ୧୮ଲକ୍ଷରୁ ଅଧିକ ଆବାସ ଘର ଯୋଗାଇ ଦିଆଯାଇଛି। ସେହିପରି ମହଳା ସଶକ୍ତିକରଣ କ୍ଷେତ୍ରରେ ଆତ୍ମନିର୍ଭରହେବା ପାଇଁ ମହିଳାମାନଙ୍କୁ ମାସିକ ମହତରୀ ବନ୍ଦନ ଯୋଜନାରେ ୧ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଉଛି। ସେ ଆହୁରି କହିଥିଲେ ସରକାର ପ୍ରଶାସନିକ କ୍ଷେତ୍ରରେ ପାରଦର୍ଶିତା ପାଇଁ ଡିଜିଟାଲ ଗଭର୍ଣ୍ଣାସ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗ ମନ୍ତ୍ରୀ ଲକ୍ଷନଲାଲ ଦେବାଗନ, ବିଧାୟକ କିରଣ ଦେବ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଦେବାଗନ ସମାଜର ରାଜ୍ୟ ଅଧ୍ୟକ୍ଷ ପ୍ରଦୀପ ଦେବାଗନ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଏହି ସମ୍ମିଳନୀର ଉଦ୍ଦେଶ୍ୟ ବୁଝାଇଥିଲେ। ସମ୍ମିଳନୀରେ ଦେବାଗନ ମହାକୁମ୍ଭ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ବିଧାୟକ ମୋତିଲାଲ ସାହୁ, ପୁରନ୍ଦରା ମିଶ୍ରା ତଥା ଦେବାଙ୍ଗନ ସମାଜର ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଅପରେସନ୍ 'ସିନ୍ଦୂର' ଉପରେ ପ୍ରବନ୍ଧ ପ୍ରତିଯୋଗିତା




ନୂଆଦିଲ୍ଲୀ: ପ୍ରତିରକ୍ଷା ମନ୍ତ୍ରଣାଳୟ ରବିବାର 'ଅପରେସନ୍ ସିନ୍ଦୂର' ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଘୋଷଣା କରିଛି। ଯାହା ଜୁନ୍ ୧ ରୁ ଜୁନ୍ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମନ୍ତ୍ରଣାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ 'ପୋଷ୍ଟ' ମାଧ୍ୟମରେ ପ୍ରକାଶ କରିଛି ଯେ ଶ୍ରେଷ୍ଠ ତିନି ବିଜେତାଙ୍କୁ ପ୍ରତ୍ୟେକଙ୍କୁ ୧୦,୦୦୦ ଟଙ୍କା ନଗଦ ପୁରସ୍କାର ମିଳିବ। ଦିଲ୍ଲୀର ଲାଲକିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ୭୮ତମ ସ୍ୱାଧୀନତା ଦିବସ ସମାରୋହରେ ଅଂଶଗ୍ରହଣ କରିବାର ଏକ ବିଶେଷ ସୁଯୋଗ ମିଳିବ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ 'ଅପରେସନ୍ ସିନ୍ଦୂର' ଅଧୀନରେ ପାକିସ୍ତାନରେ ନଅଟି ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରିଥିଲା। ଯାହା ପରେ ପାକିସ୍ତାନ ମେ ୮, ୯ ଏବଂ ୧୦ରେ ଭାରତୀୟ ସାମରିକ ଘାଟି ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ 'ଏକ୍ସ'ରେ କହିଛି ଯେ ପ୍ରତିରକ୍ଷା ମନ୍ତ୍ରଣାଳୟ ଯୁବ ପ୍ରତିଭାମାନଙ୍କୁ ସେମାନଙ୍କର ସ୍ୱର ଉଠାଇବାକୁ ଆମନ୍ତ୍ରଣ କରୁଛି। 'ଅପରେସନ୍ ସିନ୍ଦୂର- ଆତଙ୍କବାଦ ବିରୁଦ୍ଧରେ ଭାରତର ନୀତିକୁ ପୁନଃ ପରିଭାଷିତ କରିବା' ଉପରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଦ୍ୱିଭାଷୀ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରନ୍ତୁ ବୋଲି ଆମନ୍ତ୍ରଣ କରିଛି।

# ବାଣିଜ୍ୟ



ନୂଆଦିଲ୍ଲୀ: ମାସ ଆରମ୍ଭରୁ ଶସ୍ତା ହୋଇଛି ସୁନା। ବିଶ୍ୱ ସ୍ତରରେ ଉତ୍ତେଜନାର ବାତାବରଣ ମଧ୍ୟରେ, ଗତ ଗୋଟିଏ ସପ୍ତାହ ମଧ୍ୟରେ ସୁନା ମୂଲ୍ୟ ହ୍ରାସ ପାଇଛି। ଦେଶରେ ସୁନା ମୂଲ୍ୟରେ ହ୍ରାସ ରେକର୍ଡ କରାଯାଇଛି। ସୋମବାର ଏବଂ ରବିବାର ମଧ୍ୟରେ, ସୁନାର ମୂଲ୍ୟ ପ୍ରତି ଗ୍ରାମ ୩୩୦ ଟଙ୍କା ହ୍ରାସ ପାଇଛି। ଆଜି ଦେଶରେ ୨୪ କ୍ୟାରେଟ ସୁନାର ମୂଲ୍ୟ ୯୭,୩୧୦ ଟଙ୍କା ରହିଛି। ରିପୋର୍ଟ ଅନୁଯାୟୀ, ସୋମବାର ମେ ୨୬ରୁ ମେ ୩୧ ୨୦୨୫ ମଧ୍ୟରେ ସୁନା ମୂଲ୍ୟରେ ହ୍ରାସ ଘଟିଛି। ରାଜଧାନୀ ଦିଲ୍ଲୀରେ, ୨୪ କ୍ୟାରେଟ ୧୦ ଗ୍ରାମ ସୁନାର ମୂଲ୍ୟ ୯୭,୪୬୦ ଟଙ୍କା। ଅନ୍ୟପକ୍ଷରେ ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପାଇଁ ୮୯,୩୫୦ ଟଙ୍କାରେ କାରବାର କରୁଛି। ଆର୍ଥିକ ରାଜଧାନୀ ମୁମ୍ବାଇରେ, ୨୪ କ୍ୟାରେଟ ସୁନାର ମୂଲ୍ୟ ୯୭,୩୧୦ ଟଙ୍କା। ଅନ୍ୟପକ୍ଷରେ, ୨୨ କ୍ୟାରେଟ ସୁନାର ମୂଲ୍ୟ ୮୯,୨୦୦ ଟଙ୍କା। ଅର୍ଥାତ ମୁମ୍ବାଇରେ ୧ ଗ୍ରାମ ସୁନା କିଣିବା ପାଇଁ ଆପଣଙ୍କୁ ୯୭୩୧ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ସେହିପରି ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ୨୪ କ୍ୟାରେଟ ସୁନାର ମୂଲ୍ୟ ୯୭,୪୬୦ ଟଙ୍କା। ଗୁଡ ରିଟର୍ଣ୍ଣରେ ସୁନା ୯୭,୪୬୦ ଟଙ୍କାରେ କାରବାର ହେଉଛି। ଚେନ୍ନାଇରେ ୨୪ କ୍ୟାରେଟ ୧୦ ଗ୍ରାମ ସୁନା ୯୭,୩୧୦ ଟଙ୍କାରେ ଏବଂ ୨୨ କ୍ୟାରେଟ ୧୦ ଗ୍ରାମ ସୁନା ୮୯,୨୦୦ ଟଙ୍କାରେ ବିକ୍ରି ହେଉଛି।

## ହୋମ କୌଜିନାର 'ଫ୍ୟାମିଲି ରେସିପି କଣ୍ଟେଷ୍ଟ'

ନୂଆଦିଲ୍ଲୀ : ଭାରତୀୟ ରୋଷେଇ ଘରେ ମସଲା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ। ଅଧିକାଂଶ ଗୃହିଣୀ ଅତି ଯତ୍ନରେ ଘରେ ନିଜ ହାତରେ ମସଲା ପ୍ରସ୍ତୁତ କରିବାକୁ ପସନ୍ଦ କରନ୍ତି। ଗୃହୀଣୀମାନଙ୍କର ସୁଦ୍ଧ ପାରିବାରିକ ଖାଦ୍ୟ ଆଣିବା ପାଇଁ ସୁପରିଚିତ ଘରୋଇ ବ୍ରାଣ୍ଡ ହୋମ କୌଜିନା ଏହାର 'ଫ୍ୟାମିଲି ରେସିପି କଂଟେଷ୍ଟ' ସହିତ ଆପଣଙ୍କ ପରିବାରର ପସନ୍ଦର ରେସିପି ଓ ସ୍ପେଶାଲ ମସାଲାର ସନ୍ଧାନ କରୁଛି। ଏହି ପ୍ରତିଯୋଗିତାରେ ଦେଶବ୍ୟାପୀ ଗୃହୀଣୀମାନେ ନିଜର ମୂଲ୍ୟବାନ ପାରିବାରିକ ମସଲା ମିଶ୍ରଣର ରେସିପି ସେୟାର କରିପାରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଏହି ମସଲା ଆପଣଙ୍କ ପରିବାରରେ ଅନେକ ପିଢି ଧରି ବ୍ୟବହାର ହୋଇଆସୁଥିବା ଏହା ମୂଳ ମସଲା ରେସିପି ହୋଇଥିବା ଆବଶ୍ୟକ ଏବଂ ଦୋକାନରୁ କୌଣସି କିଣା ଯାଇଥିବା ଜିନିଷ ହୋଇନଥିବା ଉଚିତ। ଆପଣ ନିଜକୁ କିମ୍ବା ଆପଣଙ୍କର ପରିଚିତ ବ୍ୟକ୍ତିଙ୍କୁ ନୋମିନେଟ କରିପାରିବେ। ବିଜେତା ମସଲା ରେସିପି ହୋମ୍ କୌଜିନାରେ ତାଲିକାଭୁକ୍ତ ହେବାର ଏକ ସୁଯୋଗ ପାଇବ । ବର୍ତ୍ତମାନଠାରୁ ଆରମ୍ଭ ହୋଇ ଜୁନ୍ ୧୪, ୨୦୨୫ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ ଏବଂ ହୋମ୍ କୌଜିନାର ୱେବସାଇଟ ଓ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ ମାଧ୍ୟମରେ ଆବେଦନ କରାଯାଇପାରିବ। ଏହି ପ୍ରତିଯୋଗିତା ସମ୍ପର୍କରେ ହୋମ କୌଜିନାର ପ୍ରତିଷ୍ଠାତା ଓ ସିଇଓ ଅନିତା ସାହୁ କହିଛନ୍ତି, 'ଫ୍ୟାମିଲି ରେସିପି କଂଟେଷ୍ଟ' ସହିତ ଆମେ ଗୁପ୍ତ ମସଲା ମିଶ୍ରଣଗୁଡ଼ିକୁ ଲୋକଲୋଚନକୁ ଆଣିବା ଏବଂ ଏଭଳି ପରମ୍ପରାକୁ ଜୀବନ୍ତ ରଖିଥିବା ହୋମ୍ ସେଫମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏକ ମଂଚ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।

## ଶିକ୍ଷା ସମ୍ବଳ ଯୋଜନାର ଲାଭ ଛାତ୍ରଛାତ୍ରୀ ଉଠାଇବା ଉଚିତ: ମଦନ

ALLEN CAREER INSTITUTE KOTA (RAJASTHAN)
path to success

କୋଟା : ଏଲଏନ ମାହେଶ୍ୱରୀ ପରମାର୍ଥ ଟ୍ରଷ୍ଟ ଏବଂ ଆଲେନ୍ କ୍ୟାରିଅର ଇନଷ୍ଟିଚ୍ୟୁଟ୍‌ର ମିଳିତ ତତ୍ତ୍ୱାବଧାନରେ ଶିକ୍ଷା ସମ୍ବଳ ଯୋଜନା ବର୍ଷ ୨୦୨୫ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଯୋଜନାର ପୋଷ୍ଟର ଶିକ୍ଷା ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ମଦନ ଦିଲାୱରଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଆଲେନ କ୍ୟାରିଅର ଇନଷ୍ଟିଚ୍ୟୁଟ୍ କୋଟାର ସଭାପତି ବିନୋଦ କୁମାୱତ ଏବଂ ଉପାଧ୍ୟକ୍ଷ ଜୀବନ ଜ୍ୟୋତି ଅଗ୍ରୱାଲ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ମଦନ ଦିଲାୱରଙ୍କୁ ଏଲଏନ୍ ମାହେଶ୍ୱରୀ ପରମାର୍ଥ ଟ୍ରଷ୍ଟ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଦିଲାୱର କହିଛନ୍ତି ଯେ ସରକାରୀ ସ୍କୁଲର ହିନ୍ଦୀ ମାଧ୍ୟମ ଛାତ୍ରଛାତ୍ରୀଙ୍କ ପାଇଁ ଡାକ୍ତରୀ ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ପାଇଁ ଏହା ଏକ ପ୍ରଶଂସନୀୟ ସାମାଜିକ ଚିନ୍ତା। ଛାତ୍ରଛାତ୍ରୀମାନେ ଏଥିରେ ଯଥାସମ୍ଭବ ଆବେଦନ କରିବା ଉଚିତ। ସରକାର ମଧ୍ୟ ଏପରି ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ଆଣିବାର ଲକ୍ଷ୍ୟ ରଖିଛନ୍ତି। ଆଲେନ୍ କୋଟାର ସଭାପତି ବିନୋଦ କୁମାୱତ କହିଛନ୍ତି ଯେ ଏହି ଯୋଜନା ରାଜ୍ୟର ସରକାରୀ ସ୍କୁଲର ମନୋନୀତ ହିନ୍ଦୀ ମାଧ୍ୟମ ଛାତ୍ରଛାତ୍ରୀଙ୍କୁ ନିଟ୍-୨୦୨୬ ପ୍ରସ୍ତୁତି ପାଇଁ ମାଗଣା ଶିକ୍ଷା, ରହିବା ଏବଂ ଖାଦ୍ୟ ସୁବିଧା ପ୍ରଦାନ କରିବ। ଏହି ଯୋଜନା ୨୦୨୪ ମସିହାରେ ଆରମ୍ଭ ହୋଇଥିଲା, ଏହି ବର୍ଷ ଦ୍ୱିତୀୟ ବର୍ଷ। ୨୦୨୪-୨୫ ଅଧିବେଶନରେ ଜୀବବିଜ୍ଞାନ ବିଷୟ ସହିତ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇପାରିବେ। ପରୀକ୍ଷା ପାଇଁ ଆବେଦନ କରିବାର ଶେଷ ତାରିଖ ୭ ଜୁନ୍ ଏବଂ ୨୨ ଜୁନ୍ ହେବ। ଜୁଲାଇରେ ପ୍ରକାଶିତ ହେବାକୁ ଥିବା ପରୀକ୍ଷାର ଫଳାଫଳ ଆଧାରରେ, ୧୨୬ ଜଣ ମନୋନୀତ ଛାତ୍ରଛାତ୍ରୀଙ୍କୁ ଆଲେନ୍ କୋଟାରେ ଆଲେନ୍ ଦ୍ୱାରା ଏକ ବର୍ଷ ପାଇଁ ମାଗଣା କୋଚିଂ ଏବଂ ପରମାର୍ଥ ଟ୍ରଷ୍ଟ ଦ୍ୱାରା ମାଗଣା ବାସସ୍ଥାନ ଏବଂ ଖାଦ୍ୟ ପ୍ରଦାନ କରାଯିବ। ଆଲେନ୍ ଉପାଧ୍ୟକ୍ଷ ଜୀବନ ଜ୍ୟୋତି ଅଗ୍ରୱାଲ କହିଛନ୍ତି ଯେ ଶିକ୍ଷା ସମ୍ବଳ ଯୋଜନା ଶିକ୍ଷା କ୍ଷେତ୍ରରେ ଗରିବ ଏବଂ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଗଠିତ ଏଲ୍ଏନ୍ ମାହେଶ୍ୱରୀ ପରମାର୍ଥ ଟ୍ରଷ୍ଟ ଦ୍ୱାରା ଆରମ୍ଭ କରାଯାଇଛି। ଦ୍ୱାଦଶ ପାସ୍ କରିଥିବା ୧୨୬ ଜଣ ଛାତ୍ରଛାତ୍ରୀଙ୍କୁ ଏହି ଯୋଜନା ଅଧୀନରେ ଚୟନ କରାଯିବ। ୮୧ ଜଣ ଝିଅ ଏବଂ ୪୫ ଜଣ ପୁଅଙ୍କୁ ଚୟନ କରାଯିବ। କେବଳ ସେହି ଛାତ୍ରଛାତ୍ରୀମାନେ ଚୟନ ପାଇଁ ଯୋଗ୍ୟ ହେବେ ଯେଉଁମାନଙ୍କର ପରିବାରର ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍। ପରୀକ୍ଷା ପାଇଁ ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍‌ର ଅଧ୍ୟୟନ କେନ୍ଦ୍ରଗୁଡ଼ିକରେ ଅଫଲାଇନ୍ ଆବେଦନ ମାଗଣାରେ କରାଯାଇପାରିବ। ଆବଶ୍ୟକୀୟ ଯୋଗ୍ୟତା ଅନୁଯାୟୀ, ଛାତ୍ରଙ୍କର ଦ୍ୱାଦଶ ବିଜ୍ଞାନରେ ହାରାହାରି ୫୦ ପ୍ରତିଶତ ଏବଂ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଜୀବବିଜ୍ଞାନରେ ୫୦ ପ୍ରତିଶତ ନମ୍ବର ଥିବା ଆବଶ୍ୟକ। ପ୍ରଶ୍ନପତ୍ରର ଫର୍ମାଟ୍ ବହୁବିକଳ୍ପ ପ୍ରଶ୍ନ ହେବ, ମୋଟ ୧୨୦ଟି ପ୍ରଶ୍ନ ଦିଆଯିବ, ଯାହା ଦ୍ୱାଦଶ ବିଜ୍ଞାନ ପରୀକ୍ଷା ଉପରେ ଆଧାରିତ ହେବ। ଏଥିମଧ୍ୟରୁ ୧୦୦ଟି ପ୍ରଶ୍ନର ଉତ୍ତର ଦେବାକୁ ପଡିବ। ପଦାର୍ଥ ବିଜ୍ଞାନରେ ୩୦ଟି ପ୍ରଶ୍ନରୁ ୨୫ଟି, ରସାୟନ ବିଜ୍ଞାନରେ ୩୦ଟିରୁ ୨୫ଟି ଏବଂ ଜୀବବିଜ୍ଞାନରେ ୬୦ଟି ପ୍ରଶ୍ନରୁ ଯେକୌଣସି ୫୦ଟି ପ୍ରଶ୍ନର ଉତ୍ତର ଦେବାକୁ ପଡିବ।

## ଆର୍‌ଏସ୍‌ପିର ସିଏସ୍‌ଆର୍ ବିଭାଗର ଉତ୍ପାଦ ପ୍ରଦର୍ଶନୀରେ ପ୍ରଶଂସିତ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ସିଏସଆର ବିଭାଗର ପ୍ରମୁଖ ପ୍ରୟାସ କନ୍ଥା ସିଲେଇ ଆଜୀବିକା ତାଲିମର ହିତାଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ବିବିଧ ଆକର୍ଷଣୀୟ ହସ୍ତକଳା ଚିତ୍ରିତ କପଡା, ପୋଷାକ ଓ ଗୃହ ସାଜସଜ୍ଜା ସାମଗ୍ରୀ ମାନ ରାଉରକେଲା କ୍ଲବରେ ମଇ ୨୬ ତାରିଖ ଦିନ ଆୟୋଜିତ ଏକ ଦିନିକିଆ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା। ଏହି ମନୋରମ ଉତ୍ପାଦ ଗୁଡିକ ପାର୍ଶ୍ୱବର୍ତ୍ତୀ ନୂଆଗାଁ ଗ୍ରାମର ବଞ୍ଚିତ ଶ୍ରେଣୀର ମହିଳାମାନଙ୍କ ପାଇଁ ଆୟୋଜିତ ତିନି ମାସ ବ୍ୟାପୀ ତାଲିମ କାର୍ଯ୍ୟକ୍ରମର ଫଳାଫଳ ଥିଲା । ମହିଳାମାନଙ୍କ ମଧ୍ୟରେ କୌଶଳ ବିକାଶ ଏବଂ ସ୍ଥାୟୀ ଜୀବିକା ସୃଷ୍ଟି ମାଧ୍ୟମରେ ସେମାନଙ୍କୁ ଆର୍ଥିକ ରୂପେ ସଶକ୍ତ କରିବା ଲକ୍ଷ୍ୟରେ ଆରଏସପିର ସିଏସଆର ବିଭାଗ ଦ୍ୱାରା ଲିଡ୍ସ, ରାଞ୍ଚି ସହଯୋଗରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ସିଏସଆର ପଦକ୍ଷେପ ନିଯୁକ୍ତିଦକ୍ଷତା ବୃଦ୍ଧି କରିବା ସହିତ ଆଦିବାସୀ କଳା ସଂସ୍କୃତିକୁ ସଂରକ୍ଷଣ କରିବା ତଥା ଏହି ଅଞ୍ଚଳର ମହିଳାମାନଙ୍କର ଆର୍ଥିକ ସ୍ଥିତି ସଶକ୍ତ କରିବା ଉପରେ ଧ୍ୟାନ ଦେଉଛି। ଏହି ତାଲିମରେ କନ୍ଥା ସିଲେଇର ଜଣେ ମାଷ୍ଟର ଟ୍ରେନର କନ୍ଥା ସିଲେଇ, ବସ୍ତ୍ରକଳା, ବିଷୟରେ ଅଂଶ ଗ୍ରହଣକାରୀମାନଙ୍କୁ ପ୍ରୟୋଗାତ୍ମକ ତାଲିମ ପ୍ରଦାନ କରିବା ସହିତ ପୋଷାକ, ଆନୁଷଙ୍ଗିକ ସାମଗ୍ରୀ ଏବଂ ଘର ସାଜସଜ୍ଜା ସାମଗ୍ରୀ ଭଳି ବଜାର-ପ୍ରସ୍ତୁତ ଉତ୍ପାଦ ତିଆରି କରିବାରେ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ପ୍ରଦତ୍ତ ତାଲିମର ତୃତୀୟ ମାସପରେ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ବଜାର ସଂଯୋଗୀକରଣ। ପ୍ରଶିକ୍ଷଣର ତୃତୀୟ ମାସରୁ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବଜାରରେ ଉପଲବ୍ଧ କରାଯାଇଥାଏ, ଯାହା ବାସ୍ତବ ସମୟ ପ୍ରଦର୍ଶନ ଏବଂ ରୋଜଗାରର ସୁଯୋଗ ସୃଷ୍ଟି କରେ। ଏଥିରେ ଦାରିଦ୍ର୍ୟ ରେଖା ତଳେ ଥିବା ପରିବାରର ୧୫ ରୁ ୪୫ ବର୍ଷ ବୟସର ମହିଳାଙ୍କୁ ସେମାନଙ୍କ ମୌଳିକ ଶିକ୍ଷା ଏବଂ ପୂର୍ବ ଚିତ୍ରକଳା ଦକ୍ଷତା ଆଧାରରେ ଅଂଶଗ୍ରହଣ ନିମନ୍ତେ ଚୟନ କରାଯାଉଛି।

## ଇସ୍ରୋ ବୁଲିଲେ ଟାଟା ଷ୍ଟିଲ ୟାଟ୍ସ ବିଜେତା



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଟାଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍ସ) ୨୦୨୪ର ବିଜେତାମାନେ ବେଙ୍ଗାଲୁରୁସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣ କରି ଫେରିଛନ୍ତି। ଏହି ଯାତ୍ରାରେ ସେମାନେ ଇସ୍ରୋ ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟୱର୍କ (ଆଇଆଏସଟିଆରଏସି) ଓ ୟୁଆରରାଓ ଉପଗ୍ରହ କେନ୍ଦ୍ର (ୟୁଆରଏସସି) ପରିଦର୍ଶନ କରିଥିଲେ। ୫ ଦିନିଆ ଯାତ୍ରାରେ ଛାତ୍ରଛାତ୍ରୀମାନେ ଇସ୍ରୋର ଆଇଏସଟିଆର ଏସିଓୟୁଆରଏସସି ପରିଭ୍ରମଣ କରିଉପଗ୍ରହ, ଟେଲିମେଟ୍ରି ଓ ମିଶନ ଯୋଜନାର ଦୁନିଆ ବିଷୟରେ ଅନେକ ଜ୍ଞାନ ଆହରଣ କରିଥିଲେ। ବୈଜ୍ଞାନିକ ଅଭିଳାଷକୁ ସମୃଦ୍ଧ କରିବା। ୟାଟ୍ସ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀମାନେ ଇସ୍ରୋର ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କ ସହ ସିଧାସଳଖ ଆଲୋଚନା କରିବାର ସୁଯୋଗ ପାଇଥିଲେ। ଛାତ୍ରଛାତ୍ରୀମାନେ ଆଇଏସଟିଆରଏସିର ଉପ ନିର୍ଦ୍ଦେଶକ ଏମ ଆର୍ ରାଘବେନ୍ଦ୍ର ଓ ଏଚ୍‌ଆରଏଲଡିର ଡିଭିଜନ ହେଡ୍, ବୈଜ୍ଞାନିକ ତଥା ଇଞ୍ଜିନିୟର-(ସିନିୟର ଗ୍ରେଡ), ବି ଶଙ୍କର ମଦାସ୍ୱାମୀଙ୍କ ସହ ଭାରତୀୟ ମହାକାଶମିଶନ ଓ ଅତ୍ୟାଧୁନିକ ଗବେଷଣା ସମ୍ପର୍କରେ ଆଲୋଚନା କରିଥିଲେ।

## ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ 'ଆର୍ଟିଷ୍ଟ୍ରି ଶୋ'

MALABAR GOLD & DIAMONDS



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ଏହାର ଚନ୍ଦ୍ରଶେଖରପୁର ଶୋ'ରୁମ୍‌ରେ ୩୧ ମଇରୁ ୮ଜୁନ୍ ପର୍ଯ୍ୟନ୍ତ 'ଆର୍ଟିଷ୍ଟ୍ରି ଶୋ' ଆରମ୍ଭ କରିଛି। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ପାରମ୍ପରିକ ଏବଂ ସମସାମୟିକ ଡିଜାଇନର ଏକ ବିସ୍ତୃତ ପରିସର ସହିତ ହସ୍ତଶିଳ୍ପ ଅଳଙ୍କାରର କଳାତ୍ମକ ସୂକ୍ଷ୍ମତା ପ୍ରଦର୍ଶନ କରୁଛି। ଏହି ଶୋ'କୁ ପ୍ରସିଦ୍ଧ ଅଲିଉଡ୍ ଅଭିନେତ୍ରୀ ଜ୍ୟୋତି ମହାନ୍ତି ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପରିଚାଳନା ଦଳର ଉପସ୍ଥିତିରେ ଆରମ୍ଭ କରିଥିଲେ। 'ଆର୍ଟିଷ୍ଟ୍ରି ଶୋ'ରେ ପ୍ରଦର୍ଶିତ ପ୍ରତ୍ୟେକ ଅଳଙ୍କାର ଅନନ୍ୟ ଏବଂ ଭାରତୀୟ ଡିଜାଇନର କଳା ଏବଂ ଦକ୍ଷ ହସ୍ତଶିଳ୍ପର ପ୍ରମାଣ। ଏହି ଅବସରରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, 'ଆମେ ଚନ୍ଦ୍ରଶେଖରପୁରରେ 'ଆର୍ଟିଷ୍ଟ୍ରି ଶୋ' ଆରମ୍ଭ କରି ଖୁସି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ମୂଲ୍ୟ ନିର୍ଦ୍ଧାରଣରେ ସ୍ୱଚ୍ଛତା ଏବଂ ନ୍ୟାୟ ପ୍ରତି ଏହାର ପ୍ରତିବଦ୍ଧତା ପାଇଁ ପ୍ରସିଦ୍ଧ। ଏହାର ଉଚିତ୍ ମୂଲ୍ୟ ପ୍ରତିଶ୍ରୁତିର ଏକ ଅଂଶ ଭାବରେ, ବ୍ରାଣ୍ଡ ନିଶ୍ଚିତ କରେ ଯେ ଗ୍ରାହକମାନେ ଯୁକ୍ତିଯୁକ୍ତ ନିର୍ମାଣ ଶୁଳ୍କରେ ସେମାନଙ୍କର ପ୍ରିୟ ଅଳଙ୍କାର କ୍ରୟ କରିପାରିବେ। ଏହା ବ୍ୟତୀତ, ବ୍ରାଣ୍ଡ ଦେଶର ସମସ୍ତ ଷ୍ଟୋରଗୁଡ଼ିକରେ ସୁନା ପାଇଁ ସମାନ ମୂଲ୍ୟ ସୁନିଶ୍ଚିତ କରି ଏକ ଭାରତ ଏକ ସୁନା ହାର ଯୋଜନା ପ୍ରଦାନ କରେ। ଗ୍ରାହକମାନଙ୍କ ପ୍ରତି ବ୍ରାଣ୍ଡର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ମାଲାବାର ପ୍ରତିଶ୍ରୁତି ପ୍ରଦାନ କରେ। ପ୍ରତିଶ୍ରୁତିଗୁଡ଼ିକରେ ପଥର ଓଜନ, ନେଟ୍ ଓଜନ ଏବଂ ଅଳଙ୍କାରର ପଥର ଚାର୍ଜ ସୂଚାଇ ଏକ ସ୍ୱଚ୍ଛ ମୂଲ୍ୟ ଟ୍ୟାଗ୍ ଅନ୍ତର୍ଭୁକ୍ତ; ଅଳଙ୍କାର ପାଇଁ ନିଶ୍ଚିତ ଜୀବନବ୍ୟାପୀ ମାଗଣା ରକ୍ଷଣାବେକ୍ଷଣ; ପୁରୁଣା ସୁନା ଏବଂ ହୀରା ଅଳଙ୍କାର ପୁନଃବିକ୍ରୟ କରିବା ସମୟରେ ସୁନା ଏବଂ ହୀରା ପାଇଁ ୧୦୦% ମୂଲ୍ୟ; ୧୦୦% ଏଚ୍‌ୟୁଆଇଡି ଅନୁପାଳନକାରୀ ସୁନା; ଆଇଜିଆଇ ଏବଂ ଜିଆଇଏ-ପ୍ରମାଣିତ ହୀରା ବିଶ୍ୱ ମାନଦଣ୍ଡର ୨୮-ପଏଣ୍ଟ ଗୁଣବତ୍ତା ଯାଞ୍ଚ, ବ୍ୟାକ୍ ଗ୍ୟାରେଣ୍ଟି, ମାଗଣା ଅଳଙ୍କାର ବୀମା, ଦାୟିତ୍ୱପୂର୍ଣ୍ଣ ସୋର୍ସିଂ ଏବଂ ନିରପେକ୍ଷ ଶ୍ରମ ଅଭ୍ୟାସ ସୁନିଶ୍ଚିତ କରେ।



ନୂଆଦିଲ୍ଲୀ: ପାକିସ୍ତାନ ହକି ଫେଡେରେସନ (ପିଏଚ୍ଏଫ୍) କହିଛି ଯେ, ଯଦି ତାଙ୍କ ଜାତୀୟ ଦଳ ପାଇଁ ଭିସା ନିଶ୍ଚିତ ନ ହୁଏ, ତେବେ ସେ ଆଗାମୀ ଏସିଆ କପକୁ ଭାରତରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରିବ। ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ଶେଷ ଓ ସେପ୍ଟେମ୍ବର ଆରମ୍ଭ ମଧ୍ୟରେ ଭାରତରେ ଆୟୋଜିତ ହେବାକୁ ନିର୍ଦ୍ଧାରିତ ହୋଇଛି, ଯେଉଁଥିରେ ବିଜେତା ଆଗାମୀ ବର୍ଷ ୟୁରୋପରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଜଣେ ପିଏଚ୍ଏଫ୍ ମୁଖପାତ୍ର କହିଛନ୍ତି ଯେ, ଏସୀୟ ହକି ଫେଡେରେସନ ଏବଂ ସ୍ଥାନୀୟ ଆୟୋଜକମାନେ ଭିସା ପ୍ରଦାନର ଲିଖିତ ନିଶ୍ଚିତି ଦେଲେ ମାତ୍ର ଫେଡେରେସନ ନିଜ ଦଳକୁ ଟୁର୍ଣ୍ଣାମେଣ୍ଟକୁ ପଠାଇବା ବିଷୟରେ ବିଚାର କରିବ। ଉଭୟ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ସତ୍ତ୍ୱେ ଯଦି ଭିସା ନିଶ୍ଚିତ ହୁଏ, ତେବେ ଆମେ ଭାରତରେ ଖେଳିବା ପାଇଁ ଆମ ସରକାରଙ୍କ ଅନୁମୋଦନ ପାଇଁ ଆବେଦନ କରିବୁ, ସେ କହିଛନ୍ତି। ଆମ ସରକାର ଯେଉଁ ନିର୍ଦ୍ଦେଶ ଦେବେ ଆମେ ତାହା ପାଳନ କରିବୁ, କିନ୍ତୁ ପାକିସ୍ତାନର ନୀତି ସବୁବେଳେ କ୍ରୀଡ଼ା ଓ ରାଜନୀତିକୁ ଅଲଗା ରଖିବା ରହିଆସିଛି। ଏହି ମନ୍ତବ୍ୟ ଉଭୟ ଦେଶ ମଧ୍ୟରେ ଉଚ୍ଚ ରାଜନୈତିକ ଉତ୍ତେଜନାର ପୃଷ୍ଠଭୂମିରେ ଆସିଛି, ଯେଉଁଥିରେ ଚଳିତ ମାସ ଆରମ୍ଭରେ ଦୁଇ ଦେଶ ପୂର୍ଣ୍ଣ ଯୁଦ୍ଧର ସୀମାରେ ପହଞ୍ଚି ଯାଇଥିଲେ। ପିଏଚ୍ଏଫ୍ ଖେଳାଳିଙ୍କ ସୁରକ୍ଷା ନେଇ ମଧ୍ୟ ଚିନ୍ତା ପ୍ରକାଶ କରିଛି, କହିଛି ଯେ ଆୟୋଜକ ଦେଶର ଦାୟିତ୍ୱ ହେଉଛି ସମସ୍ତ ଅଂଶଗ୍ରହଣକାରୀ ଦଳମାନଙ୍କ ସୁରକ୍ଷା ନିଶ୍ଚିତ କରିବା। ପାକିସ୍ତାନ, ଯିଏ ଗତ ଦୁଇଟି ଅଲିମ୍ପିକ୍ସ ଏବଂ ପୂର୍ବବର୍ତ୍ତୀ ହକି ବିଶ୍ୱକପରେ ଯୋଗ୍ୟତା ହାସଲ କରି ନ ଥିଲା, ଏବେ ଏହି ଖେଳରେ ନିଜର ପୂର୍ବ ସ୍ଥିତି ପୁନରୁଦ୍ଧାର କରିବାକୁ ଚେଷ୍ଟା କରୁଛି।

**ଆଇପିଏଲ୍ କ୍ୱାଲିଫାୟର-୨** | **ପଞ୍ଜାବ କିଙ୍ଗସ ବନାମ ମୁମ୍ବାଇ ଇଣ୍ଡିଆନ୍ସ**

# ଫାଇନାଲ୍‌ରେ ପଞ୍ଜାବ କିଙ୍ଗ୍‌ସ



ଅହମ୍ମଦାବାଦ: ରବିବାର ଆଇପିଏଲ୍ ମ୍ୟାଚ୍‌ର କ୍ୱାଲିଫାୟର-୨ ପଞ୍ଜାବ କିଙ୍ଗ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ପଞ୍ଜାବ ୫ୱିକେଟ୍‌ରେ ଜିତି ନେଇଛି। ଫଳରେ ୩ତାରିଖରେ ପଞ୍ଜାବ କିଙ୍ଗସ ଓ ଆର୍‌ସିବି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ପଞ୍ଜାବ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇକୁ ୧୯ ରନ ସ୍କୋରରେ ବଡ଼ ଝଟକା ଲାଗିଥିଲା। ରୋହିତ ଶର୍ମା ୮ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଜୋନି ବେୟାରଷ୍ଟୋ ଓ ତିଳକ ବର୍ମା ବିସ୍ଫୋରକ ବ୍ୟାଟିଂ କରିଥିଲେ। ଦୁଇ ବ୍ୟାଟର ଦ୍ୱିତୀୟ ୱିକେଟ୍ ପାଇଁ ୫୧ ରନ ଯୋଡ଼ିଥିଲେ। ବେୟାରଷ୍ଟୋ ୨୪ ବଲରୁ ୩୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଏହା ପରେ ତିଳକ ଓ ସୂର୍ଯ୍ୟକୁମାର ଯାଦବ ଦଳର ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ। ଦୁହେଁ ୭୨ ରନ ଯୋଡ଼ି ଦଳର ସ୍କୋରକୁ ୧୪୨ ରନରେ ପହଞ୍ଚାଇଥିଲେ। ସୂର୍ଯ୍ୟକୁମାର ଯାଦବ ୨୬ ବଲରୁ ୪ ଚୌକା ଓ ୩ ଛକା ସହ ୪୪ ରନ କରିଥିଲ। ତାଙ୍କ ଆଉଟ୍ ପରେ କ୍ରିଜରେ ସେଟ୍ ତିଳକ ବର୍ମା ଆଉଟ୍ ହେବା ମୁମ୍ବାଇର ରନ ଗତିକୁ ମନ୍ଥର କରିଥିଲା। ତିଳକ ୨୯ ବଲରୁ ୪୪ ରନ କରି ପାଭିଲିୟନ ଫେରିଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୫ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ଶେଷ ଆଡ଼କୁ ନମନ ଧୀର ୧୮ ବଲରୁ ୩୭ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଯାହାଫଳରେ ମୁମ୍ବାଇ ୨୦୩ରନ୍ କରିବାକୁ ସକ୍ଷମ ହୋଇଥିଲା। ପଞ୍ଜାବ ପକ୍ଷରୁ ଜେମିସନ, ଷ୍ଟୋନିସ. ବିଜୟକୁମାର, ଚହଲ ପ୍ରତ୍ୟେକ ୧ୱିକେଟ ଲେଖାଏଁ ପାଇଥିବା ବେଳେ ଅଜମତୁଲ୍ଲା ୨ୱିକେଟ ଅକ୍ତିଆର କରିଥିଲେ। ୨୦୪ରନ୍‌ର ଟାର୍ଗେଟ ନେଇ ପଞ୍ଜାବ ପଡିଆକୁ ଓହ୍ଲାଇଥିଲା। ଦଳ ୧୯ଓଭରରେ ୫ୱିକେଟ ହରାଇ ୨୦୭ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ପ୍ରିୟାଂଶ ଆର୍ଯ୍ୟ ୨୦, ପ୍ରଭସିମନ ସିଂ୬, ଜୋସ ଇଂଲିଶ ୩୮, ଶ୍ରେୟାସ ଆୟର ୮୭, ନେହାଲ ୱାଧାର ୪୮, ଶଶାଙ୍କ ସିଂ ୨ ଓ ମାର୍କସ ଷ୍ଟୋନିସ ୨ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ଟ୍ରେଣ୍ଟ ବୋ୍ଲଟ ୧, ଅଶ୍ୱିନୀ କୁମାର ୨ ଓ ହାର୍ଦ୍ଦିକ ପାଣ୍ଡ୍ୟା ୧ୱିକେଟ ଅକ୍ତିଆର କରିଥିଲେ।

# ସାଂସଦଙ୍କ ହାତ ଧରିବେ ରିଙ୍କୁ ସିଂହ



ନୂଆଦିଲ୍ଲୀ: ଗତବର୍ଷ ଆଇପିଏଲ୍‌ରୁ ଭାରତୀୟ ଦଳର ଷ୍ଟାର କ୍ରିକେଟର ରିଙ୍କୁ ସିଂହ ଚର୍ଚ୍ଚାରେ ରହି ଆସିଛନ୍ତି। ତାଙ୍କ ବିବାହକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଥିଲା। ଏବେ ଏହାର ପୂର୍ଣ୍ଣଚ୍ଛେଦ ପଡିବାକୁ ଯାଉଛି। ସୂଚନାଯୋଗ୍ୟ ଯେ, ସପା ସାଂସଦ ପ୍ରିୟା ସରୋଜଙ୍କ ସହିତ ତାଙ୍କ ବିବାହ ତାରିଖ ଧାର୍ଯ୍ୟ ହୋଇଛି। ଯାହାକୁ ନେଇ ଖୁବ୍ ଆଲୋଚନା ଚାଲିଛି। ଚଳିତ ବର୍ଷ ଆରମ୍ଭରେ ଉଭୟଙ୍କ ରୋକା ହୋଇଥିଲା। ଏବେ ଉଭୟ ଖୁବ୍ ଶୀଘ୍ର ସାତଫେରା ନେବେ। ଏହି କପଲଙ୍କ ବିବାହ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି ଏବଂ ଏବେ ନିର୍ବନ୍ଧ ସେରମନି ଏବଂ ବିବାହର ତାରିଖ ମଧ୍ୟ ସ୍ଥିର ହୋଇଛି। ଏହି ବିବାହରେ ଯେଉଁଥିରେ ରାଜନୀତି, କ୍ରୀଡା, ଚଳଚ୍ଚିତ୍ର ଏବଂ ଶିଳ୍ପର ଅନେକ ପ୍ରମୁଖ ବ୍ୟକ୍ତି ଯୋଗଦେବେ ବୋଲି ଆଶା କରାଯାଉଛି। ପରିବାର ସୂତ୍ରରୁ ଜଣାପଡିଛି ଯେ ଏହି ବିବାହ ସମ୍ପୂର୍ଣ୍ଣ ପାରମ୍ପରିକ ରୀତିନୀତି ଅନୁଯାୟୀ ହେବ।

**ତାରିଖ ଧାର୍ଯ୍ୟ**

ରିପୋର୍ଟ ଅନୁଯାୟୀ, ରିଙ୍କୁ ସିଂହ ଏବଂ ସାଂସଦ ପ୍ରିୟା ସରୋଜଙ୍କ ନିର୍ବନ୍ଧ ଜୁନ୍ ୮ ତାରିଖରେ ଲକ୍ଷ୍ନୌର ଏକ ସେଭେନ୍ ଷ୍ଟାର ହୋଟେଲରେ ଅନୁଷ୍ଠିତ ହେବ। ବିବାହ ନଭେମ୍ବର ୧୮ ତାରିଖରେ ବାରାଣସୀର ତାଜ୍ ହୋଟେଲରେ କରାଯିବ। ଏହି ବିବାହରେ ଅନେକ ବଡ଼ ରାଜନେତା, ଫିଲ୍ମ ଷ୍ଟାର ଏବଂ ଶିଳ୍ପପତି ଯୋଗଦେବେ। ସପା ବିଧାୟକଙ୍କ ନିକଟତମ ଲୋକଙ୍କ ଅନୁସାରେ, ବିବାହ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ। କହିବାକୁ ଗଲେ ରିଙ୍କୁ ସିଂହ ଏବଂ ପ୍ରିୟା ସରୋଜ ଉଭୟ ପରସ୍ପରକୁ ପୂର୍ବରୁ ଜାଣନ୍ତି। ପ୍ରିୟାଙ୍କ ବନ୍ଧୁଙ୍କ ବାପା ଜଣେ କ୍ରିକେଟର, ଯିଏ ରିଙ୍କୁଙ୍କୁ ମଧ୍ୟ ଜାଣନ୍ତି। ସେ ଏହି ଦୁଇଜଣଙ୍କୁ ଦେଖା କରାଇଥିଲେ।

# ଶୋଏବ ଅଖତରଙ୍କୁ ଲିଗାଲ୍ ନୋଟିସ୍



କରାଚୀ : ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ଶୋଏବ ଅଖତରଙ୍କ ଅଡୁଆ ବଢ଼ିବାରେ ଲାଗିଛି। ପାକିସ୍ତାନର ଜଣାଶୁଣା କ୍ରିକେଟ୍ ଇତିହାସକାର, ଲେଖକ ଓ ଟେଲିଭିଜନ ବ୍ୟକ୍ତିତ୍ୱ ଡାକ୍ତର ନୌମାନ ନିଆଜ, ପୂର୍ବତନ ଦ୍ରୁତ ବୋଲର ଶୋଏବ ଅଖତର ତାଙ୍କୁ ବଦନାମ କରିଥିବା ଅଭିଯୋଗ କରି ଏକ ନୋଟିସ୍ ପଠାଇଛନ୍ତି। ସରକାରୀ ପାକିସ୍ତାନ ଟେଲିଭିଜନ ନେଟୱାର୍କ (ପିଟିଭି)ର ପୂର୍ବତନ କ୍ରୀଡ଼ା ନିର୍ଦ୍ଦେଶକ ଡା. ନିଆଜ ତାଙ୍କ ଓକିଲଙ୍କ ମାଧ୍ୟମରେ ଏହି ନୋଟିସ୍ ପଠାଇଛନ୍ତି। ଅଭିଯୋଗ ଆଧାରରେ ଅଖତର ତାଙ୍କର ପାକିସ୍ତାନ ଦଳ ସହ କାର୍ଯ୍ୟକାଳ ବେଳେ ତାଙ୍କୁ 'କିଟ୍ ମ୍ୟାନ ' ବୋଲି ସମ୍ବୋଧନ କରିଥିଲେ। ଏହି ପୂର୍ବତନ ଦ୍ରୁତ ବୋଲର ଏକ ପଡକାଷ୍ଟରେ କହିଛନ୍ତି, ଡା.ନିଆଜ ମୂଳତଃ ଟିମ୍‌ରେ ଆମ ପାଇଁ ବ୍ୟାଗ୍ ଓ ଜିନିଷ ବୋହି ନେଉ ଥିଲେ। ଅଖତର ଯେତେବେଳେ ପାକିସ୍ତାନ ଟିମ୍ ପାଇଁ ଖେଳୁଥିଲେ, ସେତେବେଳେ ଡା. ନିଆଜ କିଛି ଗସ୍ତରେ ପାକିସ୍ତାନ ଟିମ୍‌ର ଡାଟା ବିଶ୍ଳେଷକ ଭାବେ କାମ କରି ଥିଲେ। ଅଖତର ଟିମ୍‌ରେ ପ୍ରଶିକ୍ଷକ ଓ ପରିଚାଳକଙ୍କ ଭୂମିକାକୁ ସମାଲୋଚନା କରି କହିଥିଲେ ଯେ, ଡା. ନିଆଜ କିପରି ଖେଳାଳିଙ୍କ ବ୍ୟାଗ୍ ବୋହିବା ପାଇଁ ଦଳରେ ଥିଲେ। ସେ କହିଛନ୍ତି, ସେ ଟିମ୍‌ରେ ଏହା କାମ କରୁ ଥିଲେ। ମୋତେ ତାଙ୍କର ଆଉ କୌଣସି କାମ ବିଷୟରେ ସୂଚନା ନାହିଁ। ଡା. ନିଆଜଙ୍କ ଓକିଲ ଏହି ନୋଟିସ୍‌ରେ ୧୪ଦିନ ଭିତରେ ନିଃସର୍ତ୍ତ କ୍ଷମା ମାଗିବାକୁ କହିଛନ୍ତି।

## ଆଇବିବିଏଫ୍ ୱାର୍ଲଡ ଚାମ୍ପିଅନଶିପ୍: ଲଳିତଙ୍କୁ ୩ ସ୍ୱର୍ଣ୍ଣ




ଅହମଦାବାଦ: ଗୁଜରାଟର ୫୬ ବର୍ଷୀୟ ପାୱାରଲିଫ୍ଟର ଲଳିତ ପଟେଲ ଥାଇଲାଣ୍ଡର ପଟାୟାଠାରେ ଅନୁଷ୍ଠିତ ଆଇବିବିଏଫ୍ ୱାର୍ଲଡ ଚାମ୍ପିୟନଶିପ୍‌ରେ ୩ ପଦକ ହାସଲ କରିଛନ୍ତି। ମାଷ୍ଟର-୨ କାଟେଗୋରିରେ ଭାଗ ନେଇଥିବା ପଟେଲ ବେଞ୍ଚ ପ୍ରେସ୍, ଡେଡ୍ ଲିଫ୍ଟ ଓ ସ୍କ୍ୱାଟ୍ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଗ୍ଲୋବାଲ ଇଭେଣ୍ଟ ଲାଗି ପଟେଲ ଗତ ୮ ମାସ ହେଲା ବ୍ୟାପକ ଟ୍ରେନିଂ ସହ ନିଜକୁ ଭଲ ରୂପେ ପ୍ରସ୍ତୁତ କରିଥିଲେ। ସେ ୫ ବର୍ଷ ପୂର୍ବେ ପାୱାର ଲିଫ୍ଟିଂରେ ପାଦ ଦେଇଥିଲେ। ସେ ଜଣେ ଶାକାହାରୀ ଥିଲେ। ଏହି ସଫଳତା ହାସଲ କରିବାରେ ବୟସ ତାଙ୍କ ପାଇଁ ବାଧକ ହୋଇ ନ ଥିଲା ବୋଲି ପଟେଲ କହିଛନ୍ତି। ଇତିମଧ୍ୟରେ ସେ ୧୬ ଜିଲା ସ୍ତରୀୟ ଓ ୧୨ ଜାତୀୟ ସ୍ତରୀୟ ପଦକ ହାସଲ କରିସାରିଛନ୍ତି। ଏଣିକି ସେ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଯୁବ ଆଥଲେଟମାନଙ୍କୁ ଦିଗ୍‌ଦର୍ଶନ ଦେବେ।

**୧୫ ବର୍ଷରୁ କମ୍ ସିଏମ୍ କପ୍ ଆନ୍ତଃ ଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍**

# କେନ୍ଦୁଝର ୭-୦ ଗୋଲରେ ବିଜୟୀ




କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୧୫ ବର୍ଷରୁ କମ ସିଏମ୍ କପ ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତାର ଆଜି ପଞ୍ଚମ ଦିବସର ଏକ ଖେଳରେ ଘରୋଇ କେନ୍ଦୁଝର ଦଳ ଭଦ୍ରକ ବିପକ୍ଷରେ ଗୋଲର ବର୍ଷା କରିଛି। ପ୍ରତିପକ୍ଷ ଭଦ୍ରକ ଦଳ ପଡିଆ ସହ ଅଭ୍ୟସ୍ତ ହେବା ପୂର୍ବରୁ ପ୍ରଥମାର୍ଦ୍ଧର ଅଷ୍ଟମ ମିନିଟରେ କେନ୍ଦୁଝରର ୧୦ ନମ୍ବର ଖେଳାଳି କୁନା ନାଏକ ଦଳ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ଏହାର ଠିକ ଦୁଇ ମିନିଟ ପରେ ପୁନର୍ବାର କୁନା ଦ୍ୱିତୀୟ ଗୋଲଟି ସ୍କୋର କରିଥିଲେ। ପରେ ପରେ ୨୯ତମ ମିନିଟରେ ଏବଂ ୩୬ତମ ମିନିଟରେ ଅନୁଭବ ନାଏକ ଲଗାତାର ଦୁଇଟି ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳରେ ୪-୦ ଗୋଲରେ ଅଗ୍ରଣୀ ରହିବା ପରେ କେନ୍ଦୁଝର ଦଳ ଦ୍ୱିତୀୟାର୍ଦ୍ଧରେ ଦୃଢ ଆତ୍ମ ବିଶ୍ୱାସର ସହ ଖେଳିଥିଲେ। ଦ୍ୱିତୀୟାର୍ଦ୍ଧର ୫୭ ମିନିଟରେ କେନ୍ଦୁଝରର ଅନୁଭବ ନାଏକ ଦଳ ପକ୍ଷରୁ ପଞ୍ଚମ ଗୋଲ ଦେବାସହ ପ୍ରତିଯୋଗିତାର ପ୍ରଥମ ହ୍ୟାଟ୍ରିକ ଅର୍ଜନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଖେଳରେ ଅତି ଉଚ୍ଚ କୋଟୀର ଖେଳ ପ୍ରଦର୍ଶନ କରି ଏକ ବିରଳ ହ୍ୟାଟ୍ରିକ ଅର୍ଜନ କରିଥିବା ଜର୍ସି ନମ୍ବର ୧୯ ଅନୁଭବ ନାଏକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇ ମୁଖ୍ୟ ଅତିଥି କେନ୍ଦୁଝର ଡିଏଫଓ ଏଚ ଡି ଧନରାଜ ପୁରସ୍କୃତ କରିଥିଲେ। ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ଅତିଥି ଇଂ ଦେବବ୍ରତ ସ୍ୱାଇଁ ଏବଂ ଡିଏଫଓ ଏଚ ଡି ଧନରାଜଙ୍କ ସହ ଉଭୟ ଦଳର ଖେଳାଳିଙ୍କୁ ପରିଚିତ କରାଇ ଦିଆଯାଇଥିଲା। ପ୍ରଥମ ଖେଳରେ ବୁଦ୍ଧିରାମ କେରଇ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ରତ୍ନାକର ସୋରେନ ଓ ପାପୁନ ବେହେରା ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ମହେଶ ପ୍ରଧାନ। ଆଜିର ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ମେମ୍ବର ଗିରୀଶ ହୋତା, ସୁରେଶ ରଣା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଏହି ଖେଳରେ ଫାଓ ପକ୍ଷରୁ ଶିବ ଶଙ୍କର ପଣ୍ଡା ମ୍ୟାଚ କମିଶନର କାର୍ଯ୍ୟ ତୁଲାଇଥିବା ବେଳେ ବୀରେନ୍ଦ୍ର ମହାନ୍ତ, ରାମକ୍ରୀଷ୍ଣା ବେହେରା, କୃଷ୍ଣ ଚନ୍ଦ୍ର ମହାନ୍ତ, ସଞ୍ଜୟ ନାୟକ ପ୍ରମୁଖ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

**ଇଂଲଣ୍ଡ ସିରିଜ୍ ପୂର୍ବରୁ ବୁମରାଙ୍କ ବଡ ବୟାନ**

# ତିନି ଫର୍ମାଟରେ ଖେଳିବା ମୁସ୍କିଲ

ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଷ୍ଟାର ଖେଳାଳି ଯଶପ୍ରୀତ ବୁମରା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌କୁ ନେଇ ମୁହଁ ଖୋଲିଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ, ଦୀର୍ଘ ସମୟ ଧରି ତିନି ଫର୍ମାଟ୍‌ରେ ଖେଳିବା ମୁସ୍କିଲ। ସେ କହିଛନ୍ତି, ଆଗାମୀ ସମୟରେ ତାଙ୍କୁ ଅଧିକ ସିଲେକ୍ଟିଭ ହେବାକୁ ପଡ଼ିବ। ଉଲ୍ଲେଖନୀୟ ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା କରି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଥିଲେ ଯେ, ବୁମରା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଖେଳିବା ପାଇଁ ଉପଲବ୍ଧ ରହି ନ ପାରନ୍ତି। ଏକ ପୋଡକାଷ୍ଟରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ମାଇକେଲ୍ କ୍ଲାର୍କଙ୍କ ସହ ଆଲୋଚନା ବେଳେ ବୁମରା କହିଛନ୍ତି, କୌଣସି ବି ଖେଳାଳିଙ୍କ ପାଇଁ ସବୁ ଫର୍ମାଟ୍ ଖେଳିବା ସହଜ ନୁହେଁ। ନିଜ ଶରୀରର ସ୍ଥିତି ଦେଖି କେଉଁ ଟୁର୍ଣ୍ଣାମେଣ୍ଟକୁ ପ୍ରାଥମିକତା ଦେବା ଉଚିତ୍ ତାହା ବୁଝିବା ଜରୁରୀ। ୩୧ ବର୍ଷୀୟ ବୁମରା ଏ ପର୍ଯ୍ୟନ୍ତ ୪୫ ଟେଷ୍ଟ, ୮୯ ଦିନିକିଆ ଓ ୭୦ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଛନ୍ତି। ଏହା ବ୍ୟତୀତ ସେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ୧୪୩ ଆଇପିଏଲ୍ ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ବୁମରା କହିଛନ୍ତି, ଆପଣଙ୍କୁ କିଛିଟା ସ୍ମାର୍ଟ ହେବାକୁ ପଡ଼ିବ ଏବଂ ନିଜ ଶରୀରର ବ୍ୟବହାର ବୁଝି ବିଚାରି କରିବାକୁ ପଡ଼ିବ। ଜଣେ କ୍ରିକେଟର ଭାବେ ମୁଁ କେବେ କିଛି ଛାଡ଼ିବାକୁ ଚାହେଁ ନାହିଁ ଏବଂ ସର୍ବଦା ଖେଳିବାକୁ ଚାହେଁ। ବର୍ତ୍ତମାନ ମୁଁ ଠିକ୍ ଅଛି, ମାତ୍ର ମୁଁ କୌଣସି ଟାର୍ଗେଟ୍ ନିର୍ଦ୍ଧାରିତ କରେ ନାହିଁ ଯେ, ମୋତେ କେତେ ମ୍ୟାଚ୍ ଖେଳିବାର ଅଛି ଏବଂ କେତେ ୱିକେଟ୍ ନେବାର ଅଛି। ବୁମରା ୨୦୨୮ ଲସ ଏଞ୍ଜେଲେସ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିବା ନିଜର ଇଚ୍ଛା ପରି ପ୍ରକାଶ କରିଛନ୍ତି। ୧୯୦୦ ମସିହା ପରେ ପ୍ରଥମ ଥର ୨୦୨୮ରେ କ୍ରିକେଟକୁ ଅଲିମ୍ପିକ୍ସରେ ସାମିଲ କରାଯିବ।



**ଏସୀୟ ଦୌଡ଼କୁଦ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ**

# ଶୀର୍ଷରେ ଚୀନ୍, ଦ୍ୱିତୀୟରେ ଭାରତ

**ଭାରତକୁ ୨୪ ପଦକ**




ଗୁମି (ଦକ୍ଷିଣକୋରିଆ): ଦକ୍ଷିଣ କୋରିଆର ଗୁମିରେ ଚାଲିଥିବା ୨୬ତମ ଏସୀୟ ଦୌଡ଼କୁଦ ଚମ୍ପିଆନସିପ ଉଦଯାପିତ ହୋଇଯାଇଛି। ଏଥିରେ ଭାରତ ୮ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୬ଟି କାଂସ୍ୟ ସହ ୨୪ଟି ପଦକ ଜିତି ଦ୍ୱିତୀୟ ସ୍ଥାନ ହାସଲ କରିଛି। ଚୀନ ୧୯ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୪ କାଂସ୍ୟ ସହ ୩୨ ପଦକ ସହ ଶୀର୍ଷ ସ୍ଥାନ ହାସଲ କରିଥିବା ବେଳେ ଜାପାନ ୫ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୨ଟି କାଂସ୍ୟ ସହ ୨୮ ପଦକ ସହ ତୃତୀୟ ସ୍ଥାନ ହାସଲ କରିଛି। ଶନିବାର ଅନ୍ତିମ ଦିବସରେ ପୁରୁଷ ଜାଭେଲିନ ଥ୍ରୋ ରେ ଭାରତ ପାଇଁ ସଚିନ ଯାଦବ ରୌପ୍ୟ ପଦକ ଜିତିଛନ୍ତି। ସଚିନ ୮୫.୧୬ ମିଟର ଦୂରତ୍ୱକୁ ଥ୍ରୋ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏଥିରେ ପାକିସ୍ତାନର ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଅର୍ଶଦ ନଦିମ ୮୬.୪୦ ମିଟର ଦୂରତ୍ୱକୁ ଥ୍ରୋ କରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଓ ଜାପାନର ୟୁଟା ସାକିୟାମା ୮୩.୭୫ମିଟର ଦୂରତ୍ୱକୁ ଥ୍ରୋ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ୨୦୦ ମିଟର ଦୌଡ଼ରେ ଭାରତର ଅନିମେଶ କୁଜୁର ୨୦.୩୨ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ଏଥିରେ ଜାପାନର ଟୋୱା ଉଜାୱା ୨୦.୧୨ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ କାଜାଖସ୍ତାନର ଅବଦୁଲାଜି ଅବୁ ଅତାଫି ୨୦.୩୧ ସେକେଣ୍ଡ ସହ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏସୀୟ ଦୌଡ଼କୁଦ ଚମ୍ପିଆନସିପରେ ଅନିମେଶଙ୍କ ଏହା ପ୍ରଥମ ପଦକ। ଏଥି ସହିତ ଅନିମେଶ ନିଜ ନାମରେ ଥିବା ୨୦୦ ମିଟର ଦୌଡ଼ କୀର୍ତ୍ତିମାନକୁ ଭାଙ୍ଗିଛନ୍ତି। ଅନିମେଶ ୨୦୨୫ ଫେଡେରେସନ କପ୍ ଜାତୀୟ ଦୌଡ଼କୁଦ ଚମ୍ପିଆନସିପରେ ୨୦୦ ମିଟର ଦୌଡ଼କୁ ୨୦.୪୦ ସେକେଣ୍ଡରେ ଅତିକ୍ରମ କରି ଜାତୀୟ କୀର୍ତ୍ତିମାନ ସୃଷ୍ଟି କରିଥିଲେ। ଉକ୍ତ କୀର୍ତ୍ତିମାନକୁ ଅନିମେଶ ଭାଙ୍ଗିବାରେ ସଫଳ ହୋଇଛନ୍ତି। ଅନ୍ୟପକ୍ଷରେ ଅନିମେଶ ଦ୍ୱିତୀୟ ଭାରତୀୟ ଭାବେ ଏସୀୟ ଦୌଡ଼କୁଦ ଚମ୍ପିଆନସିପର ୨୦୦ ମିଟର ଦୌଡ଼ରେ ପଦକ ଜିତିଛନ୍ତି। ପୂର୍ବରୁ ୨୦୧୫ ରେ ଧର୍ମବୀର ସିଂହ କାଂସ୍ୟ ପଦକ ଜିତିଥିଲେ। ମହିଳା ୨୦୦ ମିଟର ଦୌଡ଼ରେ ଭାରତର ଜ୍ୟୋତି ୟାରାଜି ୨୩.୪୭ ସେକେଣ୍ଡ ସହ ପଞ୍ଚମ ସ୍ଥାନରେ ରହିଥିଲେ। ମହିଳା ୪୦୦ ମିଟର ବାଧାଦୌଡ଼ରେ ଭିତ୍ୟା ରାମରାଜ ୫୬.୪୬ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଥିଲେ। ଏଥିରେ ଚୀନର ମୋ ଜିଆଦି ୫୫.୩୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ବାଂଲାଦେଶର ଓଲୱାକିମି ମୁଜଦାତ ଆଦାକାୟୋ ୫୫.୩୨ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଛନ୍ତି। ମହିଳା ୫୦୦୦ ମିଟର ଦୌଡ଼ରେ ପାରୁଲ ଚୌଧୁରୀ ୧୫:୧୫.୩୩ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏଥିରେ କାଜଖସ୍ତାନର ନୋହା ଜେରୁଟୋ ଟାନୁଇ ୧୪:୫୮.୭୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଜାପାନର ୟାମା ୟାମୋଟୋ ୧୫:୧୬.୮୬ ସେକେଣ୍ଡ ସହ ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ଚଳିତ ପ୍ରତିଯୋଗିତାରେ ପାରୁଲଙ୍କ ଏହା ଦ୍ୱିତୀୟ ପଦକ। ପାରୁଲ ମହିଳା ୩୦୦୦ ମିଟର ଷ୍ଟିପଲ ଚେଜରେ ଜାତୀୟ କୀର୍ତ୍ତିମାନ ସହ ରୌପ୍ୟ ପଦକ ଜିତିଥିଲେ। ମହିଳା ୮୦୦ ମିଟର ଦୌଡ଼ରେ ପୂଜା ୨:୦୧.୮୯ ସେକେଣ୍ଡ ସହ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ। ଏଥିରେ ଚୀନର ଉ ୱାଙ୍ଗିୟୋ ୨:୦୦.୦୮ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଜାପାନର ରିନ କୁବୋ ୨:୦୦.୪୨ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଛନ୍ତି।

# ଏସୀୟ ଦୌଡ଼କୁଦ ଚମ୍ପିଆନସିପ୍‌ରେ ଶ୍ରାବଣୀଙ୍କୁ ରୌପ୍ୟ





ଗୁମି(ଦକ୍ଷିଣକୋରିଆ): ଦକ୍ଷିଣ କୋରିଆର ଗୁମିରେ ଆୟୋଜିତ ୨୬ତମ ଏସୀୟ ଦୌଡ଼କୁଦ ଚମ୍ପିଆନସିପରେ ଓଡ଼ିଆ ଧାବିକା ଅଲିମ୍ପିଆନ ଶ୍ରାବଣୀ ନନ୍ଦ ଚମକିଛନ୍ତି। ଦେଶ ପାଇଁ ଶ୍ରାବଣୀ ମହିଳା ରିଲେରେ ରୌପ୍ୟ ପଦକ ଜିତିଛନ୍ତି। ମହିଳା ୪ଗୁଣା ୧୦୦ ମିଟର ରିଲେରେ ଭାରତୀୟ ଦଳ ୪୩.୮୬ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛି। ଭାରତୀୟ ଦଳ ପକ୍ଷରୁ ଶ୍ରାବଣୀ ପ୍ରତିନିଧିତ୍ୱ କରିଥିଲେ। ଶ୍ରାବଣୀଙ୍କ ସହ ରିଲେ ଦଳରେ ଏସ୍‌ଏସ ସ୍ନେହା, ରଞ୍ଜନା ଓ ନିତ୍ୟା ଘାଡ୍‌କେ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ଚୀନ୍‌କୁ ସ୍ୱର୍ଣ୍ଣ ଓ ଥାଇଲାଣ୍ଡକୁ କାଂସ୍ୟ ପଦକ ମିଳିଛି। ଏସୀୟ ଦୌଡ଼କୁଦ ଚମ୍ପିଆନସିପରେ ଶ୍ରାବଣୀଙ୍କ ଏହା ଦ୍ୱିତୀୟ ପଦକ। ପୂର୍ବରୁ ଶ୍ରାବଣୀ ୨୦୧୭ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ଏସୀୟ ଦୌଡ଼କୁଦ ଚମ୍ପିଆନସିପର ୪ଗୁଣା ୧୦୦ମିଟର ରିଲେରେ କାଂସ୍ୟ ପଦକ ଜିତିଥିଲେ। ସେହିପରି ଓଡ଼ିଶାରୁ ଖେଳୁଥିବା ଛତିଶଗଡ଼ର ଅନିମେଶ କୁଜୁର କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ସାଉଁଟିଛନ୍ତି। ପୁରୁଷ ୨୦୦ ମିଟର ଦୌଡ଼ରେ ଅନିମେଶ କୁଜୁର କାଂସ୍ୟ ପଦକ ଜିତିଛନ୍ତି। ଅନିମେଶ ୨୦୦ ମିଟର ଦୌଡ଼କୁ ୨୦.୩୨ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ଛତିଶଗଡ଼ର ଅନିମେଶ ଭୁବନେଶ୍ୱରର ରିଲାଏନ୍ସ ଦୌଡ଼କୁଦ ଏଚ୍‌ପିସି କେନ୍ଦ୍ରରେ ପ୍ରଶିକ୍ଷଣ ହାସଲ କରୁଛନ୍ତି। ଏହି ସଫଳତା ଲାଗି ଶ୍ରାବଣୀ ଓ ଅନିମେଶଙ୍କୁ ଓଡ଼ିଶା ଦୌଡ଼କୁଦ ସଂଘ ସଭାପତି ଜି ଶ୍ରୀନିବାସ ପଟ୍ଟନାୟକ, ସମ୍ପାଦକ ଅଭିଜିତ ପାଲ ଓ କ୍ରୀଡ଼ା ସଂଗଠକ ଡ. ଆଶୀର୍ବାଦ ବେହେରା ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ଅନିମେଷ ଓ ଶ୍ରାବଣୀଙ୍କ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିଭଳି ଭାରତୀୟ ମହିଳା ରିଲେ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। କହିଛନ୍ତି, ଏସୀୟ ଦୌଡ଼କୁଦରେ ଐତିହାସିକ ସଫଳତା ହାସଲ କରି ଆମ କ୍ରୀଡ଼ାବିତ୍‌ମାନେ ଆମ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସେମାନଙ୍କ ପାଇଁ ଆମେ ଅତ୍ୟନ୍ତ ଗର୍ବିତ। ଆଜିର ଏହି ସଫଳତା ଭବିଷ୍ୟତର ସମସ୍ତ କ୍ରୀଡ଼ାବିତ୍‌ମାନଙ୍କୁ ନିଶ୍ଚିତ ଭାବେ ପ୍ରୋତ୍ସାହିତ କରିବ। ଏଥିସହିତ ଓଡ଼ିଶାରେ ବିଶେଷଭାବରେ ମହିଳା କ୍ରୀଡ଼ାବିତ୍ ?ମାନେ କ୍ରୀଡ଼ା କ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ପ୍ରେରିତ ହେବେ।



ସାଧାରଣ ଭାବରେ ଛୋଟ ବେଳେ ପିଲାମାନେ ଯଦି ମୋଟା ସୋଟା ହୋଇ ଗୋଲ୍ ମୋଟଲ ହୋଇ ଥାଆନ୍ତି ତେବେ ସମସ୍ତଙ୍କୁ ପସନ୍ଦ ଆସି ଥାଆନ୍ତି । ଏଭଳି ପୁଚକା ଛୁଆଙ୍କୁ ସମସ୍ତେ ମଧ ଗେଲ୍‌ହା କରିବାକୁ ପସନ୍ଦ କରନ୍ତି । କିନ୍ତୁ ଆଜିର ବିଜ୍ଞାନ ଯୁଗରେ ଏଭଳି ପିଲାମାନେ ଅନେକ ପ୍ରକାରର ରୋଗର ଶିକାର ହେଉଛନ୍ତି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ଦେଇଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ୨୦୧୬ ରେ, ବିଶ୍ୱବ୍ୟାପୀ ୫ ବର୍ଷରୁ କମ୍ ବୟସର ପ୍ରାୟ ୪.୧ କୋଟି ପିଲା ମେଦବହୁଳତାରେ ଶୀକାର ହୋଇଛନ୍ତି। ଏହି ପିଲାମାନଙ୍କ ମଧ୍ୟରୁ ଅଧିକାଂଶ ସହରାଞ୍ଚଳରେ ରହୁଥିବା ପିଲା ଥିଲେ। ମୋଟାପଣ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ବହୁତ କ୍ଷତି ପହଞ୍ଚାଇପାରେ । ତେବେ ଚାଲନ୍ତୁ ଜାଣିବା କେଉଁ ହୃଦୟ ରୋଗ ବା ହାର୍ଟ ଆଟାକ୍ – ମୋଟା ପିଲାଙ୍କଠାରେ ହୃଦରୋଗର ଆଶଙ୍କା ଅଧିକ ଦେଖାଦେଇଥାଏ। ମୋଟାପଣ ଯୋଗୁଁ ରକ୍ତଚାପ ଏବଂ ଦେହ ହାତ ଫୁଲିବା ଆରମ୍ଭ କରେ ଏବଂ ଏହି ଦୁଇଟି କାରଣ ହୃଦରୋଗକୁ ଆମନ୍ତ୍ରଣ କରେ। ଏହା ସହିତ, କୋଲେଷ୍ଟ୍ରଲ୍ ସ୍ତର ମଧ ବୃଦ୍ଧି ପାଏ, ଯାହା ଫଳରେ ଧମନୀ ଅବରୋଧିତ ବା ଅର୍ଟରୀଜ୍ ବ୍ଲକ ହୋଇପାରେ ଏବଂ ହୃଦଘାତ ଏବଂ ଷ୍ଟ୍ରୋକର ବିପଦ ବହୁତ ବଢ଼ିଯାଏ। ତେଣୁ, ମେଦବହୁଳତା ପିଲାମାନଙ୍କ ମଧ୍ୟରେ ହୃଦରୋଗର ଆଶଙ୍କା ବୃଦ୍ଧି କରାଏ। ମେଦବହୁଳତା ମଧୁମେହର ଏକ ପ୍ରମୁଖ କାରଣ। ମେଦବହୁଳତା ପିଲାମାନଙ୍କ ଗଣ୍ଠି ଏବଂ ହାଡ଼ ଉପରେ ବହୁତ ଚାପ ପକାଇଥାଏ, ଯାହା କାରଣରୁ ଅର୍ଥରାଇଟିସ ଭଳି ସମସ୍ୟା ସୃଷ୍ଟି ହୋଇପାରେ।

## ୩ ଦିନ ପୁରୁଷଙ୍କୁ ମନ୍ଦିର ମନା !

**ଭାରତର ଅଜବ ମନ୍ଦିର ରହିଛି। ଯେଉଁ ସେହି ମନ୍ଦିରକୁ ୩ ଦିନ ପୁରୁଷ ଯିବା ମନା। ଜାଣନ୍ତୁ ଏହାର କାରଣ...**



ଭାରତରେ ଶକ୍ତି ଉପାସନାର ଅନ୍ୟତମ କେନ୍ଦ୍ର କାମାକ୍ଷା ଦେବୀ ମନ୍ଦିର । ପ୍ରତିବର୍ଷ ୨୨ ରୁ ୨୫ ଜୁନ୍ ପର୍ଯ୍ୟନ୍ତ ତିନି ଦିନ ପାଇଁ ସମ୍ପୂର୍ଣ୍ଣ ବନ୍ଦ ରହିଥାଏ। ଏହି ସମୟ ମଧ୍ୟରେ ମନ୍ଦିର ପରିସରରେ ପୁରୁଷମାନଙ୍କର ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ। ଏହା କୌଣସି ପ୍ରଶାସନିକ ନିଷ୍ପତ୍ତି ନୁହେଁ ବରଂ 'ଅମ୍ବୁବାଚୀ ମେଳା' ନାମକ ଏକ ଗଭୀର ଧାର୍ମିକ ଓ ସାଂସ୍କୃତିକ ବିଶ୍ୱାସ ସହିତ ଜଡିତ। ଅମ୍ବୁବାଚୀ ମେଳା ପ୍ରତିବର୍ଷ ଆଷାଢ଼ (ଜୁନ୍) ମାସରେ କାମାକ୍ଷା ମନ୍ଦିରରେ ଅନୁଷ୍ଠିତ ଏକ ଅନନ୍ୟ ଧାର୍ମିକ ଉତ୍ସବ। ବିଶ୍ୱାସ କରାଯାଏ ଯେ ଏହି ସମୟରେ ମା' କାମାକ୍ଷା ଋତୁସ୍ରାବ ହୁଅନ୍ତି।

ଏହି ପର୍ବକୁ ନାରୀ ଶକ୍ତି ଓ ସୃଜନଶୀଳତାକୁ ସମ୍ମାନ କରିବାର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ତିନି ଦିନ ମଧ୍ୟରେ, ମନ୍ଦିରର ଗର୍ଭଗୃହର ଦ୍ୱାର ବନ୍ଦ ରହିଥାଏ ଓ କୌଣସି ପୂଜା କରାଯାଏ ନାହିଁ। ଏହାକୁ ପ୍ରାକୃତିକ ପ୍ରକ୍ରିୟା ପ୍ରତି ସମ୍ମାନ ଭାବରେ ଦେଖାଯାଏ, ଯେପରି ଜଣେ ମହିଳାଙ୍କୁ ଋତୁସ୍ରାବ ସମୟରେ ବିଶ୍ରାମ ଦିଆଯାଏ।

ଏହି ତିନି ଦିନ ମଧ୍ୟରେ ମନ୍ଦିର ବନ୍ଦ ଥାଏ, ବରଂ ପୁରୁଷମାନଙ୍କୁ ମନ୍ଦିର ପରିସରରେ ପ୍ରବେଶ କରିବାକୁ ମଧ ଅନୁମତି ନାହିଁ। ଏହାର କାରଣ କେବଳ ଧାର୍ମିକ ନୁହେଁ ବରଂ ସାମାଜିକ ମଧ। ଏହି ପରମ୍ପରା ନାରୀତ୍ୱର ମର୍ଯ୍ୟାଦା ଏବଂ ପ୍ରାକୃତିକ ଚକ୍ର ପ୍ରତି ସମ୍ମାନ ସହିତ ଜଡିତ। ନାରୀ ଶକ୍ତିର ଉତ୍ସବ ପାଳନ କରୁଥିବା ଏହି ପର୍ବରେ, ପୁରୁଷମାନଙ୍କୁ ପ୍ରତୀକାତ୍ମକ ଭାବରେ ବାହାରେ ରଖାଯାଏ ଯାହା ଦ୍ୱାରା ସେମାନେ ନାରୀ ଶକ୍ତିର ଏହି ବିଶେଷ ସମୟକୁ ସମ୍ମାନ କରିପାରିବେ।

ମନ୍ଦିର ତିନି ଦିନ ବନ୍ଦ ରହିବା ପରେ, ଚତୁର୍ଥ ଦିନ 'ସ୍ନାନ' ଓ 'ଶୁଦ୍ଧିକରଣ' ପରେ ମନ୍ଦିରର ଦ୍ୱାର ପୁନର୍ବାର ଖୋଲାଯାଏ। ଏହାକୁ 'ନବବିବାହ' ପରି ଏକ ପବିତ୍ର ଆରମ୍ଭ ଭାବରେ ବିବେଚନା କରାଯାଏ। ଏହି ଦିନ, ଭକ୍ତମାନଙ୍କର ଏକ ବିରାଟ ଭିଡ଼ ଏକତ୍ରିତ ହୁଏ ଏବଂ ଅନେକ ରାଜ୍ୟରୁ ଭକ୍ତମାନେ ମା' କାମାକ୍ଷାଙ୍କ ଦର୍ଶନ ପାଇଁ ଆସନ୍ତି।

## ବିଶ୍ୱ ସୁନ୍ଦରୀ ମୁକୁଟ ପିନ୍ଧିଲେ ଓପଲ ସୁଚାତା



୨୦୨୫ର ବିଶ୍ୱ ସୁନ୍ଦରୀ ମୁକୁଟ ପିନ୍ଧିଛନ୍ତି ଥାଇଲାଣ୍ଡ ଯୁବତୀ ଓପଲ ସୁଚାତା ଚୁଆଙ୍ଗ୍‌ସ୍ରି। ହାଇଦ୍ରାବାଦର ହିଟେକ୍ସ କନଭେନସନ ସେଣ୍ଟରରେ ଆୟୋଜିତ ଗ୍ରାଣ୍ଡ ଫିନାଲେ ପର୍ଯ୍ୟାୟରେ ଓପଲ ମିସ୍ ୱାର୍ଲ୍ଡ ୨୦୨୫ ଟାଇଟଲ ହାତେଇବାରେ ସଫଳ ହୋଇଛନ୍ତି। ଭାରତର ନନ୍ଦିନୀ ଗୁପ୍ତା ଟାଇଟଲ ଆଶାୟୀ ରହିଥିଲେ। ହେଲେ ଚୂଡ଼ାନ୍ତ ୮ରୁ ସେ ବାହାର ହୋଇଯାଇଥିଲେ। ସୁଚାତା ଚୁଆଙ୍ଗ୍‌ସ୍ରି ୨୦୦୩ ସେପଟେମ୍ବର ୨୦ରେ ଥାଇଲାଣ୍ଡରେ ଜନ୍ମଗ୍ରହଣ କରିଛନ୍ତି। ସେ ଥାଇଲାଣ୍ଡର ଜଣେ ପ୍ରସିଦ୍ଧ ମଡେଲ ସାଙ୍ଗକୁ ଥାଇ ବ୍ୟୁଟି ପିଜାଣ୍ଟ ଟାଇଟଲ ହାସଲ କରିଛନ୍ତି। ମିସ୍ ୱାର୍ଲ୍ଡ ଟାଇଟଲ ହାସଲ କରିବାରେ ସୁଚାତା ହେଉଛନ୍ତି ଥାଇଲାଣ୍ଡର ପ୍ରଥମ ମହିଳା। ଏହା ପୂର୍ବରୁ ସେ ମିସ୍ ୟୁନିଭର୍ସ ଥାଇଲାଣ୍ଡ ୨୦୨୪ ଟାଇଟଲ ଜିତିଥିଲେ। ଏହାବ୍ୟତୀତ ସେ ୨୦୨୪ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩ୟ ରନର୍ସଅପ ରହିଥିଲେ। ସୁଚାତା ଜଣେ ବ୍ୟବସାୟୀ ପରିବାରରୁ ଆସିଛନ୍ତି। ରାଜନୀତି (ପଲିଟିକ୍ସ) ଏବଂ ଇଣ୍ଟରନ୍ୟାସନାଲ ରିଲେସନ୍ସରେ ସେ ଡିଗ୍ରୀ ହାସଲ କରିଛନ୍ତି। ଅନ୍ୟପଟେ ୨୧ ବର୍ଷୀୟା ଭାରତୀୟ ଯୁବତୀ ନନ୍ଦିନୀ ଗୁପ୍ତା ଚଳିତ ମିସ୍ ୱାର୍ଲ୍ଡ ପ୍ରତିଯୋଗିତା ଟାଇଟଲ ପାଇଁ ଦାବିଦାର ରହିବେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ସେ ଚୂଡ଼ାନ୍ତ ୮ରୁ ବାଦ୍ ପଡ଼ିତିଲେ। ରାଜସ୍ଥାନର କୋଟା ସହର ନିବାସୀ ନନ୍ଦିନୀ ୨୦୨୩ରେ ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ଟାଇଟଲ ହାତେଇଥିଲେ।

## ଲିଚୁ ଖାଇଲେ ମିଳେ ଫାଇଦା



**ଲିଚୁ କୋଳି ଖାଇବା କାହାକୁ ବା ଭଲ ନଲାଗେ । ପିଲାଠୁ ବୁଢା ସମସ୍ତଙ୍କ ପସନ୍ଦ ଲିଚୁ। ଏହା ମୁଖ୍ୟତଃ ଗ୍ରୀଷ୍ମ ଦିନରେ ହିଁ ମିଳିଥାଏ । ଲିଚୁ ଦେଖିବାକୁ ଯେତିକି ସୁନ୍ଦର ଖାଇବାକୁ ସେତିକି ସ୍ୱାଦିଷ୍ଟ ଏବଂ ସ୍ୱାସ୍ଥ୍ୟକର ମଧ। ହେଲେ କ'ଣ ଆପଣ ଜାଣିଛନ୍ତି କି ଏଥିରେ କେଉଁ ଭିଟାମିନ ଅଛି ଏବଂ ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ...**

ଲିଚୁ ଏସିଆରେ ଏକ ବହୁତ ଲୋକପ୍ରିୟ କୋଳି ହୋଇଥିବା ବେଳେ ଗ୍ରୀଷ୍ମ ମାସରେ ଉପଲବ୍ଧ ହୋଇଥାଏ। ଏଗୁଡ଼ିକ ଭାରତର କିଛି ଅଂଶ ସହିତ ଭିଏତନାମ,ଇଣ୍ଡୋନେସିଆ ଏବଂ ଅଷ୍ଟ୍ରେଲିଆରେ ମଧ ଚାଷ କରାଯାଏ । ଲିଚୁର ଅନେକ ସ୍ୱାସ୍ଥ୍ୟଗତ ଲାଭ ଅଛି କିନ୍ତୁ ଏଥିରେ କାର୍ବୋହାଇଡ୍ରେଟ୍ ମଧ ଅଧିକ ଥାଏ ଏବଂ ଏହାକୁ ସଠିକ୍ ପରିମାଣରେ ଏବଂ ସଠିକ୍ ସମୟରେ ଖାଇବା ଉଚିତ। ଲିଚୁ ଖାଇବାର ସର୍ବୋତ୍ତମ ସମୟ ହେଉଛି ସକାଳେ ଖାଲି ପେଟରେ। ଏହା ସର୍ବାଧିକ ପୋଷକ ତତ୍ତ୍ୱ ଗ୍ରହଣ କରିବାରେ ସାହାଯ୍ୟ କରେ ।

ଲିଚୁରେ ଶର୍କରା ଏବଂ କ୍ୟାଲୋରୀ ଅଧିକ ଥାଏ ତେଣୁ ଏହାକୁ ସୀମିତ ପରିମାଣରେ ଖାଇବା ଭଲ । ଜଣେ ବୟସ୍କ ବ୍ୟକ୍ତି ଦିନକୁ ପ୍ରାୟ ୧୦-୧୨ ଲିଚୁ ଖାଇପାରିବେ। ସେହିପରି ଆପଣଙ୍କର ମଧୁମେହ ଅଛି,ତେବେ ଦିନକୁ ୬-୮ରୁ ଅଧିକ ଲିଚୁ ଖାଆନ୍ତୁ ନାହିଁ । ଲିଚୁ ଭିଟାମିନ୍ ସି'ର ଏକ ଭଲ ଉତ୍ସ, ଯାହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ । ପ୍ରୋବାୟୋଟିକ୍ ଲିଚୁ ରସ ଇମ୍ୟୁନୋମୋଡୁଲେଟୋରୀ କାର୍ଯ୍ୟ ଏବଂ ଅନ୍ତନଳୀ ମାଇକ୍ରୋବାୟୋଟା ପାଇଁ ବହୁତ ଭଲ ।

ସେହିପରି ଲିଚୁ ଫଳର ପଲିଫେନୋଲ ଥାଏ ଯାହା ଯକୃତ କ୍ଷତି କମାଇବାରେ ସାହାଯ୍ୟ କରେ । ନ୍ୟୁଟ୍ରିଏଣ୍ଟସ୍‌ରେ ପ୍ରକାଶିତ ଏକ ଅଧ୍ୟୟନରେ କୁହାଯାଇଛି ଯେ ଲିଚି ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ରୋଗ, ଅନ୍ତନଳୀ ଡିସବାୟୋସିସ୍ କିମ୍ବା ଆପଣଙ୍କ ଜିଆଇ ଟ୍ରାକ୍ଟରେ ଥିବା ବ୍ୟାକ୍ଟେରିଆ ଥିବା ରୋଗୀଙ୍କ କ୍ଷେତ୍ରରେ ଲିଭର ଷ୍ଟେଟୋସିସ୍ କିମ୍ବା ଆପଣଙ୍କ ଯକୃତରେ ଚର୍ବି ଜମାକୁ ହ୍ରାସ କରିବାରେ ସାହାଯ୍ୟ କରିପାରେ । ଏହା ଅନ୍ତନଳୀରେ ଥିବା ଜୀବାଣୁକୁ ନିୟନ୍ତ୍ରଣ କରେ । ଲିଚୁ ଆପଣଙ୍କ ଚର୍ମକୁ ସୁସ୍ଥ ଦେଖାଯିବାରେ ମଧ ସାହାଯ୍ୟ କରିଥାଏ। କାରଣ ଏହା କୋଲାଜେନ ଉତ୍ପାଦନରେ ସାହାଯ୍ୟ କରେ । ଚର୍ମକୁ ମଜବୁତ କରିବା ସହିତ ଏହାର ନମନୀୟତାକୁ ଉନ୍ନତ କରିବା ପାଇଁ କୋଲାଜେନ୍ ଅତ୍ୟନ୍ତ ଜରୁରୀ । ଏହା ଚର୍ମକୁ ଶୀଘ୍ର ସୁସ୍ଥ କରିବାରେ ସାହାଯ୍ୟ କରେ ଏବଂ ସୂର୍ଯ୍ୟ କିରଣରୁ କ୍ଷତିରୁ ରକ୍ଷା କରେ । ଏହା ଚର୍ମକୁ ମଇଶ୍ଚରାଇଜ କରିବାରେ ମଧ ସାହାଯ୍ୟ କରେ, ଏହି ଅଧ୍ୟୟନ ଜର୍ଣ୍ଣାଲ ଆକ୍ଟା ହର୍ଟିକଲ୍ଚରରେ ପ୍ରକାଶିତ ହୋଇଛି ।





## ମା' ହେଲେ 'ହୀରାମଣ୍ଡି' ଫେମ୍ ଶର୍ମିନ୍

ନେଟଫ୍ଲିକ୍ସ ସିରିଜ୍ 'ହୀରାମଣ୍ଡି' ଫେମ୍ ଅଭିନେତ୍ରୀ ଏବଂ ସଞ୍ଜୟ ଲୀଲା ବଂଶାଲିଙ୍କ ଭାଣିଜୀ ଶର୍ମିନ୍ ସେଗଲ୍ । ଏବେ ସେ ଫ୍ୟାନ୍ସଙ୍କୁ ଖୁସି ଖବର ଦେଇଛନ୍ତି। ସେ ପୁତ୍ର ସନ୍ତାନର ମା' ହୋଇଛନ୍ତି। ଏହି ଅଭିନେତ୍ରୀ ନଭେମ୍ବର ୨୦୨୩ରେ ଟୋରେଣ୍ଟ ଫାର୍ମାସ୍ୟୁଟିକାଲ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମନ ମେହେତାଙ୍କୁ ବିବାହ କରିଥିଲେ। ଉଭୟ ଏକ ବ୍ୟକ୍ତିଗତ ଉତ୍ସବରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବିବାହ ପରେ ସେ ତାଙ୍କ ସ୍ୱାମୀଙ୍କ ସହ ଅହମ୍ମଦାବାଦକୁ ଚାଲି ଆସିଥିଲେ। ତଥାପି, ସେ ଗତ କିଛି ଦିନ ଧରି ମୁମ୍ବାଇରେ ଥିଲେ। ସଞ୍ଜୟ ଲୀଲା ବଂଶାଲିଙ୍କ ଭାଣିଜୀ ଶର୍ମିନ୍ ସେଗଲ୍ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ଶର୍ମିନ୍ ଏବଂ ଅମନ ପ୍ରଥମ ଥର ପାଇଁ ପିତାମାତା ହୋଇଛନ୍ତି। ବର୍ତ୍ତମାନ, ନା ଶର୍ମିନ୍ ସେଗଲ୍ ନା ତାଙ୍କ ପରିବାରର କେହି ଏହି ଖୁସି ଖବରକୁ ନିଶ୍ଚିତ କରିନାହାଁନ୍ତି। ପ୍ରଶଂସକମାନେ ଅଭିନେତ୍ରୀଙ୍କ ପୋଷ୍ଟକୁ ଅପେକ୍ଷା କରିଛନ୍ତି। ଶର୍ମିନ୍ ସେଗଲ୍ ୨୦୧୯ ମସିହାରେ ବଲିଉଡ୍ ?ରେ ଡେବ୍ୟୁ କରିଥିଲେ। ଅଭିନେତ୍ରୀ ମିଜାନ୍ ଜାଫରିଙ୍କ ସହିତ 'ମଲାଲ୍' ଫିଲ୍ମ ସହିତ ତାଙ୍କର ବଲିଉଡ୍ ? କ୍ୟାରିଅର୍ ଆରମ୍ଭ କରିଥିଲେ। ଏହି ଫିଲ୍ମଟି ତାଙ୍କ ମାମୁଁ ସଞ୍ଜୟ ଲୀଲା ବଂଶାଲିଙ୍କ ଦ୍ୱାରା ପ୍ରଯୋଜିତ ହୋଇଥିଲା। ଏହି ଅଭିନେତ୍ରୀ ଜ୍ୟାକି ଶ୍ରଫ୍ ଏବଂ ପ୍ରତୀକ ଗାନ୍ଧୀଙ୍କ ସହିତ ହର୍-କମେଡି 'ଅତିଥି ଦେବୋ ଭବ'ରେ ମଧ ନଜର ଆସିଛନ୍ତି। କିନ୍ତୁ ଶର୍ମିନଙ୍କୁ ପ୍ରକୃତ ପରିଚୟ ସଞ୍ଜୟ ଲୀଲା ବଂଶାଲିଙ୍କ ଧାରାବାହିକ 'ହୀରାମଣ୍ଡି'ରୁ ମିଳିଥିଲା। ସେ ୱେବ୍ ସିରିଜରେ ଆଲମଜେବ ଚରିତ୍ରରେ ଅଭିନୟ କରି ପ୍ରସିଦ୍ଧ ହୋଇଥିଲେ। ତଥାପି, ତାଙ୍କୁ ତାଙ୍କ ଅଭିନୟ ପାଇଁ ବହୁତ ଟ୍ରୋଲିଂର ସମ୍ମୁଖୀନ ହେବାକୁ ପଡିଥିଲା।



## ହଲିଉଡ୍‌ରେ ଡେବ୍ୟୁ କରିବେ ଦିଶା

ହଲିଉଡରେ ଡେବ୍ୟୁ କରିବେ ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ। ସେ ଖୁବ୍ ଶୀଘ୍ର ଏକ ଅନ୍ତର୍ଜାତୀୟ ପ୍ରୋଜେକ୍ଟର ଅଂଶ ହେବେ। ପ୍ରକୃତରେ, ଦିଶା ଏକ ସୁପରନାଚ୍ୟୁରାଲ ଆକ୍ସନ-ଥ୍ରୀଲର ଫିଲ୍ମରେ ନଜର ଆସିବେ। ଯାହାକୁ ଜଣେ ଅସ୍କାର ବିଜେତା ନିର୍ଦ୍ଦେଶକ ନିର୍ମାଣ କରୁଛନ୍ତି। ଏହି ଫିଲ୍ମର ନାମ ହେଉଛି ହୋଲିଗାର୍ଡସ୍ ଏବଂ ଏହା 'ଷ୍ଟାଟିଗାର୍ଡସ୍ ଭର୍ସେସ୍ ହୋଲିଗାର୍ଡସ' ନାମକ ଏକ ଆନ୍ତର୍ଜାତୀୟ ଫ୍ରାଞ୍ଚାଇଜର ଅଂଶ। ଏହି ଚଳଚ୍ଚିତ୍ରର କେତେକ ଅଂଶ ମେକ୍ସିକୋର ଡୁରାଙ୍ଗୋରେ ସୁଟିଂ କରାଯାଇଛି। ବିଶେଷ କଥା ହେଉଛି ଏହି ଫିଲ୍ମଟି ହଲିଉଡ୍ ଅଭିନେତା କେଭିନ୍ ସ୍ପେସିଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଛି, ଯିଏ ପ୍ରାୟ ୨୦ ବର୍ଷ ପରେ ନିର୍ଦ୍ଦେଶନାକୁ ଫେରିଛନ୍ତି। ଏହି ଫିଲ୍ମରେ ଦିଶାଙ୍କ ସହିତ ବଡ଼ ବଡ଼ ହଲିଉଡ୍ ଷ୍ଟାରମାନେ ମଧ ନଜର ଆସିବେ। ଏମାନଙ୍କ ମଧ୍ୟରେ ରକି ଆଇଭି ଏବଂ ଦି ଏକ୍ସପେଣ୍ଡେବଲ୍ସରେ ଅଭିନୟ କରିଥିବା ଡଲ୍ଫ ଲୁଣ୍ଡଗ୍ରେନ୍, ଏବଂ ଟାୟରେସ୍ ଗିବସନ୍ (ଫାଷ୍ଟ ଆଣ୍ଡ ଫ୍ୟୁରିଅସ୍ ଫେମ୍) ଏବଂ ବ୍ରାଏନା ହିଲଡେବ୍ରାଣ୍ଡ (ଡେଡପୁଲ୍ ଏବଂ ଲୁସିଫର) ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁଯାୟୀ, ଦିଶା ଚଳିତ ବର୍ଷ ଜାନୁଆରିରେ ଡୁରାଙ୍ଗୋରେ ଫିଲ୍ମର ସୁଟିଂ କରିଥିଲେ। ସୂତ୍ର ଅନୁସାରେ ଦିଶାଙ୍କ ଆକ୍ସନ ଦୃଶ୍ୟଗୁଡ଼ିକ ବହୁତ ଶକ୍ତିଶାଳୀ ଏବଂ ଏହି ଫିଲ୍ମ ତାଙ୍କ ପ୍ରଶଂସକମାନଙ୍କ ପାଇଁ ଏକ ବଡ଼ ସରପ୍ରାଇଜ୍ ଆଣିବ। ଏହି ଚଳଚ୍ଚିତ୍ରର ଟ୍ରେଲର ୨୦୨୫ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ପ୍ରିମିୟର ହୋଇଥିଲା। ଏହାକୁ ଭଲ ପ୍ରତିକ୍ରିୟା ମିଳିଥିଲା। ଏହା ସହିତ, ଦିଶାଙ୍କ ଏକ ବିଟିଏସ ଫଟୋ ମଧ ଭାଇରାଲ ହୋଇଥିଲା। ଯାହା ପ୍ରଶଂସକମାନଙ୍କ ମଧ୍ୟରେ ଉତ୍ସାହକୁ ଆହୁରି ବୃଦ୍ଧି କରିଥିଲା। ଦିଶା ପଟାନି ୨୦୧୫ ମସିହାରେ ତେଲୁଗୁ ଫିଲ୍ମ ଲୋଫରରେ ତାଙ୍କର ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ। ୨୦୧୬ରେ ସେ ତାଙ୍କର ଏମ୍.ଏସ୍. ଡିଗ୍ରୀ ହାସଲ କରିଥିଲେ। ସେ 'ଧୋନି: ଦି ଅନଟୋଲ୍ଡ ଷ୍ଟୋରୀ'ରେ ବଲିଉଡ୍‌ରେ ନିଜର ପରିଚୟ ସୃଷ୍ଟି କରିଥିଲେ। ଏହା ପରେ ସେ କୁଙ୍ଗ ଫୁ ଯୋଗ, ବାଗି ୨, ଭାରତ, ମଲଙ୍ଗ, କାଙ୍ଗୁଭା ଏବଂ କଲକି ୨୮୯୮ଏଡି ଭଳି ଫିଲ୍ମରେ କାମ କରିଥିଲେ। ଉତ୍ତର ପ୍ରଦେଶର ବରେଲିରୁ ଆସିଥିବା ଦିଶାଙ୍କୁ ୨୦୧୯ ପାଇଁ ଫୋର୍ବସ୍ ଇଣ୍ଡିଆର ସେଲିବ୍ରିଟି ୧୦୦ ତାଲିକାରେ ସ୍ଥାନ ଦିଆଯାଇଥିଲା। ସେ ୨୦୨୫ରେ ମୁକ୍ତିଲାଭ କରିବାକୁ ଯାଉଥିବା ବଲିଉଡ୍ ଫିଲ୍ମ ୱେଲକମ୍ ଟୁ ଦି ଜଙ୍ଗଲରେ ମଧ ନଜର ଆସିବେ। ଦିଶାଙ୍କ ହଲିଉଡ୍ ଡେବ୍ୟୁ କେବଳ ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ପାଇଁ ଗର୍ବର ବିଷୟ ନୁହେଁ ବରଂ ଏହା ତାଙ୍କ କ୍ୟାରିଅରକୁ ନୂତନ ଉଚ୍ଚତାକୁ ନେଇଯିବ ବୋଲି ଆଶା କରାଯାଉଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
**ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କେନ୍ଦୁଝର, (ଭାସ୍କର ନ୍ୟୁଜ): ଗଣମାଧ୍ୟମ ପ୍ରତିନିଧି ଭାବେ ନିରପେକ୍ଷତା, ଗଠନମୂଳକ ଖବର ପରିବେଷଣ କ୍ଷେତ୍ରରେ ନିର୍ଭିକତା ପ୍ରଦର୍ଶନ କରି ଜନସାଧାରଣଙ୍କ ଆସ୍ଥାଭାଜନ ହେବା ସହ ସାଧାରଣ ଜନତାଙ୍କ ନିକଟରେ ପ୍ରିୟପାତ୍ର ହୋଇପାରିଥିବା କେନ୍ଦୁଝରର ଯୁବ ସାମ୍ବାଦିକ ବିଜୟ କୁମାର ମିଶ୍ରଙ୍କୁ ଉଲ୍ଲେଖନୀୟ ସେବା ପାଇଁ କାଳାନ୍ତର ସାମ୍ବାଦିକତା ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ଶନିବାର କେନ୍ଦୁଝରଗଡ ନଗରଭବନ ଠାରେ ଅନୁଷ୍ଠିତ କାଳାନ୍ତରର ୩୦ତମ ବାର୍ଷିକ ସମାରୋହରେ ମୁଖ୍ୟ ଅତିଥି ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୁବ ସାମ୍ବାଦିକ ମିଶ୍ରଙ୍କୁ ସମ୍ମାନ ପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। କାଳାନ୍ତରର ମୁଖ୍ୟ ସମ୍ପାଦକ ସୌମ୍ୟକାନ୍ତ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ନାଏକଙ୍କ ସହ ମୁଖ୍ୟବକ୍ତା ଭାବେ ଡକ୍ଟର ବିମ୍ବାଧର ବେହେରା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, ସମ୍ମାନୀତ ବକ୍ତା ଭାବେ କବି ଭରତ ଚନ୍ଦ୍ର ଦାଶ ଓ ସମାଜସେବୀ ଭରତ ଚନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।



# ପ୍ରଶସ୍ତିକରଣ ନାମରେ ଉଚ୍ଛେଦର ପାତରଅନ୍ତର ନୀତିକୁ ପ୍ରତିବାଦ



ବାରିପଦା, (ଭାସ୍କର ନ୍ୟୁଜ): ପାଲବଣି ଛକରୁ ବାଙ୍ଗୀରିପୋଷି ମେଡିକାଲ କଲେଜ ରାସ୍ତାର ପ୍ରଶସ୍ତିକରଣ ସ୍ୱାଗତଯୋଗ୍ୟ ପଦକ୍ଷେପ। ଉନ୍ନୟନ କାର୍ଯ୍ୟର ଆମେ ବିରୋଧୀ ନୋହୁଁ। ମାତ୍ର ଉଚ୍ଛେଦ ପ୍ରକ୍ରିୟା ବେଳେ ଜିଲ୍ଲା ପ୍ରଶାସନର ପାତର ଅନ୍ତର ନୀତି ସ୍ପଷ୍ଟ ବାରି ହୋଇଛି। ଛକ ପତି ମେରେଜ ପେଲେସ ଭଳି କିଛି ଥିଲାବାଲାଙ୍କୁ ସୁରକ୍ଷା ଦେଇ, ଖଟିଖିଆ ମଜୁରିଆ, ବେସାହାରା ମଣିଷର ବଞ୍ଚିବାର ଅଧିକାରକୁ ଆଇନର ଦୃଷ୍ଟି ଦେଇ ଛଡ଼ାଇ ନିଆଯାଉଛି। ଯଦିଓ ଆଇନ ସମସ୍ତଙ୍କ ପାଇଁ ସମାନ। ସରକାରୀ ଜମିରେ ୭୦/୮୦ ବର୍ଷ ଧରି ବାସିନ୍ଦାହୋଇ ପେଟ ପୋଷୁଥିବା ଅଭାବୀ ଲୋକଙ୍କୁ ଥଇଥାନ ନକରି ଉଚ୍ଛେଦ ପ୍ରକ୍ରିୟା ଗ୍ରହଣୀୟ ନୁହେଁ। ଆରଡି ବିଭାଗ ଅଧିନ ମହିରାଗରାରୁ ବାମକୁ ୭୨ଫୁଟ ଉଚ୍ଛେଦର ପରିସୀମା ଥିବା ବେଳେ, ଡାହାଣ ପଟକୁ ସେତେ ଫୁଟ୍ର ଉପର ଉଚ୍ଛେଦରେ ଉପଯୁକ୍ତ ଅଧିକାରୀମାନଙ୍କ ନୀରବତା ଜିଲ୍ଲା ପ୍ରଶାସନର ସ୍ୱଚ୍ଛତାକୁ ପ୍ରଶ୍ନ କରୁଛି। ଅଧିକନ୍ତୁ, ବର୍ଷା ଓ ଅନ୍ଧାର ସମୟରେ ଆପାତତଃ ନିଜ ଘରେ ଛୁଆ ପିଲା ଧରି ରହିଥିବା ଲୋକମାନଙ୍କ ଘରୁ ବିଦ୍ୟୁତ ଓ ପାଣି ଭଳି ସଂଯୋଗ କାଟିବା ମାନବିକ ଅଧିକାରର ଉଲ୍ଲଙ୍ଘନ। ବାସହରା ହୋଇଥିବା ଲୋକଙ୍କୁ ସରକାରୀ ନୀତି ଅନୁସାରେ ଥଇଥାନ କରିବା, ବ୍ୟବସାୟ କରି ପରିବାର ଚଳାଉଥିବା ବ୍ୟକ୍ତିଙ୍କୁ ଭେଣ୍ଡିଂ ଜୋନ୍ କରିଦେବା, ଉଚ୍ଛେଦର ଶିକାର ହୋଇଥିବା ଜନଗଣଙ୍କୁ କ୍ଷତି ପୂରଣ ଦେବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ସହରରେ, ଜାତୀୟ ରାଜପଥ କଡ଼ରେ ବହୁମୂଲ୍ୟ ସରକାରୀ ସମ୍ପତ୍ତିର ଦଖଲକୁ ଉଚ୍ଛେଦ କାହିଁକି କରାଯାଉ ନାହିଁ। ଜଙ୍ଗଲ ଜମିଗୁଡିକ କେଉଁ ମାଲିକାନାରେ ଅଛି ତାହା ସାର୍ବଜନୀନ କରିବା ସହିତ ସଠିକ୍ ପଦକ୍ଷେପ ଗ୍ରହଣ କରିବାକୁ କଂଗ୍ରେସର ଶାନ୍ତନୁ ପାଲ ଓ ସିପିଆଇର ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ଗଣମାଧ୍ୟମ ଜରିଆରେ ରାଜ୍ୟ ସରକାର ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଗାମୀ ଦିନରେ ଏଗୁଡ଼ିକ କାର୍ଯ୍ୟକାରୀ ନ ହେଲେ ଜନ ଆନ୍ଦୋଳନ ଉଗ୍ରରୂପ ଧାରଣ କରିବାକୁ ଚେତାବନୀ ଦିଆଯାଇଛି। କାହ୍ନୁଚରଣ ବେହେରା, ଜୟରାମ ନାୟକ, ବୁଧୁ ମହାନ୍ତ, ମହେଶ୍ୱର ବେହେରା, ପୂର୍ଣ୍ଣିମା ମହାନ୍ତ, ଦୁଖୀନି କାଳନ୍ଦୀ, ଗୁରୁବାରୀ ସିଂ, କାହ୍ନୁ ପାତ୍ର, ଝିଲି ମହାନ୍ତ, ମୀନକେତନ ବେହେରା, ଝୁନା ପଣ୍ଡା ପ୍ରମୁଖ ସରକାରୀ କଳର ପାତରଅନ୍ତର ନୀତିକୁ ନିନ୍ଦା କରିଛନ୍ତି।

# ବାବା ସ୍ୱପ୍ନେଶ୍ୱର ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଭଟପଡା ପଞ୍ଚାୟତ ଅଧିନ ତିହିଡି ଗ୍ରାମର ବାବା ସ୍ୱପ୍ନେଶ୍ୱରଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ରାତି ୪.୩୦ରେ ଏହି ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ତିହିଡି ଗ୍ରାମର ଆରାଧ୍ୟ ଦେବତା ବାବା ସ୍ୱପ୍ନେଶ୍ୱର ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଶୋଭାଯାତ୍ରାରେ ଯାଇ ତିହିଡି ଗ୍ରାମସ୍ଥିତ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିରରେ ପହଞ୍ଚିବା ପରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ବିବାହ ଉତ୍ସବରେ ତିହିଡି ଗ୍ରାମର ରତ୍ନାକର ଓଝା ବର ପିତା ଓ ସେହି ଗ୍ରାମର ଚନ୍ଦନ ପାତ୍ର କନ୍ୟା ପିତା ଭାବେ ବିବାହ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ପୂର୍ବାହ୍ନରେ ଶ୍ରୀ ହନୁମାନ ବରଧରା ବେଶ ହୋଇ ବାବା ସ୍ୱପ୍ନେଶ୍ୱରଙ୍କ ପିତ୍ରାଳୟକୁ ଯାଇଥିଲେ। ସେଠାରେ କାର୍ଯ୍ୟ ସମ୍ପନ୍ନ କରି ଫେରିବା ବେଳେ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ସମସ୍ତ ଦେବାଦେବୀଙ୍କୁ ଶ୍ରୀ ହନୁମାନ ନିମନ୍ତ୍ରଣ କରିଥିଲେ। ସନ୍ଧ୍ୟାରେ ବାବା ସ୍ୱପ୍ନେଶ୍ୱରଙ୍କୁ ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ ତିହିଡ଼ି ବଜାର ଓ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଶ୍ରୀ ଦଧିବାମନଜିଉଙ୍କ ମନ୍ଦିରରେ ପହଞ୍ଚିଥିଲେ। ବିବାହ କାର୍ଯ୍ୟ ଆରମ୍ଭ ହୋଇ ରାତି ୪ଟା ସମୟରେ ବାବା ସ୍ୱପ୍ନେଶ୍ୱର ମାତା ପାର୍ବତୀଙ୍କ ପାଣିଗ୍ରହଣ କରିଥିଲେ। ଯୌତୁକ ଭାବେ ବୃଷଭ, ନାଗନାଗୁଣୀ, ସ୍ମଶାନ ଜମି ପ୍ରଦାନ କରାଯାଇଥିଲା। ପଣ୍ଡିତ ଲକ୍ଷ୍ମୀଧର କର ଓ ନିରଞ୍ଜନ କର ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ଦାସ ଓ ଯୁବନେତା ବିପିନ ପତି ଦେବଦମ୍ପତିଙ୍କ ବିବାହ କାର୍ଯ୍ୟରେ ଯୋଗ ଦେଇଥିଲେ। ଗ୍ରାମର ପାର୍ଥସାରଥି ନାୟକ, ରଘୁନାଥ ପାତ୍ର, ପ୍ରଭାତ କୁମାର ରାଉଳ, ଶରତ କର, ରମାକାନ୍ତ ନାଥ, ନୀଳମାଧବ ସେନାପତି, ମହେନ୍ଦ୍ର ଓଝା, ବିବେକାନ୍ଦ ନାୟକ, ସରୋଜ କର, ତାରାକାନ୍ତ ଜେନାଙ୍କ ସମେତ ସମସ୍ତ ଗ୍ରାମବାସୀ ବିବାହ ଉତ୍ସବରେ ସହଯୋଗ କରିଥିଲେ।

# ମା' ମଙ୍ଗଳାଙ୍କ ତୃତୀୟ ଜନ୍ମବାର୍ଷିକ ଉତ୍ସବ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବସୋଇ ଗ୍ରାମପଞ୍ଚାୟତର କର୍ଣ୍ଣାଟପୁର ଗ୍ରାମରେ ମା ମଙ୍ଗଳାଙ୍କ ତୃତୀୟ ବାର୍ଷିକ ଜନ୍ମଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ପାଳସାହି ସ୍ଥିତ ନଦୀରୁ ପାଣି ଆଣି ସଂକୀର୍ତ୍ତନ ଓ ଘଣ୍ଟ ବାଦ୍ୟରେ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମା'ଙ୍କ ମନ୍ଦିରରେ ସ୍ଥାପନା ହୋଇଥିଲା। ପୂଜକ ହୃଦୟଚନ୍ଦ୍ର ଆଚାର୍ଯ୍ୟ, ରଞ୍ଜନ ଆଚାର୍ଯ୍ୟ, ସୋମ୍ୟନାଥ ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ଅରକ୍ଷିତ ବିଶ୍ୱାଳ ଓ ସୂର୍ଯ୍ୟମଣୀ ବିଶ୍ୱାଳ କାର୍ଯ୍ୟ ନିର୍ବାହ କରିଥିଲେ। ରବିବାର କଳସ ପୂଜା, ୬.୦୦ ଟାରେ ସୂର୍ଯ୍ୟ ପୂଜା ଓ ହୋମ ଯଜ୍ଞ ପୂଜାର୍ଚ୍ଚନା କରାଯାଇ ଅପରାହ୍ନରେ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ହୋଇଥିଲା। ଗ୍ରାମ ସଭାପତି ନରୋତ୍ତମ ବିଶ୍ୱାଳ ଓ କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହି ଉତ୍ସବ ମହାଆଡମ୍ବରରେ ପାଳିତ ହେବା ସହିତ ବିଭିନ୍ନ ସ୍ଥାନରୁ ଶତାଧିକ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା ବେଳେ, ଗ୍ରାମରେ ଆନନ୍ଦର ଲହରୀ ଖେଳିଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଭକ୍ତ ମା'ଙ୍କ କୃପାଲାଭ ନିମନ୍ତେ ସହଯୋଗ କରିଥିଲେ।

## ଆକ୍ସନ ମୋଡ଼ରେ ଝରୀଗାଁ ବନବିଭାଗ

# ଜଙ୍ଗଲ ମଧ୍ୟରେ ୨୮ ଗୃହ ଉଚ୍ଛେଦ



ଝରୀଗାଁ, (ଭାସ୍କର ନ୍ୟୁଜ୍): ଝରୀଗାଁ ବ୍ଲକ ଝରୀଗାଁ ଗ୍ରାମପଂଚାୟତ ଅନ୍ତର୍ଗତ ହାତିବାଡ଼ି ଠାରେ ବେଆଇନ ଭାବେ ଜଙ୍ଗଲ ଜମିରେ ନିର୍ମାଣ କରାଯାଇଥିବା ଗୃହ ଏବଂ ଦୋକାନ ଗୃହଗୁଡିକ ଉଚ୍ଛେଦ କରାଯାଇଛି। ଏବେ ପୁରା ଆକ୍ସନ ମୋଡ଼ରେ ରହିଛି ଝରୀଗାଁ ବନବିଭାଗ। ଝରୀଗାଁ ବନାଞ୍ଚଳ ଝରୀଗାଁ ରେଞ୍ଜ ଝରୀଗାଁ ବିଟ ହାତିବାଡ଼ି ମୁଖ୍ୟ ସଡ଼କ ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଜଙ୍ଗଲ ଜମି ରେ ନିର୍ମାଣ ହୋଇଥିଲା ଗୃହ ଏବଂ ଦୋକାନ ଗୃହ। ଯାହାକୁ ସକାଳ ଦଶ ଘଣ୍ଟ ସମୟରୁ ପୋଲିସ ଛାଉଣୀ ମଧ୍ୟରେ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ବେଳେ ଝରୀଗାଁ ରାଜସ୍ୱ ବିଭାଗ, ପୋଲିସ ବିଭାଗ ଏବଂ ବନବିଭାଗର ଉପସ୍ଥିତିରେ ମୋଟ ୨୮ଟି ଅବାଧ ଗୃହଗୁଡିକୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମ୍ପର୍କରେ ଗତ ୧୮ମଇ ୨୦୨୫ରେ ଜବରଦଖଲକାରୀଙ୍କୁ ନୋଟିସ ମଧ୍ୟ କରାଯାଇଥିଲା। ତେବେ ନବରଙ୍ଗପୁର ଜିଲ୍ଲା ବନବିଭାଗ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା, ଝରୀଗାଁ ତହସିଲଦାର ସୁମନ୍ତ ପାତ୍ର ଏବଂ ଏସ୍‌ସିଏଫ୍ ସୁବାସ ଚନ୍ଦ୍ର ଖୁଣ୍ଟିଆ ଏବଂ ଛଅ ଗୋଟି ରେଞ୍ଜ ନବରଙ୍ଗପୁର, କୋଡିଗାଁ, ଡାବୁଗାଁ, ଉମରକୋଟ, ରାଇଘର, ଝରୀଗାଁ ର ରେଞ୍ଜର,ଫୋରେଷ୍ଟର ଏବଂ ଫୋରେଷ୍ଟ ଗାର୍ଡ, ଝରୀଗାଁ ପୋଲିସ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ଏହା ଝରୀଗାଁରେ ବନବିଭାଗ ତରଫରୁ ପ୍ରଥମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଝରୀଗାଁ ସଦର ମହକୁମାର ଝରୀଗାଁ ଚନ୍ଦାହାଣ୍ଡି ରାସ୍ତା ଏବଂ ଝରୀଗାଁ ଡାବୁଗାଁ ରାସ୍ତାରେ ସରକାରୀ ଜମିକୁ ଜବରଦଖଲ କରି ଉଦ୍ଦେଶ୍ୟମୂଳକ ଭାବେ ନିର୍ମାଣ ଗୃହ ଗୁଡିକର ଉଚ୍ଛେଦ ଲାଗି ରାଜସ୍ୱ ବିଭାଗ କେବେ ତତ୍ପରତା ଦେଖାଉଛି, ଏବେ ଅପେକ୍ଷାରେ।

# ଜଗନ୍ନାଥ ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ୍



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ସମ୍ମୁଖ ଜଗନ୍ନାଥ ମନ୍ଦିର ହୁଣ୍ଡି ଭାଙ୍ଗି ଗତ ଶନିବାର ରାତ୍ରରେ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଭଣ୍ଡାରିପୋଖରୀ ବଜାର କେନ୍ଦ୍ରସ୍ଥଳୀ କାଳୀଛକରୁ ହାଇଲେବୁଲ କେନାଲ ରାସ୍ତା ଓ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ନେଙ୍କୁଡିଶୁଣୀ ଠାକୁରାଣୀ ମନ୍ଦିର ନିକଟରେ ଅବସ୍ଥିତ ଜଗନ୍ନାଥ ମନ୍ଦିର ହୁଣ୍ଡିବାକ୍ସକୁ ଦୁର୍ବୃତ୍ତମାନେ ଟେକିନେଇ ମନ୍ଦିର ପଛପାଖରେ ଚାବି ଭାଙ୍ଗି ଲୁଟ୍ କରିଛନ୍ତି ବୋଲି ମନ୍ଦିର ପୂଜକ ମାର୍କଣ୍ଡ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ରବିବାର ସକାଳେ ମନ୍ଦିରକୁ ଆସି ଚୋରି ହୋଇଥିବା ପୂଜକ ଜାଣିଥିଲେ। ସମ୍ପୃକ୍ତ ହୁଣ୍ଡିବାକ୍ସରେ ଆନୁମାନିକ ୫୦ ହଜାର ଟଙ୍କା ଥିଲା ବୋଲି ଅଭିଯୋଗରେ ଉଲ୍ଲେଖ ହୋଇଛି। ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରିଥିବା ଜଣାଯାଇଛି। ହୁଣ୍ଡିବାକ୍ସ ପାଖରେ ଚାବି, ଭଙ୍ଗା କାତି ପଡିଥିବା ଜଣାପଡିଥିଲା। ହୁଣ୍ଡିବାକ୍ସ ମନ୍ଦିର ବାରଣ୍ଡାରେ ଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଭିଆଇଛନ୍ତି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଏଥିନେଇ ଥାନାରେ ମାମଲା ରୁଜୁ ହୋଇ ନଥିବା ଜଣାଯାଇଛି। ସେହିପରି ମୋବାଇଲ ଦୋକାନ ଚୋରି ପର ରାତ୍ରରେ ଥାନା ସମ୍ମୁଖରୁ ଆଉ ଗୋଟିଏ ଲୁଟ୍ ସ୍ଥାନୀୟ ପୋଲିସ ପ୍ରତି ଆହ୍ୱାନ ସୃଷ୍ଟି କରିଛି।

# ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ




ଆଳି, (ଭାସ୍କର ନ୍ୟୁଜ୍): ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ସରକାର ଅନେକ ଗୁଡିଏ ଯୋଜନା ପ୍ରଣୟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନ ୪ ଘଟିକା ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅଧୀନ ବଡ଼ାମ୍ବିଲା ଗ୍ରାମପଞ୍ଚାୟତର ପଞ୍ଚାୟତ ସଭାଗୃହ ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇସିଏଆର - ସିଆଇଡବ୍ଲୁଏର ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାସ, ବୈଜ୍ଞାନିକ ଡ଼ା ତାପସ ରଞ୍ଜନ ସାହୁ, ବୈଜ୍ଞାନିକ ନମିତା ମହାପାତ୍ର, ବ୍ଲକ କୃଷି ଅଧିକାରୀ ତାପସ ବେହେରା, ସହକାରୀ କୃଷି ଅଧିକାରୀଣି ସୁଚେତା ପାତ୍ର, ସହକାରୀ ଉଦ୍ୟାନ ଅଧିକାରୀ ସୌମ୍ୟରଞ୍ଜନ ସେଠି ପ୍ରମୁଖ ସଭାରେ ଯୋଗ ଦେଇଥିଲେ। ସଭାରେ ଯୋଗଦେଇ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳ ତଥା ସରକାରଙ୍କର କୃଷକ କଲ୍ୟାଣ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଏକ ବୈଜ୍ଞାନିକ କୃଷକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଯେଉଁଥିରେ ଚାଷୀ ଭାଇମାନେ କୃଷିକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନର ସୂତ୍ର ବୈଜ୍ଞାନିକମାନଙ୍କ ଠାରୁ ବୁଝିଥିଲେ। ଏଥିରେ ୩୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜସେବୀ ବିଜୟ କୁମାର ମହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିବା ସହ କୃଷି ବିଭାଗର ସମସ୍ତ ଅଧିକାରୀ ଓ ଅନ୍ୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ସୂଚନା ସୂତ୍ରରୁ ପ୍ରକାଶ ଯେ ସମାନ ଭାବେ ଏହି କାର୍ଯ୍ୟକ୍ରମ ଅଟାଳ ଗ୍ରାମପଞ୍ଚାୟତରେ ପୂର୍ବାହ୍ନ ୧୦ଘଟିକାରେ ଆୟୋଜିତ ହୋଇଥିଲା। ଏହି ସଭାରେ ସମସ୍ତ ଅଧିକାରୀ, ବୈଜ୍ଞାନିକ, ଚାଷୀମାନଙ୍କ ସହ ଅଟାଳ ପଞ୍ଚାୟତ ସରପଞ୍ଚ ସମ୍ପଦ ବଳ ଉପସ୍ଥିତ ଥିଲେ।

# ମୋବାଇଲ ଦୋକାନ ଲୁଟ ମାମଲା

## ଅନ୍ଧାରରେ ବାଡି ବୁଲାଉଛି ପୁଲିସ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବଜାର ମା'ତାରେଣୀ ମୋବାଇଲ ପଏଣ୍ଟ ଦୋକାନରୁ ଗତ ଶୁକ୍ରବାର ରାତ୍ରରେ ୮୦ ଲକ୍ଷ ଟଙ୍କା ମୂଲ୍ୟର ମୋବାଇଲ ଲୁଟ ଘଟଣାରେ ପୁଲିସ ବିଭିନ୍ନ ସନ୍ଦିଗ୍ଧଙ୍କୁ ପଚରାଉଚରା ଚଳାଇଛି। ମାତ୍ର କାହାରିକୁ ଗିରଫ କରାଯାଇ ନାହିଁ କିମ୍ବା କୌଣସି ଚୋରି ସାମଗ୍ରୀ ଉଦ୍ଧାର ହୋଇପାରି ନାହିଁ। ଗତ ଶନିବାର ରାତ୍ରରେ ଏକାଧିକ ପୁଲିସ ଦଳ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ମଧ୍ୟ ସଫଳତା ମିଳିପାରି ନାହିଁ। ଘଟଣାରେ ସ୍ଥାନୀୟ ସମ୍ପୃକ୍ତି ଓ ସିନ୍ଧିଚୋରି ଆଦି ଦିଗକୁ ଆଧାର କରି ତଦନ୍ତ ହେଉଥିଲେ ବି ଚୋରି ସମାଗ୍ରୀ ଉଦ୍ଧାରକୁ ଅପେକ୍ଷା କରିଛନ୍ତି ଦୋକାନ ମାଲିକ।

# କଣାସ ବଜାର ପୁରାତନ ବ୍ୟବସାୟୀଙ୍କ ପରଲୋକ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକର କଣାସ ବସ ଷ୍ଟାଣ୍ଡରେ ରାସନ ଦୋକାନ କରିଥିବା ପୁରାତନ ବ୍ୟବସାୟୀ ରଘୁନାଥ ସାହୁ ୮୨ ବର୍ଷଙ୍କର ରବିବାର ସକାଳୁ ପରଲୋକ ହୋଇଯାଇଛି। ସେ ଜଣେ ପୁରାତନ ବ୍ୟବସାୟୀ ହୋଇଥିବାରୁ କଣାସ ବସ ଷ୍ଟାଣ୍ଡ ବ୍ୟବସାୟୀସଂଘ ପକ୍ଷରୁ ଆଜି ଦୋକାନ ବଜାର ବନ୍ଦ ରହିବା ସହିତ ତାଙ୍କର ଆତ୍ମାର ସଦଗତି ନିମନ୍ତେ ଶୋକ ଦିବସ ପାଳନ କରିଥିଲେ।

# ଶୀତଳ ଷଷ୍ଠୀ ପର୍ବ ମହାସମାରୋହରେ ପାଳିତ

କଣାସ, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଗତକାଲି ଶିବ ବିବାହ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଥିବା ବେଳେ ରବିବାର ଶୀତଳ ଷଷ୍ଠୀ ପର୍ବ ପାଳିତ ହୋଯାଇଛି। ପୁରୀ ଜିଲ୍ଲାର ପ୍ରତ୍ୟେକ ବ୍ରାହ୍ମଣ ଶାସନ ମାନଙ୍କରେ ଶୀତଳ ଷଷ୍ଠୀ ପର୍ବ ପାଳିତ ହୋଇଯାଇଛି। କଣାସ ବ୍ଲକର ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଗ୍ରାମର ପଶ୍ଚିମଶମ୍ଭୁ ବାବା କପିଳେଶ୍ୱର ଦେବଙ୍କ ବିବାହ ଉତ୍ସବ ଗତକାଲି ପାର୍ବତୀଙ୍କ ସହିତ ହୋଇଥିବା ବେଳେ ବାବା କପିଳେଶ୍ୱର ଦେବ ବୃଷଭ ବାହାନରେ ମାତା ପାର୍ବତୀ ଏକ ସୁସଜ୍ଜିତ ବିମାନରେ ଗୋପୀନାଥ ଦେବ ବିଜେ କରି ଘଣ୍ଟ, ବାଦ୍ୟ, ପେଁକାଳୀ ମଧ୍ୟରେ ଗ୍ରାମ୍ୟ ପରିକ୍ରମା କରି ଦ୍ୱାର ଭୋଗ ଖାଇ ପ୍ରତିବର୍ଷ ପରି ଚଳିତବର୍ଷ ବାଣ ପଡିଆକୁ ବିଜେ କରିଥିଲେ। ସରକାରଙ୍କ ବାଣ ନମାରିବା ପାଇଁ ନିର୍ଦ୍ଦେଶ ଥିବାରୁ ଗ୍ରାମବାସୀମାନେ ପାରମ୍ପାରିକ ପ୍ରଥା ଚଳାଇବା ପାଇଁ ଚନ୍ଦ୍ର ଉଦିଆ ଓ କୁମ୍ଭି ମାରି ପରମ୍ପରା ଚଳାଇଥିଲେ। କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ ଓ ଥାନାର କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ସେହିପରି ଦିବ୍ୟସିଂହପୁର, ରାଇଗରପୁର, ଶ୍ରୀମକନ୍ଦପୁର ଗ୍ରାମରେ ଶୀତଳ ଷଷଯଠୀ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି।

# ପୂର୍ଣ୍ଣେଶ୍ୱର ଶିବ ମନ୍ଦିରରେ ଶିବ ବିବାହ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ପରମ୍ପରା ଅନୁଯାଇ ଶନିବାର ଦିନ କରଞ୍ଜିଆ ପୁର୍ଣ୍ଣେଶ୍ୱର ଶିବମନ୍ଦିରରେ ଅନୁଷ୍ଠିତ ହୋଇଛି ମା ପାର୍ବତୀ ଓ ଶିବଙ୍କ ବିବାହ ଉତ୍ସବ। ଏହି ଉତ୍ସବ କମିଟି ପକ୍ଷରୁ ମହା ଆଡମ୍ବରରେ ପାଳିତ ହେଉଛି। ବିଧି ଓ ପରମ୍ପରା ଅନୁଯାଇ ସନ୍ଧ୍ୟା ୬ ଘଟିକାରେ ଭକ୍ତଙ୍କୁ ନେଇ ମହାଆଡମ୍ବର ସହକାରେ ବରପକ୍ଷ ଏକ ଶୋଭାଯାତ୍ରାରେ ଆସି ପୁର୍ଣ୍ଣେଶ୍ୱର ମନ୍ଦିରରେ ପହଂଚିଥିଲେ। ସେଠାରେ କନ୍ୟାପକ୍ଷ ତାଙ୍କୁ ସ୍ୱାଗତ କରିଥିଲେ। ପରେ ବିଧି ଅନୁଯାଇ ମଣ୍ଡପରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିବାହକାର୍ଯ୍ୟରେ ବରପିତା ଭାବେ ଭାଗବତ ଚନ୍ଦ୍ର ଦାସ ଓ ମାତା ସାଗରିକା ଦାସ କାର୍ଯ୍ୟ ସମ୍ପାଦନା କରିଥିବା ବେଳେ କନ୍ୟା ପିତା ଭାବେ ସନ୍ଦୀପ ପଟ୍ଟନାୟକ ଓ ମାତା ଶ୍ରୁତିରେଖା ପଟ୍ଟନାୟକ କନ୍ୟାଦାନ କାର୍ଯ୍ୟ ସମ୍ପାଦନା କରିଥିଲେ। ବିବାହ କାର୍ଯ୍ୟରେ ପୂଜକ ଭାବେ ଅର୍ଦ୍ଧେନ୍ଦୁ ଚକ୍ରବର୍ତ୍ତୀ, ସୁନୁ ପଣ୍ଡା, ଶିବୁ ନନା ଓ କାହ୍ନୁ ପଣ୍ଡା ପୂଜାକାର୍ଯ୍ୟ ତୁଲାଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପୁର୍ଣ୍ଣେଶ୍ୱର ମନ୍ଦିର ପରିଚାଳନା କମିଟିର ସମ୍ପାଦକ ତପନ କୁମାର ସାହୁ, ଅଭିମନ୍ୟୁ ତ୍ରିପାଠୀ, ସୁନୀଲ ସାହୁ, ପ୍ରମୋଦ ଅଧିକାରୀ, ଦୟାନିଧି ମହାନ୍ତ, ଉମେଶ ସାହା, ପରିତସ ଗିରି ଓ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

# ବଜ୍ରପାତରେ ଗୋଟିଏ ପରିବାର ୪ଜଣ ଗୁରୁତର



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବଜ୍ରପାତ ସାଜିଲା କାଳ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉଦୟପୁର ଗ୍ରାମରେ ବିଳମ୍ବିତ ରାତ୍ରରେ ବଜ୍ରପାତ ପଡି ଗୋଟିଏ ପରିବାର ୪ଜଣ ଗୁରୁତର। ଖବର ମୁତାବକ ଶନିବାର ବିଳମ୍ବିତ ରାତ୍ରରେ ବର୍ଷା ସହ ପବନ ଓ ଘଡଘଡି ହୋଇଥିଲା। ଏହା ପ୍ରଭାବରେ ପ୍ରଚଣ୍ଡ ଶବ୍ଦରେ ବଜ୍ରପାତ ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତ୍ର ୨ଘଟିକା ସମୟରେ ବଜ୍ରପାତ ଫଳରେ ଉଦୟ ପୁର ଗ୍ରାମ ଅନ୍ତର୍ଗତ ନିମିଗୋରଡା ଗ୍ରାମର ଦିଲ୍ଲୀପ କାଣ୍ଡିଙ୍କ ଘର ନିକଟରେ ଥିବା ନଡ଼ିଆ ଗଛରେ ବଜ୍ରପାତ ପଡିଥିଲା। ଯାହାର ପ୍ରଭାବ ଏତେ ପ୍ରଚଣ୍ଡ ଓ ପ୍ରଖର ଥିଲା ନିକଟରେ ଥିବା ଏକ ଆଜବେଷ୍ଟ ଘରକୁ ଆଘାତ ପ୍ରାପ୍ତ ଫଳରେ ଘରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ସହ ବିଳମ୍ବିତ ରାତ୍ର ବିଦ୍ୟୁତ ସଟ୍‌ସର୍କିଟ ହୋଇ ସରଞ୍ଜାମ ବିଚ୍ଛିନ୍ନ ହୋଇଥିଲା। ଏହା ପ୍ରଭାବରେ ଘର ଭିତରେ ସୋଇଥିବା ହିମାଂଶୁ କାଣ୍ଡି (୧୨), ଲକ୍ଷ୍ମୀପ୍ରିୟା କାଣ୍ଡି (୧୩), ପୁଷ୍ପଲତା କାଣ୍ଡି (୧୬), ସୁଜତା କାଣ୍ଡି (୧୬)ଗୁରୁତର ଆହତ ହୋଇଛନ୍ତି। ସେମାନେ ରବିବାର ପ୍ରତ୍ୟୁଷରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ହୋଇଥିବା ୧୨ବର୍ଷୀୟ ବାଳକ ହିମାଂଶୁ କାଣ୍ଡିଙ୍କ ଶରୀର ଅନେକ ସ୍ଥାନରେ କ୍ଷତ ହୋଇ ରକ୍ତସ୍ରାବ ହେବା ସହ ଲକ୍ଷ୍ମୀପ୍ରିୟା କାଣ୍ଡିଙ୍କ ହାତରେ ଶକ୍ତ ଆଘାତ ଲାଗିଛି। ଖବରପାଇ ସ୍ଥାନୀୟ ଅଞ୍ଚଳ ସମାଜସେବୀ ରତ୍ନରାଜ ରାଉତ ପରିବାରକୁ ସମବେଦନା ଜଣାଇବା ସହ ସ୍ଥାନୀୟ ବିଧାୟକ ଓ ଅତିରିକ୍ତ ତହସିଲଦାରଙ୍କ ସହ ସହାୟତା କରିବା ପାଇଁ ଯୋଗାଯୋଗ କରିଛନ୍ତି। ଏଭଳି ବଜ୍ରପାତରୁ ପରିବାର ସଦସ୍ୟ ନିକଟରେ ଚାଳଘର ଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି।

# କଥା ଦେଇ କଥା ରଖିଲେ କନିଷ୍ଠ ଯନ୍ତ୍ରୀ

ଉମରକୋଟ, (ଭାସ୍କର ନ୍ୟୁଜ୍): ୩୫୦ରୁ ଉର୍ଦ୍ଧ୍ୱ ପରିବାର ଗୋଟିଏ ନଳକୂଅ ଓ ଗୋଟିଏ କୁଅଁ ଉପରେ ସାହା ଭରସା। ବସୁଧା ଯୋଜନାରେ ପୁରସ୍କୃତ ହୋଇଥିବା ଗାଁ' ବର୍ତ୍ତମାନ ପାଣି ପାଇଁ ହନ୍ତସନ୍ତ। ଗାଁ'ରେ ଥିବା ୩୫୦ରୁ ଉର୍ଦ୍ଧ୍ୱ ପରିବାର ୫୦୦ମିଟର ଦୂରରୁ ପାଣି ବୋହି ଆଣୁଥିବା ଦେଖିବାକୁ ମିଳିଛି। ଏପରିକି ଅଟୋରେ ଗରିଆ, ଡ୍ରମ, ବାଲ୍ଟିରେ ପାଣି ଭର୍ତ୍ତି କରି ନେଉଥିବା ଦେଖିବାକୁ ମିଳିଛି। ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ, ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବୁର୍ଜା ଗ୍ରାମରେ। ସୂଚନା ପ୍ରକାରେ, ଗ୍ରାମରେ ଥିବା ଚନ୍ଦ୍ର ସାହି, ଟାୱାର ସାହି ଓ ଗାଉଁଟିଆ ସାହିର ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ପରିବାର ଗ୍ରାମରେ ଥିବା ଏକ କୁଅଁ ଓ ଗୋଟିଏ ନଳକୂଅ ଉପରେ ଭରସା କରି ଶୋଷ ମେଣ୍ଟାଉଛନ୍ତି। ଗ୍ରାମରେ ଥିବା ଚର୍ଚ୍ଚ ପରିସରରେ ଥିବା ଏକ ନଳକୂଅରୁ ଗ୍ରାମର ମହିଳା, ଯୁବତୀ ପାଣି ନେଇ ନିଜ ନିତ୍ୟକାର୍ଯ୍ୟ ସମ୍ପନ୍ନ କରନ୍ତି। ପାଣି ପାଇଁ ଏହି ତିନିସାହିର ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ସ୍ଥାନୀୟ ବିଡ଼ିଓ ମନୋଜ କୁମାର ମେହେର କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରେଇ ତୁରନ୍ତ ସେହି ଗ୍ରାମକୁ ଯାଇ ପାଣିର ସମସ୍ୟା ଦୂର କରିବାକୁ କହିଥିଲେ ଏବଂ ଗ୍ରାମରେ ନଳକୂଅ ଖୋଳିବାକୁ କହିଥିଲେ। ଏହାପରେ ଉକ୍ତ ସମସ୍ୟାର ଖବର ପ୍ରସାରଣ କରାଯାଇଥିଲା, ଖବର ପ୍ରସାରଣ ପରେ ସ୍ଥାନୀୟ ପଞ୍ଚାୟତ ରାଜ ପାନୀୟ ଜଳ ବିଭାଗର କନିଷ୍ଠ ଯନ୍ତ୍ରୀ ଶରତ ବେହେରା ବୁର୍ଜା ଗ୍ରାମକୁ ଯାଇ ନଳକୂପ ଖନନ ନିମନ୍ତେ ଜାଗା ଚିହ୍ନଟ କରିଥିଲେ ଏବଂ କଥା ଦେଇଥିଲେ ଯେ ଦିନେ ଦୁଇଦିନ ଭିତରେ ଗ୍ରାମରେ ଦୁଇଟି ନଳକୂଅ ଖୋଳାଯିବ। ଗତକାଲି ଠାରୁ ବୁର୍ଜା ଗ୍ରାମରେ ବୋରୱେଲ ଖନନ ଚାଲିଥିବା ଦେଖିବାକୁ ମିଳିଛି। ଏହା ଦେଖି ଗ୍ରାମବାସୀଙ୍କ ମୁହଁରେ ଖୁସିର ଲହରୀ ଖେଳିଯାଇଛି। କଥା ଦେଇ କଥା ରକ୍ଷା କରିଥିବା କନିଷ୍ଠ ଯନ୍ତ୍ରୀ ଶରତ ବେହେରାଙ୍କୁ ଗ୍ରାମବାସୀ ଧନ୍ୟବାଦ ଜଣେଇଛନ୍ତି।

# 'ସହଯୋଗ ରଥ' ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ଶୁଭାରମ୍ଭ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ପ୍ରଶାସନ ଉଦ୍ୟମରେ, 'ସହଯୋଗ ରଥ' ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ମାଧ୍ୟମରେ ସହରାଞ୍ଚଳର ଅନଗ୍ରସର ନାଗରିକଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ବିଷୟରେ ସଚେତନ କରିବ। ରବିବାର ଏହି ରଥର ଶୁଭାରମ୍ଭ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ପରିସରରୁ ହୋଇଛି। ଏହି ଉଦଘାଟନ ଅବସରରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଛତ୍ରପୁର ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ସହରାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଅନଗ୍ରସରଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରୀ ଯୋଜନାଗୁଡ଼ିକ ସହ ଯୋଡ଼ିବା ନେଇ ଏହାର ଲକ୍ଷ୍ୟ ବୋଲି କୁହାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ), ରାସନ କାର୍ଡ, ପାଇପ ଯୋଗେ ଜଳଯୋଗାଣ, ପିଏମ ବିଶ୍ୱକର୍ମା ଯୋଜନ, ଆୟୁଷ୍ମାନ କାର୍ଡ, ବିଭିନ୍ନ ପରିଚୟ ପତ୍ର, ସୁଭଦ୍ରା ଯୋଜନା, ଶ୍ରମିକ କାର୍ଡ, ଇ-ଶ୍ରମ କାର୍ଡ଼, ଗରିମା ଯୋଜନା, ମଧୁବାବୁ ପେନସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ପିଏମ ସୁରକ୍ଷା ବୀମା ଯୋଜନ ଆଦି ସମସ୍ତ ଯୋଜନା ଏବଂ ସୁବିଧା ନିମନ୍ତେ ଏଠାରେ ଆବେଦନ କରିହେବ ବୋଲି ସୂଚନା ଦିଆଯାଇଛି।

# ଅସମ୍ପୂର୍ଣ୍ଣ ଅଙ୍ଗିନଦୀ ଶ୍ମଶାନ ଘାଟ, ଖର୍ଚ୍ଚ ହେଲାଣି ୨୦ ଲକ୍ଷରୁ ଉର୍ଦ୍ଧ୍ୱ



ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ କନ୍ୟାଶ୍ରମ ନିକଟରେ ଥିବା ଅଙ୍ଗିନଦୀ ଶ୍ମଶାନ ଘାଟର ଉନ୍ନତି ପାଇଁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଶ୍ମଶାନ ଘାଟର କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଛି। ଶ୍ମଶାନ ଘାଟରେ ଶବ ବ୍ୟବଚ୍ଛେଦ ଗୃହ, ଶବ ଦାହ ଗୃହ, ଶବାଧାରରେ ଆସିଥିବା ଯାତ୍ରୀଙ୍କ ନିମନ୍ତେ ବିଶ୍ରାମ ସ୍ଥଳୀ,ପାନୀୟ ଜଳ ସୁବିଧା, ଶ୍ମଶାନ ଘାଟରେ ଆଲୋକିକରଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ବାକି ରହିଥିବା ବେଳେ ଅଙ୍ଗୀନଦି ଶ୍ମଶାନ ଘାଟର ଅସମ୍ପୂର୍ଣ୍ଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ଡାବୁଗାଁ ଦେଇ ପ୍ରବାହିତ ହେଉଥିବା ଅଙ୍ଗୀନଦୀ କୂଳର ଉମୁରାହାଣ୍ଡି, ଗୌଡ଼ ସାହି ଓ କନ୍ୟାଶ୍ରମ ନିକଟରେ ତିନୋଟି ଶ୍ମଶାନ ଘାଟ ଥିବା ବେଳେ ୮୦ ପ୍ରତିଶତ ଲୋକେ କନ୍ୟାଶ୍ରମ ନିକଟ ଅଙ୍ଗିନଦି ଶ୍ମଶାନ ଘାଟ ଉପରେ ନିର୍ଭର କରନ୍ତି। ଅପରିଷ୍କାର ଓ ଲଟା ବୁଦାରେ ପରିପୂର୍ଣ୍ଣ ହୋଇ ରହିଥିବା ଏହି ଶ୍ମଶାନ ଘାଟର ଉନ୍ନତି ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନ ସହ ସ୍ଥାନୀୟ ବିଧାୟକ ମନୋହର ରନ୍ଧାରି ଓ ସାଂସଦଙ୍କ ନିକଟରେ ଦାବୀ କରି ଆସୁଥିଲେ। ଅଙ୍ଗିନଦିର ଶ୍ମଶାନ ଘାଟକୁ ଉନ୍ନତିକରଣ ପାଇଁ ୭୦ଲକ୍ଷ ଟଙ୍କାର ଆନୁମାନିକ ବ୍ୟୟ ଅଟକଳ କରାଯାଇଥିଲା। ୨୦୨୧-୨୨ ରେ ଶ୍ମଶାନ ଘାଟର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଶ୍ମଶାନ ଘାଟକୁ ରାସ୍ତା ଓ ଡ୍ରେନ ନିର୍ମାଣ ହୋଇଥିଲା। ମନରେଗାରେ ଉନ୍ନତି କରଣ ପାଇଁ ୧୦ ଲକ୍ଷ, ଜିଲ୍ଲାପରିଷଦ ପାଣ୍ଠିରୁ ଗାଧୁଆ ଘାଟ ପାଇଁ ୪ ଲକ୍ଷ, ପାହାଚ ନିର୍ମାଣ ପାଇଁ ୨ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇ ଖର୍ଚ୍ଚ ହୋଇ ସାରିଛି। ଇତି ମଧ୍ୟରେ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଥିଲେ ସୁଦ୍ଧା ଅଙ୍ଗିନଦି ଶ୍ମଶାନ ଘାଟ ଉନ୍ନତିକରଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଛି। ୪ ବର୍ଷ ପୂର୍ବେ ଏହି ଶ୍ମଶାନ ଘାଟର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା ସୁଦ୍ଧା ପ୍ରଶାସନର ଆନ୍ତରିକ ଅଭାବ ତଥା ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧିଙ୍କ ଆଗ୍ରହ ନଥିବାରୁ ଶ୍ମଶାନ ଘାଟ ଅସମ୍ପୂର୍ଣ୍ଣ ହୋଇ ରହିଛି। ବିଶେଷ କରି ଏହି ଶ୍ମଶାନ ଘାଟରେ ଶବ ଦାହ ଗୃହ, ଶବ ବ୍ୟବଚ୍ଛେଦ ଗୃହ, ବିଶ୍ରାମ ଗୃହ, ପାନୀୟ ଜଳ ସୁବିଧା, ଶ୍ମଶାନ ଘାଟରେ ଆଲୋକିକରଣ ଆଦି କାର୍ଯ୍ୟ ବାକି ରହିଛି। ଡାବୁଗାଁ ବାସୀଙ୍କ ଦୀର୍ଘଦିନ ଧରି କରି ଆସୁଥିବା ଦାବୀକୁ ନବରଙ୍ଗପୁର ଜିଲ୍ଲାପାଳ ଦୃଷ୍ଟି ଦେଇ ଅସମ୍ପୂର୍ଣ୍ଣ ଅଙ୍ଗିନଦି ଶ୍ମଶାନ ଘାଟର ଉନ୍ନତିକରଣ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି।



ଗୋପ, (ଭାସ୍କର ନ୍ୟୁଜ୍): ବ୍ରହ୍ମ ମୁହୂର୍ତ୍ତରେ ସମ୍ପନ୍ନ ହେଲା ଶିବ-ପାର୍ବତୀଙ୍କ ବିବାହ। ପୁରୀ ଜିଲ୍ଲା ଗୋପରେ ଶିତଳଷଷ୍ଠୀ ଅବସରରେ ବାବା ଅଖଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିରରେ ମହାଆଡମ୍ବରରେ ଦେବ ଦମ୍ପତ୍ତିଙ୍କ ବିବାହ ସମ୍ପନ୍ନ ହୋଇଛି। ବେଲପତ୍ର ଓ ପଦ୍ମଫୁଲରେ ହୋଇଛି ହସ୍ତ ବନ୍ଧନ। ବାଜା,ବାଣ ରୋଷଣୀ ସହ ଏକ ସୁସଜ୍ଜିତ ଦୋଳ ବିମାନରେ ବିରାଟ ଶୋଭା ଯାତ୍ରାରେ ବାବା ଅଖଣ୍ଡଳେଶ୍ୱର ଗ୍ରାମ ପରିକ୍ରମା କରି ପାର୍ବତୀଙ୍କ ବାପ ଘରେ ପହଁଚିବା ପରେ ସମ୍ପୂର୍ଣ୍ଣ ପାରମ୍ପାରିକ ରୀତିନୀତି ଅନୁସାରେ ବାବାଙ୍କ ଚଳନ୍ତି ପ୍ରତିମା ବିଗ୍ରହ ମହାଦେବ ଅଖଣ୍ଡଳେଶ୍ୱର ବର ବେଶରେ ଏବଂ ମା ପାର୍ବତୀଙ୍କ ଚଳନ୍ତି ପ୍ରତିମା କନ୍ୟା ବେଶରେ ସଜ୍ଜିତ କରାଯାଇ ବିବାହ ମଣ୍ଡପକୁ ଅଣାଯାଇଥିଲା। ଭଜନକୀର୍ତ୍ତନ ବାଦ୍ୟ ରୋଷଣୀରେ ଉଭୟ ବରକନ୍ୟାଙ୍କୁ ମନ୍ଦିର ବେଢ଼ା ପରିକ୍ରମା ସହ ଯଜ୍ଞବେଦୀକୁ ନିଆଯାଇଥିଲା। ବରପକ୍ଷ ଶିବ ନାରାୟଣ ସେନାପତି ଏବଂ କନ୍ୟାପକ୍ଷ ବିଷ୍ଣୁ ଚରଣ ସେନାପତିଙ୍କ ଦ୍ୱାର ସମ୍ପୂର୍ଣ୍ଣ ହୋଇଥିଲା ବାହାଘର। ହୋମଯଜ୍ଞ ସାଙ୍ଗକୁ ଶଙ୍ଖ ହୁଳହୁଳି ଶବ୍ଦରେ ଉକ୍ତ ପୀଠ ଏକ ପ୍ରକାର ଆଧାତ୍ମିକ ଭାବ ପରିବେଶ ସୃଷ୍ଟି କରିଥିବା ବେଳେ ଏହି ବିବାହ ଉତ୍ସବକୁ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ପଣ୍ଡିତ ବିଷ୍ଣୁ ନାରାୟଣ ମିଶ୍ରଙ୍କ ବେଦପାଠରେ ଦେବଦମ୍ପତ୍ତିଙ୍କ ଏହି ବିବାହ କାର୍ଯ୍ୟ ସମାପନ ହୋଇଥିଲା।

# ଭାଗିରଥି ବିହାରରେ ଜବରଦଖଲ ଉଚ୍ଛେଦ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସହରର ଭାଗିରଥି ବିହାରରେ ପୁଲିସ ଦୀର୍ଘ ଦିନର ଜବର ଦାଖଲ ଭାଙ୍ଗିବାକୁ ସକ୍ଷମ ହୋଇଛି। ଭାଗିରଥି ବିହାରର ସି-ବ୍ଲକ ରେ ଭାରତୀ ଦାଶ ନାମକ ଜଣେ ମହିଳା ନିଜ ବାରି ପଟକୁ ଥିବା ସର୍ବସାଧାରଣ ରାସ୍ତା ଉପରେ ଜବର ଦାଖଲ କରି ଏକ ପାଚେରୀ ପକେଇଥିଲେ। ଫଳରେ ସି-ବ୍ଲକର ସି/୧୨ରେ ଘରକରି ରହିଥିବା ଜ୍ଞାନ ରଞ୍ଜନ ଶତପଥି ତାଙ୍କ ମା' ଓ ପରିବାର ଲୋକ ରହି ଆସୁଥିଲେ। ମହିଳା ଜଣକ ବେଆଇନ ଭାବେ ପାଚେରୀ ପକେଇ ଦେବାରୁ ରାସ୍ତା ବନ୍ଦ ହେବା ସହିତ ଜ୍ଞାନ ରଞ୍ଜନଙ୍କ ପରିବାର ଆଉ ନିଜ ଘରକୁ ପଶି ପାରୁ ନଥିଲେ। ସର୍ବସାଧାରଣ ରାସ୍ତା ଅବରୋଧ ଯୋଗୁଁ ଲୋକମାନେ ମଧ ଚଳପ୍ରଚଳରେ ଅସୁବିଧା ଭୋଗୁଥିଲେ। ଏନେଇ ସେ ଦୀର୍ଘବର୍ଷ ହଇରାଣ ହରକତ ହେବା ପରେ ଘର ଛାଡି ବୃଦ୍ଧ ମା'ଙ୍କ ବାହାରେ ରହିବାକୁ ବାଧ୍ୟ ହୋଇଛନ୍ତି। ଏନେଇ ଜ୍ଞାନ ରଞ୍ଜନ ସବ-ଡିଭିଜିନାଲ ମାଜିଷ୍ଟ୍ରେଟଙ୍କ ଅଦାଲତରେ ମାମଲା ରୁଜୁ କରିଥିଲେ। ସବ ଡିଭିଜିନାଲ ମାଜିଷ୍ଟ୍ରେଟ ସଦର ଆରଆଇ, ତହସିଲଦାରଙ୍କ ରିପୋର୍ଟକୁ ତର୍ଜମା କରି ମାମଲାର ଶୁଣାଣି କରି କରି ୭.୧୨.୨୨ରେ ରାୟ ପ୍ରକାଶ କରି ଟାଉନ ଥାନା ଅଧିକାରୀଙ୍କୁ ବେଆଇନ ପାଚେରୀ ଭାଙ୍ଗି ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଛେଦ ସମୟରେ ତହସିଲଦାର ମାପଚୁପ ପାଇଁ କ୍ଷେତ୍ରକର୍ମଚାରୀ ନିୟୋଜିତ କରି ଟାଉନ ପୁଲିସକୁ ସହଯୋଗ କରିବାକୁ ରାୟ ଦେଇଥିଲେ। ଦୀର୍ଘଦିନ ହେବ ପୁଲିସ ଉଚ୍ଛେଦ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରି ଆସୁଥିଲା। ଶେଷରେ ପୁଲିସ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରିଛି।

## ବାଇକ-ସ୍କୁଟି ଧକ୍କା, ୩ ଗୁରୁତର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ -ଚାନ୍ଦବାଲି ରାଜ୍ୟ ରାଜପଥର ତିହିଡ଼ି କଲେଜ ଛକ ଠାରୁ କିଛି ଦୂରରେ ଶନିବାର ରାତି ୯ଟା ସମୟରେ ଏକ ବାଇକ ସହ ସ୍କୁଟିର ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଯୁବକ ଗୁରୁତର ଆହତ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ଆହତ ଯୁବକମାନେ ହେଉଛନ୍ତି ପୋଖରୀ ଗ୍ରାମର ଜିତେନ ଦାସ(୨୫), ଇଲିରା ଗ୍ରାମ ହାରୁ ଖାଁ(୨୪) ଓ ସିମୁଳିଆ ଗ୍ରାମର ଭଗବାନ ବାରିକ(୧୮)। ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ତିହିଡ଼ି ଡାକ୍ତରଖାନା ଓ ପରେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ପ୍ରକାଶ ଯେ, ଜିତେନ ସ୍କୁଟି ନେଇ ତିହିଡ଼ି ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହାଫଳରେ ସ୍କୁଟି ଚାଳକ ଜିତେନଙ୍କ ସମେତ ୩ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଜିଲ୍ଲାସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ସ୍ଥିତ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସଭାଗୃହରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଉକ୍ତ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ବିଭାଗୀୟ ଅଧିକାରୀ ସୁଦୀପ୍ତ ମୌଳିକ, ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ, କନିଷ୍ଠ ସହାୟକ କ୍ଷେତ୍ରମୋହନ ବେହେରା, ଓଷ୍ଟାର ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଲତା ଓ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ ଉପସ୍ଥିତ ଥିଲେ। ଉକ୍ତ ଦିବସରେ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ମୋଟ ୧୫ ଜଣ ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀ ଅବସର ଗ୍ରହଣ କରିଥିଲେ। ୧୫ ଜଣଙ୍କ ମଧ୍ୟରୁ ଦ୍ୱାରଶୁଣି ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀପତି ମହାନ୍ତଙ୍କୁ ପୂର୍ଣ୍ଣାଙ୍ଗ ଅବସର କାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟ ୧୪ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କୁ ସାମୟିକ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିଲା। ଅବସରଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀମାନେ ହେଉଛନ୍ତି ଜ୍ୟୋତ୍ସ୍ନାରାଣୀ ମହାପାତ୍ର, ଦ୍ର ରମାକାନ୍ତ ମହାନ୍ତ, ରାଜକିଶୋର ଘଣା, ରଞ୍ଜନ କୁମାର ସାମଲ, ବିଜୟ ଲକ୍ଷ୍ମୀ ଦାସ, ରୂପ କୁମାର ମହାନ୍ତ, ସୁଧାକର ଦେହୁରୀ, ଗାଗାରିନ ଧଳ, ନୀଳରତ୍ନ ମହାନ୍ତ, ସତ୍ୟେନ୍ଦ୍ରନାଥ ନାଏକ, ସପନ କୁମାର ବାରିକ, ଧୃବେନ୍ଦ୍ରନାଥ ମହାନ୍ତ, ସନ୍ତୋଷ କୁମାର ଦାସ, ସହଦେବ ସିଂ। ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ, ଏବଂ କର୍ମଚାରୀ ମାନଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ଉପଢୌକନ ଏବଂ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବା ସହ ସେମାନଙ୍କର ସୁସ୍ଥ ଏବଂ ନିରାମୟ ଜୀବନ କାମନା କରିଥିଲେ। ସର୍ବଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି, ଆଗାମୀ ଦିନରେ ଅବସର ଗ୍ରହଣ କରିବାକୁ ଥିବା ଶିକ୍ଷକ ଏବଂ କର୍ମଚାରୀମାନେ ତିନି ମାସ ପୂର୍ବରୁ ପେନସନ ସଂକ୍ରାନ୍ତୀୟ ଦସ୍ତାବିଜ ଶିକ୍ଷା କାର୍ଯ୍ୟାଳୟରେ ପେଶ କଲେ ଅବସର ଦିବସରେ ସମସ୍ତଙ୍କୁ ପୂର୍ଣ୍ଣାଙ୍ଗ ଅବସରକାଳୀନ ପ୍ରାପ୍ୟପ୍ରଦାନ କରାଯାଇପାରିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ କରିଥିଲେ।

## ଶାନ୍ତିଆ-ଜାତୀୟ ରାଜପଥ ୬୦ରାସ୍ତାର ଉନ୍ନତିକରଣ ଲାଗି ଦାବି

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ମ୍ୟୁନିସିପାଲଟିର ୧୦ନଂ ୱାର୍ଡ ଶାନ୍ତିଆରୁ ଜାତୀୟ ରାଜପଥକୁ ସିଧାସଳଖ ରାସ୍ତା ଗ୍ରାମବାସୀଙ୍କ ପକ୍ଷରୁ ନିର୍ମାଣ ହେବାର ୫ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ଉନ୍ନତିକରଣ କିମ୍ବା ରକ୍ଷଣାବେକ୍ଷଣ ହୋଇପାରି ନାହିଁ। ଏହି ରାସ୍ତା ଗ୍ରାମବାସୀଙ୍କ ଲାଇଫଲାଇନ୍ ହୋଇଥିବାରୁ ବାରମ୍ବାର ନିବେଦନ, ଆବେଦନ ପରେ ମଧ୍ୟ ମ୍ୟୁନିସିପାଲଟି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଗ୍ରାମବାସୀମାନେ ଉଦ୍‌ବେଗ ପ୍ରକାଶ କରିବା ସହିତ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣାରୁ ପ୍ରକାଶ, ଶାନ୍ତିଆ ଗାଁରୁ ଜାତୀୟ ରାଜପଥକୁ ସିଧାସଳଖ ସଂଯୋଗ ଲାଗି ଗ୍ରାମବାସୀଙ୍କ ନିଜସ୍ୱ ପ୍ରଚେଷ୍ଟାରେ ୨୦୨୦ ମସିହାରେ ପ୍ରାୟ ୧କି.ମିରୁ ଅଧିକ ଲମ୍ବର ରାସ୍ତା ନିର୍ମାଣ କରିଥିଲେ। ସେହି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଅର୍ଥଦାନରେ ରାସ୍ତାଟିର ମାଟି ଭର୍ତ୍ତି ହେବାପରେ ମ୍ୟୁନିସିପାଲଟିକୁ ହସ୍ତାନ୍ତର କରିଥିଲେ। ନୂତନ ରେଳ ଓଭରବ୍ରିଜ ନିର୍ମାଣ ପରେ ଗ୍ରାମବାସୀମାନେ ହସ୍‌ପିଟାଲ, ନୂତନ କୋର୍ଟ, ତହସିଲ ଇତ୍ୟାଦିକୁ ଯିବାଲାଗି ବଡବଜାର ଦେଇ ଅଧିକ ୨ମାଇଲ ବୁଲି ଯିବାକୁ ପଡୁଥିବାରୁ ଗ୍ରାମବାସୀମାନେ ବାରମ୍ବାର ନିବେଦନ କରିଆସୁଥିଲେ। ଏପରିକି ଗ୍ରାମର ସମସ୍ତ ଚାଷଜମି ରାଜପଥ ୬୦ ଓ ଦକ୍ଷିଣ-ପୂର୍ବ ରେଳପଥ ମଧ୍ୟରେ ରହିଥିବାରୁ ସେମାନଙ୍କ ଉତ୍ପନ୍ନ ଫସଲ ଦୀର୍ଘ ୫ କି.ମ. ଦୂର ରାସ୍ତା ଅତିକ୍ରମ କରିବାକୁ ପଡୁଥିଲା। ପ୍ରଶାସନକୁ ବାରମ୍ବାର ଜଣାଇବାପରେ କିଛି ନ ହେବାରୁ ୫ବର୍ଷ ପୂର୍ବରୁ ଗ୍ରାମବାସୀମାନେ ଶ୍ରମଦାନ କରି ରାସ୍ତାଟି ନିର୍ମାଣ କରିଥିଲେ। ବର୍ଷାଦିନକୁ ଛାଡି ଅନ୍ୟ ସମସ୍ତ ଋତୁରେ ୱାର୍ଡବାସୀ ଓ ସହରବାସୀ, ଆଇନ୍‌ଜୀବୀ, କୃଷକ ମାନେ ଏହାକୁ ବ୍ୟବହାର କରିଥିବା ବେଳେ ବର୍ଷଋତୁରେ ଏହା ଅଗମ୍ୟ ହୋଇଥାଏ। ତେଣୁ ଏହି ରାସ୍ତାକୁ ସବୁଦିନିଆ ରାସ୍ତାରେ ପରିଣତ କରିବାକୁ ଗ୍ରାମର କାର୍ତ୍ତିକ ଚନ୍ଦ୍ର ଗିରି, ହରିଶ୍ଚନ୍ଦ୍ର ରଣା, ନିତ୍ୟାନନ୍ଦ ଦାସ, ରଂଜନ ପାତ୍ର, ଶିବାନନ୍ଦ ରଣାପ୍ରଶାନ୍ତ ବାରିକ, ଅମୂଲ୍ୟ ଅଣ୍ଡିଆ, ମନମୋହନ ଦାସ, ମିଟା ବାଗ ପ୍ରମୁଖ ବହୁ ୱାର୍ଡବାସୀ ପ୍ରଶାସନକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଚଳିତ ଆର୍ଥିକ ବର୍ଷରେ ଏକ୍‌ସନପ୍ଲାନ ଅନୁଯାୟୀ ରାସ୍ତାର ଉନ୍ନତିକରଣ କରାଯିବ ବୋଲି କହିଛନ୍ତି।

# କାଳିକ ବ୍ରାହ୍ମଣ ପୋଖରୀରେ ବିଷ ପକାଇଲେ ଦୁବୃତ୍ତ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକର କାଳିକ ପଂଚାୟତର ସେହି ଗାଁରେ ଥିବା ବ୍ରାହ୍ମଣ ପୋଖରୀରେ ଦୁବୃତ୍ତମାନେ ଶୁକ୍ରବାର ରାତିରେ ବିଷ ପକାଇବା ଫଳରେ ମାଛ ମରିଯିବା ସହିତ ପାଣି ବିଷାକ୍ତ ହୋଇ ଯାଇଛି। ଗ୍ରାମର ବହୁ ଲୋକ ଏହି ପୋଖରୀ ଉପରେ ନିର୍ଭର କରୁଥିବାରୁ ଏ ସଂପର୍କରେ ଗ୍ରାମବାସୀ ମାନେ ରାଇବଣିଆ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ କାଳିକ ଗାଁରେ ଥିବା ପଂଚାୟତ ପୋଖରୀ 'ବ୍ରାହ୍ମଣ ପୋଖରୀ'କୁ ବାବା ତପନେଶ୍ୱର ସ୍ୱୟଂସହାୟକ ଗୋଷ୍ଠୀକୁ ୫ବର୍ଷ ଲାଗି ମାଛଚାଷ କରିବାଲାଗି ପଂଚାୟତପକ୍ଷରୁ ନିଲାମ ଦିଆଯାଇଥିଲା। ଗତ ମେ ୩୧ତାରିଖ ଅବଧି ଶେଷ ହେଉଥିବାରୁ ପୋଖରୀକୁ ଶୁଖାଇ ମାଛ ଧରିବାକୁ ପ୍ରୟାସ କରାଯାଇଥିଲା। ଗ୍ରାମର ଅର୍ଦ୍ଧାଧିକ ଲୋକ ଏହା ଉପରେ ନିର୍ଭର କରୁଥିବାରୁ ପୋଖରୀ ଶୁଖାଇବାକୁ ବିରୋଧ କରିଥିଲେ। ଫଳରେ ସ୍ୱୟଂସହାୟକ ଗୋଷ୍ଠୀର ସଭାପତି, ସମ୍ପାଦକ ଦୁଇଜଣ ବ୍ୟକ୍ତିଙ୍କ ସହାୟତାରେ ବିଷ ପକାଇଥିବା ରାଇବଣିଆ ଥାନାରେ ଅଭିଯୋଗ କରାଯାଇଛି। ପୋଖରୀପାଣି ବିଷାକ୍ତ ହେବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବା ସମ୍ପର୍କରେ ଚିତ୍ତରଂଜନ ବିଶ୍ୱାଳ, ସତ୍ୟନାରାୟଣ ବିଶ୍ୱାଳ, ଜୟରାମ ରାଉତ, ଅଭିମନ୍ୟୁ ଦଣ୍ଡପାଟ, ଶଂକର ଦଣ୍ଡପାଟ ପ୍ରମୁଖ ବହୁଗ୍ରାମବାସି ଅଭିଯୋଗ କରିଛନ୍ତି।

# ବାଇକ ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଏମ୍ଭି -୧୦୪ ଗ୍ରାମର ଦିଲୀପ ରୂପତାନ (୫୦) ସ୍ତ୍ରୀ ସୁଚିତ୍ରା ରୂପତାନ (୩୦)ଉମରକୋଟ ନିଜର ସମ୍ପର୍କୀୟ ଙ୍କଘରୁ ଫେରିବା ସମୟରେ ସଦାଶିବପୁର ନିକଟସ୍ଥ ମୁଖ୍ୟ ରାସ୍ତା ରେ ଗୁର୍ଘଟଣା ଘଟି ଦିଲ୍ଲୀପଙ୍କ ଦେହାନ୍ତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀପ ଓ ତାଙ୍କ ସ୍ତ୍ରୀ ଦୁହେଁ ନିଜର ସମ୍ପର୍କୀୟ ଙ୍କଘରୁ ନିଜ ବାଇକ ଯୋଗେ ଉମରକୋଟରୁ ଘରକୁ ଫେରୁଥିଲେ। ସନ୍ଧ୍ୟା ୭.୩୦ ସମୟରେ ସଦାଶିବପୁର ଜୟପୁର ବାଲିମେଳା ମୁଖ୍ୟରାସ୍ତାରେ ସାମ୍ନାରୁ ଆସୁଥିବା ଟ୍ରାକ୍ଟର ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକା ହୋଇଥିଲା। ଫଳରେ ଦୁର୍ଘଟଣା ସ୍ଥଳରେ ବାଇକ ଚାଳକ ଦିଲୀପ ଗୁରୁତର ଆଘାତ ଲାଗିବା ସହିତ ନାକ ଓ ମୁଣ୍ଡରୁ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ଘଟଣା ସ୍ଥଳରୁ ଟ୍ରାକ୍ଟର ସହ ଚାଳକ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇବାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ଦ୍ୱାରା ୧୦୮ ଯୋଗେ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କୁ ବାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା ସେଠାରେ ଡାକ୍ତର ଡ. ଯଯାତି କେଶରୀ ସ୍ୱାଇଁ ଦୁଇଜଣଙ୍କୁ ଚିକିତ୍ସା କରିବା ସମୟରେ ସ୍ୱାମୀ ଦିଲ୍ଲୀପଙ୍କୁ ମୃତ ଘୋଷଣା କରିବା ବେଳେ ସ୍ତ୍ରୀ ସୁଚିତ୍ରାଙ୍କୁ ଚିକସ୍ଥା ନିମନ୍ତେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଁଚି ଘଟଣାର ତଦନ୍ତ ଜାରି ରଖିଛି।

## ଦେବୀ ନଦୀରୁ ଯୁବକଙ୍କ ଶବ ଉଦ୍ଧାର

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ଥାନା ଅଧିନସ୍ତ ବଡକଣ ଦେବିନଦି ରୁ ଅଜଣା ମୃତ ଦେହ ଭାସୁଥିବା ଖବର ପାଇ କାକଟପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଛେଦ ନିମନ୍ତେ ଚାରିଛକ ପଠାଇଛନ୍ତି। ଅନୁସନ୍ଧାନରୁ ଜଣାପଡିଛି ଯେ ମୃତ ଯୁବକ ଜଣକ ହେଉଛନ୍ତି କୈଳାସ ଚନ୍ଦ୍ର ନାୟକ (୫୪) ବଡକଣ ଗ୍ରାମର ବୋଲି ଜଣାପଡିଛି। ଗତ ଦୁଇ ଦିନ ହେବ ସେ ନିଖୋଜ ଥିଲେ ଆଜି ତାଙ୍କ ଶବ ଦେବୀ ନଦୀରୁ ମିଳିଛି। ସେ ଜଣେ ମାନସିକ ବିକାର ଗ୍ରସ୍ତ ବ୍ୟକ୍ତି ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ କାକଟପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ପାରିବାରିକ କଳହରୁ ନବବଧୂର ମୃତ୍ୟୁ

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ, ଗଡକୁଜଙ୍ଗ ଗ୍ରାମରେ ପାରିବାରିକ କଳହକୁ ନେଇ ଜଣେ ନବବଧୂର ମୃତ୍ୟୁ ହୋଇଛି। ନବବଧୂଟି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବାର କୁହାଯାଉଥିବା ବେଳେ, ଝିଅକୁ ଜୈତୁକ ପାଇଁ ହତ୍ୟା କରାଯାଇଥିବାର ବାପା ସୁଭାଷ ମହାନ୍ତି ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ଘଟଣାରୁ ଜଣାପଡିଛି ଗଡକୁଜଙ୍ଗ ଗ୍ରାମ ଅରବିନ୍ଦ ସାହୁ ସେହି ଗ୍ରାମର ସୁଭାଷ ମହାନ୍ତିଙ୍କ ଝିଅ ଶୁଚିସ୍ମିତା ମହାନ୍ତି ଙ୍କୁ ୨୦୨୪ ଡିସେମ୍ବର ୪ ତାରିଖରେ ବିବାହ କରିଥିଲେ। ଯାହା ପ୍ରେମ ବିବାହ ଥିଲା। ତେବେ ଗତ ଦୁଇଦିନ ତଳେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳହ ଉପୁଜିଥିବାରୁ ଶୁଚିସ୍ମିତାଙ୍କ ବାପା ଆଉ ମା ଝିଅ ଘରେ ପହଞ୍ଚି ଘଟଣାର ସମାଧାନ କରିଥିଲେ। ତେବେ ଗତକାଲି ସନ୍ଧ୍ୟାରେ ଶୁଚିସ୍ମିତାଙ୍କ ଘର କବାଟ ଭିତର ପଟୁ ଦୀର୍ଘ ସମୟ ବନ୍ଦ କାରଣରୁ ପରିବାର ଲୋକେ କବାଟ ବାଡେଇଥିଲେ। ମାତ୍ର କବାଟ ନଖୋଲିବାରୁ କବାଟ ତାଡ଼ି ଭିତରକୁ ଯିବା ପରେ ଶୁଚିସ୍ମିତା ବେକରେ ରଶି ଗୁଡ଼ାଇ ଫ୍ୟାନରେ ଝୁଲିପଡିଥିବାର କୁହାଯାଉଛି। ତେବେ ତାଙ୍କ ଝିଅକୁ ଅଧିକ ଯୌତୁକ ଦାବି କାରଣରୁ ହତ୍ୟା କରାଯାଇ ଥିବାର ଶୁଚିସ୍ମିତାଙ୍କ ବାପା ସୁଭାଷ ମହାନ୍ତି ଅଭୟଚାନ୍ଦପୁର ଥାନାରେ ଗତକାଲି ରାତିରେ ଅଭିଯୋଗ କରିଥିଲେ। ରବିବାର ପୂର୍ବାହ୍ନରେ ଅଭୟଚାନ୍ଦପୁର ଥାନା ଆଇ ଆଇ ସି ସମିର ରାଉତ ଓ ଫୋରେନସିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିବା ପରେ,ଏରସମା ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଲଙ୍କ ଉପସ୍ଥିତିରେ, ଅଭୟଚାନ୍ଦପୁର ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥି ସହିତ ପୁଲିସ ଶୁଚିସ୍ମିତାଙ୍କ ସ୍ୱାମୀ ଅରବିନ୍ଦ ସାହୁ, ଶ୍ୱଶୁର ଅଭିରାମ ସାହୁ ଓ ଶାଶୂ ଗୀତା ରାଣୀ ସାହୁଙ୍କୁ ଥାନାକୁ ନେଇ ଅଟକ ରଖିଥିବା ଜଣାପଡିଛି।

# ପରିବେଶବିତ୍ କ୍ଷୀରୋଦ ଜେନାଙ୍କୁ ଭବ୍ୟ ସ୍ୱାଗତ୍



ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ଗୋପାଳପୁର ପଞ୍ଚାୟତ କଳାଶ୍ରୀ ଗ୍ରାମର କ୍ଷୀରୋଦ ଜେନା। ସେନା ବାହିନୀରେ ଚାରିକି କରି ଦେଶ ସେବାରେ ନିୟୋଜିତ ଥିଲେ। ୨୦୦୫ ମସିହାରେ ୨୮୫ ମଧ୍ୟମ ତୋପଖାନାରୁ ଅବସର ନେଲା ପରେ ନିଜ ଜନ୍ମମାଟିକୁ ଫେରିଥିଲେ। ସେତେବେଳେ ଗାଁର ଭୌଗଳିକ ପରିବେଶ ଦେଖି ସେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବେ ବୋଲି ମନସ୍ତ କରି ଗଛ ଲଗାଇବା ଆରମ୍ଭ କରିଥିଲେ। ଆଜି ସୁଦ୍ଧା ବିଭିନ୍ନ ପ୍ରକାରର ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଫଳ ଗଛ ଲଗାଇ ସାରିଛନ୍ତି। ଏବେ ଉକ୍ତ ଗଛ ମାନଙ୍କରେ ଫଳ ଫଳିଲାଣି। ଯାହାକୁ ମନୁଷ୍ୟ, ପଶୁପକ୍ଷୀମାନେ ସେବନ କରୁଥିବା ଦେଖାଯାଇଛି। କ୍ଷୀରୋଦଙ୍କ କହିବା କଥା ଗଛ ଲଗାଇବା ଦ୍ୱାରା ବାୟୁମଣ୍ଡଳ ଉଷ୍ମତା ହ୍ରାସ କରିବା, ଅମ୍ଳଯାନ ପ୍ରଦାନ କରିବା, ମନୁଷ୍ୟ ଓ ପଶୁ ପକ୍ଷୀ ମାନଙ୍କୁ ଆହର ପ୍ରଦାନ କରିବା କ୍ଷେତ୍ରରେ ସହାୟକ ହେବ। ଯେତେ ଦିନ ପର୍ଯ୍ୟନ୍ତ ମୁଁ ଜୀବୀତ ଅଛି ସେ ପର୍ଯ୍ୟନ୍ତ ବୃକ୍ଷରୋପଣ କରି ଚାଲିବି। ୧ ଲକ୍ଷ୍ୟ ଫଳ ବୃକ୍ଷରୋପଣ କରିବା ପାଇଁ ଲକ୍ଷ ରଖିଥିବା ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏଥିପାଇଁ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମହାମହିମ ଉପରାଷ୍ଟ୍ରପତି ଜଗଦିପ ଧନଖଡ଼, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଠାରୁ ସମ୍ବର୍ଦ୍ଧିତ ହେବା ସହ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି। ନିକଟରେ ସେ ଭାରତର ସେନା ମୁଖ୍ୟାଳୟରୁ ସମ୍ବର୍ଦ୍ଧିତ ପୂର୍ବକ 'ଭେଟ୍ରାନ ଆଚିଭର ଆୱାର୍ଡ଼' ହାସଲ କରିଛନ୍ତି। ସର୍ବଭାରତୀୟ ସ୍ତରରେ ଏହି ଆୱାର୍ଡ଼ ୩ ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ଓଡ଼ିଶାରୁ କ୍ଷୀରୋଦ ଜଣେ ମାତ୍ର ବ୍ୟକ୍ତି ହିସାବରେ ସେ ଏହି ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ତେବେ ଏତେ ସବୁ ସଫଳତା ପାଇବା ପରେ ରବିବାର କ୍ଷୀରୋଦଙ୍କୁ ନିଜ ଜନ୍ମମାଟିରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। କ୍ଷୀରୋଦ ନିଜ ଗାଁ କଳାଶ୍ରୀରେ ପହଞ୍ଚିବା ପରେ ପ୍ରଥମେ ମା'ତାରିଣୀଙ୍କୁ ପୂଜାର୍ଚ୍ଚନା ପରେ ଉପସ୍ଥିତ ଗ୍ରାମବାସୀ ମାନେ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ବାଜା ବାଣ ରୋଷଣି ସହକାରେ ଗ୍ରାମ ପରିକ୍ରମାରେ ନେବା ସମୟରେ ବିଭିନ୍ନ ସ୍ଥାନରେ ଗ୍ରାମର ମହିଳା ମାନେ ତାଙ୍କୁ ବନ୍ଦାପନା କରି ସ୍ୱାଗତ କରିଥିଲେ। ସମ୍ପୂର୍ଣ୍ଣ ଗ୍ରାମ ଆଜି ଉତ୍ସବ ମୁଖରିତ ହୋଇଥିବା ଦେଖାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂଚ ଗୋଦାବରି ଶାନ୍ତି, ସମିତି ସଭ୍ୟା ପୁଷ୍ପଲତା ସାମଲ, ଯୁଗାନ୍ତର ସାହିତ୍ୟ ସଂସଦର ସଭାପତି କିଶୋର ଚନ୍ଦ୍ର ଦାସ, ଶିକ୍ଷାବିତ୍ ଦିନବନ୍ଧୁ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ୍ କୁମାର ମହାନ୍ତି, ପ୍ରସନ୍ନ କୁମାର ପରିଡ଼ା, ଚିତ୍ତରଞ୍ଜନ ସାମଲ, ଶିକ୍ଷକ ସେକ୍ ରଇସୁଦ୍ଦିନ୍, ସମାଜସେବୀ ଅଶୋକ ସାମଲ, ଅବସରପ୍ରାପ୍ତ ସେନା ଅଧିକାରୀ ନରେନ୍ଦ୍ର କୁମାର ସାହୁ, ସମାଜସେବୀ ଇଂ.ଯଶୋଦୀପ୍ତ ସାମଲ, କବି ଫକିର ଚରଣ ସାମଲଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୁଦୂର କାନଡ଼ାର ଇଂ.ଆଶୁତୋଷ ସାମଲ, ମହାରାଷ୍ଟ୍ରପ୍ରଦେଶର ନାଶିକ୍‌ରୁ ସୁବ୍ରତ ନାରାୟଣ ଜେନା, ଅଞ୍ଜନ କୁମାର ସାମଲ କାର୍ଯ୍ୟକ୍ରମ ନିମନ୍ତେ ସହାୟତାର ହାତ ବଢାଇଥିବା ବେଳେ ସମଗ୍ର କାର୍ଯ୍ୟକ୍ରମକୁ ଇଂ.ପ୍ରିୟବ୍ରତ ସାମଲ, ଦୀଲ୍ଲିପ କୁମାର ରାଉତ, ଉତ୍କଳ କେଶରୀ ସାମଲ, ନିକୁଞ୍ଜବିହାରୀ ଜେନା, ପ୍ରତ୍ୟୁଷ, ସୁଧାଂଶୁ ପ୍ରମୁଖ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

# ଶିବ ବିବାହ ଓ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ



ଆସିକା, (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ପାରମ୍ପରିକ ରୀତିରେ ଆସିକା ଋଷିକୁଲ୍ୟା ନଦୀ ତଟବର୍ତ୍ତୀ ଶ୍ରୀ ଶ୍ରୀ ତ୍ରିବିଦେଶ୍ୱର ବଜାର ସାହି, ଶ୍ରୀ ଶ୍ରୀ ପୁଡୁଗେଶ୍ୱର ପଲ୍ଲୀ ଗ୍ରାମର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଓ ସହର ଉପକଣ୍ଠ ତାଲୁକା ସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଛି। ଚଳିତ ଜ୍ୟେଷ୍ଠ ଶୁକ୍ଳ ପଚଂମୀ ଶନିବାର ଦିନ ପ୍ରଭୁ ଶ୍ରୀ ଶ୍ରୀ ପୁଡୁଗେଶ୍ୱର ସ୍ୱାମୀଙ୍କ ସହ ମାତା ପାର୍ବତୀଙ୍କ ଶୁଭ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ବରପିତା ଶ୍ରୀ ପୁଡୁଗେଶ୍ୱରଙ୍କ ପ୍ରତିନିଧି ଭାବେ ବିପିନ ବିହାରୀ ବିଶ୍ୱାଳ ଦାୟିତ୍ୱ ତୁଲାଇଥିବା ବେଳେ କନ୍ୟାପିତା ମାତା ପାର୍ବତୀଙ୍କ ପ୍ରତିନିଧି ଭାବେ ଗଣେଶ ଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଦେବଦମ୍ପତି ଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅପରାହ୍ନ ସମୟରେ ଦେବ ନିମନ୍ତ୍ରଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହାପରେ ବିବାହ ପଟୁଆର କାର୍ଯ୍ୟକ୍ରମ ସମାପ୍ତ ପରେ ବାଟବରଣ, ହସ୍ତଗ୍ରନ୍ଥି କାର୍ଯ୍ୟ ସାଙ୍ଗକୁ ଭକ୍ତ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିଭଳି ଆସିକା ତାଲୁକା ସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଶିବ ବିବାହ ଓ ଶୀତଳୀ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଛି। ବରପିତା ଭାବେ ଭୀକାରୀ ଚରଣ ପାତ୍ର ଓ କନ୍ୟା ପିତା ଭାବେ ବିପିନ ବିହାରୀ ଦାଶ ଦାୟିତ୍ୱ ତୁଲାଇଛନ୍ତି। ଏହି ଅବସରରେ ପ୍ରଭୁଙ୍କ ନଗର ପରିକ୍ରମା, ବାଟବରଣ, ହସ୍ତଗ୍ରନ୍ଥି ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ଶତାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ନୀଳକଣ୍ଠେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ ଉତ୍ସବ ପାଳିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଏହି ଦୁଇ ଦିନ ଧରି ସମଗ୍ର ଜିଲ୍ଲାର ବିଭିନ୍ନ ଶୈବପୀଠ ଓ ଜଗନ୍ନାଥ ମନ୍ଦିରରେ ଶୀତଳ ଷଷ୍ଠୀ ଓ ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଥି ନିମନ୍ତେ ଉତ୍ସବ ମୁଖର ହୋଇଉଠିଛି ମାଲକାନଗିରି ସହର। ମାଲକାନଗିରି ତଳସାହି ସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶିବ ପାର୍ବତୀଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ କନ୍ୟାପିତା ଭାବେ ରାଜେନ୍ଦ୍ର କୋଠିଆ ଓ ମାତା ଭାବେ ଶ୍ରୀମତୀ ସଞ୍ଜୁଲତା କୋଠିଆ, ବର ପିତା ଭାବେ ସତୀଶ କୁମାର ଚୌଧୁରୀ ଓ ମାତା ଭାବେ ଶ୍ରୀମତୀ ସନ୍ଧ୍ୟାରାଣୀ ଉପସ୍ଥିତ ରହି ବିବାହ କାର୍ଯ୍ୟ ସମ୍ପନ କରିଥିଲେ। ଶିବଙ୍କୁ ସୁସଜିତ ବିମାନରେ ସହର ପରିକ୍ରମା କରାଯାଇ ଜଗନ୍ନାଥ ମନ୍ଦିର ଠାରୁ ତଳସାହି ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରକୁ ନିଆଯାଇ ରୀତିନୀତି ଅନୁସାରେ ମା'ପାର୍ବତୀଙ୍କ ସହିତ ବିବାହ କାର୍ଯ୍ୟ ସମ୍ପନ ହୋଇଥିଲା ଓ ଗତକାଲି ଶତାଧିକ ଭକ୍ତ ଓ ବର ଯାତ୍ରୀ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଶୀତଳ ଷଷ୍ଠୀ ଯାତ୍ରା କମିଟି ଓ ପୂଜା କମିଟି ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ଅର୍ଣ୍ଣପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ରବିବାର ସନ୍ଧ୍ୟାରେ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ କାର୍ଯ୍ୟ ସମ୍ପନ୍ନ କରିଥଲେ ମାଲକାନଗିରି ସ୍ଥିତ ଶୀତଳ ଷଷ୍ଠୀ ପୂଜା କମିଟିର ସଦସ୍ୟ ମାନେ।

## ସୀମାନ୍ତରେ ୩ ମାଓବାଦୀ ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ସୁକୁମା ଜିଲ୍ଲାର ଜାଗରକୋଣ୍ଡା ଥାନା ଅଞ୍ଚଳରୁ ୩ଜଣ ହାର୍ଡକୋର ମାଓବାଦୀଙ୍କୁ ଗିରଫ କରିଛନ୍ତି ସୁରକ୍ଷା କର୍ମୀ। ସେମାନଙ୍କ ମଧ୍ୟରୁ ଦୁଇ ଜଣ ନକ୍ସଲ ପନ୍ଥିଙ୍କ ଉପରେ ୮ ଲକ୍ଷ ଏବଂ ଅନ୍ୟ ଜଣେ ନକ୍ସଲଙ୍କ ଉପରେ ୫ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ ଛତିଶଗଡ ସରକାର। ସୁକୁମା ଓ ବିଜାପୁର ଜିଲ୍ଲାର ଅନେକ ହିଂସା କାଣ୍ଡରେ ଏମାନେ ଜଡିତ ଥିବା ସୁକୁମା ଏସପି କିରଣ ଚୌହାନ ସୂଚନା ଦେଇଛନ୍ତି। ଡିଆରଜି ଓ ସିଆରପିଏଫ ବାହିନୀର ମିଳିତ ଅପରେସନ ବେଳେ ଏମାନଙ୍କୁ ଗିରଫ କରାଯାଇଛି।

## ଭଣ୍ଡାରିପୋଖରୀ ବଜାର ଉପକଣ୍ଠ ବ୍ରାଉନସୁଗାର ବିକ୍ରି ନିୟନ୍ତ୍ରଣ ଦାବି

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବଜାର ଉପକଣ୍ଠରେ ଅବସ୍ଥିତ ୧୬ ନଂ ଜାତୀୟ ରାଜପଥର ପାଳଦାବାଙ୍କ ଓ ନୂଆନଈ ସେତୁ ତଳ ବ୍ରାଉନସୁଗାର ବେପାରୀ ଓ ଗ୍ରାହକଙ୍କ ପେଣ୍ଠସ୍ଥଳ ପାଲଟିଛି। ପ୍ରତିଦିନ ସନ୍ଧ୍ୟାବେଳୁ ଏହି ଘାତକ ମାଦକଦ୍ରବ୍ୟ ବ୍ୟବସାୟ ଆରମ୍ଭ ହୋଇ ଅଧରାତ୍ର ପର୍ଯ୍ୟନ୍ତ ଚାଲୁରହୁଥିବା ଜଣାଯାଇଛି। ଏହି ଦୁଇଟି ସ୍ଥାନରେ ଗ୍ରାହକମାନଙ୍କ ଭିଡ ଦେଖିବାକୁ ମିଳୁଛି। ଚରମ୍ପା ଆଦି ଅଞ୍ଚଳରୁ ବଡ ବେପାରୀମାନେ ଏଠାକାର ଛୋଟ ବେପାରୀଙ୍କୁ ଏହି ମାଦକ ଦ୍ରବ୍ୟ ଯୋଗାଉଛନ୍ତି। ପାଳଦାବାଙ୍କର ରାଜପଥ ଠାରୁ ଯାଜପୁରକୁ ସଂଯୋଗକାରୀ ମଣିନାଥପୁର ପୁର୍ତ୍ତରାସ୍ତା ରହିଛି। ତେଣୁ ଏହି ସ୍ଥାନରେ ବେପାର ଭଲ ହେଉଛି। ସେହିପରି ରାଜପଥର ହାରାମଣୀ ବାଳିକା ହାଇସ୍କୁଲ ଛକରେ ଥିବା ହାଇଲେବୁଲ କେନାଲ ସେତୁ ଠାରୁ ମଧ ଯାଜପୁରକୁ ରାସ୍ତା ସଂଯୋଗ କରୁଛି। ସେଠାରେ ସେତୁ ତଳ ନିଛାଟିଆ ହୋଇଥିବାରୁ ବେପାର ଅବାଧରେ ହେଉଛି। ଏହି ୨ ସ୍ଥାନରୁ ନିଶା ସେବନକାରୀମାନେ ଅଧିକାଂଶ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଦୀର୍ଘ ଦିନ ଧରି ଏହି ବେପାର ଅବାଧରେ ହେଉଥିଲେ ମଧ୍ୟ ଅବକାରୀ ବିଭାଗ ଓ ପୁଲିସ ସବୁ ଜାଣି ଅଜଣା ରହୁଥିବାରୁ ଦିନକୁ ଦିନ ଏହି ବେପାର କାୟା ବିସ୍ତାର ହେବା ସହ ଅପରାଧ ବ୍ୟାପକ ହେବାରେ ଲାଗିଛି। ଅବକାରୀ ଓ ପୁଲିସ ସ୍ଥାଣୁ ପାଲଟିଥିବାରୁ ଏହି ବେପାର ନିୟନ୍ତ୍ରଣ ହେବା ସମ୍ଭାବନା ନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି। ଉଭୟ ଅବକାରୀ ଓ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଏହି ବେପାର ଉପରେ ଅଙ୍କୁଶ ଲଗାଇବାକୁ ଦାବି ହୋଇଛି।

# ବ୍ଲକସ୍ତରୀୟ ଭଏସ ମିଡିଆ ସଂଘର ବୈଠକ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଭଏସ ମିଡିଆ ସଂଘର ସଭାପତି ନିରଞ୍ଜନ ନାୟକଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟ ଭଏସ ମିଡିଆ ସଂଘର ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଭଏସ ମିଡିଆ ସଂଘର ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ର,ମୁଖ୍ୟ ବକ୍ତା ଭାବେ ରାଜ୍ୟ ସମ୍ପାଦକ ସୁକାନ୍ତ କୁମାର ପରିଡା ଓ ସମ୍ମାନୀତ ଅତିଥି ଭାବେ ରାଜ୍ୟ ଉପ ସଭାପତି ପି.ବାଲାଜୀ ପାତ୍ର, ସଂଜୀବ କୁମାର ସାଏ, ଖୋର୍ଦ୍ଧା ଜିଲ୍ଲା ସଭାପତି ଧନେଶ୍ୱର ବିଧାର ଓ ବୋଲଗଡ - ବଗୁନିଆ ନିର୍ବାଚନ ମଣ୍ଡଳୀର ନାରୀ ନେତ୍ରୀ ଉର୍ମିଳା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମିଶ୍ରଙ୍କ ଅନୁରୋଧକ୍ରମେ ସିନ୍ଦୁର ଅପରେସନରେ ଶହିଦ ହୋଇଥିବା ଭାରତୀୟ ସୈନ୍ୟ ମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବଲାଙ୍ଗୀର ଜିଲ୍ଲାରେ ସାମ୍ବାଦିକଙ୍କୁ ମରଣାତ୍ମକ ଆକ୍ରମଣକୁ ଭଏସ ମିଡିଆ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇ ଘଟଣାରେ ସଂପୃକ୍ତ ଥିବା ଆସାମୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତୁରନ୍ତ ଗିରଫ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଓଡିଶା ରାଜ୍ୟରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ଓ ଯଥା ଶୀଘ୍ର ଆଇନ ପ୍ରଣୟନ କରାଯିବାକୁ ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଗଲା। ଏହି ବୈଠକରେ ବୋଲଗଡ଼ ବ୍ଲକ ଭଏସ ମିଡିଆ ସଂଘର ସମସ୍ତ ସାମ୍ବାଦିକ ମାନଙ୍କୁ ମୁଖ୍ୟ ଅତିଥି ତଥା ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ର ପରିଚୟ ପତ୍ର ପ୍ରଦାନ କରି ନିର୍ଭୟ ତଥା ଅନୁସନ୍ଧାନ ମୂଳକ ସତ୍ୟାସତ୍ୟ ଘଟଣା ସମ୍ବାଦ ପତ୍ର ମାଧ୍ୟମରେ ପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଗ୍ରାମାଞ୍ଚଳ ସାମ୍ବାଦିକ ମାନଙ୍କର ବିଭିର୍ଣ୍ଣ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ସାମ୍ବାଦିକ ମାନେ ଏକତା, ସହନ୍ତି ଓ ସମନ୍ୱୟ ରକ୍ଷାକରି ସାମ୍ବାଦିକ କ୍ଷେତ୍ରରେ କାର୍ଯ୍ୟ କଲେ,ବିଜୟ ହୋଇଥାଏ ବୋଲି ରାଜ୍ୟ ଉପସଭାପତି ପି. ବାଲାଜୀ ପାତ୍ର ବୈଠକରେ ସୂଚନା ଦେଇଥିଲେ।

# ବ୍ଲକ୍ସ୍ତରୀୟ ଚମ୍ପିୟାନସିପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହ

କଲ୍ୟାଣସିଂହପୁର/ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ଅଡ଼ାବାଡ଼ି ଗ୍ରାମ ପଡ଼ିଆ ଠାରେ ବ୍ଲକ୍ସ୍ତରୀୟ ଚମ୍ପିୟାନସିପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଜେପି କଲ୍ୟାଣସିଂହପୁର ମଣ୍ଡଳ ସଭାପତି ଅଜିତ୍ କୁମାର ପାଣିଗ୍ରାହୀ ଉପସ୍ଥିତ ରହିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା କଳା ସଂସ୍କୃତିସଂଘ ଉପ ସଭାପତି ତଥା ସମାଜସେବୀ ସନ୍ତୋଷ କୁମାର ବର୍ଛା ଉପସ୍ଥିତ ରହିଥିବା ବେଳେ ଅନ୍ୟତମ ଅତିଥିଙ୍କ ମଧ୍ୟରେ କମେଶ୍ୱର କରକରିଆ ଅଡ଼ାବାଡ଼ି ଗ୍ରାମର ଯୁବ ନେତା ସୁରେନ୍ଦ୍ର କୌଶଲ୍ୟା, ଅଜିତ୍ କରକରିଆ, ସଦେଇ କୌଶଲ୍ୟା, ଦିଲ୍ଲିପ ଭତ୍ରା, ଅଭିରାମ ହିଆଲ, ସୁରେଶ ମହାନନ୍ଦିଆ, ସାହିଲ କୌଶଲ୍ୟା ପ୍ରମୁଖ ଉପସ୍ଥିତ ରହିଥିଲେ ଆଜିର ପ୍ରଥମ ଦିନର ଖେଳରେ ଡମଲିମା ଟିମ୍ ସହ କଦମଦ୍ୱାର ସାହି ଟିମ୍ ମଧ୍ୟରେ ଖେଳ ହୋଇଥଲା ଏଥିରେ ଟସ୍ ଜିତି କଦମଦ୍ୱାର ଟିମ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ମୋଟ ୯ ଓଭର ରେ ପ୍ରତିଦ୍ୱନ୍ଦୀ ଟିମ୍‌କୁ ମାତ୍ର ତିରିଶି ରନ୍‌ରେ ଅଲ୍ ଆଉଟ୍ କରିଦେଇଥିଲେ। ଏହାପରେ କଦମଦ୍ୱାର ଟିମ୍ ମାତ୍ର ଦୁଇ ଓଭର ଚାରିଟା ବଲ୍ ରେ ୩୧ ରନ୍ କରି ବିଜୟୀ ହେଇଥିଲେ। ଏମ୍ପାୟାର ଭାବେ କିରନ କୌଶଲ୍ୟା ଓ ମୋହନ ମହାନନ୍ଦିଆ ଦାୟିତ୍ୱରେ ରହିଥିଲେ। ଆସନ୍ତା ୯ ତାରିଖରେ ଏହାର ଫାଇନାଲ ମ୍ୟାଚ୍ ହେବ।



# ଆମ କଳାହାଣ୍ଡି




ସୋମବାର, ୨ ଜୁନ୍ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ତମାଖୁ ଭଳି ବିପଜ୍ଜନକ ନିଶାରେ ଏବେ ସମଗ୍ର ବିଶ୍ୱ ବେହାଲ ହୋଇ ପଡିଥିବା ବେଳେ ପ୍ରତିବର୍ଷ ମଇ ମାସ ୩୦ ତାରିଖକୁ ବିଶ୍ୱ ତମାଖୁ ବର୍ଜନ ଦିବସ ରୂପେ ପାଳନ କରାଯାଉଛି। ଗୋଟିଏ ଦିନ ପାଇଁ ହେଲେବି ଜନ ସାଧାରଣଙ୍କ ମନ ଉପରେ ତମାଖୁ ସେବନର ଭୟାବହତା କାଳେ କିଛି ପ୍ରଭାବ ପକାଇବ ଓ ଲୋକମାନେ ସଚେତନ ହେବେ। ଏହାକୁ ଆଖି ଆଗରେ ରଖି ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱ ତମାଖୁ ବର୍ଜନ ଦିବସ-୨୦୨୫ ପାଳିତ ହୋଇଯାଇଛି। ଚଳିତବର୍ଷ ଏହି ଦିବସ ପାଇଁ ଶୀର୍ଷକ ଥିବା "ଉଜ୍ୱଳ ଦ୍ରବ୍ୟ, ଅନ୍ଧକାର ଲକ୍ଷ୍ୟ: ଏକ ଖୋଲା ନିବେଦନ" ଉପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଛବିଲାଲ ସାହୁ ବାର୍ତ୍ତା ପ୍ରଦାନ କରି ତମାଖୁ ବର୍ଜନ ପାଇଁ ସମସ୍ତ ଯୁବବର୍ଗଙ୍କ ଉଦ୍ଦେଶ୍ୟରେ ଶପଥପାଠ କରାଇଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ବିକଶିତ ଓଡିଶା ଓ ବିକଶିତ ଭାରତ ପଥରେ ତମାଖୁ ବର୍ଜନର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ଅଧ୍ୟାପକ ସୁଶାନ୍ତ କୁମାର ଦାଶ ଓ ଅଧ୍ୟାପକ ଦୀନବନ୍ଧୁ ନାଗ ପ୍ରମୁଖ ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସହଯୋଗ କରିଥିଲେ।




## ଆର୍‌ଏସ୍‌ଏସ୍ ଶିକ୍ଷା ବର୍ଗର ସମାପନ ଉତ୍ସବ






ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପଶ୍ଚିମ ପ୍ରାନ୍ତର ସଂଘ ଶିକ୍ଷା ବର୍ଗର ସମାପନ ଉତ୍ସବ ପାଳିତ ହୋଇଯାଇଛି। ଏହି ସଂଘ ଶିକ୍ଷା ବର୍ଗରେ ୧୯୧ଟି ସ୍ଥାନରୁ ୨୭୦ ଜଣ ଶିକ୍ଷାର୍ଥୀ, ପ୍ରଶିକ୍ଷଣ ଦେବା ନିମନ୍ତେ ୩୬ ଜଣ ଶିକ୍ଷକ, ବ୍ୟବସ୍ଥା ପାଇଁ ୫୦ ଜଣ ପ୍ରବନ୍ଧକ, ଏହିପରି ମୋଟ ୩୫୬ ଜଣ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରେ ୬୮ ଜଣ ଉଚ୍ଚ ବିଦ୍ୟାଳୟ ଛାତ୍ର, ୮୯ ଜଣ ମହାବିଦ୍ୟାଳୟ ଛାତ୍ର, ୫୨ ଜଣ ସ୍ନାତକ, ୭ ଜଣ ସ୍ନାତକୋତ୍ତର, ୨୪ ଜଣ କର୍ମଚାରୀ, ୧୨ ଜଣ ବ୍ୟବସାୟୀ ଏବଂ ୧୮ ଜଣ କୃଷକ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୟଂସେବକ ମାନଙ୍କର ଗୁଣବତ୍ତା, ଦକ୍ଷତା ବୃଦ୍ଧି ତଥା ସଂଘ କାର୍ଯ୍ୟର ଅଭି ବୃଦ୍ଧି ତଥା କାର୍ଯ୍ୟକର୍ତ୍ତା ନିର୍ମାଣ ନିମନ୍ତେ ପ୍ରତ୍ୟେକ ବର୍ଷ ଗ୍ରୀଷ୍ମ ଅବକାଶରେ ପ୍ରଶିକ୍ଷଣ ପାଇଁ ସଂଘ ଶିକ୍ଷା ବର୍ଗ ଆୟୋଜନ କରିଥାଏ। ଚଳିତବର୍ଷ ସ୍ଥାନୀୟ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭବାନୀପାଟଣା ପରିସରରେ ଗତ ତା.୧୬.୫.୨୫ ଠାରୁ ଏହି ସଂଘ ଶିକ୍ଷା ବର୍ଗ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଶିକ୍ଷାର୍ଥୀ ନିଜର ଗଣବେଶ, ମାର୍ଗ ବ୍ୟୟ ଓ ସମସ୍ତ ଖର୍ଚ୍ଚ ନିଜେ ବହନ କରିଥାନ୍ତି। ଏହି ପ୍ରଶିକ୍ଷଣ ପ୍ରାତଃ ଜାଗରଣ ୦୪.୦୦ ଘଣ୍ଟା ଠାରୁ ଆରମ୍ଭ ହୋଇ ରାତ୍ରି ୧୦,୦୦ ଘଣ୍ଟାରେ ଦୀପ ବିସର୍ଜନ ହୋଇଥାଏ। ଏଥିରେ ଶାରୀରିକ, ଦଣ୍ଡ, ଦଣ୍ଡ ଯୁଦ୍ଧ, ନିଯୁଦ୍ଧ, ଯଷ୍ଟି, ଯୋଗାସନ, ସମତା ସହ ବୌଦ୍ଧିକ ଓ ଚର୍ଚ୍ଚା ମାଧ୍ୟମରେ ବୈଚାରିକ ଏବଂ ସେବା ପ୍ରଶିକ୍ଷଣ ଦିଆଯାଇଥାଏ। ଏହି କାର୍ଯ୍ୟକ୍ରମକୁ ଓଡିଶା ପଶ୍ଚିମ ପ୍ରାନ୍ତର ସହ ପ୍ରାନ୍ତକାର୍ଯ୍ୟବାହ ହରିଶ୍ଚନ୍ଦ୍ର ପରିଡା ଉଦ୍ଘାଟନ କରିଥିଲେ। ସମାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୁବ ଆଇନଜୀବୀ ତଥା ଥୁଆମୂଳ ରାମପୁର ଜନଜାତି ମହିଳା ଅଧିବକ୍ତା ସୁଶ୍ରୀ ପ୍ରିୟଙ୍କା ମାଝୀ ଯୋଗ ଦେଇ ସ୍ୱୟଂସେବକ ମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ମୁଖ୍ୟବକ୍ତା ରୂପେ ପୂର୍ବ କ୍ଷେତ୍ରର କ୍ଷେତ୍ର କାର୍ଯ୍ୟବାହ ଦୁର୍ଗା ପ୍ରସାଦ ସାହୁ ଉପସ୍ଥିତ ରହି ସ୍ୱୟଂସେବକ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ସେ ରାଣୀ ଅହଲ୍ୟାବାଈ ହୋଲକରଙ୍କର ୩୦୦ ତମ ଜନ୍ମ ଜୟନ୍ତୀ ପୂର୍ତ୍ତି ଅବସରରେ ତାଙ୍କ ଜୀବନର ରାଷ୍ଟ୍ରୀୟ ଚରିତ୍ରକୁ ସ୍ୱୟଂସେବକ ତଥା ସମାଜ ଆଗରେ ଉପସ୍ଥାପନା କରିଥିଲେ। ଭାରତୀୟ ବୀର, ବୀରାଙ୍ଗନା ମାନଙ୍କର ରାଷ୍ଟ୍ରୀୟ ଦୃଷ୍ଟିକୋଣ, ରାଷ୍ଟ୍ର ପ୍ରତି ବଳିଦାନ, ରାଷ୍ଟ୍ର ଉତ୍ଥାନରେ ସେମାନଙ୍କର ଭୂମିକା ଉପରେ ସେ ଦୃଷ୍ଟିପାତ କରିବା ସହ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସଂଘର ଉପଲବ୍ଧିକୁ ସେ ଉପସ୍ଥାପନା କରିଥିଲେ। ପ୍ରତ୍ୟେକ ନାଗରିକ ଜଣେ ଜଣେ ପ୍ରକୃତ ରାଷ୍ଟ୍ର ଭକ୍ତ ଭାବେ ନିଜର କର୍ତ୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କଲେ ଭାରତ ପୁଣି ଥରେ ବିଶ୍ୱଗୁରୁ ଆସନରେ ଅଧିଷ୍ଠିତ ହୋଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

## ସଚେତନତା ଓ ତାଲିମ ଶିବିର

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ବ୍ରାହ୍ମଣ ଛେଣ୍ଡିଆ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ କୃଷି ବିଭାଗ ପକ୍ଷରୁ ମୃତ୍ତିକା ସ୍ୱାସ୍ଥ୍ୟ ଓ ଉର୍ବରତା ଉପରେ ତାଲିମ ପ୍ରଦାନ ଓ ସଚେତନତା ଏବଂ ବୃହତ ଉଠା ଜଳ ସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧି କରଣ ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ କୃଷି ଅଧିକାରୀ ନୀଳକଣ୍ଠ ମେହେର, ବିଟିଏମ ଦେବାଶିଷ ଚାନ୍ଦ, ସହକାରୀ ବ୍ଲକ କୃଷି ଅଧିକାରୀ କମଲେସ ଶବର, ହେମାନନ୍ଦ ମାଝୀ, ଓ ଅର୍ଦ୍ଧେନ୍ଦୁ ସୁନ୍ଦର ନାୟକ, ଗ୍ରାମ୍ୟ କୃଷି କର୍ମଚାରୀ ଭାନୁମତି କୁମାର ପ୍ରମୁଖ ମଞ୍ଚାସିନ ହୋଇ ଚାଷ ଜମିରେ ରାସାୟନିକ ସାର ବଦଳରେ ଜୈବିକ ସାର ପ୍ରୟୋଗ କରି ଜୈବିକ ପଦ୍ଧତିର ଚାଷ କଲେ ମାଟିର ଉର୍ବରତା ବଢ଼ାଇବା ସହିତ ଭଲ ଫସଲ ଉତ୍ପାଦନ ହୋଇଥାଏ ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ମୁକେଶ ଯୋଶୀ ପରିଚାଳନା କରିଥିଲେ।

## ସରକାରୀ ଯୋଜନାର ଲାଭ ଉଠାଇପାରିବେ ଚାଷୀ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦରଠାରେ କୃଷି ବିଭାଗ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଆତ୍ମା ଅଧ୍ୟକ୍ଷ ଗୌର କିଶୋର ରଣା, କର୍ଲାମୁଣ୍ଡା ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ସ. ମାଲପଡ଼ା ସରପଞ୍ଚ ବରୁଣ ଛତ୍ରୀଆ, ଜିଲ୍ଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଚାଷୀ ନେତା ଗୋବିନ୍ଦ ସାହୁ, ସ.ମାଲପଡ଼ା ସମିତି ସଭ୍ୟ ଗୋଲାପ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନର୍ଲା ଜିଲ୍ଲା କୃଷି ଅଧିକାରୀ ଶୁଭେନ୍ଦୁ କର, କୃଷି ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ମାରାଣ୍ଡି, କୃଷି ବୈଜ୍ଞାନିକ ତ୍ରିବିଜୟ ବଡ଼ଜେନା, ସ୍କିମ ଅଫିସର ମନୋରଞ୍ଜନ ସେନାପତି, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଏଏଓ କୁମାର ଚିରଞ୍ଜିବୀ ତଥା ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇ ଚାଷୀଙ୍କୁ ଖରିଫ ଫସଲ ଉପରେ ବୁଝାଇଥିଲେ। ଏପରିକି ଚାଷୀ କିପରି ସରକାରୀ ଯୋଜନାର ଲାଭ ପାଇପାରିବେ ସେନେଇ ଆଲୋଚନା କରିଥିଲେ। ଏଥିରେ ଶତାଧିକ ମହିଳା ପୁରୁଷ ଚାଷୀ ଅଂଶ ଗ୍ରହଣ କରିଥିଲେ। ସଭା କାର୍ଯ୍ୟରେ ଆତ୍ମା କମିଟି ସଦସ୍ୟ ପ୍ରଦୀପ କୁମାର ସାହୁ ସଂଯୋଜନା କରିଥିଲେ ଓ ଏଏଓ କୁମାର ଚିରଞ୍ଜିବି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରେଗଡ଼ା ପଞ୍ଚାୟତ ବିଜାପାଟିଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଗଡ଼ା ସରପଞ୍ଚ ଦିପ୍ତୀମୟୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇ କୃଷକମାନଙ୍କୁ ବିଭିନ୍ନ ଯୋଜନା, ଚାଷ ସମ୍ବନ୍ଧୀୟ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଟିଏମ ଶ୍ୟାମ ପଦ ଭଞ୍ଜ, ଭିଏଡବ୍ଲୁ ଲୋକନାଥ ନାଗ, ସୁରଜ ସାହୁ, ସନ୍ତୋଶିନୀ ବରାହ, ପ୍ରତୁଶ୍ୱିନୀ ଓ କୃଷକ ସାଥିମାନେ ସହଯୋଗ କରିଥିଲେ।

## ସହକାରୀ ଶିକ୍ଷକଙ୍କ ଅବସରକାଳୀନ ସମର୍ଦ୍ଧନା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ସନ୍ଧିକୁଳିଆରୀ ଉଚ୍ଚ ନୋଡାଲ ବିଦ୍ୟାଳୟର ସହକାରୀ ଶିକ୍ଷକ ମସ୍ତ ରାମ ନାଏକଙ୍କୁ ସମର୍ଦ୍ଧନା ଦିଆଯାଇଛି। ଶନିବାର ଦିନ ପ୍ରଥମେ ଆଞ୍ଚଳିକ ସାଧନ କେନ୍ଦ୍ର କାଙ୍କେରୀ ଠାରେ ପଦ୍ମଲୋଚନ ସାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ପ୍ରାଥମିକ ଶିକ୍ଷକ କଳାହାଣ୍ଡି ଜିଲ୍ଲା ସଙ୍ଗଠନ ସଂପାଦକ ପଦ୍ମଲୋଚନ ନାଏକ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ପ୍ରାଥମିକ ଶିକ୍ଷକ ସଙ୍ଗଠନ ସଭାପତି କ୍ଷେତ୍ରମୋହନ ମାଝୀ ଓ ସଂପାଦକ ଆଶିଷ ପ୍ରଧାନୀ ଯୋଗ ଦେଇ ଥିବା ବେଳେ ଆଞ୍ଚଳିକ ସାଧନ କେନ୍ଦ୍ର କାଙ୍କେରୀର ସମସ୍ତ ପ୍ରଧାନ ଶିକ୍ଷକ ସମେତ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗ ଦେଇ ଥିଲେ। ଉକ୍ତ ସମ୍ବର୍ଦ୍ଧନା ଉତ୍ସବର ମଞ୍ଚକୁ ସିଆରସିସି ପ୍ରେମଲାଲ ଦୁର୍ଗା ପରିଚାଳନା କରିଥିଲେ। ପରେ ନିଜ ବିଦ୍ୟାଳୟରୁ ଶିକ୍ଷକତାରୁ ଅବସର ନେଇଥିବା ବିଦ୍ୟାଳୟ ତରଫରୁ ମଧ୍ୟ ଅବସର କାଳିନ ଶିକ୍ଷକ ଶ୍ରୀ ନାଏକଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ରିକ୍ଷୀରାମ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ଜୟଲାଲ ବାଗ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ଶିକ୍ଷକ ତରୁଣ ବାଗ, ହୃଷୀକେଶ ବାଗ ଓ ସମାଜ ସେବୀ ଅପ୍ରେସ ସ୍ୱାଇଁ ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଉକ୍ତ ସମ୍ବନ୍ଧନା ଉତ୍ସବକୁ ସହଯୋଗ କରିଥିଲେ।

## ସଂସ୍କୃତ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଡଙ୍ଗରୀଗୁଡା ସ୍ଥିତ ଇନ୍ଦ୍ରାବତୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ତଥା ଜାତୀୟସ୍ତରୀୟ ସ୍କାଉଟ ଗାଇଡ଼ ଶିକ୍ଷକ ଧୀରେନ୍ଦ୍ର କୁମାର ପଣ୍ଡାଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପିନ ବିହାରୀ ମୁଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପଣ୍ଡା, କୃପାସିନ୍ଧୁ ପାତ୍ର, ବିଦ୍ୟାଳୟ କମିଟି ସଭାପତି ଅନିରୁଦ୍ଧ ପାତ୍ର, ରେଙ୍ଗାଲପାଲି ସରପଞ୍ଚ ପଦ୍ମିନୀ ପାତ୍ର, ନାଏବ ସରପଞ୍ଚ ଅଶୋକ ଭୋଇ, ସ୍ୱାସ୍ଥ୍ୟକର୍ମୀ କେତନ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଶ୍ରୀପଣ୍ଡାଙ୍କୁ ଉପଢ୍ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚକୁ ଶିକ୍ଷକ ହରେଶ କୁମାର ପାନ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ପରିତ୍ୟକ୍ତ କୂଅରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

## ବୋହୁର ମୃତ୍ୟୁ ପରେ ଶାଶୁଙ୍କ ଆତ୍ମହତ୍ୟା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କୋଷାବରା ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଗତ ଗୁରୁବାର ଦିନ ଥୁଆମୂଳ ରାମପୁର ପୋଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲା। ଏନେଇ ମୃତ ମହିଳାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ମୃତ ମହିଳାଙ୍କ ସ୍ୱାମୀ ଓ ଶ୍ୱଶୁରକୁ ଅଟକ ରଖିଥିଲା ପୋଲିସ। ହେଲେ ଆଜି ମୃତ ମହିଳାଙ୍କ ଶାଶୁ ଘରେ ବେକରେ ଶାଢ଼ୀ ଦେଇ ଆତ୍ମହତ୍ୟା କରିବା ଘଟଣା ଏଠାରେ ଚାଞ୍ଚଲ୍ୟ ଖେଳି ଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କୋଷାବରା ଗ୍ରାମର ରଞ୍ଜନ ନାଏକଙ୍କ ନିଜ ସ୍ତ୍ରୀ ତମାଳ ନାଏକ(୨୨) ଗତ ବୁଧବାର ଦିନ କେଉଁଆଡେ ଚାଲିଯାଇଥିବା ନେଇ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିଥିଲେ। ଗତ ଗୁରୁବାର ଦିନ ପରିବାର ଲୋକେ ଖୋଜାଖୋଜି କଲାପରେ ଗାଁର ଚାଷଜମି ନିକଟ ଏକ ପରିତ୍ୟକ୍ତ କୂଅରେ ସ୍ତ୍ରୀ ତମାଳଙ୍କ ମୃତ ଦେହ ଭାସୁଥିବା ଦେଖି ଏନେଇ ପୋଲିସକୁ ଜଣାଇଥିଲେ। ଏହାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲେ। ଅନ୍ୟ ପକ୍ଷରେ ମୃତ ତମାଳଙ୍କ ବାପା କାଳିଦାସ ନାଏକ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତ ତମାଳର ସ୍ୱାମୀ ରଞ୍ଜନ ନାଏକ, ଶ୍ୱଶୁର ଲଳିତ ନାଏକଙ୍କୁ ଥାନାକୁ ଆଣି ଅଟକ ରଖିବା ସହିତ ପଚାରଉଚରା ଜାରି ରହିଥିଲା। ଆଜି ମଧ୍ୟ ପୋଲିସ ବାପ ଓ ପୁଅଙ୍କୁ ଅଟକ ରଖିଥିବା ବେଳେ ମୃତ ତମାଳର ଶାଶୁ ରାଏମତି ଆଜି ବାହାରର କବାଟ ଦେଇ ଘର ଭିତରେ ବେକରେ ଶାଢ଼ୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଯେହେତୁ ରାଏମତି ନିଜ ଭାଇଙ୍କ ଝିଅ ଭାଣଜି ତମାଳଙ୍କୁ ନିଜ ପୁଅ ରଞ୍ଜନଙ୍କ ସହିତ ବିବାହ କରାଇଥିଲେ। ଜେଲ ଯିବା ଭୟରେ ନା ନିଜ ଘରୋଇ ସମ୍ପର୍କ ଖରାପ ହେଲା ଭୟରେ ଆତ୍ମହତ୍ୟା କରିଛନ୍ତି ତାହା ଏବେ ତଦନ୍ତ ସାପେକ୍ଷ ଅଟେ। ଗୋଟିଏ ପଟେ ବୋହୁର ମୃତ୍ୟୁର ରହସ୍ୟ ଉନ୍ମୋଚନ ହୋଇନଥିବା ବେଳେ ଆଜି ଶାଶୁଙ୍କ ଆତ୍ମହତ୍ୟା କରିବା ଘଟଣା ସାରା ଥୁଆମୂଳ ରାମପୁରକୁ ଦୋହଲାଇ ଦେଇଛି। ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ମୃତ ତମାଳଙ୍କ ବାପା କାଳିଦାସ ନାଏକ ତମାଳର ସ୍ୱାମୀ, ଶ୍ୱଶୁର ଓ ଶାଶୁ ସମେତ ୩ ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ତମାଳର ଶାଶୁ ରାଏମତିଙ୍କୁ ଛାଡି ଉଭୟ ବାପ ଓ ପୁଅକୁ ଉଠାଇ ଆଣି ଥାନାରେ ଅଟକି ରଖିଥିଲେ। ଯଦି ପୋଲିସ ରାଏମତିଙ୍କୁ ମଧ୍ୟ ଥାନାକୁ ଆଣିଥାନ୍ତା ତାହେଲେ ଆଜି ରାଏମତି ଆତ୍ମହତ୍ୟା କରିନଥାନ୍ତେ ବୋଲି ସ୍ଥାନିୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତୁରନ୍ତ କଳାହାଣ୍ଡି ଏସପି ଥୁଆମୂଳ ରାମପୁର ପୋଲିସକୁ ତଦନ୍ତ ପରିସର ଭୁକ୍ତ କରି ଏହାର ସତ୍ୟାସତ୍ୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ



କୋକସରା, (ଭାସ୍କର ନ୍ୟୁଜ୍ ) : ଭାରତ ସରକାରଙ୍କ କୃଷି ବିଭାଗ ସହାୟତାରେ ୨୯ ମେ ଠାରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ଶନିବାର ଠାରୁ କୋକସରା ବ୍ଲକରେ ଏହି ଅଭିଯାନ ଆରମ୍ଭ ହୋଇଛି। ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀଙ୍କ ଅଧ୍ୟକ୍ଷତାରେ ବ୍ଲକ ସଦର ମହକୁମା ସ୍ଥିତ ଧାନ ମଣ୍ଡି ଓ ମହିମା ପଞ୍ଚାୟତର ଡେଙ୍ଗାଗୁଡା ଧାନ ମଣ୍ଡି ଠାରେ ଅଞ୍ଚଳର ଚାଷୀ ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ସଦର ମହକୁମା ସ୍ଥିତ ଧାନ ମଣ୍ଡିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଭାବରେ ପ୍ରମୋଦ ପ୍ରଧାନୀ, ଧର୍ମଗଡ ବିଧାୟକ ପ୍ରତିନିଧି ଭାବେ ତ୍ରିନାଥ ଶବର, କୃଷି ବୈଜ୍ଞାନିକ ପ୍ରକାଶ ଚନ୍ଦ୍ର ଜେନା, ଅଜୟ କୁମାର ମାରାଣ୍ଡି, ଧର୍ମଗଡ଼ ଏଡିଓ ସୂର୍ଯ୍ୟ କୁମାର ପାତ୍ର, ଉଦ୍ୟାନ କୃଷି ବୈଜ୍ଞାନିକ ତୁଳସୀ ମାଝୀ, ପେକ୍ସ ସମ୍ପାଦକ ନିରଞ୍ଜନ ପ୍ରସାଦ ବାଗ, ସମିତି ସଭ୍ୟା ଗାୟତ୍ରୀ ପଣ୍ଡା, ନାଏବ ସରପଞ୍ଚ ଖଲୋନୀ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଡେଙ୍ଗାଗୁଡା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ସମିତି ସଭ୍ୟ ଘନଶ୍ୟାମ ନାଏକ, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, ଟେମରା ପ୍ୟାକ୍ସ ସମ୍ପାଦକ ରଞ୍ଜନ ପାଣିଗ୍ରାହୀ, ମଧୁବନ ପାତ୍ର, ଚାଷୀ ଖଗେଶ୍ୱର ଭୋଇ, ଗରୁଡଧ୍ୱଜ ମାଝୀ, କୃଷି ବୈଜ୍ଞାନିକ ଶ୍ରଦ୍ଧା ମହାନ୍ତି, ତୁଳସୀ ମାଝୀ ପ୍ରମୁଖ ଉପସ୍ଥିତ ରହି ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା ପାଇଁ ପରାମର୍ଶ ଦେବା ସହ ଚାଷୀ ମାନଙ୍କ ପ୍ରତି ରହିଥିବା ବିଭିନ୍ନ ଯୋଜନା ସଂପର୍କରେ ସରକାରଙ୍କ ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଚାଷୀମାନେ କୃଷି ବୈଜ୍ଞାନିକ ମାନଙ୍କୁ ଚାଷ ସମ୍ପର୍କିତ ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରିଥିଲେ। ଏହି କାର୍ଯ୍ୟକ୍ରମ ବ୍ଲକର ବିଭିନ୍ନ ସ୍ଥାନରେ ଆସନ୍ତା ଜୁନ୍ ୧୨ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ମିଳିଛି। ଉଭୟ ସ୍ଥାନର କାର୍ଯ୍ୟକ୍ରମରେ କୃଷି କର୍ମଚାରୀ ମାନେ ଉପସ୍ଥିତ ସକ୍ରିୟ ସହଯୋଗ କରିଥିଲେ।


## ଡ୍ରେନେଜ୍ ବ୍ୟବସ୍ଥାରେ ତ୍ରୁଟି: ସ୍କୁଲରେ ପଶୁଛି ପାଣି




କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତ ଥୁଟିବର ଗ୍ରାମରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ଡ୍ରେନ୍ ତ୍ରୁଟିପୂର୍ଣ୍ଣ ଯୋଗୁଁ ସାମାନ୍ୟ ବର୍ଷା ହେଲେ ସ୍କୁଲରେ ପଶୁଛି ଡ୍ରେନର ମଇଳା ପାଣି। କଂକ୍ରିଟ ରାସ୍ତା ନିର୍ମାଣ ସମୟରେ ବିଦ୍ୟାଳୟ ପଟକୁ ଢାଲୁ କରିଦେଇଥିବାରୁ ଏଭଳି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଗକୁ ବର୍ଷା ଋତୁ ଆରମ୍ଭ ହେବାକୁ ଯାଉଛି। ତେଣୁ ସ୍କୁଲ ଖୋଲିବା ପରେ ବର୍ଷା ଦିନେ ପିଲାମାନେ ଡ୍ରେନର ମଇଳା ପାଣିରେ ଗୋଡ଼ ଧୋଇ ସ୍କୁଲ କକ୍ଷରେ ପ୍ରବେଶ କରିବା ସମ୍ଭାବନା ରହିଛି। ଏମିତି କି ତ୍ରୁଟିପୂର୍ଣ୍ଣ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ମୁଖ୍ୟ ରାସ୍ତା ଉପରେ ଅଳିଆ ଆବର୍ଜନା ସହ ମଇଳା ପାଣି ଅନବରତ ବୋହି ଚାଲିଛି। ଫଳରେ ସ୍ଥାନୀୟ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ପୁଣି ଡ୍ରେନରେ ମଇଳା ପାଣି ଭର୍ତ୍ତି ରହିଥିବାରୁ ଦୁର୍ଗନ୍ଧ ହେବା ସହ ମଶା ମାଛିଙ୍କ ବଂଶ ବିସ୍ତାର ହେବାରେ ଲାଗିଛି। ଯାହାକି ମାରାତ୍ମକ ମ୍ୟାଲେରିଆ ଓ ଡେଙ୍ଗୁ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ପୁଣି ଆଗକୁ ବର୍ଷା ଋତୁ ଥିବାରୁ ଡ୍ରେନ ଗୁଡ଼ିକ ସଫା କରା ନଗଲେ ସମସ୍ୟା ଦ୍ୱିଗୁଣିତ ହେବା ଆଶଙ୍କା ରହିଛି। ତେଣୁ ଏ ଦିଗରେ ପୂର୍ତ୍ତ ବିଭାଗ ପକ୍ଷରୁ ତୁରନ୍ତ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମର ନରେନ୍ଦ୍ର ପ୍ରଧାନ, ତରୁଣ ଗୋପାଳ, ଚନ୍ଦ୍ର ସୁନା, ଗୋବର୍ଦ୍ଧନ ଭୋଏର, ରୋହିତ ବିହାରୀ, ଲିଙ୍ଗରାଜ ପ୍ରଧାନ, ଶିବ ଖୁଣ୍ଟିଆ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ରାଶିଫଳ


**ସୋମବାର, ୦୨ ଜୁନ୍ ୨୦୨୫**



**ମେଷ:** କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ପରିବାର ସହିତ ଦିନଟି ଖୁସିରେ ବିତାଇବେ। ମୂଲ୍ୟବାନ ସାମଗ୍ରୀ ତୁମ ପାଖରେ ରଖ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଏହା ବହୁତ ଲାଭଦାୟକ ହୋଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ।



**ମିଥୁନ:** ଅଟକି ରହିଥିବା ଟଙ୍କା ମିଳିବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ।




**କର୍କଟ:** ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଦିନଟି ଭଲ ରହିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗରେ ପ୍ରବେଶ କରନ୍ତୁ।




**ସିଂହ:** ଆପଣ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶତ୍ରୁମାନେ ସକ୍ରିୟ ରହିବେ।




**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବୟସ୍କ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।



**ବିଛା:** କିଛି ବଡ ଅସୁବିଧା ଆସିପାରେ। ତାହା ଅଧିକ ଦ୍ରୁତ ଗତିରେ ଆସିବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। କ୍ରନିକ ରୋଗ ଦେଖାଦେଇପାରେ। ଅନାବଶ୍ୟକ ନକାରାତ୍ମକତା ଦେଖାଯିବ। ଅଳସୁଆତା ଜିତିବ।




**ଧନୁ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ପିକନିକ୍ ଉପଭୋଗ କରାଯିବ। ଚାକିରିରେ ଆପଣ କିଛି ନୂଆ କରିବାକୁ ସକ୍ଷମ ହେବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ କରାଯାଇପାରିବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ସହଭାଗୀମାନେ ସମର୍ଥନ ପାଇବେ। ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ। ସୁଖ ମିଳିବ।



**ମକର:** ଆଘାତ ଏବଂ ଦୁର୍ଘଟଣା ହେତୁ କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଆସିପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅପରିଚିତ ବ୍ୟକ୍ତିଙ୍କ ଉପରେ ଅନ୍ଧବିଶ୍ୱାସ ରଖନ୍ତୁ ନାହିଁ। ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ।



**କୁମ୍ଭ:** ପୂଜା ପାଇଁ ଆଗ୍ରହୀ ହେବେ। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କଠାରୁ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଦୀର୍ଘ ଦିନ ଧରି ବିଚାରାଧୀନ ଥିବା କାର୍ଯ୍ୟ ସମାପ୍ତ କରିବାର ଏକ ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଲାଭଦାୟକ ହେବ।



ଜ୍ୟୋତିଷ ସୂତ୍ର

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯